
# ଉତ୍କଳ ପ୍ରସଙ୍ଗ







Vol. XLIV No. 9 UTKAL PRASANGA Regd. No. ...
Licence No. C. R. N. P. 5—Licensed to post without Pre-Payment




ଉତ୍କଳ ଦିବସ ସମାରୋହ

# ଉତ୍କଳ ପ୍ରସଙ୍ଗ

ବୈଶାଖ ୧୯୧୦ ଶକାବ୍ଦ ୪୪ ଭାଗ ୧୦ମ ସଂଖ୍ୟା ମେ ୧୯୮୯

ସମ୍ପାଦନା ମଣ୍ଡଳୀ

ନିର୍ଦ୍ଦେଶକ : ଶ୍ରୀ ଅଜିତ କୁମାର ତ୍ରିପାଠୀ

ସମ୍ପାଦକ : ବିଶ୍ୱଜିତ ଦାସ

ସହ ସମ୍ପାଦକ : ପ୍ରହରାଜ ସତ୍ୟନାରାୟଣ ନନ୍ଦ

ସମ୍ପାଦନା ସହଯୋଗୀ : ନୃସିଂହ ପ୍ରସାଦ ଦେବ

ମୁଖ୍ୟ ସମ୍ପାଦକ

ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟ

ପ୍ରଚ୍ଛଦପଟ

ଶ୍ରୀ ଅନନ୍ତ କୁମାର ପାଣ୍ଡେ

ପ୍ରଚ୍ଛଦ ପରିଚୟ : ପ୍ରଧାନମନ୍ତ୍ରୀଙ୍କ ସହ ଜାତୀୟ ଶ୍ରମ ପୁରସ୍କାର ବିଜେତାଗଣ

ପ୍ରକାଶନ : ସୂଚନା ଓ ଲୋକ ସମ୍ପର୍କ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର

ବାର୍ଷିକ ଦେୟ : ଟ ୨୦.୦୦

ପ୍ରତି ଖଣ୍ଡ : ଟ ୨.୦୦

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ସରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେହିଭଳି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠବୋଲି ଭାବିବା ଉଚିତ ନୁହେଁ ।

'ଉତ୍କଳ ପ୍ରସଙ୍ଗ' ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁସ୍ଥଳରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

ମୁଦ୍ରଣ : ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ

# ସୂଚୀପତ୍ର


| | | |
|---|---|---|
| ମଧୁବାବୁଙ୍କ ସ୍ୱପ୍ନ: ଶିଳ୍ପ ସମୃଦ୍ଧ ଓଡ଼ିଶା | ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ | ୧ |
| ପ୍ରାଚୀନ ଭାରତରେ ନାରୀର ଭୂମିକା | ଡଃ. ଗୋପୀନାଥ ମହାପାତ୍ର | ୫ |
| ପରିବେଶର ପରିଚର୍ଯ୍ୟା | ଡଃ. ଜଗନ୍ନାଥ ମହାନ୍ତି | ୧୧ |
| ଶିଳ୍ପ ପରିଚାଳନାରେ ଶ୍ରମିକଙ୍କ ଅଂଶ ଗ୍ରହଣ | ଶ୍ରୀ ମୁରାରି ଜେନା | ୧୪ |
| ଓଡ଼ିଶାର ଗ୍ରାମୀଣ ଶ୍ରମିକ | ଜେନାମଣୀ ଲକ୍ଷ୍ମୀକାନ୍ତ | ୧୭ |
| ବୌଦ୍ଧ ଧର୍ମ ଦର୍ଶନ | ଶ୍ରୀ ପଙ୍କଜ ସାହୁ | ୨୧ |
| ପଞ୍ଚାୟତିରାଜ ବ୍ୟବସ୍ଥା | ଶ୍ରୀ ନୃସିଂହ ପ୍ରସାଦ ଦେବ | ୨୮ |
| ସାର୍ଥକ ସ୍ୱପ୍ନ | | ୩୦ |
| ସମ୍ବାଦ ପରିକ୍ରମା | | ୩୩ |
| ଆମ କୃଷି ଶ୍ରମିକଙ୍କ ସର୍ବନିମ୍ନ ମଜୁରୀ | ଡଃ. ପ୍ରଫୁଲ୍ଲ ଚନ୍ଦ୍ର ଦାଶ | ୩୯ |
| ପାରଳାର ଶିଙ୍ଗ ଶିଳ୍ପ | ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି | ୪୨ |
| ଆସ ଆମେ ମିଳିମିଶି ରହିବା | ଡଃ. ଅମୂଲ୍ୟ ମହାପାତ୍ର | ୪୬ |
| ଶିଶୁ ଶ୍ରମିକଙ୍କ ଆଇନଗତ ସୁରକ୍ଷା | ଶ୍ରୀମତୀ କାନନବାଳା ମିଶ୍ର | ୫୧ |
| ବନ୍ୟ ଜନଜୀବନ | ଶ୍ରୀ ନରେନ୍ଦ୍ରନାଥ ସାହୁ | ୫୩ |
| ଲକ୍ଷପତି ହେବାର ସହଜ ଉପାୟ | ଶ୍ରୀ ଦିଲୀପ କୁମାର ପରିଡ଼ା | ୬୦ |

# ମଧୁବାବୁଙ୍କ ସ୍ୱପ୍ନ : ଶିଳ୍ପ ସମୃଦ୍ଧ ଓଡ଼ିଶା



ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ

ଓଡ଼ିଆ ଜାତିକୁ ଉଠାଇବା ପାଇଁ ଉତ୍କଳ ଗୌରବ ମଧୁସୂଦନଙ୍କର ଉଦ୍ୟମ ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି । ସମସ୍ତେ ଜାଣନ୍ତି ଯେ ସେ ଉତ୍କଳ ସମ୍ମିଳନୀର ଜନକ ଥିଲେ । ଉତ୍କଳ ସମ୍ମିଳନୀ ଜରିଆରେ ଏକ ନବଜାଗରଣର ଯୁଗ ସୃଷ୍ଟି କରିବା ପାଇଁ ସେ ଚେଷ୍ଟା କରିଥିଲେ । ଓଡ଼ିଶା ଏପରି ଅବସ୍ଥାରେ ଥିଲା ଯେ ଖୁବ୍ କମ୍ ବ୍ୟକ୍ତି ସାଧାରଣ ଜୀବନ ଓ ସେବା କ୍ଷେତ୍ରରେ ଯୋଗ ଦେବା ପାଇଁ ବାହାରୁ ଥିଲେ । ସେଥି ପାଇଁ ସେ ଲେଖିଥିଲେ :

"କୋଟିଏ ସନ୍ତାନ ମା ଗୋ ଧରିଅଛୁ କୋଳେ
ଗୋଟିଏ ସନ୍ତାନ ମାତ୍ର ନ ଦେଖିଲି ତୋଳେ ।"

ସେ କହୁଥିଲେ ପ୍ରତ୍ୟେକ ଓଡ଼ିଆ ପ୍ରତିଦିନ ଗୋଟିଏ ମିନିଟ୍ ଦେଶ ପାଇଁ ଚିନ୍ତା କଲେ ଯଥେଷ୍ଟ ହେବ । ସବୁ ଦୃଷ୍ଟିରୁ ଓଡ଼ିଶାକୁ ଉଠାଇବା ଥିଲା ତାଙ୍କ ସୁଦୀର୍ଘ କର୍ମମୟ ଜୀବନର ଲକ୍ଷ୍ୟ । ଦେଶ ପାଇଁ ନିଜର ସମସ୍ତ ସମ୍ପତ୍ତି, ସମସ୍ତ ଉପାର୍ଜନ ବ୍ୟୟକରି ଶେଷରେ ସେ ଦେବାଳିଆ ହୋଇ ଯାଇଥିଲେ । କିନ୍ତୁ ତାଙ୍କର ଗର୍ବ ଥିଲା ଯେ ତାଙ୍କ ଜୀବିତ କାଳ ଭିତରେ ଓଡ଼ିଶାର ପୁନର୍ଜାଗରଣ ସେ ଦେଖିପାରିଛନ୍ତି ।

ମଧୁସୂଦନଙ୍କ ଜନ୍ମ ସମୟରେ ଓଡ଼ିଶାର ଯେଉଁ ଅବସ୍ଥା, ତାହା କଳ୍ପନାତୀତ । ସେତେବେଳେ ପରାଧୀନ ଓଡ଼ିଶା । ପଠାଣ, ମୋଗଲ ଏବଂ ମରହଟ୍ଟାମାନେ ଦୀର୍ଘ ତିନିଶହ ବର୍ଷ ଧରି ଓଡ଼ିଶାକୁ ଶାସନ କରିବା ପରେ ଶାସନର ଡୋରି ଥାଏ ଇଂରେଜମାନଙ୍କ ହାତରେ । ଇଂରେଜମାନେ ବଙ୍ଗଳାରେ ରହି ଓଡ଼ିଶାକୁ ଶାସନ କରୁଥାଆନ୍ତି । ଓଡ଼ିଶା ଚରମ ଦୁର୍ଦ୍ଦିନର ସମ୍ମୁଖୀନ ହୋଇଥାଏ । ଚାରିଆଡେ ଦାରିଦ୍ର୍ୟ ଓ ଅରାଜକତା ଲାଗି ରହିଥାଏ । ସ୍ୱାର୍ଥାନ୍ଧ ବ୍ୟକ୍ତିମାନେ ଇଂରେଜମାନଙ୍କର ହାତବାରିସୀ ହୋଇ ଓଡ଼ିଶାର ସ୍ୱାର୍ଥକୁ ବିପନ୍ନ କରି ଦେଉଥାଆନ୍ତି । ସୂର୍ଯ୍ୟାସ୍ତ ଆଇନ୍ ବଳରେ ଜମିଦାରୀମାନ ନିଲାମ ହୋଇ ଯାଉଥାଏ । ଜମିଦାରମାନେ କାଙ୍ଗାଳ ସାଜିଥାନ୍ତି । ଶାସନ ବିରୁଦ୍ଧରେ ପ୍ରତିବାଦର ସ୍ୱର ପାଇକ ବିଦ୍ରୋହ ମାଧ୍ୟମରେ ପ୍ରକାଶିତ ହୋଇଥିଲା କିନ୍ତୁ ପ୍ରବଳ ପ୍ରତାପୀ ସାମ୍ରାଜ୍ୟ ବିରୁଦ୍ଧରେ ସେ ବିଦ୍ରୋହ ଦମିତ ହୋଇଗଲା । ଏହାପରେ ଯେପରି ଶୋଷଣ ଓ ଅତ୍ୟାଚାର ଚାଲିଲା ଇତିହାସରେ ତା'ର ପଟ୍ଟାନ୍ତର ନାହିଁ ।

## ଇଂରେଜମାନଙ୍କ ଓଡ଼ିଶା ଦଖଲ

୧୮୦୩ ମସିହାରେ ଇଂରେଜମାନେ ଓଡ଼ିଶା ଦଖଲ କଲେ । କିନ୍ତୁ ଓଡ଼ିଆମାନଙ୍କୁ କୌଣସି ସୁବିଧା ସୁଯୋଗ ଦିଆଗଲା ନାହିଁ । ଇଂରେଜମାନେ ପଞ୍ଜାବ ଓ ରାଜସ୍ଥାନ ଦଖଲ କଲାପରେ ପଞ୍ଜାବ ରେଜିମେଣ୍ଟ ଓ ରାଜପୁତ ରେଜିମେଣ୍ଟ ଗଠନ କଲେ । କିନ୍ତୁ ଓଡ଼ିଶାରେ ପାଇକ ରେଜିମେଣ୍ଟ ଗଠନ କରାଗଲା ନାହିଁ । ସେତେବେଳେ କଲିକତାରେ ଗୋଟିଏ ଧାରଣା ସୃଷ୍ଟି କରି ଦିଆଗଲା ଯେ ଭାରତବର୍ଷରେ ଓଡ଼ିଆ ଜାତି ହେଉଛି ଅବିଶ୍ୱାସୀ ଜାତି । ତେଣୁ, ଓଡ଼ିଆମାନଙ୍କୁ କୌଣସି କାର୍ଯ୍ୟରେ ବିଶ୍ୱାସ କରାଗଲା ନାହିଁ । ଓଡ଼ିଆ ଜାତି ତା'ର ସମସ୍ତ ଗର୍ବ, ଗୌରବ ଓ ସ୍ୱାଭିମାନ ହରାଇ ବସିଲା ।

ସେ କାଳରେ କଲିକତା ଥିଲା ଭାରତବର୍ଷର ରାଜଧାନୀ । ମଧୁବାବୁ ଶିକ୍ଷା ଲାଭ ପାଇଁ କଲିକତା ଯାଇଥିଲେ । ସେଠାରେ ବହୁବିଶିଷ୍ଟ ବ୍ୟକ୍ତିଙ୍କ ସହ ତାଙ୍କର ବନ୍ଧୁତା ହୋଇଥିଲା । ସାର୍ ଆଶୁତୋଷ ମୁଖାର୍ଜି ତାଙ୍କର ଗୃହ ଶିକ୍ଷକ ଥିଲେ । ଆଜୀବନ ସାର୍ ଆଶୁତୋଷଙ୍କ ସହ ତାଙ୍କର ଘନିଷ୍ଠ ବନ୍ଧୁତା ଥିଲା । ଗୋଟିଏ ଜାତିର ନେତା ଭାବରେ ମଧୁବାବୁଙ୍କୁ ସାର୍ ଆଶୁତୋଷ ସମ୍ମାନ କରୁଥିଲେ । ସେତେବେଳେ **Silver Tounge of British Emperor** ବୋଲି କୁହାଯାଉଥିବା ସାର୍ ସୁରେନ୍ଦ୍ର ନାଥ ବାନାର୍ଜିଙ୍କ ସହ ତାଙ୍କର ଶେଷ ପର୍ଯ୍ୟନ୍ତ ସଂପର୍କ ଥିଲା । ସେ ଅତି ଚମତ୍କାର ଭାଷଣ ଦେଇ ପାରୁଥିଲେ । ସେ କହୁଥିଲେ ଓଡ଼ିଶାକୁ ଉଠେଇବା ପାଇଁ ହେଲେ ଭାରତବର୍ଷର ନେତୃବର୍ଗଙ୍କ ଭିତରେ ଓଡ଼ିଶାକୁ ଉଠେଇବାକୁ ହେବ । ଯିଏ ଓଡ଼ିଶାର ନେତା ହେବ, ଭାରତବର୍ଷ ଭିତରେ ସେ ନିଜକୁ ପ୍ରତିଷ୍ଠିତ କରିବା ପାଇଁ ଉଦ୍ୟମ କରିବ ତେଣୁ ସେ ବ୍ରିଟିଶ୍ ସାମ୍ରାଜ୍ୟର ପ୍ରଧାନ ବ୍ୟକ୍ତିମାନଙ୍କ ସହିତ ବ୍ୟକ୍ତିଗତ ସ୍ତରରେ ଖୁବ୍ ସଂପର୍କ ରକ୍ଷା କରିଥିଲେ ।

ଲର୍ଡ କର୍ଜନଙ୍କ ଓଡ଼ିଶା ଗସ୍ତ ସମୟରେ ସେ ଓଡ଼ିଆ ସଭା ପକ୍ଷରୁ ତାଙ୍କୁ ସ୍ମାରକ ପତ୍ର ଦେଇଥିଲେ । ପରବର୍ତ୍ତୀ ସମୟରେ ଲର୍ଡ କର୍ଜନଙ୍କୁ ଦିଲ୍ଲୀ ଓ ସିମିଳାରେ ସାକ୍ଷାତ କରି ଓଡ଼ିଶାର ଦାବୀ ଉପସ୍ଥାପିତ କରିଥିଲେ । ତତ୍କାଳୀନ ବ୍ରିଟିଶ୍ କାଉନ୍‌ସିଲ୍ ଅଫ୍ ମିନିଷ୍ଟର ମିଣ୍ଟୁ ମର୍ଲେଙ୍କୁ ଭେଟି ଓଡ଼ିଶାର ଦାବୀ ଜଣାଇଥିଲେ । ସେ ବଙ୍ଗ ବିଧାନ ସଭାରେ, ବିହାର ଓଡ଼ିଶା କାଉନ୍‌ସିଲ୍‌ରେ ଏବଂ ଇମ୍ପେରିଆଲ୍ କାଉନ୍‌ସିଲ୍‌ରେ ଭାରତବର୍ଷ ସହିତ ଓଡ଼ିଶା କଥା କହିଛନ୍ତି ଏବଂ ଓଡ଼ିଶାକୁ ଉଠେଇବା ପାଇଁ ସବୁବେଳେ ଉଦ୍ୟମ କରିଛନ୍ତି ।

୧୮୬୬ ମସିହାରେ ମଧୁସୂଦନ ତାଙ୍କର କର୍ମମୟ ଜୀବନ ଆରମ୍ଭ କରିଥିଲେ । ୧୮୬୬ ମସିହା ଓଡ଼ିଶାର ଇତିହାସରେ ଏକ ଦୁର୍ଦ୍ଦିନତମ ବର୍ଷ । କାରଣ ସେହିବର୍ଷର ନଅଙ୍କ ଦୁର୍ଭିକ୍ଷ କେହି କେବେ ଭୁଲି ପାରିବେ ନାହିଁ । ଇତିହାସ ପୃଷ୍ଠାରୁ ତାହା କେବେହେଲେ ଲିଭିବ ନାହିଁ । ଏଇ ଦୁର୍ଦ୍ଦିନରେ ଓଡ଼ିଆ ଜାତି ଓ ଓଡ଼ିଆ ଭାଷାକୁ ଲୋପ କରିବା ନିମନ୍ତେ ଷଡ଼ଯନ୍ତ୍ର ହେଲା । କୁହାଗଲା, ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ । ଏଥିପାଇଁ ପ୍ରାମାଣିକ ପୁସ୍ତକ ମଧ୍ୟ ରଚନା କରାଗଲା । ଓଡ଼ିଆ ଭାଷାକୁ ବଙ୍ଗଳାର ଅନ୍ୟତମ ଆଞ୍ଚଳିକ ଭାଷା ରୂପେ ଅଭିହିତ କରାଗଲା । ଏହି ସମୟରେ ଓଡ଼ିଶାକୁ ବଞ୍ଚାଇବା ପାଇଁ ଯେଉଁମାନେ ସଂଗ୍ରାମ କରିଥିଲେ, ସେମାନଙ୍କ ମଧ୍ୟରେ ମଧୁସୂଦନ ଅଗ୍ରଗଣ୍ୟ, ପ୍ରାତଃ ସ୍ମରଣୀୟ । ସାହିତ୍ୟ କ୍ଷେତ୍ରରେ ନେତୃତ୍ୱ ନେଲେ ଫକୀର ମୋହନ, ରାଧାନାଥ, ମଧୁସୂଦନ ରାଓ ଏବଂ ରାଜନୈତିକ ତଥା ସାମାଜିକ କ୍ଷେତ୍ରରେ ମଧୁସୂଦନ । ତାଙ୍କୁ ସାହାଯ୍ୟ କଲେ କର୍ମବୀର ଗୌରୀଶଙ୍କର । ପ୍ରକାଶ ପାଇଲା ଉତ୍କଳ ଦୀପିକା । ଓଡ଼ିଆ ଜାତିକୁ ଶକ୍ତି, ସାହସ ଓ ଆତ୍ମ ସମ୍ମାନ ଦେବା ପାଇଁ ସେ ଅପ୍ରାଣ ଉଦ୍ୟମ କରିଛନ୍ତି । ଓଡ଼ିଆ ଜାତିର ସ୍ୱାଭିମାନ ରକ୍ଷା କରିବା ଓ ଓଡ଼ିଆ ଜାତିକୁ ବିଶ୍ୱରେ ପରିଚିତ କରାଇବା ପାଇଁ ସେ ପ୍ରଥମ କାର୍ଯ୍ୟକ୍ରମ ଗ୍ରହଣ କରିଥିଲେ ।

## ଜାତୀୟ କଂଗ୍ରେସର ଜନ୍ମ

୧୮୮୫ ମସିହାରେ ଭାରତୀୟ ଜାତୀୟ କଂଗ୍ରେସର ଜନ୍ମ ହେଲା । ୧୮୮୬ ମସିହାରୁ ୧୯୦୮ ପର୍ଯ୍ୟନ୍ତ ଏବଂ ୧୯୦୩ ରୁ ୧୯୦୮ ମସିହା ପର୍ଯ୍ୟନ୍ତ ମଧୁବାବୁ ସବୁ କଂଗ୍ରେସ ଅଧିବେଶନରେ ଯୋଗ ଦେଇଥିଲେ । ଗୌରୀଶଙ୍କରଙ୍କ ସହ ଓଡ଼ିଆ ସଭାର ବୈଠକ ଡକାଇ କଂଗ୍ରେସକୁ ସ୍ୱାଗତ ଜଣାଇ ସେ କହିଥିଲେ, ଜାତୀୟ କଂଗ୍ରେସର ଜନ୍ମ ଭାରତବର୍ଷରେ ଏକ ଐତିହାସିକ ଯୁଗାନ୍ତକାରୀ ଘଟଣା । ତାଙ୍କ ପ୍ରସ୍ତାବଗୁଡ଼ିକ କଂଗ୍ରେସରେ ସମର୍ଥନ କରାଯାଇଥିଲା । ଭାରତବର୍ଷରେ ଓଡ଼ିଶାର ଶ୍ରେଷ୍ଠତ୍ୱ ପ୍ରତିପାଦନ ଲାଗି ସେ ସମସ୍ତ କ୍ଷେତ୍ରରେ ଉଦ୍ୟମ କରିଥିଲେ ।

ମଧୁବାବୁ ନିଜର ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଉତ୍କଳ ସମ୍ମିଳନୀ ଗଢ଼ି ନ ଥିଲେ, କି ବିହାର ଓଡ଼ିଶା ମନ୍ତ୍ରୀ ପରିଷଦରେ ଯୋଗଦେଇ ନ ଥିଲେ । ମନ୍ତ୍ରୀତ୍ୱକୁ କିଭଳି ଭାବରେ ସେ ପଦାଘାତ କରିଥିଲେ, ତାହା ସମସ୍ତେ ଜାଣନ୍ତି । ସେ ବିଶ୍ୱାସ କରିଥିଲେ ଯେ କଂଗ୍ରେସ ଯେପରି ସ୍ୱାଧୀନତା ଲାଭ ପାଇଁ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଗ୍ରହଣ କରିଛି, ଉତ୍କଳ ସମ୍ମିଳନୀ କରି ସ୍ୱତନ୍ତ୍ର ଓଡ଼ିଶା ଗଠନ ପାଇଁ ଓଡ଼ିଶାର ଦାବୀକୁ ସେପରି ଉପସ୍ଥାପିତ କରିବାକୁ ହେବ । ପୂର୍ବରୁ ଭାଷା ଭିତ୍ତିରେ ପ୍ରଦେଶ ଗଠନ ଆନ୍ଦୋଳନକୁ କଂଗ୍ରେସର କେତେକ ଲୋକ ବିରୋଧ କରିଥିଲେ ପୁଣି ମଧୁବାବୁ ଓ ଗୋପବନ୍ଧୁଙ୍କ ଉଦ୍ୟମ ଫଳରେ ଭାଷାଭିତ୍ତିକ ପ୍ରଦେଶ ଗଠନ ପ୍ରସ୍ତାବ କଂଗ୍ରେସରେ ଗ୍ରହୀତ ହୋଇଥିଲା । ସ୍ୱାଧୀନତା ଲାଭ ପରେ ପ୍ରଦେଶ ଗଠନ ପାଇଁ କଂଗ୍ରେସ ମତ ପ୍ରକାଶ କରିଥିଲା । କିନ୍ତୁ ମଧୁସୂଦନ ବିଶ୍ୱାସ କରୁଥିଲେ ଯେ ସ୍ୱାଧୀନତା ଆସିବାର ବହୁ ପୂର୍ବରୁ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବା ଦରକାର । ଅନ୍ୟାନ୍ୟ ପ୍ରଦେଶ ଭଳି ଓଡ଼ିଶା ପ୍ରଦେଶରେ ଓଡ଼ିଆ ଭାଷାଭାଷୀ ଲୋକଙ୍କର ରହିବାର ଅଧିକାର ରହିଛି ।

ଉତ୍କଳ ସମ୍ମିଳନୀର ଦୀର୍ଘ ଇତିହାସ ଭିତରେ ମଧୁସୂଦନ ଥରେ ମାତ୍ର ସଭାପତି ହୋଇଛନ୍ତି । ଅନ୍ୟ ସବୁ ସମୟରେ ସେ ଅନ୍ୟମାନଙ୍କୁ ସଭାପତି କରିଛନ୍ତି । ତାଙ୍କର ଅନୁମୋଦନ ବିନା ସମ୍ମିଳନୀର କୌଣସି ପ୍ରସ୍ତାବ ଗୃହୀତ ହେଉ ନ ଥିଲା । ୧୯୦୬ ମସିହାରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀ ଉଦ୍ଦେଶ୍ୟରେ ରାଧାନାଥ ରାୟଙ୍କ ଦ୍ୱାରା ରଚିତ ଭାରତ ଗୀତିକାର ବୈଶିଷ୍ଟ୍ୟ ହେଉଛି ଭାରତ ବର୍ଷ ଭିତରେ ଉତ୍କଳର ଗୌରବ । ଏହାହିଁ ଥିଲା ତାଙ୍କର ଆଦର୍ଶ ।

"ଭାରତ ପଙ୍କଜ ଦଳମିତ ଉତ୍କଳ"

## ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ

ସ୍ୱାଧୀନତା ଲାଭ କରିବାର ୧୧ ବର୍ଷ ପୂର୍ବରୁ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେଲା । ସ୍ୱାଧୀନତା ପରେ ଓଡ଼ିଶା ପ୍ରଦେଶ ଗଠନ ହୋଇଥିଲେ, ବର୍ତ୍ତମାନର ଓଡ଼ିଶା ଆଉ ଏପରି ରହି ନ ଥାନ୍ତା । ତେଣୁ ଉତ୍କଳ ସମ୍ମିଳନୀର ପ୍ରତିଷ୍ଠାତା ଭାବରେ ଓଡ଼ିଶା ଗଠନ ଲାଗି ତାଙ୍କର ଯେଉଁ ମହତ୍ତ୍ୱପୂର୍ଣ୍ଣ ଅବଦାନ, ତାହା ଇତିହାସରେ ଚିରକାଳ ଦେଦୀପ୍ୟମାନ ହୋଇ ରହିଛି ।

ଓଡ଼ିଶାର ଐଶ୍ୱର୍ଯ୍ୟ ଅର୍ଥନୈତିକ ବିକାଶ ଉପରେ ନିର୍ଭର କରେ ବୋଲି ସେ କହୁଥିଲେ । ତେଣୁ ଉଭୟ ଶିଳ୍ପ ଓ କୃଷିର ଉନ୍ନତି ଲାଗି ସେ ଜୋର୍ ଦେଇଥିଲେ । ସେ ବଙ୍ଗଳା ବିଧାନ ପରିଷଦ ଓ ବିହାର ଓଡ଼ିଶା ପରିଷଦରେ ଓଡ଼ିଶାର ବିକାଶ ପାଇଁ ଓଜସ୍ୱିନୀ ଭାଷଣମାନ ଦେଇଥିଲେ । କୃଷି କ୍ଷେତ୍ରରେ ସରକାରୀ କର୍ମଚାରୀମାନଙ୍କର ଅପାରଗତାକୁ ସେ ଅତି କଟୁ ଭାଷାରେ ସମାଲୋଚନା କରିଥିଲେ । ସରକାରୀ କର୍ମଚାରୀଙ୍କ ତ୍ରୁଟିପୂର୍ଣ୍ଣ ପରାମର୍ଶ ଫଳରେ ୭ ଏକର ଜମିରେ ୭ଟି ଆଖୁ ଗଛ ହୋଇଥିବାର ଏକ ଦୃଷ୍ଟାନ୍ତ ସେ ଦେଇଥିଲେ । ଲବଣ ଶିଳ୍ପ କ୍ଷେତ୍ରରେ ମାନ୍ଦ୍ରାଜ ସହ ଓଡ଼ିଶାକୁ ଯେତେବେଳେ ସାମିଲ କରି ଦିଆଗଲା, ସେ ଓଡ଼ିଶାକୁ ପୃଥକ୍ କରିଦେବା ପାଇଁ ଉଦ୍ୟମ କରିଥିଲେ ।

## ସାମାଜିକ ସଂସ୍କାର

ସାମାଜିକ ସଂସ୍କାର କ୍ଷେତ୍ରରେ ମଧୁବାବୁଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ । ମହିଳାମାନଙ୍କ ଶିକ୍ଷାର ପ୍ରସାର ଲାଗି ସେ କଟକରେ ପ୍ରଥମ ମହିଳା ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ । ସେ ସମୟରେ ମହିଳାମାନେ ଓକିଲାତି କରି ପାରୁ ନ ଥିଲେ ଏବଂ ଭୋଟ ଦେବାରୁ ବଞ୍ଚିତ ହେଉଥିଲେ । ତାଙ୍କରି ଉଦ୍ୟମ ଫଳରେ ମହିଳାମାନେ ଓକିଲାତି କରିବା ଏବଂ ଭୋଟ ଦେବା ପାଇଁ ଆଇନ୍‌ର ସଂଶୋଧନ ହୋଇଥିଲା । ମହିଳାମାନଙ୍କର ସ୍ୱାଧୀନତା ପାଇଁ ସମାଜ କ୍ଷେତ୍ରରେ ଉଦ୍ୟମ କରିଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ସେ ଥିଲେ ଅଗ୍ରଣୀ ପୁରୁଷ ।

ବିହାର ଓଡ଼ିଶା ଛାତ୍ର ସମ୍ମିଳନୀରେ ମଧୁବାବୁ ଗୋଟିଏ କଥା କହିଥିଲେ । ଏହା ଆମର ବିଶେଷଭାବେ ସ୍ମରଣ ରଖିବା ବିଷୟ । କୌଣସି ଯୁଗଦ୍ରଷ୍ଟା ମହାପୁରୁଷଙ୍କର ଜୀବନ ଆଲୋଚନା କରିବା ପୂର୍ବରୁ ତାହା ଆମେ ଚିନ୍ତା କରିବା ଦରକାର । ସେ କହିଥିଲେ– "ମୁଁ ଯେତେବେଳେ ଓଡ଼ିଶାକୁ ଆସିଲି, ସେତେବେଳେ ଓଡ଼ିଶା ଗୋଟିଏ ଶ୍ମଶାନ । ଖାଲି ଜୁଡ଼କୁଡ଼ ହାଡ ଦେଖିବାକୁ ପାଇଲି । ସେହି ଶ୍ମଶାନରେ ମୁଁ ସାଧନା କଲି । ସେ ହାଡକୁ ଏକାଠି କରି ତା' ଭିତରେ ଭରିଦେଲି ରକ୍ତ ଓ ମାଂସ । ମୂର୍ତ୍ତି ଗଢ଼ି ତାକୁ ଜୀବଦାନ ଦେଲି । ମାଂସପେଶୀରେ ଶକ୍ତି ଭରିଦେଲି ଲଢ଼େଇ କରିବାକୁ । ମୁଁ ଯଦି ପ୍ରଥମ ଗ୍ରାଜୁଏଟ୍ ହୋଇ ଓଡ଼ିଶା ପାଇଁ ଏହା କରିପାରିଲି, ତାହେଲେ ଆଜି ଓଡ଼ିଶାରେ ଥିବା ଶହଶହ ଗ୍ରାଜୁଏଟ୍ ତାହା ନ କରି ପାରିବେ

କାହିଁକି ? ଉତ୍କଳମାତାର ସେବା କରିବା ପାଇଁ ସେମାନଙ୍କର ଗୁରୁ ଦାୟିତ୍ୱ ରହିଛି ।"

## ଉତ୍କଳ ସମ୍ମିଳନୀ

ଉତ୍କଳ ସମ୍ମିଳନୀ ପ୍ରତିଷ୍ଠା କରି ତାହାରି ଜରିଆରେ ଓଡିଶା ପ୍ରଦେଶକୁ ଏକ ସ୍ୱତନ୍ତ୍ର ପ୍ରଦେଶ କରିବା ପାଇଁ ସେ ଯେଉଁ ଉଦ୍ୟମ କରିଥିଲେ ତାହା ୧୯୩୬ ମସିହାରେ ସଫଳ ହେଲା । ଅବଶ୍ୟ ସ୍ୱତନ୍ତ୍ର ପ୍ରଦେଶ ଗଠନ ହେବାର ଦୁଇବର୍ଷ ପୂର୍ବରୁ ସେ ଏ ଦୁନିଆରୁ ଚାଲି ଯାଇଥିଲେ । ସେ ଚିନ୍ତିତ ଥିଲେ ଯେ କେବଳ ଓଡିଶା ଏକ ସ୍ୱତନ୍ତ୍ର ପ୍ରଦେଶ ହେଲେ ଚଳିବ ନାହିଁ । ଓଡିଶାର ଦାରିଦ୍ର୍ୟ ଦୂର କରିବା ପାଇଁ ଏକ ଶିଳ୍ପ ଜାଗରଣ ଦରକାର । ଉତ୍କଳ ତାର ଗ୍ରାମ୍ୟ ଶିଳ୍ପ ଏବଂ କୁଟୀର ଶିଳ୍ପଜାତ ଦ୍ରବ୍ୟ ପାଇଁ ଭାରତ ବର୍ଷରେ ପ୍ରସିଦ୍ଧି ଲାଭ କରିଥିଲା । ଓଡିଶାରେ ରାଜା ଜମିଦାର ଥିଲେ ମଧ୍ୟ କେହି ଶିଳ୍ପ ପାଇଁ ପୁଞ୍ଜି ବିନିଯୋଗ ନିମନ୍ତେ ପ୍ରସ୍ତୁତ ନ ଥିଲେ । ଅନ୍ୟ ପ୍ରଦେଶମାନଙ୍କ ପରି ଏଠାରେ ଏକ ସମୃଦ୍ଧ ବ୍ୟବସାୟୀ ଗୋଷ୍ଠୀ ମଧ୍ୟ ନ ଥିଲା । ତେଣୁ ସେ ଏକାକୀ ଓଡିଶାରେ ଶିଳ୍ପର ଉନ୍ନତି ଓ ବିସ୍ତାର ପାଇଁ ଦୁଇଟି ସଂସ୍ଥା ଗଠନ କରିଥିଲେ– "ଉତ୍କଳ ଆର୍ଟ ଓୟାର୍" ଓ "ଉତ୍କଳ ଟାନେରୀ" ।

୧୮୯୭ ମସିହାରେ ସେ ଉତ୍କଳ ଆର୍ଟ ଓୟାର୍‌ର ପ୍ରତିଷ୍ଠା କରିଥିଲେ । ଏହାର ଲକ୍ଷ୍ୟ ଥିଲା ଯେ ଓଡିଶାର ଲୁପ୍ତପ୍ରାୟ ତାରକସି କାମର ପୁନରୁଦ୍ଧାର । ଉତ୍କଳ ଟାନେରୀର ଲକ୍ଷ୍ୟଥିଲା ଯେଉଁସବୁ ଚମଡା ନଷ୍ଟ ହୋଇଯାଉଛି ତାକୁ ସଂଗ୍ରହ କରି ଉତ୍କୃଷ୍ଟ ଜୋତା ପ୍ରସ୍ତୁତ କରିବା ।

୧୯୦୨ ମସିହାରେ ବଙ୍ଗଳା ବିଧାନ ପରିଷଦ ସଦସ୍ୟ ଭାବରେ ସେ ପ୍ରାଥମିକ ବିଦ୍ୟାଳୟମାନଙ୍କରେ ହସ୍ତଶିଳ୍ପ ଶିକ୍ଷା ପ୍ରସାର କରିବା ପାଇଁ ସରକାରଙ୍କୁ ପରାମର୍ଶ ଦେଉଥିଲେ । ପରିଷଦର ଅଧିବେଶନରେ ସେ ଉଦ୍‌ବୋଧନ ଦେଇ କହିଥିଲେ ଯେ ଚାଷୀ ଓ କାରୀଗରଙ୍କ ଯେଉଁ ପିଲାମାନେ ସ୍କୁଲ୍‌ରେ ପଢୁଛନ୍ତି, କେବଳ ପାଠ୍ୟପୁସ୍ତକରେ ସେମାନଙ୍କ ଶିକ୍ଷା ଆବଦ୍ଧ ହେବା ଉଚିତ୍ ନୁହେଁ । ସେମାନଙ୍କର ପରିବାର ଶାରୀରିକ ଶ୍ରମ ଦ୍ୱାରା ଯେଉଁ କୁଟୀରଶିଳ୍ପ ବହୁ ପୁରାତନ କାଳରୁ କରି ଆସୁଛନ୍ତି ତାହା ସ୍କୁଲ୍‌ରେ ଶିକ୍ଷା ଦେବାର ବ୍ୟବସ୍ଥା ହେବା ଦରକାର । ତାହାହେଲେ ସେହି ପିଲାମାନେ ପରିବାରର ପାରମ୍ପରିକ ଶିଳ୍ପ କାର୍ଯ୍ୟରେ ସାହାଯ୍ୟ କରି ପାରିବେ ଏବଂ ତଦ୍ୱାରା ସେମାନଙ୍କ ଆୟ କିଛି ବୃଦ୍ଧି ପାଇବ ।

## କୃଷିର ଶିଳ୍ପୀକରଣ

ପୁଣି ୧୯୧୦ ମସିହାରେ ବଙ୍ଗଳା ବିଧାନ ପରିଷଦରେ ମଧୁବାବୁ ତାଙ୍କ ଭାଷଣରେ କହିଥିଲେ ଯେ ଓଡିଶାର ଚାଷୀକୁଳ ସାଧାରଣତଃ ରକ୍ଷଣଶୀଳ । ତେଣୁ ସେମାନେ ନୂତନ କୃଷି ପ୍ରଣାଳୀ ଆହରଣ କରିବାକୁ ଚାହିଁବେ ନାହିଁ । ସେହି ଦୃଷ୍ଟିରୁ ଗ୍ରାମାଞ୍ଚଳର ବିଦ୍ୟାଳୟମାନଙ୍କରେ କ୍ଷୁଦ୍ର ପରୀକ୍ଷାମୂଳକ କୃଷି କ୍ଷେତ୍ର ସ୍ଥାପନ କରାଯାଇ ବୈଜ୍ଞାନିକମାନଙ୍କ ଗବେଷଣାଲବ୍ଧ ନୂତନ ତଥ୍ୟ ସେଠାରେ ପ୍ରୟୋଗ ଓ ପ୍ରଦର୍ଶନ କରାଗଲେ ଚାଷୀମାନେ ଅନୁପ୍ରାଣିତ ହେବେ । ଏହାହିଁ ହେବ କୃଷିର ଶିଳ୍ପୀକରଣ ପାଇଁ ପ୍ରକୃଷ୍ଟ ପନ୍ଥା ।

ବଙ୍ଗଳାର ସ୍ୱଦେଶୀ ଆନ୍ଦୋଳନ ହେବା ପୂର୍ବରୁ ଏବଂ ମହାତ୍ମା ଗାନ୍ଧୀ ସ୍ୱଦେଶୀକୁ କାର୍ଯ୍ୟକାରୀ କରିବାର ବହୁ ପୂର୍ବରୁ ମଧୁବାବୁ ଓଡିଶାରେ ସ୍ୱଦେଶୀ ଆନ୍ଦୋଳନର ପ୍ରବର୍ତ୍ତକ ଥିଲେ । ସେ ଚାହୁଁଥିଲେ ଯେ ଭାରତବାସୀ ବା ଓଡିଶାବାସୀ ପରମୁଖାପେକ୍ଷୀ ନ ହୁଅନ୍ତୁ । ସେମାନଙ୍କ ନିଜର ଆବଶ୍ୟକତା ଏ ଦେଶରୁ ଉତ୍ପାଦନ କରନ୍ତୁ । ଉଭୟ କୃଷି ଓ ଶିଳ୍ପ କ୍ଷେତ୍ରରେ ସେମାନେ ସ୍ୱାବଲମ୍ବୀ ହେଲେ ଦେଶର ପୂର୍ବ ଗୌରବ ଫେରିବ । ସେଥିପାଇଁ ଯେଉଁଠାରେ ତାଙ୍କୁ ସୁଯୋଗ ମିଳୁଥିଲା ସେ ସମ୍ପର୍କରେ ସେ ଉଦ୍‌ବୋଧନ ଦେଉଥିଲେ– ଜାତୀୟ ମଞ୍ଚରେ, ବିଧାନ ପରିଷଦରେ, ଛାତ୍ର ସମ୍ମିଳନୀରେ ଓ ଅନ୍ୟାନ୍ୟ ବିଭିନ୍ନ ସଭାମାନଙ୍କରେ ।

ପ୍ରାୟ ପ୍ରତ୍ୟେକ ସମାବେଶରେ ମଧୁବାବୁ ଓଡିଶାର ଶିଳ୍ପାୟନ ପାଇଁ ତାଙ୍କର ହୃଦୟର ବ୍ୟାକୁଳତା ପ୍ରକାଶ କରୁଥିଲେ । ୧୯୧୩ ମସିହା ଡିସେମ୍ବର ମାସ ୨୮ ତାରିଖରେ ପୁରୀରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ତ୍ରୟୋଦଶ ଅଧିବେଶନରେ ପୌରୋହିତ୍ୟ କରି ସେ କହିଥିଲେ– "ଓଡିଶାରେ ବହୁ ସମୟରେ ଦୁର୍ଭିକ୍ଷ ପଡୁଛି । ଦୁଇଟି କାରଣରୁ ଦୁର୍ଭିକ୍ଷ– ଅନାବୃଷ୍ଟି ଓ ବନ୍ୟା । ଓଡିଶାରେ ଲୋକସଂଖ୍ୟା ବୃଦ୍ଧି ପାଉଥିଲେ ମଧ୍ୟ ସେହି ଅନୁପାତରେ ଜମିର ପରିମାଣ ବୃଦ୍ଧି ପାଇବାର ସୁଯୋଗ ଓ ସମ୍ଭାବନା ନାହିଁ । ଚାଷୀ ପରିବାରର ସମସ୍ତେ ସାରା ବର୍ଷ ପରିଶ୍ରମ କରି ବର୍ଷ ଶେଷରେ ଚାଷ କର୍ମର ଉଚିତ ଫଳ ପାଇବାକୁ ଆଶା କରିଥାଆନ୍ତି । ଅନାବୃଷ୍ଟି ବା ନଦୀ ବନ୍ୟାରେ କୃଷି ନଷ୍ଟ ହେଲେ ପରିବାରର ସମସ୍ତେ ଅନାହାରରେ କଷ୍ଟ ପାଆନ୍ତି । କିନ୍ତୁ ସେହି ଚାଷୀ ପରିବାରର କେତେକ ବ୍ୟକ୍ତି ଯଦି ଶିଳ୍ପୀ ହୋଇ ଥାଆନ୍ତି ତାହାହେଲେ ଉକ୍ତ ପରିବାରରେ ଅନାହାର କଷ୍ଟ ଲାଘବ ହୋଇଯାଏ । କାରଣ ଶିଳ୍ପୀ ତାହାର ହସ୍ତ ଦ୍ୱାରା ପ୍ରତ୍ୟହ କିଛି ଉପାର୍ଜନ କରେ । × × × ଯେଉଁ ବ୍ୟକ୍ତି ବିଶ୍ୱାସ କରନ୍ତି ଯେ ଶିଳ୍ପ ପ୍ରସାର ଦ୍ୱାରା ଓଡିଶାର ଉନ୍ନତି ହେବ ସେ ଆପଣାର ପରିଶ୍ରମ, ବୁଦ୍ଧି ଓ ଧନକୁ ବଳିଦାନ ସ୍ୱରୂପ ସେହି କାର୍ଯ୍ୟରେ ଅର୍ପଣ କରନ୍ତୁ ଓ ଲାଭର ଆଶା ତ୍ୟାଗ କରନ୍ତୁ ।

ଏହାଦ୍ୱାରା ସମୃଦ୍ଧିର ଯେଉଁ ବୀଜ ସେ ବପନ କରିବେ ତାହାର ସୁଫଳ ଉତ୍କଳ ସନ୍ତାନମାନେ ପରେ ଆସ୍ୱାଦନ କରିବେ ।

## ଓଡିଶା ଆର୍ଟ ଓୟାର୍

ଓଡିଶାର ପ୍ରାଚୀନ ପାରମ୍ପରିକ ଶିଳ୍ପକଳା ମଧ୍ୟରେ କଟକର ତାରକସି କାମ ଥିଲା ସର୍ବତ୍ର ସୁପରିଚିତ । କିନ୍ତୁ ଏହି ସୂକ୍ଷ୍ମ ଅଳଙ୍କାର ନିର୍ମାଣ କୌଶଳ ମଧୁବାବୁଙ୍କ ସମୟରେ ଲୁପ୍ତପ୍ରାୟ ଅବସ୍ଥାରେ ଥିଲା । ତେଣୁ ତାହାର ପୁନରୁଦ୍ଧାର ପାଇଁ 'ଓଡିଶା ଆର୍ଟ ଓୟାର୍' କାରଖାନା ସ୍ଥାପନ କରିଥିଲେ । ଓଡିଶାର ବିଭିନ୍ନ ଅଞ୍ଚଳରୁ କୁଶଳୀ ଶିଳ୍ପୀଙ୍କୁ ଆଣି ସେ ଉନ୍ନତ ମାନର ରୂପା ଓ ସୁନା ତାରକସି ଅଳଙ୍କାର ପ୍ରସ୍ତୁତ କରୁଥିଲେ । ପ୍ରାୟ ଶହେ ଜଣ କାରିଗର ତାଙ୍କ କାରଖାନାରେ ସୂକ୍ଷ୍ମ ଶିଳ୍ପକଳା ସମ୍ପର୍କରେ ବିଶେଷ ତାଲିମ ଗ୍ରହଣ କରିବା ସହିତ ଅଳଙ୍କାର ଗଠନ କରୁଥିଲେ । ମଧୁବାବୁଙ୍କ ଅପୂର୍ବ ଉତ୍ସାହ ଓ ଅପରିସୀମ ଉଦ୍ୟମ ଫଳରେ ଏହି ପ୍ରାଚୀନ ଶିଳ୍ପ ପୁଣି ତାହାର ପୂର୍ବ ଗୌରବ ଫେରି ପାଇଥିଲା । ଯେଉଁ ସମୟରେ ଭାରତରେ କୌଣସି ସ୍ଥାନରେ ଶିଳ୍ପବିକାଶ ସମ୍ପର୍କରେ ଚେତନା ଜାଗ୍ରତ ହୋଇ ନ ଥିଲା, ସେହି ପ୍ରତିକୂଳ ପରିବେଶ ଓ ପରିସ୍ଥିତିରେ ପୁଣି ଓଡିଶା ପରି ଅନଗ୍ରସର ରାଜ୍ୟରେ ସେ ଶିଳ୍ପାୟନର ବୈପ୍ଳବିକ ଯୁଗ ପ୍ରବର୍ତ୍ତନ କରିଥିଲେ । କହିବା ବାହୁଲ୍ୟ ଏହି କ୍ଷେତ୍ରରେ ମଧୁବାବୁ ସମଗ୍ର ଦେଶରେ ଅଗ୍ରଗଣ୍ୟ ଥିଲେ ।

ସମାଜର ଚିର ଅବହେଳିତ ଶ୍ରେଣୀର ଶ୍ରମିକମାନଙ୍କ ଅର୍ଥନୈତିକ ବିକାଶ କେବଳ ଶିଳ୍ପ ପ୍ରସାର ଦ୍ୱାରା ସମ୍ଭବ ମନେ କରି ମଧୁବାବୁ 'ଉତ୍କଳ ଟାନେରୀ' ନାମକ ଜୋତା ଉତ୍ପାଦନ କାରଖାନା ୧୯୦୫ ମସିହାରେ କଟକରେ ସ୍ଥାପନ କରିଥିଲେ । ଏହାର ଉତ୍ପାଦନ ଦେଶ ବିଦେଶରେ ସର୍ବତ୍ର ଆଦୃତ ହେଉଥିଲା । ଏହି ଶିଳ୍ପ ପ୍ରତିଷ୍ଠା ପାଇଁ ସେ ଲକ୍ଷାଧିକ ଟଙ୍କା ନିଜ ହାତରୁ ବ୍ୟୟ କରିଥିଲେ । ମଧୁବାବୁଙ୍କ ଜୋତା କାରଖାନାର ସୁନାମରେ ମୁଗ୍ଧ ହୋଇ ମହାତ୍ମା ଗାନ୍ଧୀ ୧୯୨୫ ମସିହା ଅଗଷ୍ଟ ମାସ ୧୯ ତାରିଖରେ କେବଳ ଉକ୍ତ ଉଦ୍ୟୋଗକୁ ପରିଦର୍ଶନ କରିବା ପାଇଁ କଟକ ଆସିଥିଲେ ଏବଂ 'ଉତ୍କଳ ଟାନେରୀ' ପ୍ରଦର୍ଶନ କରି ମଧୁବାବୁଙ୍କ ଭୂୟସୀ ପ୍ରଶଂସା କରିଥିଲେ ।

## ଶ୍ରେଷ୍ଠ ଆଇନଜୀବୀ

ମଧୁବାବୁ ନିଜର ଜୀବନରେ ଓଡ଼ିଶାର ଶ୍ରେଷ୍ଠ ଆଇନଜୀବୀ ଭାବରେ ପ୍ରଚୁର ଅର୍ଥ ଉପାର୍ଜନ କରିଥିଲେ । ତାଙ୍କର ସମସ୍ତ ସମ୍ପତ୍ତି ସେ ଉତ୍କଳ ଆର୍ଟ ଓ୍ୟାର୍ ଓ ଉତ୍କଳ ଟ୍ୟାନେରୀରେ ବିନିଯୋଗ କରି ଓଡ଼ିଶାରେ ଶିଳ୍ପଯୁଗର ଭିତ୍ତିଭୂମି ନିର୍ମାଣ କରିଥିଲେ । ନୂତନ ଭାବରେ ପ୍ରତିଷ୍ଠିତ ଉକ୍ତ ଶିଳ୍ପ ଦୁଇଟି ରାଜ୍ୟରେ ଅଗ୍ରଣୀ ହୋଇ ବାଟ ଫିଟାଇବା ସତ୍ତ୍ୱେ ତାହା କ୍ରମାଗତ କ୍ଷତିରେ ଚାଲିଲା ।

'ଉତ୍କଳ ଟ୍ୟାନେରୀ'ରେ ଉତ୍ପନ୍ନ ଦ୍ରବ୍ୟ କିପରି ଗୁଣାତ୍ମକ ଦୃଷ୍ଟିରୁ ସର୍ବୋତ୍କୃଷ୍ଟ ହେବ ସେଥିପାଇଁ ସେ ବିଶେଷ ଦୃଷ୍ଟି ଦେଉଥିଲେ । ଏପରିକି ଯେଉଁସବୁ ଜୋତା ତାଙ୍କର କଠୋର ମାପକାଠିରେ ଉତ୍ତୀର୍ଣ୍ଣ ହୋଇ ପାରୁ ନ ଥିଲା ତାକୁ ସେ ନଷ୍ଟ କରି ଦେଉଥିଲେ । ଏଥିପାଇଁ 'ଉତ୍କଳ ଟ୍ୟାନେରୀ' ପ୍ରସ୍ତୁତ ଜୋତା ବ୍ରିଟେନ୍, ଫ୍ରାନ୍ସ ଏବଂ ଅନ୍ୟାନ୍ୟ ଦେଶ ମଧ୍ୟରେ ଯଥେଷ୍ଟ ଆଦର ଲାଭ କରିପାରିଥିଲା । କିନ୍ତୁ ସେଥିରେ ତାଙ୍କର ଜୀବନର ସମସ୍ତ ଆୟ ବିନିଯୋଗ କରି ସେ ସର୍ବସ୍ୱାନ୍ତ ହୋଇଗଲେ । ମାତ୍ର ସେଥିପାଇଁ ସେ ଦୁଃଖ କରି ନ ଥିଲେ । ସେ କହୁଥିଲେ ଓଡ଼ିଆ ଜାତିର ଏହି ମହାନ୍ ଉତ୍‌ଥାନ ପାଇଁ ଜଣକର ବଳିଦାନ ଯଥେଷ୍ଟ ନୁହେଁ । ଗୋଟିଏ ଶିଳ୍ପ ଭାଙ୍ଗି ପଡ଼ିଲେ ମଧ୍ୟ ତାହା ସଫଳତାର ଏକ ପାହାଚ ହୋଇ ରହିବ । କିନ୍ତୁ ଯେଉଁ କାରଣରୁ ଏହି ଶିଳ୍ପଟି ହୋଇ ପାରିଲା ନାହିଁ ତାହା ଅନୁସନ୍ଧାନ କରି ପରବର୍ତ୍ତୀ ପିଢ଼ି ପୁଣି ଉଦ୍ୟମ କରିବ ସଫଳ ହେବା ପାଇଁ । ବିଫଳତାର ମଧ୍ୟରୁ ହିଁ ସାଫଲ୍ୟର ଜନ୍ମ ହୁଏ । ୮୬ ବର୍ଷ ବୟସରେ ମଧୁବାବୁଙ୍କର ଜୀବନଦୀପ ଲିଭିଗଲା । କିନ୍ତୁ ଓଡ଼ିଶାରେ ଶିଳ୍ପର ନବଜାଗରଣ ପାଇଁ ସେ ପ୍ରଥମେ ଶୁଭଶଙ୍ଖ ବାଦନ କରିଥିଲେ । ସେ ହିଁ ଥିଲେ ଅଗ୍ରଗାମୀ ପୁରୁଷ । ତେଣୁ ଏକ ଶିଳ୍ପ ସମୃଦ୍ଧ ଓଡ଼ିଶା ଗଠନରେ ତାଙ୍କର ସ୍ମୃତି ଚିରଦିନ ପ୍ରେରଣାର ଉତ୍ସ ହୋଇ ରହିବ ।

ବଙ୍ଗଳାରେ ଶିଳ୍ପ ଯୁଗର ପ୍ରବକ୍ତା ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟଙ୍କ ମତରେ 'ମଧୁବାବୁ ଓଡ଼ିଶାରେ ଶିଳ୍ପର ଉନ୍ନତି ପାଇଁ ଓ ନିଜ ପ୍ରଦେଶର ଦୁର୍ବଳ ଓ ଦରିଦ୍ର ଜନସାଧାରଣଙ୍କ ଉତ୍‌ଥାନ ପାଇଁ ନିଜର ଜୀବନକୁ ବଳିଦାନ ଦେଇ ଶହୀଦ ହୋଇଗଲେ' । ●●●



'ବିପ୍ଳବ ମିଳନ' ଉଦ୍‌ଘାଟନ ଉତ୍ସବରେ ମୁଖ୍ୟମନ୍ତ୍ରୀ

# ପ୍ରାଚୀନ ଭାରତରେ ନାରୀର ଭୂମିକା

ଡଃ ଗୋପୀନାଥ ମହାପାତ୍ର

ପୂର୍ବେ ଗୋଟାଏ ସମୟ ଥିଲା, ଯେତେବେଳେ ଭାରତୀୟ ସ୍ତ୍ରୀମାନଙ୍କୁ 'ଅସୂର୍ଯ୍ୟଂ ପଶ୍ୟା', ଅବଳା, ଦୁର୍ବଳା ବୋଲି ବିଗ୍ରହ କରାଯାଉଥିଲା । ବୁଢ଼ା ବୁଢ଼ୀ ଲୋକେ ମନୁଙ୍କର ଉକ୍ତିଟିଏ ତୋଳିଆଣି କହୁଥିଲେ, 'ସ୍ତ୍ରୀ ଜାତିର ସ୍ୱତନ୍ତ୍ରତା ନାହିଁ ।

'ପିତା ରକ୍ଷତି କୌମାରେ, ଭର୍ତ୍ତା ରକ୍ଷତି ଯୌବନେ ।
ପୁତ୍ର ସ୍ତୁ ସ୍ଥବିରେ କାଳେ, ନ ସ୍ତ୍ରୀ ସ୍ୱାତନ୍ତ୍ର୍ୟମର୍ହତି ।। "

ପୁଣି କେହି କେହି କହନ୍ତି, "ଝିଅ ଜନମ, ପରଘରକୁ" । ତେଣୁ ଝିଅ ହେଉଛି ବାପା ମାଆଙ୍କର ନିକଟରେ ରଖାଯାଇଥିବା ଅନ୍ୟ ପରିବାରର ଅମାନତ । ଯେତେବେଳେ ହେଲେ ତ ଶାଶୁଘରକୁ ଯିବ—ଏସବୁ ଭାବି ଝିଅ ଜନ୍ମ ହେବାକ୍ଷଣି ବାପ ମାଆଙ୍କ ମୁହଁ ଶୁଖିଯାଏ । ପରିବାରରେ ନିରାନନ୍ଦର ଛାୟା ଖେଳିଯାଏ ; କେଉଁଠି କିମିତି ଲୋକଦେଖାଣିଆକୁ ମୁଆଁ ବା ମିଠେଇ ବଣ୍ଟାଯାଏ ; ହେଲେ, ତହିଁରେ ଆନ୍ତରିକତା ନ ଥାଏ । ପୁଅଟିଏ ଜନ୍ମ ହେଲେ ଯେପରି ଆନନ୍ଦର ପସରା ସ୍ୱତଃ ଅଜାଡ଼ି ହୋଇଯାଏ, ଝିଅଜନ୍ମରେ ସେପରି ହୋଇ ନ ଥାଏ ।

ଭଗବାନଙ୍କ ସୃଷ୍ଟିରେ ପୁଅ, ଝିଅ ସମାନ । କାହିଁକି ତେବେ ଏ ପାତର ଅନ୍ତର ? ଅନେକ ବିଜ୍ଞ ଲୋକ ବର୍ତ୍ତମାନ ସେ କଥା ବୁଝିଲେଣି । ସାମାଜିକ ଧାରା ଭାରତରେ ବଦଳି ଆସିଲାଣି । ସରୋଜିନୀ ନାଇଡୁ । ଇନ୍ଦିରାଗାନ୍ଧୀ ପଣ୍ଡିତ ବିଜୟଲକ୍ଷ୍ମୀଙ୍କ ଭଳି ଅନେକ ଭାରତୀୟ ନାରୀ ନିଜର ପ୍ରତିଭା, କର୍ମକୁଶଳତା ଦେଖାଇ ମନୁଙ୍କର ସେହି ଉକ୍ତିବାଣୀକୁ ଅସତ୍ୟ ବୋଲି ପ୍ରମାଣିତ କରିଦେଲେଣି । ଲୋକେ ବୁଝିଲେଣି, ପୁରୁଷମାନଙ୍କର ସମକକ୍ଷ ହୋଇ ଭାରତୀୟ ନାରୀ ସବୁ କିଛି କରିପାରିବ । ସେ ମୋଟେ ଅବଳା, ଦୁର୍ବଳା ନୁହେ । ଯୁଦ୍ଧବିଦ୍ୟାଠାରୁ ଆରମ୍ଭ କରି, ଶିକ୍ଷା, ଶାସନ, ସମାଜସେବା, ଦେଶରକ୍ଷା, ବାଣିଜ୍ୟ ଆଦି ସକଳ ମହତର କାର୍ଯ୍ୟ ତାହାଦ୍ୱାରା ଅଧିକତର ସୁଷ୍ଠୁରୂପେ ସମ୍ପନ୍ନ ହୋଇପାରେ । ଏସବୁକୁ ବିଚାର କରି ଏଯୁଗର ଭାରତୀୟ ଦମ୍ପତି ଗୋଟିଏ କିମ୍ବା ଦୁଇଟି ଝିଅରେ ସନ୍ତୁଷ୍ଟ ହୋଇ ଯାଉଛନ୍ତି; ଆଉ ପୁଅପାଇଁ ଆଶାରଖି ପରିବାରକୁ ବଢ଼ାଉ ନାହାନ୍ତି ।

ସତେ କ'ଣ ପୂର୍ବେ ସମସ୍ତ ଭାରତୀୟ କନ୍ୟା ଅଯୋଗ୍ୟା ଥିଲେ; ପରାଧୀନା, ଅବଳା, ଦୁର୍ବଳାଥିଲେ ? ତେବେ କାହିଁକି ମନୁସ୍ମୃତିରେ ମନୁ ଏପରି ଲେଖିଲେ ? ଏ ପ୍ରଶ୍ନ ସ୍ୱତଃ ଯେ କେହି ପାଠକର ମନକୁ ଆନ୍ଦୋଳିତ କରେ । କିନ୍ତୁ ଟିକିଏ ଚିନ୍ତାକଲେ ଦେଖାଯାଏ, ଏପ୍ରଶ୍ନର ଉତ୍ତର ଅତି ସ୍ପଷ୍ଟ । ଏକଥା ନିଶ୍ଚିତ ଯେ, ମନୁଙ୍କ ସମୟ ବେଳକୁ ସମାଜରେ ନାରୀର ସ୍ଥାନ ସେହିପରି ଥିଲା । ସମୟ ସବୁବେଳେ ସମାନ ଯାଏ ନାହିଁ । ବର୍ତ୍ତମାନ ଯେପରି ଆମେ ସମାଜରେ ପରିବର୍ତ୍ତନ ଦେଖୁଁ, ମନୁଙ୍କ ପୂର୍ବରୁ ମଧ୍ୟ ସେପରି ପରିବର୍ତ୍ତନ ସମାଜରେ ଦୃଷ୍ଟିଗୋଚର ହୁଏ । ବୈଦିକ ଯୁଗରେ ଭାରତୀୟ ସମାଜରେ ସ୍ତ୍ରୀର ଏକ ସ୍ୱତନ୍ତ୍ର ସ୍ଥାନ ଥିଲା । ପୁରୁଷମାନଙ୍କ ଭଳି ସ୍ତ୍ରୀମାନେ ଯଜ୍ଞ ଯାଗାଦି ଧର୍ମାନୁଷ୍ଠାନରେ ଯୋଗଦେଇ ପାରୁଥିଲେ । ପ୍ରାଚୀନ ଯୁଗରେ ଅନେକ ପ୍ରଶାସିକା, ଦାର୍ଶନିକା, ନାରୀକବି ସମାଜ ସେବିକା, ଅତିଥି ପରାୟଣା ଜନ୍ମଲାଭକରି ଆଦର୍ଶର ଚରମ ସୋପାନରେ ପହଞ୍ଚି ପାରିଛନ୍ତି । ସେମାନଙ୍କ କଥା ଚିନ୍ତାକଲେ, ମନୁଙ୍କର ତଥାକଥିତ ବାକ୍ୟ "ନ ସ୍ତ୍ରୀ ସ୍ୱାତନ୍ତ୍ର୍ୟମର୍ହତି"—ଆପେ ଆପେ ହୀନପ୍ରଭ ହୋଇପଡ଼େ ।

## ବୈଦିକ ଯୁଗରେ ନାରୀର ସ୍ଥାନ

ଯୁଗେ ଯୁଗେ ନାରୀର ସ୍ଥାନ ପୁରୁଷର ପରିପୂରକ

ଭାବରେ ସ୍ୱୀକୃତ । ସ୍ତ୍ରୀ ବିନା ପୁରୁଷର ଜୀବନ ଅପୂର୍ଣ୍ଣ । ନାରୀକୁ ସେଥିପାଇଁ ପୁରୁଷର ଅର୍ଦ୍ଧାଙ୍ଗିନୀ ବୋଲି କୁହାଯାଇଛି (୧) । ପରିବାରର ପ୍ରତ୍ୟେକ କାର୍ଯ୍ୟରେ ନାରୀ ପୁରୁଷକୁ ସାହାଯ୍ୟ କରିଥାଏ । ଗୃହିଣୀ, ସଚିବ, ସଖୀ ତଥା ସହଚରୀ ଭାବରେ ନାରୀ ପୁରୁଷର ପାଖେପାଖେ ଥାଏ । ନାରୀ ହେଉଛି ସମାଜର ମାତା ଓ ପୁରୁଷ ହେଉଛି ପିତା; ଏହି ଭାବନା ବୈଦିକ ଯୁଗରେ ପ୍ରତ୍ୟେକ ମାନବର ପ୍ରାଣରେ ସଦା ଧ୍ୱନିତ ହେଉଥିଲା । ଋଗ୍‌ବେଦରେ (୨) ସେଥିପାଇଁ ସ୍ପଷ୍ଟ ଭାବରେ କୁହାଯାଇଛି,—"ଜାୟେଦସ୍ତମ" ଅର୍ଥାତ୍ ସ୍ତ୍ରୀ ହିଁ ଘର । ଏଥିରେ ଇନ୍ଦ୍ରଙ୍କୁ ସମ୍ବୋଧନ କରି କୁହାଯାଇଛି, "ହେ ଇନ୍ଦ୍ର ! ତୁମେ ବର୍ତ୍ତମାନ ନିଜ ଘରକୁ ଯାଅ । ସେଠାରେ ତୁମର କଲ୍ୟାଣ କାରିଣୀ ପତ୍ନୀ ରହିଛନ୍ତି । ସେ ହେଉଛନ୍ତି ତୁମପାଇଁ ଆନନ୍ଦର ଭଣ୍ଡାର" (୩) ଏତିକି କଥାର ତାତ୍ପର୍ଯ୍ୟ ହେଉଛି ପତ୍ନୀ ବିନା ଗୃହର ସୌନ୍ଦର୍ଯ୍ୟ ନାହିଁ ଓ ତହିଁରେ ଆନନ୍ଦ ନାହିଁ । ସେଥିପାଇଁ କୁହାଯାଇଛି—

" ଅର୍ଧଭାର୍ଯ୍ୟା ମନୁଷ୍ୟସ୍ୟ ଭାର୍ଯ୍ୟାଶ୍ରେଷ୍ଠତମ ସଖା,
ଭାର୍ଯ୍ୟା ମୂଳଂ : ତ୍ରିବର୍ଗସ୍ୟ ଭାର୍ଯ୍ୟା ମୂଳଂ ତରିଷ୍ୟତଃ " ।
(ମ: ଭା: ଆ. ପ. ୭୪ । ୪୦)

ବୈଦିକ ଯୁଗରେ ନାରୀ ନିଜର ପତିକୁ ଘରର ସକଳ କାର୍ଯ୍ୟରେ ସାହାଯ୍ୟ କରୁଥିଲା । ପତିଙ୍କୁ ପ୍ରସନ୍ନ କରିବା ପାଇଁ ସେ ପ୍ରାତଃସ୍ନାନ ସାରି ସୁନ୍ଦର ବସ୍ତ୍ର ପରିଧାନ କରୁଥିଲା (୪) ଓ ପତିଙ୍କ ସହିତ ଗାର୍ହପତ୍ୟାଗ୍ନିରେ ଆହୁତି ଦେଉଥିଲା (୫) । ତା'ପରେ ଗାଈ ଦୁହିଁବାଠାରୁ ଆରମ୍ଭକରି ଘିଅ କାଢ଼ିବା ଓ ସନ୍ତାନ ପାଳନ ଆଦି ଘରର ସମସ୍ତ ଦାୟିତ୍ୱ ତା ଉପରେ ନ୍ୟସ୍ତଥିଲା । ଜଣେ ଘରଣୀ ହିସାବରେ ପରିବାର ପ୍ରଶାସନର ମୁଖ୍ୟ କର୍ତ୍ତ୍ରୀ ଭାବରେ ସେ ସମ୍ମାନିତା ଥିଲା । ଋଗ୍‌ବେଦରେ ସୂର୍ଯ୍ୟା, ସାବିତ୍ରୀ ବିବାହ ବର୍ଣ୍ଣନ ପ୍ରସଙ୍ଗରେ ନାରୀକୁ ଗୃହର ପ୍ରଧାନ ଶାସନ କର୍ତ୍ତ୍ରୀ ଭବରେ ବର୍ଣ୍ଣନା କରାଯାଇଛି (୬) । ସେ ଯୁଗରେ ଜଣେ କନ୍ୟା ବିବାହପରି ସ୍ୱାମୀଙ୍କର ଗୃହରେ ପ୍ରବେଶ କରକ୍ଷଣି ତାହାକୁ ଗଞ୍ଜଣା ଦେବା ତ ଦୂରର କଥା; ବରଂ ସାମ୍ରାଜ୍ଞୀ ଭାବରେ ସ୍ୱାଗତ ଦିଆଯାଉଥିଲା । ସେଥିପାଇଁ ଋଗ୍‌ବେଦରେ ଦଶମ ମଣ୍ଡଳରେ ଯଥାର୍ଥରେ କୁହାଯାଇଛି—

"ସାମ୍ରାଜ୍ଞୀ ଶ୍ୱଶୁରେ ଭବ । ସାମ୍ରାଜ୍ଞୀ ଶ୍ୱଶ୍ରାଂ ଭବ । ନନାନ୍ଦରି ସାମ୍ରାଜ୍ଞୀ ଭବ । ଅଧିଦେବୃଷୁ ।"
(ଋଗ୍; ୧୦/୮୫/୪୬" ।)

ନିଜର ଅଧିକାର ସାବ୍ୟସ୍ତକରି ଶାଶ, ଶ୍ୱଶୁର, ନଣନ୍ଦ, ଦିଅର ଆଦିଙ୍କ ସହିତ ଶାନ୍ତିରେ ଜୀବନ ଯାପନ କରିବାହିଁ ନାରୀର ଗୃହିଣୀ ପଦକୁ ସାର୍ଥକ କରୁଥିଲା । ପରିବାରର ସୁଖ, ସମୃଦ୍ଧି ସବୁ ତା'ରି ଉପରେ ନିର୍ଭର କରୁଥିଲା । ଶାସ୍ତ୍ରପରେ କେହି ତାକୁ ତିରସ୍କାର ଓ ଭର୍ତ୍ସନା କରିବାର ପ୍ରଶ୍ନ ନ ଥିଲା । ସମସ୍ତ ସମ୍ମାନରେ ବିଭୂଷିତା ହୋଇ ବୈଦିକ ଯୁଗର ନାରୀ ଆଦର୍ଶ ଗୃହିଣୀ ଭାବରେ ପ୍ରତିଷ୍ଠା ଲାଭ କରି ପାରିଥିଲା ।

**ମାତୃରୂପ**—ସହଧର୍ମିଣୀ, ଗୃହିଣୀ ବା ପତ୍ନୀ ରୂପ ଭଳି ନାରୀର ଅନ୍ୟ ଏକ ବ୍ୟକ୍ତିତ୍ୱ ହେଉଛି ମାତୃରୂପ । ଏହି ରୂପରେ ସେ ହୁଏ ସମାଜରେ ବନ୍ଦନୀୟା, ପୂଜ୍ୟା । ଏହି ରୂପରେ ନାରୀର ଚରମ ତ୍ୟାଗ ପରିଦୃଷ୍ଟ ହୁଏ । ସେ ସମାଜରେ ନିଜର ବିଳାସ ପାଇଁ ବଞ୍ଚେ ନାହିଁ, ବଞ୍ଚେ ନିଜର ପୁତ୍ର, କନ୍ୟା, ସ୍ୱାମୀ ତଥା ପରିବାରର କଲ୍ୟାଣ ପାଇଁ । ତେଣୁ ସେ ହୁଏ କଲ୍ୟାଣୀ ତଥା ମମତାମୟୀ । ସେ ପୁଣି ହୁଏ, ସମଗ୍ର ପରିବାରର କେନ୍ଦ୍ର ବିନ୍ଦୁ । ଏହି ହେଉଛି ବୈଦିକ ଯୁଗର ଜନନୀର ପରମ ପରାକାଷ୍ଠା । ଋଗ୍‌ବେଦରେ ଉଷା ବର୍ଣ୍ଣନ ପ୍ରସଙ୍ଗରେ କୁହାଯାଇଛି,—"ପୁତ୍ର ଯେପରି ମାତାଙ୍କର ଉଜ୍ଜ୍ୱଳ ମୁଖ ପ୍ରତି ଆକର୍ଷିତ ହୁଏ, ସେହିପରି ଆମେ ତୁମ ପ୍ରତି ଆକର୍ଷିତ ହେଉଛୁ (୭) । ମାତାଙ୍କ ପ୍ରତି ସନ୍ତାନର ଏହି ଆକର୍ଷଣହିଁ ତାଙ୍କୁ ପରିବାରର କେନ୍ଦ୍ର ବିନ୍ଦୁ ଭବରେ ଉପସ୍ଥାପନ କରେ ।

ବୈଦିକ ଯୁଗରେ ପୁତ୍ର ପ୍ରାପ୍ତି ଉପରେ ଗୁରୁତ୍ୱ ଆରୋପ କରାଯାଉଥିଲା । ସେଥିପାଇଁ ଇନ୍ଦ୍ରାଦି ଦେବତାମାନଙ୍କୁ ପ୍ରାର୍ଥନା କରି କୁହାଯାଉଥିଲା—"ହେ ଇନ୍ଦ୍ର ! ଏହି ନବୋଢ଼ା ପତ୍ନୀଙ୍କୁ ବୀରପୁତ୍ର ପ୍ରସବିନୀ ତଥା ସୌଭାଗ୍ୟଶାଳିନୀ କର (୮)", ଅର୍ଥାତ୍ ନାରୀ ହେଉଛନ୍ତି ସମାଜର ସ୍ରଷ୍ଟା, ସମାଜର ମାତା ଜନ୍ମଦାତ୍ରୀ । ସମାଜର ଉନ୍ନତି ବା ଅବନତିର ମୂଳ ହେଉଛନ୍ତି ମାତା । ମାତା ସୁମାତା ହେଲେ ସମାଜ ଉନ୍ନତ ହୋଇଥାଏ; ଏଥିରେ କୌଣସି ସନ୍ଦେହ ନାହିଁ । ତେଣୁ କାଳେ କାଳେ ମାତୃ ଜାତିକୁ ଭାରତୀୟ ସମାଜ ସମ୍ମାନ ଦେଇ ଆସିଛି । ସେ ହିଁ ଏକ ରୂପ, ସେ ପୁଣି ବହୁରୂପା । ନାରୀ ଭବରେ ସେ ଏକ ରୂପା, କିନ୍ତୁ ବ୍ୟକ୍ତିତ୍ୱର ଭିନ୍ନତାରେ ସେ ବହୁ । କେତେବେଳେ ଭଗିନୀ, କେତେବେଳେ ଜନନୀ, ପୁଣି କେତେବେଳେ ଜାୟା ଅଥବା ସହଚରୀ ।

**ସହଚରୀ ରୂପ**—ଗୃହସ୍ଥାଶ୍ରମରେ ପତିଙ୍କର ସହଚରୀ ଭବରେ ନାରୀ ହୁଏ ସୁଖ ଦୁଃଖର ସାଥୀ । ନିଜର ସୁନ୍ଦର ରୂପ ତଥା ଲଳିତ କଳାର ପ୍ରୟୋଗରେ ସେ ପତିଙ୍କ ଦୁଃଖ ଯନ୍ତ୍ରଣା ଲାଘବ କରି ତାଙ୍କ ମୁଖରେ ହସ ଫୁଟାଇ ପାରେ । ଏହା ଫଳରେ ମାନସିକ ଭାରସାମ୍ୟ ସ୍ଥିରତ୍ୱ ଲାଭ କରି ସ୍ୱାମୀଙ୍କୁ କର୍ତ୍ତବ୍ୟ ପଥରେ ଅଗ୍ରସର କରାଏ । ଫଳରେ ପରିବାରର ସମୃଦ୍ଧିରେ କୌଣସି ପ୍ରକାରର ଆଞ୍ଚ୍ ଆସେ ନାହିଁ । ପୁରୁଷ ଏଭଳି ପତ୍ନୀର ସାହଚର୍ଯ୍ୟରେ ଅସମ୍ଭବକୁ ସମ୍ଭବ କରିପାରେ, ଦୁଃଖକୁ ଭୁଲି ଯାଇ ଦ୍ୱିଗୁଣ ସୁଖ ଲାଭ କରିପାରେ ।

ବୈଦିକ ଯୁଗରେ ପତ୍ନୀଙ୍କ ସାହଚର୍ଯ୍ୟରେ ପତି ଗୃହର ସମସ୍ତ ଧାର୍ମିକ କାର୍ଯ୍ୟ ସଂପାଦନ କରୁଥିଲେ ।

ବୈଦିକ ବିବାହ ମନ୍ତ୍ରରେ କୁହାଯାଇଛି, ପାଣିଗ୍ରହଣ ସୌଭଗତ୍ୱ ସ୍ଥଭଳକସ୍ତ ଅର୍ଥାତ୍ ସୁଖସମୃଦ୍ଧି ଯୁକ୍ତ ହେଉ (୯) । ଏହି ମନ୍ତ୍ରରେ ପ୍ରକାଶ କରାଯାଇଛି ଯେ, ପତି ପତ୍ନୀଙ୍କ ସାହଚର୍ଯ୍ୟ ଆଜୀବନ ସମୃଦ୍ଧ ହେଉ । ଶେଷକୁ କୁହାଯାଇଛି, "ହେ ବିଶ୍ୱଦେବା ଆମ ହିଁହିଙ୍କୁ ଏକ କରିଦିଅ, ହୃଦୟରେ ପ୍ରୀତି ଯୋଡ଼ି ଦିଅ (୧୦) ।

ଏଭଳି ରୀତିରେ ଏକାକାର ହୋଇ ସ୍ୱାମୀ ଓ ସ୍ତ୍ରୀ ସଂସାର ସାଗରରେ ନିଜର ଜୀବନତରୀ ଚାଳନା କରି ନିର୍ବିଘ୍ନରେ ପାର ହେଉଥିଲେ । ବିପଦର ଝଡ଼ ଝଞ୍ଜାରେ ମିଳିତ ବିବେକ ଓ ବୁଦ୍ଧି ପ୍ରୟୋଗ କରି ସେହି ବାଧା-ବିଘ୍ନକୁ ମୁକାବିଲା କରୁଥିଲେ । ଏହି ମୁକାବିଲା ପାଇଁ ଉଭୟଙ୍କର ବିଦ୍ୟା, ବୁଦ୍ଧି ଓ ଜ୍ଞାନ ଯଥେଷ୍ଟ ରହିଥିଲା । ନାରୀଶିକ୍ଷା ଉପରେ ବୈଦିକ ଯୁଗରେ ଯଥେଷ୍ଟ ଗୁରୁତ୍ୱ ଦିଆଯାଉଥିଲା ।

## ସ୍ତ୍ରୀ ଶିକ୍ଷା

ବୈଦିକ ଯୁଗରେ ଷୋହଳ ବା ସତର ବର୍ଷରେ ଝିଅମାନଙ୍କର ବିବାହ କର୍ମ କରାଯାଉଥିଲା । ସେ ପର୍ଯ୍ୟନ୍ତ ବ୍ରହ୍ମଚର୍ଯ୍ୟାଶ୍ରମରେ ରହି ସେମାନେ ଶିକ୍ଷା ଲାଭ କରୁଥିଲେ । ଏହି ଶିକ୍ଷା ସେମାନଙ୍କୁ ପରବର୍ତ୍ତୀ ସାଂସାରିକ ଜୀବନରେ ଯଥେଷ୍ଟ ପ୍ରେରଣା ଯୋଗାଉଥିଲା । କେତେକ ନାରୀ ଆଜୀବନ ଶିକ୍ଷା ଲାଭ ଓ ବିଦ୍ୟାଚର୍ଚ୍ଚାକୁ ଗ୍ରହଣ କରି-ନେଉଥିଲେ ଓ ଫଳରେ ଋଷିମାନଙ୍କ ଭଳି ସମ୍ମାନର ଅଧିକାରିଣୀ ହୋଇ ପାରିଥିଲେ । ବେଦର ଅନେକ ସୂକ୍ତରେ ଅନେକ ମନ୍ତ୍ର ଦ୍ରଷ୍ଟୀଙ୍କର ନାମୋଲ୍ଲେଖ ଦେଖିବାକୁ ମିଳେ । ବେଦ ମନ୍ତ୍ର ଉଚ୍ଚାରଣ କରି ବୈଦିକ ନାରୀ ଯଜ୍ଞ କାର୍ଯ୍ୟ ସଂପାଦନ କରୁଥିଲେ । ସମାଜରେ ପୁରୁଷମାନଙ୍କ ଭଳି ସେମାନଙ୍କର ସ୍ଥାନ ସମ୍ମାନଜନକ ଥିଲା । ବେଦକାଳୀନ ସମାଜରେ ନିବାବରୀ, ଘୋଷା କାକ୍ଷୀବତୀ, ଲୋପାମୁଦ୍ରା, ମମତା, ଅପାଳା, ସୂର୍ଯ୍ୟା, ଇନ୍ଦ୍ରାଣୀ, ଶଚୀ, ସାର୍ପରାଜ୍ଞୀ, ବିଶ୍ୱବାରା ଆଦିଙ୍କର ମହତ୍ୱପୂର୍ଣ୍ଣ ସ୍ଥାନ ଥିଲା । ବିଶ୍ୱବାରାଙ୍କୁ ଯଜ୍ଞରେ ଋତ୍ୱିକ୍ ସ୍ଥାନରେ ବରଣ କରାଯାଉଥିଲା (୧୧) । ଅପାଳା ଇନ୍ଦ୍ରଙ୍କ ପାଇଁ ସ୍ତୁତି କରି ଅନେକ ମନ୍ତ୍ର ରଚନା କରିଥିଲେ । ଯଜ୍ଞରେ ଇନ୍ଦ୍ରଙ୍କୁ ସୋମରସ ପ୍ରଦାନ କରିବାର ଦାୟିତ୍ୱ ସେ ହିଁ ନେଉଥିଲେ । ଏହିଭଳି ବୈଦିକ ଯୁଗରେ ଅନ୍ୟୂନ କୋଡ଼ିଏ ଜଣ ମନ୍ତ୍ରଦ୍ରଷ୍ଟୀ ଥିଲେ (୧୨) । ଯେତେବେଳେ ମହାନ୍ ବ୍ରହ୍ମ ଯଜ୍ଞ ଅନୁଷ୍ଠିତ ହେଉଥିଲା, ସେତେବେଳେ ବଡ଼ ବଡ଼ ଋଷିମାନଙ୍କୁ ଅର୍ଘ୍ୟ ଦିଆଯାଉଥିଲା । ନାରୀମାନଙ୍କ ମଧ୍ୟରେ ସେହି ଉଚ୍ଚ ସ୍ଥାନ ଯେଉଁମାନେ ଅଧିକାର କରିଥିଲେ ସେମାନଙ୍କୁ ମଧ୍ୟ ପ୍ରଭୂତ ସମ୍ମାନର ସହିତ ଅର୍ଘ୍ୟ ଦିଆଯାଉଥିଲା । ସୁଲଭା, ମୈତ୍ରେୟୀ, ବଡ଼ବାପ୍ରାଥୀଏୟ ଓ ମହାମନସ୍ୱିନୀ ଗାର୍ଗୀ ଏହି ଅର୍ଘ୍ୟ ଲାଭ କରି ଯଜ୍ଞ କ୍ଷେତ୍ରକୁ ପାବନ କରୁଥିଲେ । ନାରୀମାନଙ୍କ ପକ୍ଷରେ ସମାଜରେ ଏପରି ଆସନ ଲାଭ କରିବା କିଛି କ'ମ କଥା ନଥିଲା । ଏଭଳି ଆସନ ଲାଭ କରିବା ପାଇଁ ସେମାନେ ବହୁ ଜ୍ଞାନର ଅଧିକାରିଣୀ ଥିଲେ । ବାଲ୍ୟ କାଳରୁ ବ୍ରହ୍ମଚର୍ଯ୍ୟ ବ୍ରତ କରି ସେମାନେ ବେଦାଧ୍ୟୟନ, ବ୍ରହ୍ମବାଦ, ମୌଞ୍ଜୀବନ୍ଧନ ପୂର୍ବକ ବହୁ ସାଧନା କରୁଥିଲେ । ସେହି ସମୟରେ ସେମାନେ ସନ୍ଧ୍ୟା ଆଦି ଆହ୍ନିକ କର୍ମମାନ ମଧ୍ୟ ସଂପାଦନ କରୁଥିଲେ । ରାମାୟଣ ଯୁଗ ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଦୃଷ୍ଟି ଗୋଚର ହୋଇଥାଏ । ରାମାୟଣରେ ସୀତା ସନ୍ଧ୍ୟା କରୁଥିବାର ଉଲ୍ଲେଖ ରହିଅଛି । (୧୩) ମୋଟ ଉପରେ କହିବାକୁ ଗଲେ ସ୍ତ୍ରୀମାନେ ବୈଦିକ ସଂପାଦନରେ ପୁରୁଷମାନଙ୍କର ସମକକ୍ଷ ଥିଲେ । ସେମାନେ ଯଜ୍ଞ ବେଦୀ ନିକଟରେ ପ୍ରବଚନ ଦେବା ସହିତ ସାଧାରଣ ଜନସଭାମାନଙ୍କରେ ମଧ୍ୟ ଭାଷଣ ଦେଇପାରୁଥିଲେ । (୧୪) କିନ୍ତୁ ଏହି ପାରଦର୍ଶିତା କାଳକ୍ରମେ ସେମାନଙ୍କର ଲୋପ ହେଲା । କାରଣ ସେମାନଙ୍କୁ କ୍ରମଶଃ ସଭାକୁ ଯିବାକୁ ବାରଣ କରାଗଲା । ମନୁ ସ୍ମୃତି ରଚନା - ସମୟକୁ କେବଳ ପୁରୁଷମାନେ ହିଁ ସଭା ସମିତିକୁ ଯାଉଥିଲେ, ଆଉ ସ୍ତ୍ରୀମାନେ ସେଠାକୁ ଯାଉନଥିଲେ । ତେଣୁ ମନୁ ଲେଖିଲେ, "ତସ୍ମାତ୍ ପୁମାଂସଃ ସଭାଂ ଯାନ୍ତି, ନ ସ୍ତ୍ରିୟଃ" (ମନୁସ୍ମୃତି-୪/୭/୪)"

ବୈଦିକ ଯୁଗରେ ସ୍ତ୍ରୀମାନେ ଏଭଳି ଜ୍ଞାନର ଅଧି-କାରିଣୀ ହେବା ପଛରେ ସେମାନଙ୍କର ବିଦ୍ୟାଧ୍ୟୟନଧ ଓ ତହିଁରେ ନିଷ୍ଠା ହିଁ ପ୍ରଧାନ କାରଣ ଥିଲା । ବିବାହ ପର୍ଯ୍ୟନ୍ତ ଏହି ଅଧ୍ୟୟନ କାର୍ଯ୍ୟ ଚାଲୁଥିଲା । କେତେକ ମଧ୍ୟ ଅଧ୍ୟୟନକୁ ଆଜୀବନ ବ୍ରତ ଭାବରେ ଗ୍ରହଣ କରିଥିଲେ । ସେହି ଦୃଷ୍ଟିରୁ ସେତେବେଳର ଛାତ୍ରୀମାନଙ୍କୁ ଦୁଇଭାଗରେ ବିଭକ୍ତ କରାଯାଇଥିଲା । ଯଥା:-(୧)ବ୍ରହ୍ମବାଦିନୀ, (୨) ସଦ୍ୟୋଦ୍‌ବାହା । ବ୍ରହ୍ମବାଦିନୀମାନେ ଷୋଳବର୍ଷ ବୟସ ହେବା ପର୍ଯ୍ୟନ୍ତ ପାଠ ପଢ଼ନ୍ତି ଓ ତା'ପରେ ବିବାହ କରନ୍ତି । ଆଦର୍ଶ ଗୃହିଣୀ ହେବା ହିଁ ସେମାନଙ୍କର ପରମ କର୍ତ୍ତବ୍ୟ ହୋଇପଡେ । ମାତ୍ର ସଦ୍ୟୋଦ୍‌ବାହାମାନେ ବିବାହପରେ ଅଥବା ଅବିବାହିତ ରହି ଆଜୀବନ ଦର୍ଶନ ଚର୍ଚ୍ଚାରେ ସମୟ ଅତିବାହିତ କରିଥାନ୍ତି । ଦର୍ଶନ ତଥା ବେଦ, ବେଦାନ୍ତରେ ସେମାନଙ୍କର ପ୍ରଭୂତ ପ୍ରବେଶ ହୋଇଯାଏ ଓ ସେମାନେ ପୁରୁଷମାନଙ୍କ ଭଳି ବୈଦିକ ମନ୍ତ୍ର ପାଠକରି ସନ୍ଧ୍ୟା, ଉପାସନା ଆଦି କରିବା ସହିତ ସଭା ଓ ବାଦସଭାମାନଙ୍କରେ ସଭାପତିତ୍ୱ ମଧ୍ୟ କରିଥାନ୍ତି । ରାମାୟଣରୁ ଜଣାଯାଏ, ସୀତା ଏଭଳି ବୈଦିକ ଜ୍ଞାନର ଅଧିକାରିଣୀ ଥିଲେ ଓ ବୈଦିକ ମନ୍ତ୍ର ଉଚ୍ଚାରଣ କରି ଦେବତାମାନଙ୍କୁ ସନ୍ତୁଷ୍ଟ କରୁଥିଲେ । (୧୫) ପୁଣି ଶଙ୍କର ଦିଗ୍‌ବିଜୟ ନାମକ ଗ୍ରନ୍ଥରୁ ସ୍ପଷ୍ଟ ଅବଗତ ହେବାକୁ ହୁଏ ଯେ, ମଣ୍ଡନ ମିଶ୍ରଙ୍କର ସ୍ତ୍ରୀ ବେଦାଦି ଦର୍ଶନରେ ଅତ୍ୟନ୍ତ ପାରଦର୍ଶିନୀ ଥିଲେ । ଯେତେବେଳେ ଶଙ୍କରାଚାର୍ଯ୍ୟ ଓ ମଣ୍ଡନ ମିଶ୍ରଙ୍କ ମଧ୍ୟରେ ବାଦସଭା ଅନୁଷ୍ଠିତ ହେଲା, ସେ ସେହି ସଭାରେ ସଭାପତିତ୍ୱ କରିଥିଲେ । ପରିଶେଷରେ ଶଙ୍କରାଚାର୍ଯ୍ୟଙ୍କଭଳି ଜଣେ

ପ୍ରଖର ପ୍ରତିଭାଶାଳୀ ବିଦ୍ୱାନଙ୍କୁ ପ୍ରଶ୍ନ ପଚାରି ଆଘାତତଃ ପରାସ୍ତ ଓ ବ୍ୟତିବ୍ୟସ୍ତ କରିପକାଉଥିଲେ । ଅନେକଦିନ ପରେ ଅବଶ୍ୟ ଶଙ୍କର ତାଙ୍କ ପ୍ରଶ୍ନଗୁଡ଼ିକର ଉତ୍ତର ଦେଇଥିଲେ । (୧୬) ଏଥିରୁ ସେ ଯୁଗର ନାରୀମାନଙ୍କର ବିଦ୍ୱତ୍ତାର ପରିଚୟ ମିଳିଥାଏ । ପତଞ୍ଜଳିଙ୍କ ମହାଭାଷ୍ୟ ପ୍ରମାଣ ଦିଏ ଯେ ସେତେବେଳର ଝିଅମାନେ ବେଦ ସହିତ କଠିନ ଦର୍ଶନଶାସ୍ତ୍ର ପୂର୍ବମୀମାଂସା ଅଧ୍ୟୟନକରି ତହିଁରେ ପାରଦର୍ଶିନୀ ହେଉଥିଲେ । କାଶକୃତ୍ସ୍ନ ମୀମାଂସା ଉପରେ 'କାଶକୃତ୍ସ୍ନୀ' ନାମକ ଏକ ଗ୍ରନ୍ଥ ପ୍ରଣୟନ କରିଥିଲେ । ଯେଉଁ ମହିଳାମାନେ ଏହାରୁ ଅଧ୍ୟୟନ କରି କୃତକାର୍ଯ୍ୟ ହେଉଥିଲେ, ସେମାନଙ୍କୁ 'କାଶକୃତ୍ସ୍ନା' ଉପାଧି ମିଳଥିଲା (୧୭) ।

ବୈଦିକ ତଥା ଲୌକିକ ସଂସ୍କୃତ ଗ୍ରନ୍ଥମାନ ଅଧ୍ୟୟନ କଲେ ଅନେକ ବିଦୁଷୀ ମହିଳାମାନଙ୍କର ପରିଚୟ ମିଳିଥାଏ । ପାଲି ଓ ପ୍ରାକୃତଗ୍ରନ୍ଥମାନ ମଧ୍ୟ ବୌଦ୍ଧ ତଥା ଜୈନଯୁଗୀୟ ମନସ୍ୱିନୀ ନାରୀମାନଙ୍କର ପରିଚୟ ଦେଇଥାଏ । ସେ ଯୁଗର ନାରୀର ପ୍ରତିଭା ତଥା ସତ୍ୟାପନମତିତାପତି ଦୃଷ୍ଟିପାତ କଲେ ଆଧୁନିକ ବୈଜ୍ଞାନିକ ଯୁଗରେ ମଧ୍ୟ ବିସ୍ମିତ ହେବାକୁ ପଡେ । ଖ୍ରୀ: ପୂ: ୮୦୦ ବେଳକୁ ବୈଦିକ ପର୍ଯ୍ୟାୟ ଭାବନାରେ ଦାର୍ଶନିକ ଚେତନା ଅଧିକ ଭାବରେ ପ୍ରବେଶ କଲା । ସେତେବେଳେ ଯାଜ୍ଞବଲ୍କ୍ୟ ମହର୍ଷିଙ୍କର ପତ୍ନୀ ମୈତ୍ରେୟୀ ଏହି ଦର୍ଶନ ଚର୍ଚ୍ଚାରେ ଅଗ୍ରଣୀ ଥିଲେ । ଅମୃତତ୍ୱ ଉପରେ ତାଙ୍କର ଆଲୋଚନା ଓ ବିଚାରଧାରା ଅତ୍ୟନ୍ତ ଗଭୀର ଥିଲା (୧୮)। ମୈତ୍ରେୟୀଙ୍କ ପରି ଗାର୍ଗୀ ମଧ୍ୟ ଜଣେ ଉଚ୍ଚକୋଟୀର ଦାର୍ଶନିକା ଥିଲେ । ତାଙ୍କର ପାଣ୍ଡିତ୍ୟ ଏତେ ଅଧିକ ଥିଲା ଯେ, ସେ ମହର୍ଷି ଯାଜ୍ଞବଲ୍କ୍ୟଙ୍କର ପ୍ରଶ୍ନ ଉପରେ ପୁଣି ପ୍ରତିପ୍ରଶ୍ନର ବାଣମାନ ପ୍ରୟୋଗକରି ଅନେକ ଦାର୍ଶନିକ ଯୁକ୍ତି ଉପସ୍ଥାପନ କରିଥିଲେ (୧୯) । ଆତ୍ରେୟୀ ବେଦାନ୍ତ ଦର୍ଶନରେ ପାରଦର୍ଶିନୀ ଥିଲେ । ବାଲ୍ମୀକି ଓ ଅଗସ୍ତ୍ୟ ତାଙ୍କର ଗୁରୁ ଥିଲେ । ବାଲ୍ମୀକିଙ୍କ ପାଖରେ ବିଦ୍ୟାଶିକ୍ଷା କରୁଥିବାବେଳେ ଆତ୍ରେୟୀଙ୍କର ଲବ ଓ କୁଶ ସହପାଠୀ ଥିଲେ । ଏହା ଉତ୍ତର ରାମଚରିତରୁ ଜଣାଯାଏ । ଖ୍ରୀ: ପୂ: ୩ୟ ଶତକବେଳକୁ ଦାର୍ଶନିକାମାନଙ୍କ ମଧ୍ୟରେ ପ୍ରମୁଖ ଥିଲେ ସଙ୍ଘମିତ୍ରା । ଏହାଥିଲା ବୌଦ୍ଧଧର୍ମର ଯୁଗ । ସଙ୍ଘମିତ୍ରା ବୌଦ୍ଧଧର୍ମରେ ପଣ୍ଡିତା ଥିଲେ ଓ ନିଜେ ସିଂହଳ (ଶ୍ରୀଲଙ୍କା)କୁ ଯାଇ ବୌଦ୍ଧଦର୍ଶନ ପ୍ରଚାର କରିଥିଲେ । ସଂଘମିତ୍ରାଙ୍କ ଛଡ଼ା ବୌଦ୍ଧଧର୍ମରେ ଆହୁରି ଅନେକ ବିଦୁଷୀ ଥିବାର ବୌଦ୍ଧ ଧର୍ମୀୟ 'ଥେରିଗାଥା'ରୁ ଜଣାଯାଏ । 'ଥେରିଗାଥା'ରେ, ଯେଉଁ ନାରୀକବିମାନେ ଥିଲେ, ତନ୍ମଧ୍ୟରେ ୩୨ ଜଣ ଥିଲେ ଅବିବାହିତା ଓ ୧୮ ଜଣଥିଲେ ବିବାହିତା । ଏହି ନାରୀକବିମାନଙ୍କ ମଧ୍ୟରେ ଶୁଭା, ଅନୋପମା, ସୁମେଧା ପ୍ରଧାନ ଥିଲେ । ଏମାନେ ଅବିବାହିତା ଥିଲେ । ଜୈନ ପରଂପରାରୁ ଜଣାଯାଏ, କୌଶାମ୍ବୀର ରାଜା ସହସ୍ରାନୀକଙ୍କର କନ୍ୟା ଜୟନ୍ତୀ ଅବିବାହିତା ଥିଲେ । ତାଙ୍କର ଜ୍ଞାନ ଏତେ ଅଧିକ ଥିଲା ଯେ, ତହିଁରେ ପ୍ରୀତ ହୋଇ ସ୍ୱୟଂ ମହାବୀର ତାଙ୍କୁ ଦୀକ୍ଷାଦାନ କରିଥିଲେ ।

ଏହିପରି ପ୍ରାଚୀନଭାରତରେ ଅନେକ ମହୀୟସୀ ମହିଳାଙ୍କର ଆବିର୍ଭାବ ହୋଇଥିଲା । ମାଳତୀମାଧବରେ ଭବଭୂତି ଉଲ୍ଲେଖ କରିଛନ୍ତି ଯେ, କାମନ୍ଦକୀ ଭୂରିବସୁ ଓ ଦେବରାତଙ୍କର ସହପାଠିନୀ ଥିଲେ । ଅତଏବ, ଦେଶରେ ସହଶିକ୍ଷାର ବ୍ୟବସ୍ଥା ଗୁରୁକୁଳମାନଙ୍କରେ ଥିଲା । ବାଲ୍ମୀକି ଆଶ୍ରମରେ ଆତ୍ରେୟୀ ଲବକୁଶଙ୍କ ସହିତ ସହପାଠିନୀ ଥିଲେ । ନାରୀମାନେ ଦର୍ଶନରେ ପ୍ରବକ୍ତା ହୋଇ ସମାଜରେ ଭାଷଣ ପ୍ରଦାନ କରୁଥିଲେ । ଦାକ୍ଷାୟଣଙ୍କର ଦୁଇଟି ଝିଅ ଏପରି ବ୍ରହ୍ମବାଦିନୀ ପ୍ରବକ୍ତା ଥିଲେ (୨୦) । ବିଦ୍ୟାଧ୍ୟୟନ କରି ପ୍ରାଚୀନ ଯୁଗରେ ଭାରତବର୍ଷରେ ନାରୀମାନେ ଆଚାର୍ଯ୍ୟା ବା ଉପାଧ୍ୟାୟା ହୋଇ ଛାତ୍ରମାନଙ୍କୁ ଶିକ୍ଷାଦେଉଥିଲେ; ଏକଥା ମହର୍ଷି ପାଣିନିଙ୍କ ବ୍ୟାକରଣରୁ ଜଣାଯାଏ । ଅତଏବ, ଏଭଳି ଜ୍ଞାନ, ଗରିମା ତଥା କର୍ମକୁଶଳତାରେ ଅଳଙ୍କୃତା ହୋଇ ଭାରତୀୟା ନାରୀ 'ଅସୂର୍ଯ୍ୟଂ ପଶ୍ୟା' ହୋଇ ରହନ୍ତା କାହିଁକି ? ଶାସ୍ତ୍ରବିଦ୍ୟା, ଶସ୍ତ୍ରବିଦ୍ୟା, ଆୟୁର୍ବେଦ, ଜ୍ୟୋତିଷ ଆଦି ସକଳ ବିଦ୍ୟାରେ ପାରଦର୍ଶିନୀ ହୋଇ ଭାରତର ନାରୀ ରାଜ୍ୟଶାସନ, ଯୁଦ୍ଧ, ବିଗ୍ରହ, ସନ୍ଧି ଆଦି ସବୁକିଛି କରିପାରିବାର କ୍ଷମତା ହାସଲ କରିଥିଲା । ତେଣୁ ପ୍ରାଚୀନ ଯୁଗରେ, ଅନେକ ନାରୀ ଦେଶର ବାସ୍ତବ ସାମ୍ରାଜ୍ଞୀଭାବରେ ଆତ୍ମପ୍ରକାଶ କରିଥିଲେ । ଶାସନକାର୍ଯ୍ୟରେ ସେମାନଙ୍କର ବିଚକ୍ଷଣତା ସେ ଯୁଗରେ ସମସ୍ତଙ୍କୁ ମୁଗ୍ଧ କରିଥିଲା ।

**ରାଜ୍ୟ ଶାସନ:**—ରାମାୟଣ ଯୁଗରେ ଯେତେବେଳେ ରାମଚନ୍ଦ୍ରଙ୍କୁ ବନବାସରେ ଯିବାକୁ ଆଦେଶ ହେଲା ସେତେବେଳେ ସୀତାଙ୍କୁ ରାଜ୍ୟଭାର ଦେବାପାଇଁ ମଧ୍ୟ ଏକ ପ୍ରସ୍ତାବ ଆସିଥିଲା । ମାତ୍ର ପତିପ୍ରାଣା ଜାନକୀ ଏ ପ୍ରସ୍ତାବ ଗ୍ରହଣ କରିନଥିଲେ । (୨୧)ସେହିପରି ମହାଭାରତ ଯୁଦ୍ଧରେ ଯେଉଁ ଅପୁତ୍ରିକ ରାଜାମାନେ ମରିଥିଲେ, ସେମାନଙ୍କର କନ୍ୟାମାନଙ୍କୁ ରାଜ୍ୟରେ ଅଭିଷିକ୍ତ କରିବା ପାଇଁ ପିତାମହ ଭୀଷ୍ମ ଯୁଧିଷ୍ଠିରଙ୍କୁ ଉପଦେଶ ଦେଇଥିଲେ । (୨୨) ଅତଏବ, ନାରୀମାନଙ୍କର ରାଜ୍ୟାଭିଷେକ ବିଧି ରାମାୟଣ ଓ ମହାଭାରତ ଯୁଗରେ ପ୍ରଚଳିତ ଥିଲା । ବୌଦ୍ଧ ଜାତକରେ ମଧ୍ୟ ଏପ୍ରକାର ବିଧିର ସୂଚନା ମିଳେ । ଜାତକର ଗୋଟିଏ ଗଳ୍ପରୁ ଜଣାପଡେ, ବାରାଣସୀର ରାଜାଙ୍କର ଦେହାନ୍ତ ହେବା ପରେ ତାଙ୍କର ରାଣୀ ରାଜ୍ୟଭାର ଗ୍ରହଣ କଲେ (୨୩) । କଲ୍ହଣଙ୍କର 'ରାଜତରଙ୍ଗିଣୀ' ରୁ ଜଣାଯାଏ, କାଶ୍ମୀରରୁ ରାଣୀ ଦିଦ୍ଦା ୨୨ ବର୍ଷ କାଳ ସ୍ୱୟଂରୂପେ ଶାସନ କରିଥିଲେ । ଏକ ଗୁପ୍ତ ଯୁଗୀୟ ମୁଦ୍ରାରେ ପ୍ରଥମ ଚନ୍ଦ୍ରଗୁପ୍ତ ଓ ତାଙ୍କ ଲିଚ୍ଛବି ବଂଶୀୟା ରାଣୀ କୁମାରୀ ଦେବୀଙ୍କର ନାମାଙ୍କନ ଦେଖିବାକୁ ମିଳେ । ତହିଁରୁ ଜଣାଯାଏ, ପଞ୍ଚମ ଶତାବ୍ଦୀ ବେଳକୁ ଏହି ରାଜା ଓ ରାଣୀ ମିଳିତ ଭାବରେ ରାଜ୍ୟଶାସନ କରୁଥିଲେ । ପ୍ରତିଜ୍ଞା ଯୌଗନ୍ଧରାୟଣ ସୂଚନାଦିଏ ଯେ, ରାଜା ଉଦୟନ ବନ୍ଦୀ ଥିବାବେଳେ ତାଙ୍କର ମାତା ରାଜକାର୍ଯ୍ୟ କରୁଥିଲେ ୨୪ ।

ଇତିହାସର ପୃଷ୍ଠା ଓଲଟାଇଲେ ଜଣାଯାଏ, ରାଣୀ ମଣ୍ଡସ ଅଲେକ୍‌ଜାଣ୍ଡାରଙ୍କ ଦ୍ୱାରା ସ୍ୱାମୀଙ୍କ ମୃତ୍ୟୁପରେ ନିଜେ ରାଜ୍ୟଭାର ବହନ କରିଥିଲେ ଓ ଗ୍ରୀକବୀର ଆଲେକ୍‌ଜାଣ୍ଡାରଙ୍କ ସହିତ ଯୁଦ୍ଧ କରିଥିଲେ । ଖ୍ରୀ: ପୂ: ୨ୟ ଶତାବ୍ଦୀରେ ରାଣୀ ନାୟନିକା ଦାକ୍ଷିଣାତ୍ୟର ସାତବାହାନ ରାଜ୍ୟକୁ ଶାସନ କରୁଥିଲେ । କାରଣ, ଏଠାରେ ରାଜା ନାବାଳକ ଥିଲେ । ପୁଣି ଚତୁର୍ଥ ଶତାବ୍ଦୀରେ ରାଣୀ ପ୍ରଭାବତୀଗୁପ୍ତ ନିଜର ସ୍ୱାମୀଙ୍କ ମୃତ୍ୟୁ ହେତୁ ମଧ୍ୟପ୍ରଦେଶର ବାକାଟକ ରାଜ୍ୟର ଶାସନଭାର ଗ୍ରହଣ କରିଥିଲେ । ସେତେବେଳକୁ ତାଙ୍କର ପୁତ୍ର ଶୈଶବାବସ୍ଥାରେ ଥିଲେ ।

ମଧ୍ୟଯୁଗରେ କାଶ୍ମୀରର ରାଣୀ ସୁଗନ୍ଧା ସ୍ୱାମୀ ଶଙ୍କର ବର୍ମନଙ୍କର ମୃତ୍ୟୁପରେ ଦେଶର ଶାସନଭାର ନିଜ ହାତକୁ ନେଇଥି ଲ । ସେହିପରି ଖ୍ରୀ: ଅ: ୧୧୯୨ ରେ ଦିଲ୍ଲୀର ରାଜା ପୃଥ୍ୱୀରାଜ ଚୌହାନ ଯୁଦ୍ଧରେ ମୃତ୍ୟୁବରଣ କଲବେଳେ ତାଙ୍କ ସହିତ ସେହି ଯୁଦ୍ଧଭୂମିରେ ମିବାରର ରାଣା ସାମରସୀ ମଧ୍ୟ ନିହତ ହୋଇଥିଲେ । ତାପରେ ତାଙ୍କର ବିଧବା ରାଣୀ କୁର୍ମାଦେବୀ ମିବାରକୁ ଶାସନ କଲେ ଓ ପରେ ତାଙ୍କୁ ନିଜେ କୁତବୁଦ୍ଦିନଙ୍କ ସହିତ ଯୁଦ୍ଧ କରିବାକୁ ପଡ଼ିଥିଲା (୨୫) । ଚିତୋରର ରାଣା ରାଣାସଙ୍ଗଙ୍କର ବିଧବା ରାଣୀ କର୍ଣ୍ଣବତୀ ଗୁଜୁରାଟର ସୁଲତାନ ବାହାଦୁର ଶାହଙ୍କ ସହିତ ଯୁଦ୍ଧକରି ଚିତୋର ଦୁର୍ଗକୁ ରକ୍ଷାକରି ଏହାର ଶାସନଭାର ଗ୍ରହଣ କରିଥିଲେ । ଏହି ଯୁଦ୍ଧରେ ସେହି ରାଣାଙ୍କର ଆଉଜଣେ ରାଣୀ ଜୱାହିରବାଈ ଯୁଦ୍ଧରେ ଅବତୀର୍ଣ୍ଣ ହୋଇ ସୈନ୍ୟ ସଞ୍ଚାଳନାକରି ଶେଷରେ ମୃତ୍ୟୁବରଣ କରିଥିଲେ ।

ପରବର୍ତ୍ତୀ ଯୁଗରେ କୋହ୍ଲାପୁରର ମରହଟ୍ଟରାଣୀ ତାରାବାଈ, ଇନ୍ଦୋରର ଅହଲ୍ୟାବାଈ, ଝାନ୍‌ସୀର ରାଣୀ ଲକ୍ଷ୍ମୀବାଈଙ୍କର ବୀରତ୍ୱ ଓ ସାହସ ସାରା ଭାରତରେ ପ୍ରସିଦ୍ଧ ଲାଭକରିଛି । ତାରାବାଈ ନିଜର ସ୍ୱାମୀ ଛତ୍ରପତି ରାଜାରାମଙ୍କ ମୃତ୍ୟୁ (ଖ୍ରୀ: ଅ: ୧୭୦୦) ପରେ ଶାସନ ଭାର ଗ୍ରହଣକରି ଆଉରଙ୍ଗଜେବଙ୍କ ସହିତ ଯୁଦ୍ଧ କରିଥିଲେ । ଇନ୍ଦୋରର ହୋଲକାର ମହ୍ଲାରାଓ ନିଜର ୨୪ ବର୍ଷୀୟା ବୋହୂ ଅହଲ୍ୟାବାଈଙ୍କ ହାତରେ ରାଜ୍ୟଭାର ଅର୍ପଣ କରିଥିଲେ ଓ ସେ ଖ୍ରୀ: ଅ: ୧୭୬୬—୧୭୯୫ ପର୍ଯ୍ୟନ୍ତ ସୁରୁଖୁରୁରେ ରାଜ୍ୟଶାସନ କରିଥିଲେ । ଲକ୍ଷ୍ମୀବାଈଙ୍କ କଥା ତ ସମସ୍ତଙ୍କୁ ଜଣା । ସେ ଯେପରି ପରାକ୍ରମଶାଳୀ ଇଂରେଜଙ୍କ ସହିତ ଯୁଦ୍ଧକରିଥିଲେ, ତାହାର ପଟ୍ଟାନ୍ତର ନାହିଁ । ପ୍ରାଚୀନ ଯୁଗରେ ଆମରି ଓଡ଼ିଶାରେ ଅଷ୍ଟମ ଶତାବ୍ଦୀ ବେଳକୁ ତ୍ରିଭୁବନ ମହାଦେବୀ, ଦଣ୍ଡୀ ମହାଦେବୀ ପ୍ରଭୃତି ରାଣୀମାନେ ଭୌମକର ବଂଶରେ ରାଜତ୍ୱ କରିଥିଲେ । ନାରୀର ଏହି-ଭଳି ଭୂମିକାକୁ ଦେଖିଲେ ଓ ପୁରାଣ, ଇତିହାସ ଇତ୍ୟାଦିକୁ ଏହି ଦିଗରୁ ଅନୁଧ୍ୟାନ କଲେ ମୁକ୍ତକଣ୍ଠରେ ସ୍ୱୀକାର କରିବାକୁ ହୁଏ ଯେ, ନାରୀର ସ୍ଥାନ ଭାରତୀୟ ସମାଜରେ ଯୁଗେ ଯୁଗେ ପୁରୁଷର ସମକକ୍ଷ ଥିଲା । ମଝିରେ ତାହାର ଭୂମିକା କିଛିଟା କମିଯାଇଥିଲେ ମଧ୍ୟ ବର୍ତ୍ତମାନ ତାହା ପୁନରୁଦ୍ଧିତ ହୋଇ ପୂର୍ବଭଳି ପୁଣି ଦେଦୀପ୍ୟମାନ ହୋଇ ଉଠିଛି ।

ଆମ୍ଭା ହି ଦାର ସର୍ବେଷାଂ ଦାର ସଂଗ୍ରହ ବର୍ତ୍ତିନାଂ ।
ଆମ୍ଭେୟମିତି ଗମସ୍ୟ ପାଳର୍ଯିଷ୍ୟତି ମେଦିନୀମ୍ ॥
କୁମାରେ ନାସ୍ତି ଯେଷାଂ ଚ କନ୍ୟାସ୍ତତ୍ରାଭିଷେଚୟ ॥

ସାତ୍ତରାପୁର ରୋଡ
ଭୁବନେଶ୍ୱର–୨

୧. ଅର୍ଦ୍ଧୋ ହବା ଏଷୋ ଆତ୍ମନୋ ଯତ୍ଜାୟାସ୍ତ ତସ୍ମାଦ୍‌ଯାବଦ୍‌ଜାୟାଂ ନ ବିନ୍ଦତେ ନୈବ ତାବତ ପ୍ରଜାୟତେ ଅସର୍ବୋ ହି ତାବତ୍ ଭବତି । ଅଥ ଯଦୈବ ଜାୟାଂ ବିନ୍ଦତେଥେ ପ୍ରଜାୟତେ, ଅସର୍ବୋ ହି ତାବତ୍ ଭବତି ।—ଶତପଥ ବ୍ରାହ୍ମଣ—୬/୧/୮/୫ ; ୬/୨/୧/୧୦ । ପୁଣି ଦ୍ରଷ୍ଟବ୍ୟ, —ତୈତ୍ତିରୀୟ ସଂହିତା—୬/୧/୮/୫; ମହାଭାରତ ଆଦି ପର୍ବ ୭୪/୪୦ । ମନୁ ସ୍ମୃତି—୩/୫୬—୫୮ ”

୨. ଋଗ୍‌ବେଦ—୩/୫୩/୪ ।

୩. ଋଗ୍‌ବେଦ—୩/୫୩/୬, ଅପାଃ ସୋମମସ୍ତମିନ୍ଦ୍ର ପ୍ର ଯାହି । କଲ୍ୟାଣୀର୍ଜାୟା ସୁରଣଂ ଗୃହେ ତେ ।

୪. ଋଗ୍‌ବେଦ—୧/୧୨୨/୨ । ପରୀନାହଂ ବସ୍ତଂ ବସାନା ........

୫. ଋଗ୍‌ବେଦ—୧/୧୭୩/୨ ; ୫/୪୩/୧୫; ୮/୧/ ୨୯ ; ୮/୧୩/୧୩ ।

୬. ଋଗ୍‌ବେଦ—୧୦/୮୫/୨୬; ଗୃହାନ୍ ଗଛ ଗୃହପତ୍ନୀ ଯଥାସୋ ବଶିନୀ ତ୍ୱଂ ବିଦଥ ମା ବଦାସି ।

୭–ଋଗ୍‌ବେଦ–୭/୮୧/୪

୮–ଋଗ୍‌ବେଦ–୧୦/୮୫/୪୫–ଇମାଂ ତ୍ୱମିନ୍ଦ୍ର ମୀଢ୍ୱଃ ସୁପୁତ୍ରାଂ ସୁଭଗାଂ କୃଣୁ ।

୯–ଋଗ୍‌ବେଦ–୧୦/୮୫/୩୬–ଗୃଭ୍ଣାମି ସୌଭଗତ୍ୱାୟ ହସ୍ତଂ ମୟା ପତ୍ୟା ଜରଦଷ୍ଟିର୍ଯଥାସଃ ।

୧୦–ଋଗ୍‌ବେଦ–୧୦/୮୫/୪୭–ସମଞ୍ଜନ୍ତୁ ବିଶ୍ୱେଦେବାଃ ସମାପୋ ହୃଦୟାନି ନୌ । ସଂମାତରିଶ୍ୱା ସଂ ଧାତା ସମୁ ଦେଷ୍ଟ୍ରୀ ଦଧାତୁ ନୌ ॥

୧୧–ଋଗ୍‌ବେଦ–୫/୨୮/୧

୧୨–ଋଗ୍‌ବେଦ–୧/୧୧୭; ୧୦/୩୯/୪୦; ୧/୧୭୧; ୬/୧୦/୨; ୮/୧୧; ୧୦/୮୫, ୧୦/୧୪୫; ୧୦/୧୫୯; ୧୦/୧୮୧; ୧/୧୭୯; ୫/୨୮/୧; ୮/୯୧; ୯/୮୧; ୨/୨୦; ”

୧୩—ରାମାୟଣ—୨/୮୭/୧୯ ।
ବାଗ୍ ଯତାସ୍ତେ ତ୍ରୟଃ (ରାମ, ଲକ୍ଷ୍ମଣ, ସୀତା) ସନ୍ଧ୍ୟାଂ ସମୁପାସତ ସଂହିତାଃ ।;

୧୪—ଋଗ୍‌ବେଦ—୧୦,୮୫,୨୬ଶାବଶିନୀ ତ୍ୱଂ ବିଦ୍ୟ ମା ବଦାସି

୧୫—ରାମାୟଣ—୫।୧୫।୪୮ସନ୍ଧ୍ୟାକାଳମନାଃ ଶ୍ୟାମା ଧ୍ରୁବମେଷ୍ୟତି ଜାନକୀ । ନଦୀଂ ଚେମାଂ ଶୁଭଜଳା ସନ୍ଧ୍ୟାର୍ଥଂ ବରବର୍ଣ୍ଣିନୀ ॥

୧୬—ଶଙ୍କର ଦିଗ୍‌ବିଜୟ—୮।୫୧—ବିଧାୟ ଭାର୍ଯ୍ୟାଂ ବିଦୁଷୀଂ ସଦସ୍ୟାଂ ବିଧୀୟତାଂ ବାଦକଥା ସୁଧୀନ୍ଦ୍ର ॥

୧୭—ମହାଭାଷ୍ୟ—୪ର୍ଥ—୧।୧୪; ୩ୟ—୧-୫୫,

୧୮—ବୃହଦାରଣ୍ୟକ ଉପନିଷଦ—୨ୟ/୪

୧୯—ବୃହଦାରଣ୍ୟକ ଉପନିଷଦ—୩ୟ/୬,୮

୨୦—ଭାଗବତ—୪।୧।୬୪ "ତେଭ୍ୟୋ ଦଧାର ଦ୍ୱେ କନ୍ୟେ ବୟୁନାଂ ଧାରିଣୀଂ ସ୍ୱଧା । ଉଭେ ତେ ବ୍ରହ୍ମବାଦିନ୍ୟୌ ଜ୍ଞାନବିଜ୍ଞାନପାରଗେ "

୨୧—ରାମାୟଣ—୨—୩୭, ୩୮, ଅତ୍ମା ହି ଦାରା ସର୍ବେଷାଂ ଦାରସଂଗ୍ରହ ବର୍ତ୍ତିନାଂ । ଆତ୍ମେୟମିତି ରାମସ୍ୟ ପାଳୟିଷ୍ୟତି ମେଦିନୀମ୍

୨୨—ମହାଭାରତ—୧୨—୩୨, ୩୩—କୁମାରୋ ନାସ୍ତି ଯେଷାଂ ଚ କନ୍ୟାସ୍ତତ୍ରାଭିଷେଚୟ ।

୨୩—Jatakas, Ed. Fausboll, London, 1877—1897—Vol. IV-pp. 487.

୨୪—ପ୍ରତିଜ୍ଞା ଯୌଗନ୍ଧରାୟଣ—ଭାସ—ପ୍ରଥମ ଅଙ୍କ ।

୨୫— Tod.—Annals of Antiquities of Rajsthan-ed. Grooke, Oxford, 1920, Vol. 1,-pp. 303-304.



# ପରିବେଶର ପରିଚର୍ଯ୍ୟା

ଡଃ ଜଗନ୍ନାଥ ମହାନ୍ତି

ମନୁଷ୍ୟର ଜୀବନ ତା'ର ପରିବେଶ ଉପରେ ନିର୍ଭର କରେ । ତା'ର ସ୍ୱାସ୍ଥ୍ୟ ତା'ର ପରିବେଶ ଦ୍ୱାରା ପ୍ରଭାବିତ ହୋଇଥାଏ । ସାଧାରଣତଃ ଚାରିପ୍ରକାର ଉପାଦାନକୁ ନେଇ ତା'ର ପରିବେଶ ଗଠିତ । ସେଗୁଡ଼ିକ ହେଲା ଭୌତିକ, ଜୈବିକ, ସାମାଜିକ ଓ ଅର୍ଥନୈତିକ । ଭୌତିକ, ପରିବେଶ ଖାଦ୍ୟ, ବାୟୁ, ଜଳ, ପାଗ, ଋତୁ, ଶବ୍ଦ, ଆଲୁଅ ଇତ୍ୟାଦି, ଜୈବିକ ପରିବେଶ ବିଭିନ୍ନ ଜୀବଜନ୍ତୁ, କୀଟ ପତଙ୍ଗ, ଆଦି ସାମାଜିକ ପରିବେଶ ମନୁଷ୍ୟର ଚଳଣି, ଆଚରଣ, ଅଭ୍ୟାସ, ପାରିବାରିକ ଜୀବନ, ଇତ୍ୟାଦି ଏବଂ ଅର୍ଥନୈତିକ ପରିବେଶ ତା'ର ବୃତ୍ତି, ବ୍ୟବସାୟ, ଭ୍ରମଣ, ଆମୋଦ ପ୍ରମୋଦ, ଇତ୍ୟାଦିକୁ ନେଇ ଗଠିତ । ଏହିସବୁ ପ୍ରକାର ଉପାଦାନ ମନୁଷ୍ୟର ସ୍ୱାସ୍ଥ୍ୟକୁ ବିଶେଷ ଭାବରେ ପ୍ରଭାବିତ କରେ ।

ପ୍ରଥମତଃ ଭୌତିକ ପରିବେଶ ମନୁଷ୍ୟର ସ୍ୱାସ୍ଥ୍ୟ ନିମନ୍ତେ ନିତାନ୍ତ ଗୁରୁତ୍ୱପୂର୍ଣ୍ଣ । ବାୟୁ, ଜଳ, ଖାଦ୍ୟ, ପାନୀୟ ଇତ୍ୟାଦି ମାନବ ସ୍ଥିତିର ପ୍ରାଥମିକ ଉପାଦାନ । ଏହିସବୁ ଉପାଦାନ ଦୂଷିତ ହେଲେ ମନୁଷ୍ୟର ସ୍ୱାସ୍ଥ୍ୟ କ୍ଷୟ ହୁଏ । ମନୁଷ୍ୟର ଜୀବନ ଧାରଣ ପାଇଁ ବାୟୁର ଆବଶ୍ୟକତା ଅପରିହାର୍ଯ୍ୟ । ସ୍ୱାସ୍ଥ୍ୟ ଉପରେ ଦୂଷିତ ବାୟୁର କୁପ୍ରଭାବ କଳ୍ପନା କରିବା ଅସମ୍ଭବ । ପ୍ରକୃତିକୁ ସ୍ୱର୍ଗୀୟ ଚିକିତ୍ସକ ବୋଲି କୁହାଯାଏ । ବିଶୁଦ୍ଧ ବାୟୁ, ଉଜ୍ଜ୍ୱଳ ସୂର୍ଯ୍ୟ କିରଣ, ସୁନ୍ଦର ପୁଷ୍ପ, ଶ୍ୟାମଳ ତରୁଲତା ପ୍ରଭୃତି କେବଳ ଆନନ୍ଦ ଦାୟକ ନୁହେଁ, ସ୍ୱାସ୍ଥ୍ୟ ଗଠନରେ ପରମ ସହାୟକ ।

ବିଜ୍ଞାନବଳରେ ମନୁଷ୍ୟ ଆଜି ଚନ୍ଦ୍ରମଣ୍ଡଳରେ ଆଉ ଶୁକ୍ର, ମଙ୍ଗଳ ଗ୍ରହମାନଙ୍କରେ ବସତି ସ୍ଥାପନ କରିବାକୁ ସଚେଷ୍ଟ ହେଲଣି । ସମୁଦ୍ରର ଗଭୀର ଜଳରେ ପ୍ରବେଶକରି ବହୁ ରହସ୍ୟ ଉଦ୍‌ଘାଟନ କରିବା ସଙ୍ଗେ ସଙ୍ଗେ ସେଠାରେ ମଧ୍ୟ ନିରାପଦରେ ରହିବାର ବ୍ୟବସ୍ଥା କଲଣି । କିନ୍ତୁ ମନୁଷ୍ୟପରି ମାଟି ଉପରେ ସୁଖ ଶାନ୍ତିରେ ବାସ କରିବା ତା ପକ୍ଷରେ ସମ୍ଭବପର ହୋଇନାହିଁ । ପୃଥିବୀର ବାୟୁ ଓ ଜଳ ଦିନକୁଦିନ ଦୂଷିତ ହେଉଛି । ଲୋକସଂଖ୍ୟା ଦ୍ରୁତ ଗତିରେ ବର୍ଦ୍ଧି ଚାଲିଛି । ମନୁଷ୍ୟ ଆପାତ ସୁଖପାଇଁ ନିଜର ପରିବେଶକୁ ଅପରିଷ୍କାର କରୁଛି । କଳକାରଖାନାରୁ ନିର୍ଗତ ଅଙ୍ଗାରକାମ୍ଳ, ନାଇଟ୍ରୋଜେନ ଅକ୍‌ସାଇଡ୍, ସଲଫର, ଡାଇଅକ୍‌ସାଇଡ୍, ଧୂଆଁ, ପାଉଁଶ ପ୍ରଭୃତି କ୍ଷତିକାରକ ପଦାର୍ଥ ପୃଥିବୀର ସହର, ନଗରକୁ ଧ୍ୱଂସମୁଖକୁ ଟାଣି ନେଉଛି । ଆମର ସୀମିତ ଖାଦ୍ୟ ଓ ଅମ୍ଳଜାନ ଯାହା ଆମର ଜୀବନପାଇଁ ଏକାନ୍ତ ଆବଶ୍ୟକ ତାହା କ୍ରମେ କମିଯାଉଛି । ମଣିଷ ସମାଜ ଆଜି ତେଣୁ ଏକ ସଙ୍କଟର ସମ୍ମୁଖୀନ, ।

ଅନେକ ଯାନ୍ତ୍ରିକ ଉଦ୍‌ଭାବନ ଯାହା ମନୁଷ୍ୟର ବିଳାସ ବ୍ୟସନ ପାଇଁ ଦାୟୀ, ସେଗୁଡ଼ିକ ମନୁଷ୍ୟ ସମାଜର ଅକାଳ ମୃତ୍ୟୁପାଇଁ ବାଟ କଢ଼ାଇ ନେଉଛି । ସେଗୁଡ଼ିକ ମଧ୍ୟରେ ବାଷ୍ପୀୟ ଇଞ୍ଜିନ, କୀଟାଣୁ ନାଶକ ଦ୍ରବ୍ୟ ସାର, ପ୍ଲାଷ୍ଟିକର ଉପାଦାନ ପ୍ରଭୃତି ପ୍ରକୃତିକୁ ନଷ୍ଟ କରୁଛି ଏବଂ ଜଳବାୟୁ ଦୂଷିତ ହେଉଛି । ଉନ୍ନତ ଦେଶମାନଙ୍କରେ ଏହାର କୁପ୍ରଭାବ ଏବେଠୁ ଅନଭୂତ ହେଲୁଣି । ଉତ୍ତର ଆମେରିକାର ବୃହତ୍ତମ ମଧୁର ଜଳପୂର୍ଣ୍ଣ ହ୍ରଦ ଏରି ଆଉ ମନୁଷ୍ୟର କୌଣସି ଦରକାରରେ ଆସୁନାହିଁ । କାରଣ କଳକାରଖାନାରୁ ନିର୍ଗତ ଦୂଷିତ ପଦାର୍ଥ ଓ ସହରର ନାଳ ନର୍ଦ୍ଦମା ପାଣି ଏଥିରେ ଭରପୁର । କୁବେରପୁରୀ ନିୟୁୟର୍କ ନଗରୀର ବିଷାକ୍ତ ଧୂଆଁ ଗ୍ୟାସ ( Smog ) ଏତେ ବହଳରେ ଆକାଶକୁ ଭରି ଦେଉଛି ଯେ ନଭଶ୍ଚୁମ୍ବୀ ଅଟ୍ଟାଳିକାମାନ କବର ଚିହ୍ନପରି ଉପରକୁ ଦିଶୁଛି ବୋଲି ଆପୋଲ-୧୦ର ମହାକାଶଚାରୀମାନେ

କହିଛନ୍ତି । ସେମାନେ ପୁଣି କହିଛନ୍ତି ଯେ ଲସ୍‌ଏଞ୍ଜେଲସ ନଗରୀଟି ୨୫,୦୦୦ ମାଇଲ ଦୂର ଆକାଶରୁ ଗୋଟିଏ ବିଶାଳ ଘା' ପରି ଦେଖାଯାଉଥିଲା । ଆମେରିକାବାସୀମାନେ ନିଶ୍ୱାସ ପ୍ରଶ୍ୱାସରେ ବ୍ୟବହାର କରୁଥିବା ବାୟୁ ଖୁବ ମଇଳା । ଟୋକିଓର ପିଲମାନେ ଧୂଆଁ ଆଉ ଗ୍ୟାସରୁ ରକ୍ଷା ପାଇବା ପାଇଁ ଏବେ ଏକ ମୁଖା ପିନ୍ଧି ବୁଲୁଛନ୍ତି ।

ଜଳ ଦୂଷିତ ହେବା ଆହୁରି ଏକ ଜଟିଳ ସମସ୍ୟା । ଲୁହା ଇସ୍ପାତ କାରଖାନା, ତୈଳ ବିଶୋଧନ କାରଖାନା, ବୟନଶିଳ୍ପ କାରଖାନା, ସହର ନଗର ନାଳ ନର୍ଦ୍ଦମା, ଜୀବନ ପ୍ରଦାୟିନୀ ନଦୀ ଓ ହ୍ରଦଗୁଡ଼ିକରେ ବିଷ ଭରି ଦେଉଛି । ପବିତ୍ର ଗଙ୍ଗା ନଦୀର ଜଳ ଖୁବ୍ ଦୂଷିତ ହେଇଣି ବୋଲି ବୈଜ୍ଞାନିକଙ୍କର ମତ । ଗଙ୍ଗାନଦୀର ପାଣି ଥରେ ଅତିରିକ୍ତ ଦୂଷିତ ହୋଇ ପଡ଼ିବାରୁ ବିହାରର ମୁଙ୍ଗେରଠାରେ ଅନେକ ଲୋକ ଉକ୍ତ ଜଳ ବ୍ୟବହାର କରି ମୃତ୍ୟୁ ବରଣ କରିଥିଲେ । କ୍ରମେ ସମୁଦ୍ର ସାରା ଜଗତର ଅଳିଆଗଦା ପାଲଟିବାରେ ଲାଗିଛି । ନଦୀଗୁଡ଼ିକ ନର୍ଦ୍ଦମା ନାଳରେ ପରିଣତ ହେଉଛି । ଏହିପରି ଦୂଷିତୀକରଣ ବଢ଼ି ଚାଲିଲେ ବୈଜ୍ଞାନିକମାନେ ଆଶଙ୍କା କରୁଛନ୍ତି ଯେ ସମୁଦ୍ର ଶୈବାଳ ବା ପ୍ଲାଙ୍କଟନ ଯାହା ପାଣିରେ ଭାସି ପୃଥିବୀର ଦରକାରରେ ଲାଗୁଥିବା ଅମ୍ଳଜାନର ଶତକଡ଼ା ୭୦ ଭାଗ ଯୋଗାଏ ସମ୍ଭବତଃ ସବୁ ମରିଯିବ । ଏହା ଫଳରେ କି ବିପର୍ଯ୍ୟୟ ଘଟିପାରେ ତାହା କଳ୍ପନା କରିବା କଷ୍ଟକର ନୁହେଁ ।

ରବୀନ୍ଦ୍ରନାଥ ଠାକୁର କହିଥିଲେ ଯେ ସମୟର ଚିର ପ୍ରବହମାନ ସ୍ରୋତରେ ପୃଥିବୀ ଗୋଟିଏ କାଠୁଅ ଫୋଟକା । ଏହି ସୁନ୍ଦର ସବୁଜ ଧରଣୀ ଯେ ଦିନକୁ-ଦିନ ମଣିଷ ହାତରେ ମୃତ୍ୟୁ ମୁଖକୁ ଅଗ୍ରସର ହେଉଛି, ଏହା ସବୁରି ଚିନ୍ତାର ବିଷୟ । ଶିଳ୍ପ ସମୃଦ୍ଧ ଦେଶ ଆଜି ବହୁ ପାରିବେଶିକ ସମସ୍ୟାର ସମ୍ମୁଖୀନ । ପ୍ରାକୃତିକ ସମ୍ପଦର ଧ୍ୱଂସସାଧନ ଓ ଜଳବାୟୁର ଦୂଷିତୀକରଣ ମାର୍କିନ ରାଷ୍ଟ୍ରକୁ ବହୁ ବିପଦରେ ପକାଇଲଣି । ତେଣୁ ସରକାରୀ ଓ ଘରୋଇ ସଂସ୍ଥାମାନଙ୍କ ଦ୍ୱାରା ଏଦିଗରେ ବିଭିନ୍ନ ପଦକ୍ଷେପ ନିଆଯାଉଛି । କୁବେର ପୁରୀରେ ଯେଉଁ କୋଳାହଳ ଖେଳିଲଣି ସେଥିପାଇଁ କୋଟି କୋଟି ଟଙ୍କା ବ୍ୟୟରେ ବହୁ କାର୍ଯ୍ୟକ୍ରମ ସମ୍ପାଦିତ ହେଉଛି । ଜାତିସଂଘ ତରଫରୁ ପରିବେଶର ଉନ୍ନତି ପାଇଁ ସବୁ ସଭା ସମିତି ଓ ଆଲୋଚନାଚକ୍ରମାନ ସଂଗଠିତ ହେଉଛି । ବିଶ୍ୱ ସ୍ୱାସ୍ଥ୍ୟସଂଘ ତରଫରୁ ପୃଥିବୀର ବିଭିନ୍ନ ସ୍ଥାନରେ କେନ୍ଦ୍ର ସ୍ଥାପିତ ହୋଇ ପରିବେଶର ପରିବର୍ତ୍ତନ ସମ୍ପର୍କରେ ଅନୁଧ୍ୟାନ କରାଯାଉଛି ।

ଭାରତୀୟ ଜାତୀୟ ବିଜ୍ଞାନ ଏକାଡ଼େମୀର ନେତୃତ୍ୱରେ ଦିଲ୍ଲୀଠାରେ ପ୍ରାଣୀ-ପରିବେଶ ସମ୍ପର୍କ (Ecology) ଉପରେ ୪୦ ଜଣ ଶ୍ରେଷ୍ଠ ବିଜ୍ଞାନୀ, ପ୍ରକୃତିବିଦ, ସମାଜତତ୍ତ୍ୱବିଦ୍ ପ୍ରଭୃତିଙ୍କର ସଭା ଅନୁଷ୍ଠିତ ହୋଇଥିଲା । ସେମାନେ ବର୍ଦ୍ଧିଷ୍ଣୁ ଜନସଂଖ୍ୟା, ବଣ୍ୟଜନ୍ତୁ ଧ୍ୱଂସ, ମୃତ୍ତିକା କ୍ଷୟ ଜଳବାୟୁ ଦୂଷିତୀକରଣ ପ୍ରଭୃତି ସମସ୍ୟାଗୁଡ଼ିକର ଆଲୋଚନା କରିଥିଲେ । ଥରେ ବମ୍ବେ ନଗରୀର ଲୋକଙ୍କ ଦ୍ୱାରା ବ୍ୟବହୃତ ପାନୀୟ ଜଳର ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯାଇଥିଲା । ଦେଖାଗଲା ଯେ ଏଥିରୁ ଅଧେ ଜଳ ପାନଯୋଗ୍ୟ ନୁହେଁ । ସେମିତି ସେଠାରେ କଳକାରଖାନାରୁ ନିର୍ଗତ ଗ୍ୟାସ ଓ ଧୂଆଁ ବାୟୁମଣ୍ଡଳକୁ ଏତେ ଦୂଷିତ କରୁଛି ଯେ ତା'କୁ ପ୍ରଶ୍ୱାସରେ ନେବା ଆଉ ନିରାପଦ ନୁହେଁ । ଭାରତର ଆଉ ଅନେକ ସହରରେ ମଧ୍ୟ ଏହିପରି ଅବସ୍ଥା । ତେଣୁ ପ୍ରଥମରୁ ଏ ଦିଗରେ ସତର୍କ ନ ହେଲେ ଭୟଙ୍କର ସମାସ୍ୟାର ଉଦ୍ଭବ ହେବ ।

ଭାରତର ପୂର୍ବତନ ମନ୍ତ୍ରୀ ଡ଼କ୍ଟର କରଣ ସିଂହ ଥରେ ଯଥାର୍ଥରେ କହିଥିଲେ ଯେ ମାନବ ସମାଜର ପରିବେଶକୁ ନିର୍ମଳ ରଖିବା ଏକାନ୍ତ ଆବଶ୍ୟକ । ସେ ପୃଥିବୀକୁ ଏକ ମହାକାଶଯାନ ସହିତ ତୁଳନାକରି କହିଥିଲେ ଯେ ଏହାର ଜଳ ଓ ବାୟୁ ସୀମିତ । ଏଥିପ୍ରତି ଦୃଷ୍ଟି ନଦେଇ ଯଥେଚ୍ଛାଭାବରେ ଏହାର ଅପବ୍ୟବହାର କଲେ ଫଳ ବିଷମୟ ହେବ । ଆଜିକାଲି ଅପର ପରୀକ୍ଷା ବାୟୁମଣ୍ଡଳକୁ କିପରି ଦୂଷିତ କରୁଛି ତାହା କହିବା ଅନାବଶ୍ୟକ ।

ଅତିରିକ୍ତ ଶବ୍ଦ ମଧ୍ୟ ପରିବେଶକୁ ବିଷାକ୍ତ କରୁଛି । ସାଧାରଣତଃ ଭାରୀଶିଳ୍ପ, ବୟନ ଶିଳ୍ପ, ଜାହାଜ ନିର୍ମାଣ, ବିସ୍ଫୋରଣ, ଯାତାୟତ ବା ଯାନ ଇତ୍ୟାଦି ଏପରି ଶବ୍ଦ ସୃଷ୍ଟି କରିଥାଏ । ଏହା କାନକୁ ତାଳିଆ କରିବା ସଙ୍ଗେ ସଙ୍ଗେ ନାନାପ୍ରକାର ଶାରୀରିକ ଓ ମାନସିକ ରୋଗ ସୃଷ୍ଟି କରେ । ଉନ୍ନତ ଦେଶଗୁଡ଼ିକରେ ବିଭିନ୍ନ ସମିତି ଓ କମିଶନ ବସି ଏହି ସମସ୍ୟାର ଶବ୍ଦ ନିୟନ୍ତ୍ରଣ କରିବା ପାଇଁ ପରାମର୍ଶ ଦେଇଥାନ୍ତି । କଳ କାରଖାନା ଯାନ ଇତ୍ୟାଦିର ଶବ୍ଦକୁ ନିୟନ୍ତ୍ରଣ କରିବା ଦିଗରେ ବିଭିନ୍ନ ପଦକ୍ଷେପ ନିଆଯାଉଛି ।

ପରିବେଶର ନିର୍ମଳତା ମଣିଷର ସ୍ୱାସ୍ଥ୍ୟ ପାଇଁ ଏକାନ୍ତ ଆବଶ୍ୟକ ହୋଇଥିବାରୁ ଏ ଦିଗରେ ସମସ୍ତ ଉଦ୍ୟମ ବାଞ୍ଛନୀୟ । ଆମର ଅଜ୍ଞତା ଓ ଅବହେଳା ଯୋଗୁଁ ପଲ୍ଲୀ ନଗରୀର ପରିବେଷ୍ଟନୀ ଦିନକୁଦିନ ଦୂଷିତ ଓ ଆବର୍ଜନାମୟ ହୋଇ ପଡ଼ୁଅଛି । ରାସ୍ତାଘାଟ ପରିଚ୍ଛନ୍ନତା, ଜଳର ନିର୍ମଳତା, ବାୟୁର ବିଶୁଦ୍ଧତା ପ୍ରଭୃତି ନିମନ୍ତେ ଜନସାଧାରଣଙ୍କଠାରୁ ଆରମ୍ଭ କରି ସରକାର ତଥା ସ୍ୱାୟତ୍ତଶାସନ ସଂସ୍ଥାର କର୍ତ୍ତୃପକ୍ଷଙ୍କ ପର୍ଯ୍ୟନ୍ତ ପ୍ରତ୍ୟେକଙ୍କ ଅବହେଳାକ୍ରମେ ସୀମା ଅତିକ୍ରମ କରୁଛି ।

ପୂର୍ବେ ନଗରୀର ସୌନ୍ଦର୍ଯ୍ୟ ଦୃଷ୍ଟିରୁ ପାର୍କ ଓ ଉଦ୍ୟାନର ଯୋଜନା ହେଉଥିଲା । ଏବେ ମନୁଷ୍ୟ ସମାଜର ସ୍ୱାସ୍ଥ୍ୟ ଓ ନିରାପତ୍ତା ଦୃଷ୍ଟିରୁ ତାର ଅଧିକ ଆବଶ୍ୟକତା ରହିଛି ।

ବନ୍ୟଆନନ୍ଦର କଥା ଯେ ଜାତୀୟ ସରକାର ଏହି ସମସ୍ୟା ସଂପର୍କରେ ବିଶେଷ ସଚେତନ ହୋଇଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରାଗାନ୍ଧୀ ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ବିଷୟକୁ ରଖିଥିଲେ । ସେ ପରିବେଶ ବିଭାଗ ନାମକ ଏକ ନୂତନ ମନ୍ତ୍ରଣାଳୟ ଗଠନକରି ପରିବେଶିକ ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥିଲେ । ଆମ ରାଜ୍ୟର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ ବିଜ୍ଞାନ କାରିଗରି ଓ ପରିବେଶ ଶୀର୍ଷକ ଏକ ନୂତନ ବିଭାଗ ସୃଷ୍ଟିକରି ଏହି ସମସ୍ୟାର ସମାଧାନ ଉପରେ ବିଶେଷ ଗୁରୁତ୍ୱଦେବା ସଙ୍ଗେ ସଙ୍ଗେ ବିଭିନ୍ନ ବିଷୟରେ ବୈଜ୍ଞାନିକମାନଙ୍କର ସାହାଯ୍ୟ ସହଯୋଗ କାମନା କରିଛନ୍ତି । ସେ ନିଜ ଦାୟିତ୍ୱରେ ଏହି ବିଭାଗଟିକୁ ରଖି ପରିବେଶକୁ ସୁସ୍ଥ ଓ ନିର୍ମଳ ରଖିବା ଦିଗରେ ସମସ୍ତ ଉଦ୍ୟମ କରିଛନ୍ତି । ଏହି ସଂପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଓ ଜନସହଯୋଗ ପାଇବା ନିମନ୍ତେ ସମଗ୍ର ଦେଶରେ ପ୍ରଥମଥର ପାଇଁ ଏକ ବିଧାନ ସଭାସମିତି ଗଠିତ ହୋଇଅଛି । ଏହି ସମିତି ବିଭିନ୍ନ ଜିଲ୍ଲାରେ ଆଲୋଚନାସଭା ଓ ସଭା ସମିତିର ଆୟୋଜନ କରି ପରିବେଶ ସଂପର୍କରେ ଅନୁକୂଳ ମନୋଭାବ ସୃଷ୍ଟି କରାଯାଉଛି । ଆଶା, ଦୂରଦୃଷ୍ଟିର ସହିତ ପରିକଳ୍ପନା କରି ଓ ଦକ୍ଷତାର ସହିତ ସେସବୁକୁ କାର୍ଯ୍ୟକାରୀ କରି ଓଡ଼ିଶା ସରକାର ରାଜ୍ୟର ସମସ୍ତ ପଲ୍ଲୀ ଓ ନଗରକୁ ସୁସ୍ଥ ସମୃଦ୍ଧ ଓ ସୁନ୍ଦର କରି ତୋଳିବାରେ ସଚେଷ୍ଟ ହୋଇଛନ୍ତି ।

ଘର ନଂ ୩୧/୨, ଟାଇପ୍ V A, ୟୁନିଟ୍–୨, ଭୁବନେଶ୍ୱର



# ଶିଳ୍ପ ପରିଚାଳନାରେ ଶ୍ରମିକଙ୍କ ଅଂଶ ଗ୍ରହଣ

ଶ୍ରୀ ମୁରାରି ଜେନା

ସର୍ବନିମ୍ନ ମଜୁରୀ ପାଇବା ପାଇଁ ପ୍ରଥମେ ଉତ୍ପାଦନର ଏକ ସାମଗ୍ରୀ, ଏ କଥା କୁହାଯାଇ ପାରିବ ନାହିଁ । ପରନ୍ତୁ ଏହା ଗୋଟିଏ ମାନବିକ ଅବୟବ, ଯାହାକି ମାନବିକତା ଦୃଷ୍ଟିକୋଣରୁ ବିଚାର୍ଯ୍ୟ ହେବା ଏକାନ୍ତ ବାଞ୍ଛନୀୟ । ପୃଥିବୀର ପ୍ରାୟ ସମସ୍ତ ଦେଶ ଶିଳ୍ପ କ୍ଷେତ୍ରରେ ଶାନ୍ତି ରକ୍ଷା କରିବା ପାଇଁ ଉଦ୍ୟମ କରୁଛନ୍ତି ।। ଶିଳ୍ପ ପରିଚାଳନାରେ ଶ୍ରମିକଙ୍କର ଅଂଶ ଗ୍ରହଣ ଏହି ପରିପ୍ରେକ୍ଷୀରେ ଶିଳ୍ପ କ୍ଷେତ୍ରରେ ଶାନ୍ତି ରକ୍ଷା ଏବଂ ଅଶାନ୍ତି ଦୂର କରିବାରେ ଏକ ମୁଖ୍ୟ ଅଂଶ । ଏହା ଦ୍ୱାରା କେବଳ ଯେ ଶ୍ରମିକଙ୍କର ଦକ୍ଷତା ବଢ଼େ, ତାହା ନୁହେଁ; ଏହା ଶିଳ୍ପ ଉତ୍ପାଦନ ବଢ଼ାଇବାରେ ବିଶେଷ ସହାୟକ ହୋଇଥାଏ ।

ଏହି ଶିଳ୍ପ ପରିଚାଳନାରେ ଶିଳ୍ପର ନୀତି ନିର୍ଦ୍ଧାରଣ ଏବଂ ଶିଳ୍ପର ଲାଭାଂଶରେ ଅଂଶ ଗ୍ରହଣ ଶ୍ରମିକଙ୍କର ଯୋଗଦାନ ଅନ୍ତର୍ଭୁକ୍ତ । ଏ ସଂପର୍କରେ ଙ୍କି ଡବ୍ଲ୍ୟୁ ମେହଟାଙ୍କ ମନ୍ତବ୍ୟର କରି କହନ୍ତି ଯେ ଶିଳ୍ପ କ୍ଷେତ୍ରରେ ଶ୍ରମିକର ଅଂଶ ଗ୍ରହଣର ଅର୍ଥହେଲା—ଶିଳ୍ପ ସଂସ୍ଥାରେ ସଠିକ ପ୍ରତିନିଧିତ୍ୱ ଦ୍ୱାରା ସାଧାରଣ ଶ୍ରମିକଙ୍କର ଶିଳ୍ପ ସଂସ୍ଥାର ସମଗ୍ର ପରିଚାଳନା କାର୍ଯ୍ୟରେ ନିଷ୍ପତ୍ତି ନେବା କ୍ଷମତାରେ ଅଂଶ ଗ୍ରହଣ କରିବା । ପ୍ରକୃତରେ ଶ୍ରମିକ ଓ ମାଲିକଙ୍କ ମଧ୍ୟରେ ଏହା ଗୋଟିଏ ସକ୍ରିୟ ସହଯୋଗ । ଶିଳ୍ପପତିମାନେ ଏହାକୁ ଯୁଗ୍ମ ପରାମର୍ଶ କହନ୍ତି ଓ ଶ୍ରମିକମାନେ ଏହାକୁ ସହନିଷ୍ପତ୍ତି କିମ୍ବା ସହ ସଂକଳ୍ପ ଏବଂ ସରକାର ଏହାକୁ ଶିଳ୍ପ ଗଣତନ୍ତ୍ର ବୋଲି ସମ୍ମାନିତ କରିଥାନ୍ତି ।

ଆଲେନ ଫ୍ଲାନଡରସ ମତଦେଇ କହିଛନ୍ତି ଯେ ଶ୍ରମିକଙ୍କର ଦାବୀ ବିଷୟରେ ମାଲିକମାନେ ତାଙ୍କ ସହିତ ପରାମର୍ଶ କରିବା ହେଉଛି ଗୋଟିଏ ମୌଳିକ ନୈତିକତା । ଅର୍ଥିକ ଫଳାଫଳକୁ ଛାଡ଼ି ଏହାର ଆଉ ଗୋଟିଏ ତାତ୍ପର୍ଯ୍ୟ ହେଉଛି ଯେ ଶ୍ରମିକମାନଙ୍କର ସାଧାରଣ ମଣିଷ ହିସାବରେ ମାନ ମର୍ଯ୍ୟାଦା ରହିଛି ଏବଂ ସେ ଦୃଷ୍ଟିରୁ ସେମାନେ ସମ୍ମାନିତ ହେବାକୁ ହକ୍‌ଦାର । ଶ୍ରମିକ ମାନଙ୍କର ଦକ୍ଷତା ତଥା ଶିଳ୍ପ ଉତ୍ପାଦନ ବଢ଼ାଇବାରେ ଶ୍ରମିକଙ୍କର ଶିଳ୍ପ ପରିଚାଳନା ଅଂଶ ଗ୍ରହଣରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଭାରତୀୟ ଶ୍ରମିକଙ୍କୁ ସେମାନଙ୍କର ନ୍ୟାଯ୍ୟ ଅଂଶ ଶିଳ୍ପ ପରିଚାଳନାରେ ଦିଆଯିବା ଉଚିତ୍ ବୋଲି ବର୍ତ୍ତମାନର ସ୍ୱର ଉଠିଥାରେ ଶୁଭୁଛି । ଏହା ଯେତେଦୂର ସଫଳକାମ ହେବ, ତାହା ଶିଳ୍ପ ଗଣତନ୍ତ୍ରକୁ ଶକ୍ତିଶାଳୀ କରିବା ସଙ୍ଗେ ସଙ୍ଗେ ଜନକଲ୍ୟାଣ ରାଷ୍ଟ୍ର ଗଠନରେ ବିଶେଷ ସହାୟକ ହୋଇ ପାରିବ । ପୁନଶ୍ଚ ଏହା ହାର୍ଦ୍ଦିକ ଏବଂ ଐକ୍ୟତାନିକ ଶିଳ୍ପ ସଂପର୍କ ଯୋଗାଇବ, ଶିଳ୍ପ କ୍ଷେତ୍ରରେ ଶାନ୍ତି ବୃଦ୍ଧିକରିବ ତଥା ଧର୍ମଘଟ ଓ ତାଲାବନ୍ଦକୁ ମଧ୍ୟ ଅବରୋଧ କରିବ । ଶ୍ରମିକମାନେ ତେଣୁ ବିଚାର କରିବାକୁ ଆରମ୍ଭ କରିବେ ଯେ ସେମାନେ ହେଉଛନ୍ତି ସଂସ୍ଥା ପରିଚାଳନାର ଏକ ଅବିଚ୍ଛେଦ୍ୟ ଅଙ୍ଗ ବା ଅଂଶ ।

ଶ୍ରମିକମାନଙ୍କୁ ଶିଳ୍ପକ୍ଷେତ୍ରରେ ଅଂଶଗ୍ରହଣ ନିମ୍ନୋକ୍ତ ତିନି ପ୍ରକାରର ଦିଆଯାଇପାରେ— (କ) କାର୍ଯ୍ୟ ପରିଷଦର କାର୍ଯ୍ୟ ବ୍ୟବସ୍ଥା ସମିତି ଗଠନ, (ଖ) ସଂସ୍ଥାର ମଣ୍ଡଳୀରେ ଶ୍ରମିକମାନଙ୍କ ପ୍ରତିନିଧିତ୍ୱ, (ଗ) ସହ ଅଂଶୀଦାରୀରେ ଶ୍ରମିକମାନଙ୍କ ଅଂଶ ଗ୍ରହଣ ।

ସ୍ୱାଧୀନତା ପୂର୍ବରୁ ୧୯୩୭ ମସିହାରେ ଦିଲ୍ଲୀ କ୍ଲଥ ମିଲରେ ଶ୍ରମିକମାନଙ୍କର ଶିଳ୍ପ କ୍ଷେତ୍ରର ପରିଚାଳନାରେ ଅଂଶ ଗ୍ରହଣ ପାଇଁ ଏକ ପଦକ୍ଷେପ ନିଆଯାଇଥିଲା । ଏତଦ୍ ବ୍ୟତୀତ ଏ ସଂପର୍କରେ ଯଥାର୍ଥ ଭାବେ କିଛି କରାଯାଇ ନଥିଲା ।

୧୯୪୭ ମସିହାର ଶିଳ୍ପ ବିବାଦ ଆଇନାନୁଯାୟୀ ଯେଉଁ ଶିଳ୍ପ ସଂସ୍ଥାରେ ଶହେ କିମ୍ବା ତଦୂର୍ଦ୍ଧ୍ୱ ଶ୍ରମିକ କାମ କରୁଥିବେ,

ସେଠାରେ ଗୋଟିଏ 'ଶ୍ରମିକ ସମିତି' ମାଲିକ ଓ ଶ୍ରମିକ ପ୍ରତିନିଧିଙ୍କୁ ନେଇ ଗଠନପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏହାଛଡ଼ା ସମସ୍ତ ଶିଳ୍ପନୀତି ପ୍ରସ୍ତାବରେ ବହୁତର ସଂଘ ଏବଂ ଶ୍ରମିକଙ୍କର ସହଯୋଗ ଉପରେ ବିଶେଷ ଗୁରୁତ୍ୱ ଆରୋପ କରାଯାଇଛି ।

୧୯୫୬ ମସିହାରେ ଭାରତ ସରକାର ଶ୍ରମିକ, ମାଲିକ ଓ ସରକାରଙ୍କ ପ୍ରତିନିଧିଙ୍କୁ ନେଇ ଗଠିତ ଗୋଟିଏ ଦଶ-ଜଣିଆ ଅନୁଧ୍ୟାନକାରୀ ଦଳ ବିଦେଶକୁ ପଠାଇଥିଲେ । ଏହି ଅନୁଧ୍ୟାନକାରୀ ଦଳ କେତେକ ନିର୍ଦ୍ଦିଷ୍ଟ ସଂସ୍ଥାରେ ପରିଚାଳନାରେ ଯୁଗ୍ମ ପରାମର୍ଶଦାତା ସମିତି ସ୍ଥାପନ ପାଇଁ ପରାମର୍ଶ ଦେଇଥିଲେ । ଭାରତୀୟ ଶ୍ରମ ସମ୍ମେଳନ ଏହାର ପଞ୍ଚଦଶ ଅଧିବେଶନରେ (ଯାହାକି ୧୯୫୭ ମସିହା ଜୁଲାଇ ମାସରେ ଦିଲ୍ଲୀରେ ଅନୁଷ୍ଠିତ ହୋଇଥିଲା) ଅନୁଧ୍ୟାନକାରୀ ଦଳଙ୍କର ଏହି ସୁପାରିଶକୁ ସାମାନ୍ୟ ପରିବର୍ତ୍ତନ କରି ଗ୍ରହଣ କରିଥିଲେ । ଏହି ଯୋଜନାକୁ ପରୀକ୍ଷାକରି ଏ ସଂପର୍କରେ ଅଧିକ ତଥ୍ୟ ଦେବା ପାଇଁ ଗୋଟିଏ ତ୍ରିପକ୍ଷୀୟ ଉପସମିତି ମଧ୍ୟ ସେତିକିବେଳେ କରାଯାଇଥିଲା ।

୧୯୫୮ ମସିହା ଜାନୁଆରୀ/ଫେବୃଆରୀ ମାସରେ ଗୋଟିଏ ଆଲୋଚନା ଚକ୍ର ଦିଲ୍ଲୀରେ ଅନୁଷ୍ଠିତ ହୋଇଥିଲା । ପରିଚାଳନାରେ ଯୁଗ୍ମ ପରିଷଦର କାର୍ଯ୍ୟକୁ ନିର୍ଦ୍ଧାରଣ କରିବା ପାଇଁ ଦ୍ୱିତୀୟ ଆଲୋଚନାଚକ୍ର ୧୯୬୦ ମସିହା ମାର୍ଚ୍ଚ ମାସରେ ଅନୁଷ୍ଠିତ ହୋଇଥିଲା । ଏହି ଆଲୋଚନାଚକ୍ରର ସୁପାରିଶ ଅନୁଯାୟୀ ଗୋଟିଏ ବିଶେଷ ସଂସ୍ଥା ଏହି ଯୋଜନା କାର୍ଯ୍ୟକାରୀ କରିବା ପାଇଁ ଭାରତ ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟରେ ସ୍ଥାପନ କରାଯାଇଥିଲା । ଯୁଗ୍ମ ପରିଚାଳନା ପରିଷଦ ଗଠନ କରିବାକୁ ତିନିଗୋଟି ଆଞ୍ଚଳିକ ଆଲୋଚନାଚକ୍ର ୧୯୬୫ ମସିହା ମାର୍ଚ୍ଚ ମାସରେ ବମ୍ବେରେ ଅନୁଷ୍ଠିତ ହୋଇଥିଲା । ପରିଚାଳନାରେ ଶ୍ରମିକଙ୍କ ଅଂଶ ଗ୍ରହଣ ବିଷୟରେ ଗୋଟିଏ ତ୍ରିପକ୍ଷୀୟ ଶ୍ରମ ସମ୍ମିଳନୀ ୧୯୭୭ ମେ ମାସରେ ଅନୁଷ୍ଠିତ ହୋଇଥିଲା । ଏହି ସମ୍ମିଳନୀ ସରକାରଙ୍କୁ ନିମ୍ନୋକ୍ତ ପ୍ରକାରରେ ଶ୍ରମିକଙ୍କ ଅଂଶ ଗ୍ରହଣ ସଂପର୍କରେ ଯେଉଁ ମତ ପ୍ରଦାନ କରିଥିଲେ, ତାହାହେଲା——

(୧) କାର୍ଯ୍ୟବ୍ୟବସ୍ଥା ସମିତି—ଯେଉଁ ଶିଳ୍ପ ସଂସ୍ଥାରେ ୧୦୦ ବା ତଦୂର୍ଦ୍ଧ୍ୱ ଶ୍ରମିକ ନିଯୁକ୍ତ ହୋଇଛନ୍ତି, ସେଠାରେ କାର୍ଯ୍ୟ ବ୍ୟବସ୍ଥା ସମିତି ଗଠନ ।

(୨) ଯୌଥ ପରିଷଦ ବା ବିପଣୀ ପରିଷଦ—୧୯୭୫ ମସିହା ଅକ୍ଟୋବର ୩୧ ତାରିଖରେ ଶିଳ୍ପ କ୍ଷେତ୍ରରେ ବିପଣୀ ଏବଂ ଯୌଥ ସ୍ତରରେ ଶ୍ରମିକଙ୍କର ଅଂଶ ଗ୍ରହଣ ଯୋଜନାର ପ୍ରବର୍ତ୍ତନ ।

(୩) ସଂଚାଳକ ମଣ୍ଡଳୀରେ ଶ୍ରମିକଙ୍କ ପ୍ରତିନିଧିତ୍ୱ ।

ଶ୍ରମିକଙ୍କର ଶିଳ୍ପ କ୍ଷେତ୍ରରେ ଅଂଶ ଗ୍ରହଣ ପ୍ରଥାକୁ ସର୍ବଦା ଅଧିକାଂଶ ମାଲିକ ବିରୋଧ କରି ଯୁକ୍ତି ବାଢ଼ିଥାନ୍ତି ଯେ ଏହି ପ୍ରଥା ବେସରକାରୀ ବା ଘରୋଇ ସଂସ୍ଥାକୁ ପ୍ରେରଣା ଦିଏ ନାହିଁ ଏବଂ ଘରୋଇ ଶିଳ୍ପପତିମାନେ ଏପରି ସଂସ୍ଥାରେ ତାଙ୍କର ପୁଞ୍ଜି ଲଗାଣରେ କୁଣ୍ଠାବୋଧ ପ୍ରକାଶ କରିଥାନ୍ତି । ଭାରତୀୟ ଶ୍ରମିକଙ୍କର ନିରକ୍ଷରତା, ପୁରୁଣାକାଳିଆ ଧାରଣା, ଅନ୍ଧ ବିଶ୍ୱାସ ଏବଂ ଅପାରଗତା ମଧ୍ୟ, ଶ୍ରମିକଙ୍କର ଶିଳ୍ପ କ୍ଷେତ୍ରରେ ଅଂଶ ଗ୍ରହଣ ପଥରେ ମଧ୍ୟ ବିଶେଷ ସମସ୍ୟା ସୃଷ୍ଟି କରିଥାଏ । ଅନ୍ୟପକ୍ଷରେ ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ପଥରେ ଶ୍ରମିକ ସଂଘର ବିଭିନ୍ନ ପ୍ରକାର ଅସହଯୋଗ ମନୋଭାବ ବିରାଟ ପ୍ରତିବନ୍ଧକ ଭାବେ ମଧ୍ୟ ଠିଆ ହୋଇଥାଏ ।

ତେଣୁ ଏ ଯୋଜନାକୁ କାର୍ଯ୍ୟକାରୀ କରିବାକୁ ହେଲେ ନିମ୍ନୋକ୍ତ ଉପଦେଶ ବା ପ୍ରସ୍ତାବକୁ ଗ୍ରହଣ କରାଯାଇ ପାରେ । ତାହା ହେଲା ——

(୧) ଉଭୟ ମାଲିକ ଓ ଶ୍ରମିକ ପକ୍ଷକୁ ଶିକ୍ଷା ଦେବା ପାଇଁ ସମୂହ ଶିକ୍ଷାର ବ୍ୟବସ୍ଥା ହେବା ଉଚିତ । ତାହା ହୋଇ ପାରିଲେ, ସେମାନେ ଏହି ଯୋଜନାକୁ ସଂପୂର୍ଣ୍ଣ ରୂପେ ବୁଝି ପାରିବେ ଏବଂ ଏହି ଶିକ୍ଷା ଦ୍ୱାରା ସେମାନଙ୍କର ଦୃଷ୍ଟିକୋଣ ପୁରାପୁରି ବଦଳି ଯିବ ଏବଂ ସେମାନେ ଶିଖିବେ ଯେ ତାଙ୍କର ସମସ୍ୟା ସମାଧାନ କରିବା ପାଇଁ ଲଢ଼େଇ-ଭିଡ଼େଇ କେବଳ ବାଟ ନୁହେଁ ।

(୨) ସରକାରୀ ସଂସ୍ଥା ଗୁଡ଼ିକ ଏହି ଯୋଜନାକୁ ସଫଳତାର ସହିତ କାର୍ଯ୍ୟକାରୀ କରି ଘରୋଇ ସଂସ୍ଥା ଆଗରେ ଗୋଟିଏ ଆଦର୍ଶମୟ ଭୂମିକା ଗ୍ରହଣ କରିବା ଉଚିତ୍ ।

(୩) କେତେକ ଶ୍ରମିକ ପ୍ରତିନିଧିମାନେ ମଧ୍ୟ କୌଶଳ ବିଶାରଦ ହେବା ଉଚିତ୍ । ତାହାହେଲେ ସେମାନେ ମାଲିକଙ୍କ ସହିତ ଔଦ୍ୟୋଗିକ/ଆର୍ଥିକ ଏବଂ ପ୍ରଶାସନିକ ବିଷୟରେ ଅଂଶ ଗ୍ରହଣ କରିପାରିବେ ।

(ଗ) ଅନ୍ୟ କେତେକ ପ୍ରସ୍ତାବ ହେଉଛି—

(କ) ସମୂହ ଦର କଷାକଷି ଶକ୍ତିକୁ ଉତ୍ସାହିତ କରିବା ।

(ଖ) ଆୟ ଏବଂ ଧନ ସଂପତ୍ତିର ବୈଷମ୍ୟ ହ୍ରାସ କରିବା ।

(ଗ) ଦାୟିତ୍ୱପୂର୍ଣ୍ଣ ଓ ଗଠନାତ୍ମକ ଶ୍ରମିକସଂଘର ଅଗ୍ରଗତିକୁ ଉତ୍ସାହିତ କରିବା ।

(ଘ) ଯେଉଁ ସଂସ୍ଥା ଏହି ଯୋଜନାକୁ ସଫଳଭାବେ କାର୍ଯ୍ୟକାରୀ କରିବେ ତାଙ୍କୁ ଉପଯୁକ୍ତ ପୁରସ୍କାର ପ୍ରଦାନ କରିବା ।

ପରିଶେଷରେ ଏତିକି କୁହାଯାଇପାରେ ଯେ ଆମର ବିକାଶୋନ୍ମୁଖୀ ଅର୍ଥନୀତିରେ ଆମେ ଜନମଙ୍ଗଳ ରାଷ୍ଟ୍ରର ଚିନ୍ତା କରି ଥାଉଁ । ତେଣୁ ଏହି ଯୋଜନାକୁ ସଫଳତାର ସହିତ କାର୍ଯ୍ୟକାରୀ ନ କଲେ ଆମେ ଜନମଙ୍ଗଳ ରାଷ୍ଟ୍ରର ନାଗରିକ ଭାବେ ନିଜକୁ ଦାବୀ କରି ପାରିବୁ ନାହିଁ । ଏହା ଅତ୍ୟନ୍ତ ଆନନ୍ଦର କଥା ଯେ ସରକାରଙ୍କର ଏ ଦିଗରେ ବ୍ୟଗ୍ରତା ଓ ସକ୍ରିୟ ଅନୁରାଗ ରହିଛି ଏବଂ ଅଧିକନ୍ତୁ ଅଧିକତର ସଂସ୍ଥାରେ ଏ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଚେଷ୍ଟା ମଧ୍ୟ ଅବ୍ୟାହତ ରହିଛି । ବିଶେଷ କରି ଆମର ପଞ୍ଚବାର୍ଷିକ ଯୋଜନା ଏବଂ ଶିଳ୍ପ ନୀତି ପ୍ରସ୍ତାବରେ ମଧ୍ୟ ଏହି ଯୋଜନାକୁ ସଂବୃଦ୍ଧି ଓ କାର୍ଯ୍ୟକାରୀ କରିବା ପାଇଁ ଅଧିକ ଜୋର ଦିଆଯାଉଛି ।

ଏଇ ଯୋଜନାକୁ ସଫଳତାର ସହିତ କାର୍ଯ୍ୟକାରୀ କରିବା ନିମନ୍ତେ ଅନେକ ସମୟ ଦରକାର କାରଣ ଏହା ଗୋଟିଏ ଦୀର୍ଘକାଳୀନ ଯୋଜନା । ଆମେ ଜାଣୁ ଯେ ରୋମ ସହର ଗୋଟିଏ ଦିନରେ ତିଆରି ହୋଇ ନଥିଲା । ଏଇ ଯୋଜନାର ଚରମ ସଫଳତାହିଁ ସଂପୃକ୍ତ ପକ୍ଷଙ୍କ ଆଗ୍ରହ ଉପରେ ନିର୍ଭର କରେ । ଏଇ ଯୋଜନାର ଉଜ୍ଜ୍ୱଳ ଭବିଷ୍ୟତହିଁ ଆମର ଏକମାତ୍ର କାମନା ।

ଭଗତପୁର, କଟକ-୯



# ଓଡ଼ିଶାର ଗ୍ରାମୀଣ ଶ୍ରମିକ

ଚକନାମଣି ଲକ୍ଷ୍ମୀକାନ୍ତ

ଇତ୍ୟବସରରେ ବିଂଶସୂତ୍ରୀ କାର୍ଯ୍ୟକ୍ରମର ସଂଶୋଧିତ ୩ୟ ସଂସ୍କରଣ ପ୍ରକାଶ ପାଇଅଛି । ୧୯୭୫ ଜୁଲର ୨ ତାରିଖର ପ୍ରଥମ ଓ ୧୯୮୨ ଜାନୁୟାରୀ ୧୪ ତାରିଖରେ ଉଦ୍‌ଘୋଷିତ ବିଂଶସୂତ୍ରୀଠାରୁ ୧୯୮୬ ଅଗଷ୍ଟ ୨୦ର ସଂଶୋଧିତ ବିଂଶସୂତ୍ରୀ କାର୍ଯ୍ୟକ୍ରମ ସାମଞ୍ଜସ୍ୟ ସତ୍ତ୍ୱେ ଅନେକଟା ଫରକ । ଏହା ୭ମ ଯୋଜନାରେ ଆରୋପିତ କତିପୟ ଗୁରୁତ୍ୱପୂର୍ଣ୍ଣ ଆଧାରିତ । ଅଗ୍ରାଧିକାର ଭିତ୍ତିରେ ଏହା ସାମାଜିକ ଓ ଆର୍ଥିକ ନ୍ୟାୟ ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଏକ ଦିଗରୁ ଯେଉଁଳି ଅଭିପ୍ରେତ ଅପର ଦିଗରୁ ଗଣ ଦାରିଦ୍ର୍ୟ ବିମୋଚନ ମାଧ୍ୟମରେ ନିଷ୍ପେଷିତ ଦୁର୍ବଳ ବର୍ଗଙ୍କୁ ସଂବିଧାନ ଅଙ୍ଗୀକୃତ ସ୍ୱାଧୀକାର ସୁରକ୍ଷା ତଥା ପ୍ରତିଷ୍ଠା ଏବଂ ସୁଯୋଗ ପ୍ରାପ୍ତ କରାଇବା ନିମିତ୍ତ ଆତ୍ମାର୍ପିତ ।

ଉଦାହରଣ ସ୍ୱରୂପ ନୂତନ ବିଂଶସୂତ୍ରୀର ଛଅ ଦଫା କାର୍ଯ୍ୟକ୍ରମଟିକୁ ବିସ୍ତରକୁ ନିଆଯାଇପାରେ । ଏହା ଗ୍ରାମାଞ୍ଚଳ ଶ୍ରମିକମାନଙ୍କ ନିମନ୍ତେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସେତିକି ଅଧିକ ପରିବ୍ୟାପ୍ତ । ପ୍ରଥମ ବିଂଶସୂତ୍ରୀରେ ଶ୍ରମିକମାନଙ୍କ ପାଇଁ ୩ଟି କାର୍ଯ୍ୟକ୍ରମ ଥିଲା : ତାହା ହେଉଛି ୪ ଦଫାର ଗୋଟି ବେଠି ପ୍ରଥାର ଉଚ୍ଛେଦ, ୬ ଦଫା କୃଷି ଶ୍ରମିକଙ୍କ ପାଇଁ ସର୍ବ ନିମ୍ନ ମଜୁରୀ ପ୍ରଦାନ ଓ ୧୫ ଦଫାନୁଯାୟୀ ଶିଳ୍ପ ପରିଚାଳନାରେ ଶ୍ରମିକର ଅଂଶ ଗ୍ରହଣ । ୨ୟ ବିଂଶସୂତ୍ରୀରେ ଶ୍ରମ ସଂପର୍କିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଥିଲା :-(କ) କୃଷି ଶ୍ରମିକଙ୍କ ପାଇଁ ସର୍ବନିମ୍ନ ମଜୁରି ନିର୍ଣ୍ଣୟ (ଖ) ଗୋଟି ଓ ଚୁକ୍ତିବଦ୍ଧ ଶ୍ରମିକଙ୍କ ମୁକ୍ତି ଓ ଥଇଥାନ । ଏହି ପୃଷ୍ଠଭୂମିରେ ଏହା ଲକ୍ଷଣୀୟ ଯେ ୧୯୮୬ ବିଂଶସୂତ୍ରୀର ଛଅ ଦଫାର ଗ୍ରାମାଞ୍ଚଳ ଶ୍ରମିକମାନଙ୍କ ନିମନ୍ତେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଯେଉଁଳି ସଂକ୍ଷିପ୍ତ ସେଉଁଳି ସମ୍ଭାବନାରେ ପରିବ୍ୟାପ୍ତ ମଧ୍ୟ ।

ପ୍ରସଙ୍ଗକ୍ରମେ ଏହା ଉଲ୍ଲେଖନୀୟ ଯେ ୧୯୮୪ ଜନଗଣନାନୁଯାୟୀ ଆମ ରାଜ୍ୟର ଗ୍ରାମୀଣ ଶ୍ରମିକଙ୍କ ସଂଖ୍ୟା, ସମଗ୍ର ଶ୍ରମ ଶକ୍ତିର ଶତକଡ଼ା ୭୫ ଭାଗରୁ ଊର୍ଦ୍ଧ୍ୱ ଓ ଓଡ଼ିଶାର ଏବର ଲୋକ ସଂଖ୍ୟାର ପ୍ରାୟ ଏକ ତୃତୀୟାଂଶ ଶ୍ରମିକ ଶ୍ରେଣୀର ଲୋକ ଏବଂ ଏମାନଙ୍କ ମଧ୍ୟରେ ଗ୍ରାମୀଣ ଶ୍ରମିକଙ୍କ ସଂଖ୍ୟା ସର୍ବାଧିକ । ସାରା ଦେଶରେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଲୋକଙ୍କ ଶତକଡ଼ା ୧୧ ଭାଗ ଶିଳ୍ପ ଶ୍ରମିକ ଥିବା ବେଳେ ସେମାନଙ୍କର ଅନୁପାତ ଓଡ଼ିଶାରେ ମାତ୍ର ୬ ଭାଗ ଭିତରେ ସୀମିତ । ସ୍ୱାଧୀନତା ପ୍ରାପ୍ତିର ୩୯ ବର୍ଷ ଭିତରେ ଉନ୍ନୟନ ଓ ବିକାଶ ପାଇଁ ପ୍ରୟାସ ସତ୍ତ୍ୱେ ବହୁ ଅଲଘଂନୀୟ ଓ ଐତିହାସିକ କାରଣ ଘେନି ଓଡ଼ିଶା ଏକ ପଛୁଆ ରାଜ୍ୟ ରୂପେ ବିଦିତ । ବିକାଶର ଏ ମନ୍ଥର ଧାରାରେ ୧୯୭୭--୭୯ ଯାଏ ଆମ ରାଜ୍ୟର ଶତକଡ଼ା ୬୬.୪ ଭାଗ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଥିଲେ । ୧୯୮୩-୮୪ ବର୍ଷ ଶେଷ ସୁଦ୍ଧା ତାହା ୫୫ ଭାଗକୁ କମିଥିବା ଏକ ଆଶା ସଞ୍ଚାରୀ ପ୍ରଗତି । ଏବେ ଦାରିଦ୍ର୍ୟ ବିମୋଚନ ପାଇଁ ବିବିଧ କାର୍ଯ୍ୟକ୍ରମ ଓ ବହୁମୁଖୀ ପରି ଯୋଜନାର ରୂପାୟନ ପରିପ୍ରେକ୍ଷୀରେ ଆମ ଭୁଲିଯିବା ଅନୁଚିତ ଯେ ଦାରିଦ୍ର୍ୟ ବିମୋଚନ ନିମନ୍ତେ ବିଶେଷ କରି ଅର୍ଥନୈତିକ ପ୍ରଗତି ପାଇଁ ଆମର ଉତକଣ୍ଠା ନେଇ ଆମେ ବହୁ ସମୟରେ ଭୁଲିଯାଉଁ ଯେ ବିକାଶର ଅନ୍ତିମ ଲକ୍ଷ୍ୟ ହେଉଛି ମାନବୀୟ ସୁଖ ସଂମୃଦ୍ଧି ସାଧନ ଏବଂ ଅର୍ଥନୈତିକ ବିକାଶ ଏଭଳି ଭାବରେ ସାଧିତ ହେବା ଉଚିତ ଯାହା ସମ୍ବିଧାନ ଅଙ୍ଗୀକୃତ ଓ ସମାଜବାଦୀ ଦର୍ଶନରେ ଆତ୍ମାର୍ପିତ ଥିଲାବାଲାଙ୍କ ଭଳି ନଥିଲା ବାଲା ଦୁର୍ବଳ ବର୍ଗଙ୍କୁ ସାମାଜିକ ଓ ଆର୍ଥିକ ନ୍ୟାୟ ପ୍ରଦାନରେ ସମର୍ଥ ହେବ ।

ଆମ ରାଜ୍ୟର ଅଗଣିତ ଗ୍ରାମାଞ୍ଚଳର ଶ୍ରମଜୀବୀ ମାନେ ଏକେତ ଜମି ଓ ସମ୍ବଳହୀନ ଦାରିଦ୍ର୍ୟର ସୀମା-

ରେଖାତଳେ, ପୁଣି ସରଳ, ନିରକ୍ଷର ଓ ଅଣସଙ୍ଗଠିତ । ବର୍ଷର ସବୁ ସମୟରେ ପେଟ ପାଟଣା ପାଇଁ ବିକଳ୍ପ କାମଧନ୍ଦା ସମସ୍ତଙ୍କର ହାତ ପାଆନ୍ତାରେ ନଥାଏ । ଏଣୁ ସେମାନଙ୍କ ମଧ୍ୟରୁ ଅଧିକାଂଶ ଆର୍ଥିକ ଓ ଦୈହିକ ଶୋଷଣର ଶୀକାର । କଣ ଆଉ କରନ୍ତେ ? କପାଳ ଲିଖନ କେ କରିବ ଆନ । ତେଣୁ କର୍ମ ଆଦରି ସହି ଦୁଃଖ, କେବେହେଁ ନୁହନ୍ତି ବିମୁଖ । ଏହାହିଁ ଭାଗ୍ୟର ବିଡ଼ମ୍ବନା ଅନ୍ୟ ରାଜ୍ୟ ଭଳି ଆମ ରାଜ୍ୟର ଗ୍ରାମାଞ୍ଚଳର ଅଗଣିତ ଶ୍ରମଜୀବୀଙ୍କର । ଗ୍ରାମାଞ୍ଚଳ ଶ୍ରମିକଙ୍କର ଭିତରେ କୃଷି, ଠିକା, ଦାଦନ, ଗୋତି ବେଠି ଓ ବନାନୀ ଶ୍ରମିକାଦି ଅନ୍ତର୍ଭୁକ୍ତ । ସେମାନଙ୍କ ସ୍ୱାଧୀକାର ଓ ସୁରକ୍ଷା ପାଇଁ ସ୍ୱତନ୍ତ୍ର ବିଧି ବିଧାନ ପ୍ରଚଳନ ଓ ଦାରିଦ୍ର୍ୟ ବିମୋଚନ ପାଇଁ ବିବିଧ ପଦକ୍ଷେପ ସତ୍ତ୍ୱେ ବହୁବିଧ ଅନ୍ତରାୟ ସେନି ଯେତେ କମନ୍ତ ତେତେ ଶୀଘ୍ର ଓ ଅଳ୍ପ ପଥ ଅତିକ୍ରାନ୍ତ ବାକି ବହୁ ପଥ ।

ଏହି ପୃଷ୍ଠଭୂମିରେ ନୂତନ କୋଡ଼ିଏସୂତ୍ରୀର ୬ଦଫା ତଥା ଗ୍ରାମାଞ୍ଚଳ ଶ୍ରମିକଙ୍କ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ପରିବ୍ୟାପ୍ତ ପରିସର ଯେଉଁଳି ବିସ୍ତୃତ ସେହିଳି ଏକ ଅଭିନନ୍ଦନୀୟ ପ୍ରତିଶ୍ରୁତି ମଧ୍ୟ । ଗତବର୍ଷ ଆନ୍ତର୍ଜାତିକ ଶ୍ରମସଂସ୍ଥାର ଏକ ସ୍ୱତନ୍ତ୍ର ସମାବର୍ତ୍ତନରେ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କର ସ୍ପଷ୍ଟୋକ୍ତିଥିଲା : "ବିକାଶଶୀଳ ରାଷ୍ଟ୍ରରେ ଅଗଣିତ ଅଣ-ସଂଗଠିତ ଶ୍ରମିକଂକର ରାଷ୍ଟ୍ରନିର୍ମାଣ ପାଇଁ ଶ୍ରମଦାନ ବିନିମୟରେ ସେମାନଙ୍କୁ ନାଯ୍ୟ ସାମାଜିକ ଓ ଆର୍ଥିକ ନ୍ୟାୟରୁ ଉପେକ୍ଷାକରିବା ଏକ ଅବିଚାରୀ ଓ ଅସହ୍ୟଣୀୟ ପ୍ରକ୍ରିୟା । ଏହାର ପ୍ରତିକାର ମାନବୀୟ ଦୃଷ୍ଟିକୋଣରୁ ଅଗ୍ରାଧିକାର କାର୍ଯ୍ୟସୂଚୀ ଏବଂ ସର୍ବାଦୌକରଣୀୟ । ପରବର୍ତ୍ତୀ ପର୍ଯ୍ୟାୟରେ ଶ୍ରମମନ୍ତ୍ରୀ ଏବଂ ସର୍ବଭାରତୀୟ ଶ୍ରମ ସମ୍ମିଳନୀରେ ଏହି ମର୍ମରେ ବିଚାରବିମର୍ଶ ସେନି ନୂତନ କୋଡ଼ିଏସୂତ୍ରୀର ଷଷ୍ଠଦଫା କାର୍ଯ୍ୟକ୍ରମ ଉଦ୍‌ଘୋଷିତ ।

ଗ୍ରାମାଂଚଳ ଶ୍ରମିକଂକ ପାଇଁ ଓଡ଼ିଶାରେ ଏଭଳି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ମହତ୍ତ୍ୱ ତଥା ଭୂମିକା ସଂପର୍କରେ କିଛି ବିଚାରିବା କଥା । ଗ୍ରାମାଞ୍ଚଳ ଶ୍ରମିକଙ୍କ ମଧ୍ୟରେ କୃଷି ଶ୍ରମିକଙ୍କ ସଂଖ୍ୟା ସର୍ବାଧିକ । ପର୍ଯ୍ୟାପ୍ତ ନିଯୁକ୍ତିର ଅଭାବ ଓ ଦାରିଦ୍ର୍ୟ କଶାଘାତ ସେନି ଶସ୍ୟ ରୋପଣ ସମୟ ଛାଡ଼ି ବର୍ଷର ନିକମା ସମୟରେ ଆମରାଜ୍ୟର ଜଳସେଚିତ ଓ ଅଣ ଜଳସେଚିତ ଜିଲ୍ଲାରେ କୃଷି ଶ୍ରମିକଙ୍କୁ ପ୍ରଦତ୍ତ ମଜୁରୀର ଭିନ୍ନ ମଜୁରୀହାର, ଅଧିକ ଖଟାଇ କମ୍ ମଜୁରୀ ଦେବା ଓ ଅଥବା ସମତୁଲ ଖାଦ୍ୟଶସ୍ୟ ପ୍ରଦାନରୁ ବଂଚିତକରିବାଦି ଦୃଷ୍ଟାନ୍ତ କୃଷିଶ୍ରମିକଙ୍କ ଆର୍ଥିକ ଶୋଷଣର ଅନ୍ୟତମ କାରଣ । ଏହାର ନିରାକରଣପାଇଁ ୧୯୫୪ଠାରୁ ଆମରାଜ୍ୟରେ ସର୍ବନିମ୍ନ ମଜୁରୀ ଆଇନ, ୧୯୪୮ ବଳବତର । ୧୯୭୫ରୁ ୧୯୮୫ ଏଇ ବିଗତ ଦଶନ୍ଧି ମଧ୍ୟରେ କୃଷିଶ୍ରମିକଙ୍କର ସର୍ବନିମ୍ନ ମଜୁରୀହାର ଗ୍ରହିଟଙ୍କାରୁ ସାତଟଙ୍କାଯାଏ ସଂଶୋଧନ କରାଯାଇଅଛି । ରାଜ୍ୟ ସରକାରଙ୍କର ଶ୍ରମବିଭାଗ ତା-୨୮-୬-୧୯୮୬ରିଖର ୧୨୮୫୯ ସଂଖ୍ୟକ ବିଜ୍ଞପ୍ତି ବଳରେ ୧୯୮୬ ଜୁଲାଇ ପନ୍ଦରଠାରୁ କୃଷି ଶ୍ରମିକଙ୍କ ଦୈନିକ ସର୍ବନିମ୍ନ ମଜୁରୀହାର ଦଶଟଙ୍କା ଧାର୍ଯ୍ୟକରି ବଳବତର କରିଅଛନ୍ତି । କୃଷିଶ୍ରମିକଙ୍କୁ ଅଂବାଞ୍ଛିତ ଶୋଷଣରୁ ମୁକ୍ତି ଦେବା ପାଇଁ ସର୍ବନିମ୍ନ ମଜୁରୀ ପ୍ରଦାନ ଆଇନ ୧୯୪୮, ବିଭିନ୍ନ ବ୍ୟବସ୍ଥାର ପରିପାଳନ ତଥା ମହିଳା ଓ ପୁରୁଷ କୃଷିଶ୍ରମିକଙ୍କ ମଜୁରୀ-ପ୍ରଦାନରେ ପାର୍ଥକ୍ୟଅନ୍ତରର ବିଲୋପନ ନିମିତ୍ତ ସମାନ (କାମପାଇଁ ସମାନ) ମଜୁରୀ ଆଇନ, ୧୯୭୬ର ଫଳପ୍ରଦ ଉପଯୋଗ ପାଇଁ ପ୍ରଯତ୍ନଶୀଳ । ଅଜ୍ଞ ଓ ଅଣସଂଗଠିତ ଗ୍ରାମୀଣ ତଥା କୃଷିଶ୍ରମିକଙ୍କୁ ସେମାନଙ୍କର ସ୍ୱାଧୀକାର ତଥା କର୍ତ୍ତବ୍ୟ ସଂପର୍କରେ ସଚେତନ କରାଇବା ନିମିତ୍ତ ବଛାବଛା ଅନଗ୍ରସର ଓ ଅନୁସୂଚିତ କୃଷିଶ୍ରମିକ ବହୁଳ ବ୍ଲକ୍‌ମାନରେ ୬୫ଜଣ ଅବୈତନିକ ସଂଗଠକ ନିଯୁକ୍ତି, ଗ୍ରାମୀଣ ଶ୍ରମିକ ଶିକ୍ଷା ଶିବିର ଆୟୋଜନ ସମେତ ଏବେ ଏବେ କେନ୍ଦ୍ରୀୟ ସହାୟତାରେ ୬୯ଜଣ ଗ୍ରାମୀଣ ଶ୍ରମ ନିରୀକ୍ଷକଙ୍କୁ ନିଯୁକ୍ତି ଦେଇଛନ୍ତି । ଏହା ପର୍ଯ୍ୟାପ୍ତ ନହେଲେ ବି ଏକ ଉଲ୍ଲେଖନୀୟ ପଦକ୍ଷେପ । କୃଷିଶ୍ରମିକଙ୍କ ଆର୍ଥିକ ଓ ଦୈହିକ ଶୋଷଣରୁ ରକ୍ଷାକରିବା ପରିପ୍ରେକ୍ଷୀରେ ଏକଦିଗରୁ ଶ୍ରମଦପ୍ତରର ଫଳପ୍ରଦ ଓ ପର୍ଯ୍ୟାପ୍ତ ପରିପାଳନ ପ୍ରକ୍ରିୟା ଯେଉଁଳି ସମୟର ଲୋଡ଼ା, ଅପରଦିଗରୁ ବର୍ଷର ନିକମା-ସମୟରେ ବିକଳ୍ପ ନିଯୁକ୍ତିର ସୀମିତ ଅବକାଶକୁ ସଂପ୍ରସାରିତ କରିବାପାଇଁ ବିବିଧ ଦୀର୍ଘ ଓ ସ୍ୱଳ୍ପ ମିଆଦୀ ଦାରିଦ୍ର୍ୟ ବିମୋଚନ କାର୍ଯ୍ୟ ଅନୁରୂପ ଭାବେ ଜରୁରୀ ଓ ଅଗ୍ରାଧିକାର ସାପେକ୍ଷ ପ୍ରସଙ୍ଗଟି ଯେଣୁ ଅତୋନଷ୍ଟ ତତୋନଷ୍ଟ ଏବଂ ଏକାଦିନକେ କେହି ବଡ଼ଲୋକ ହୁଏନାହିଁ ।

ଗ୍ରାମାଞ୍ଚଳ ଶ୍ରମିକଙ୍କ ମଧ୍ୟରୁ କିୟଦାଂଶ ବର୍ଷର ନିକମାସମୟରେ ଠିକାଶ୍ରମିକ ରୂପେ ଏଠି ସେଠି ଠିକାଦାରଙ୍କ ଅଧୀନରେ ବିବିଧ ପ୍ରକଳ୍ପ ଓ ସଂସ୍ଥାରେ ଖଟି ଗୁଜୁରାଣ ମେଣ୍ଟାନ୍ତି । ସବୁକ୍ଷେତ୍ରରେ ନହେଲେବି ବହୁକ୍ଷେତ୍ରରେ ଏମାନେ ଚାକିରୀର ସ୍ଥାୟିତ୍ୱ ଦୂରରକଥା, ନାଯ୍ୟମଜୁରୀ ଓ ଆଇନତଃ ସୁବିଧା ସୁଯୋଗରୁ ବଂଚିତ ହୋଇ ନିଷ୍ପେଷଣର ଶିକାର ହେଉଥିବା କିଛି ମିଛନୁହେଁ । ନିରକ୍ଷର ଓ ଅଣସଂଗଠିତ ସେମାନେ । ଫଳରେ ସେମାନଙ୍କ ପାଇଁ ଶ୍ରମଚିତ୍ର : ବିନିମୟ ଫଳ ସେଇକି କଷ୍ଟାୟ" । ଏହାର ନିୟନ୍ତ୍ରଣ ପାଇଁ ରାଜ୍ୟ ସରକାର ଠିକାଶ୍ରମିକ (ନିୟନ୍ତ୍ରଣ ଓ ଉଚ୍ଛେଦ) ଆଇନ, ୧୯୭୦, ୧୯୭୫ଠାରୁ ଓଡ଼ିଶାରେ ବଳବତରକରି ତାହାର ପରିପାଳନ ଦିଗରେ ସମୁଚିତ ଦୃଷ୍ଟି ଦେଉଥିଲେ ହେଁ ଠିକାଶ୍ରମିକଙ୍କର ଅଲଂଘନୀୟ ବହୁବିଧ ଦୁର୍ଗତି ସଂପୂର୍ଣ୍ଣ ସୁଧାରିବାରେ ତେତେ ଫଳପ୍ରଦ ନହୋଇଥିବା ଅର୍ଥନୁହେଁ ଶୋଷଣ ଓ ସାମାଜିକ ଅନ୍ୟାୟକୁ ସେମାନଙ୍କ ପଥରେ ଏକ ବାଧାର ପାହାଡ଼ ରୂପେ ଦଣ୍ଡାୟମାନ ହେବାକୁ ଦେବା—ତାଛଡ଼ା "ବିଷସ୍ୟ ବିଷ-ମୌଷଧମ" । ବିଗତବର୍ଷରେ ଠିକାଶ୍ରମିକ (ନିୟନ୍ତ୍ରଣ ଓ ଉଚ୍ଛେଦ) ଆଇନ, ୧୯୭୦ ଓ ତତ୍‌ପ୍ରଣୀତ ୧୯୭୫ ରାଜ୍ୟ ନିୟମାବଳୀର ପରିପାଳନ ଦିଗରେ ଆରୋପିତ ପ୍ରାଧାନ୍ୟ ବିଳମ୍ବରେ ହେଲେ ବି ଆଶାସଂଚାରୀ ।

ଏଠାରେ ଉଲ୍ଲେଖନୀୟ ଯେ ଠିକାଶ୍ରମିକ ଶ୍ରମନିରତ ବିବିଧ ତଫସିଲଭୁକ୍ତ ସଂସ୍ଥା ସମେତ ବିଶେଷକରି

(୧) ରାସ୍ତା କୋଠାବାଡ଼ି ନିର୍ମାଣ, ମାଟିକାମ ପଥରକାମ ଓ (୨) ନଦୀବନ୍ଧ, ଜଳସେଚନ, କୂପ, ପୋଖରୀ କେନାଲ ଖନନ ତିଆରି ସଂସ୍ଥାରେ କାମକରୁଥିବା ବିଭିନ୍ନ ଶ୍ରେଣୀର ଠିକାଶ୍ରମିକଙ୍କ ସର୍ବନିମ୍ନ ମଜୁରୀହାର, ରାଜ୍ୟସରକାର ଯଥାକ୍ରମେ ୧୯୮୫ ଜୁଲାଇ ୭ ତାରିଖର ୭୩୮୫ ଓ ୭୪୨୩ ସଂଖ୍ୟକ ବିଜ୍ଞପ୍ତି ବଳରେ ସଂଶୋଧନକରି ବଳବତ୍ତର କରିଅଛନ୍ତି । ଏତଦ୍‌ବ୍ୟତୀତ ରାଜ୍ୟସରକାରଙ୍କର ଶ୍ରମବିଭାଗ ଉପରୋକ୍ତ ଆଇନ ପ୍ରଦତ୍ତ କ୍ଷମତାର ପ୍ରୟୋଗ ପୂର୍ବକ ୧୯୮୫ ସେପ୍‌ଟେମ୍ବର ୪ତାରିଖର ୨୩୬୯୦ ସଂଖ୍ୟକ ବିଜ୍ଞପ୍ତି ବଳରେ ରାଜ୍ୟ ନିୟମାବଳୀ ୧୯୭୫ର ୨୫ ନିୟମ ୪ର୍ଥ ଉପନିୟମର 'ଖ' ଲିଖିତାନୁଯାୟୀ ଠିକାଶ୍ରମିକଙ୍କୁ ନିଯୁକ୍ତି ପତ୍ରକ ପ୍ରଦାନ, ଦୈନିକ ଆଠଘଣ୍ଟା ସପ୍ତାହରେ ୪୮ଘଣ୍ଟା କାର୍ଯ୍ୟସମୟ ନିରୂପଣ, ୧୮ ବର୍ଷରୁ କମବୟସ ଶ୍ରମିକଙ୍କ ପାଇଁ ଦୈନିକ କାର୍ଯ୍ୟକାଳ ୭ଘଣ୍ଟା ଓ ସାପ୍ତାହିକ ୪୨ଘଣ୍ଟା ନିର୍ଦ୍ଧାରଣ, ଛଅଦିନ କାମପରେ ସପ୍ତମଦିନ ମଜୁରୀସହ ସାପ୍ତାହିକ ଛୁଟିପ୍ରଦାନ, ୯ଘଣ୍ଟା ଦୈନିକ ଓ ୪୮ଘଣ୍ଟାରୁ ଉର୍ଦ୍ଧ୍ୱ କାମପାଇଁ ୨ ଗୁଣାହାରରେ ବଳକାମଜୁରୀ, ବର୍ଷରେ ୩ଟି ଜାତୀୟ ଓ ୪ଟି ପର୍ବାଣୀପାଇଁ ମଜୁରୀସହ ଛୁଟିପ୍ରଦାନ, ଗୋଟିଏ ପାଞ୍ଜିବର୍ଷ କାମକରିଥିବା ଠିକାଶ୍ରମିକଙ୍କୁ ୨୦ ଦିନରେ ଦିନେ ଉପାର୍ଜନ ଛୁଟି, ମହିଳା ଶ୍ରମିକଙ୍କୁ ସନ୍ଧ୍ୟା ୭ଟାରୁ ସକାଳ ୬ଟା ମଧ୍ୟରେ ନିଯୁକ୍ତି ବାରଣ, ଅଣକୁଶଳୀ, ସମକୁଶଳୀ ଓ କୁଶଳୀ ଶ୍ରମିକଙ୍କୁ (ବଳବତ୍ତର ସର୍ବନିମ୍ନ ମଜୁରୀହାର କମ୍‌ସରେ) ଅନ୍ୟୁନ ଯଥାକ୍ରମେ ଦୈନିକ ଦଶଟଙ୍କା, ପନ୍ଦରଟଙ୍କା ଓ ୨୦ଟଙ୍କା ସର୍ବନିମ୍ନ ମଜୁରୀ ପ୍ରଦାନାଦି ନିଶ୍ଚିତ କରାଯାଇଅଛି । ଏହା ସର୍ବଭାରତୀୟ ସ୍ତରରେ ଏକ ଅଭିନନ୍ଦନୀୟ ପଦକ୍ଷେପ । ଏହାର ଫଳପ୍ରଦ ପରିପାଳନ ପାଇଁ ଶ୍ରମପ୍ରଶାସନ ଜାଲର ବିସ୍ତାର ଯେଉଁଳି ଜରୁରୀ, ଏହିମର୍ମରେ ସଂପୃକ୍ତ ଠିକାଦାର ମୁଖ୍ୟନିଯୋକ୍ତା ତଥା ଠିକାଶ୍ରମିକଙ୍କୁ ସଚେତନ କରାଇବା ପାଇଁ ପର୍ଯ୍ୟାପ୍ତ ପ୍ରଶିକ୍ଷଣମୂଳକ କାର୍ଯ୍ୟକ୍ରମ ସେହିଭଳି ଅପରିହାର୍ଯ୍ୟ—ଯେଣୁ ବାଘର ଭୟ ଯେଉଁଠି: ସେଇଠି ରାତି ଓ ଖୁଣ୍ଟ ବଳରେ ରାତି ହୁଏ ।

ଓଡ଼ିଶାର ଗ୍ରାମାଞ୍ଚଳର ଶ୍ରମିକଙ୍କ ମଧ୍ୟରୁ ଅନେକ ବର୍ଷର କିଛିମାସ ସମୟରେ ଅନ୍ୟରାଜ୍ୟର ଠିକାଦାରମାନଙ୍କ ଅଧୀନରେ ବିଭିନ୍ନ ଅଣକୁଶଳୀ ଓ ଅର୍ଦ୍ଧକୁଶଳୀ କାମକରି ପେଟ ପୋଷିବା ପାଇଁ ଦାଦନ ଶ୍ରମିକରୂପେ ନାମକୁ ମାତ୍ର କିଛି ଦାଦନ ବା ଅଗ୍ରୀମ ନେଇ ଅନ୍ୟରାଜ୍ୟକୁ ଯାଇ ହାଇରାଣ ହରକତ ଓ ନ୍ୟାଯ୍ୟ ମଜୁରୀରୁ ବଂଚିତ ହୋଇ ଫେରୁଥିବା ସବମୂର୍ତ୍ତି କ୍ଷୁର୍ଣ୍ଣକାରୀ ଦାଦନପ୍ରଥା ପ୍ରାୟେ ଶହେବର୍ଷର । ସେମାନଙ୍କର ଅଲଂଘନୀୟ ନିର୍ଯ୍ୟାତନା ତଥା ଶୋଷଣର ନିରାକରଣ ଓ ନିୟନ୍ତ୍ରଣ ପାଇଁ ଓଡ଼ିଶା ସରକାରଙ୍କ ସ୍ୱତଂତ୍ର ଉଦ୍ୟମ ଯୋଗୁଁ ଆନ୍ତଃ ପ୍ରାବାସିକ ଶ୍ରମିକ (ନିଯୁକ୍ତି ଓ ନିୟନ୍ତ୍ରଣ) ଆଇନ ୧୯୭୯, ଆମ ରାଜ୍ୟରେ ୧୯୮୦ ନଭେମ୍ବର ୩ ତାରିଖଠାରୁ ବଳବତ୍ତର କରାଯାଇଅଛି । ଏମାନଙ୍କୁ ପଠାଉଥିବା ଦାଦନ ଏଜେଣ୍ଟଙ୍କର ଲାଇସେନ୍‌ସିକରଣ ତଥା ସଂପୃକ୍ତ ମୁଖ୍ୟ ନିଯୋକ୍ତାଙ୍କର ନିବନ୍ଧୀକରଣ କଟକଣା ସମେତ, ଦାଦନ ଶ୍ରମିକଙ୍କୁ ୧୫ ଧାରାନୁଯାୟୀ ରାସ୍ତାଖର୍ଚ୍ଚ ପ୍ରଦାନ, ଅନ୍ୟରାଜ୍ୟରେ ପ୍ରଚଳିତ ମଜୁରୀହାର ପ୍ରଦାନ, ମାଗଣା ରହଣୀ, ଡାକ୍ତରୀ ସୁବିଧା, ବଳକାକାମ ସମୟପାଇଁ ୨ ଗୁଣ ହାରର ମଜୁରୀ ତଥା ସାପ୍ତାହିକ ଛୁଟି (ମଜୁରୀସହ) ପ୍ରଦାନ ଆଦି ବହୁ ବ୍ୟବସ୍ଥାର ପରିପାଳନରେ ଶ୍ରମଦପ୍ତର ଉଦ୍ବୃତୀ ହେଲେ "ଯେତେ କମ୍ବଳ ତେତେ ଶୀତ" । ଏହି ଆଇନତଃ ବ୍ୟବସ୍ଥାର ଉଲଂଘନ ପାଇଁ ବର୍ଷେ ଜେଲ ବା ହଜାରେ ଟଙ୍କା ଜୋରିମନା ଏବଂ କ୍ଷମତାପ୍ରାପ୍ତ ପରିଦର୍ଶକଙ୍କୁ କର୍ତ୍ତବ୍ୟ ସଂପାଦନରୁ ନିବୃତକାରୀଙ୍କ ପାଇଁ ୨ବର୍ଷ ଜେଲ ନତୁବା ୨ ହଜାର ଟଙ୍କା ଜୋରିମାନା ଶାସ୍ତି-ବିଧାନ ବ୍ୟବସ୍ଥା ରହିଛି । ଲବ୍‌ଧଫଳ ପୂର୍ବବର୍ଷ ତୁଳନାରେ ଅଧିକ ହେଲେ ହେଁ ତେତେ ପର୍ଯ୍ୟାପ୍ତ ବା ଅନୁରୂପ ନୁହେଁ । ଏବେଏବେ ରାଜ୍ୟ ଶ୍ରମବିଭାଗ "ଦାଦନ ସମସ୍ୟାର ନିଦାନ" ପାଇଁ ଏକ ସ୍ୱତଂତ୍ର ସେଲ ଗଠନ କରିଥିବା, ଏକ ଆଶାସଂଚାରୀ ପଦକ୍ଷେପ । ରାଜ୍ୟ ଭିତରୁ ଅନ୍ୟରାଜ୍ୟ ଓ ବିଦେଶକୁ ଦାଦନ ଶ୍ରମିକଙ୍କର ଏବଂ ବିଧ ଶ୍ରେଣୀର ଗମନକୁ ସଂପୂର୍ଣ୍ଣ ନିୟନ୍ତ୍ରିତ କରିବା ପାଇଁ ଏକସ୍ୱତନ୍ତ୍ର ଭ୍ରାମ୍ୟମାଣଦଳ (mobile squad),ଓ ମଝିରେ ମଝିରେ ଚଳମାନ ଅଦାଲତ (mobile court) ର ଉପଯୋଗ, ସମେତ ଅନ୍ୟରାଜ୍ୟରେ ବିଭିନ୍ନ ପ୍ରକଳ୍ପରେ ଶ୍ରମନିରତ ତଥା ନିର୍ଯ୍ୟାତିତ ଦାଦନ ଶ୍ରମିକଙ୍କର ସ୍ଥିତାବସ୍ଥା ପର୍ଯ୍ୟବେକ୍ଷଣ ଓ ପ୍ରତିକାର ପାଇଁ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକଦଳ ଗଠନର ଆବଶ୍ୟକତା, ଏକଦିଗରୁ ଯେଉଁଳି ଜରୁରୀ, ଅପରଦିଗରୁ କର୍ଣ୍ଣାଟକ ଉଦ୍ଧି ଭୁବନେଶ୍ୱରୀ ନିଗମ ପଦକ୍ଷେପ ଦାଦନ ନିର୍ଯ୍ୟାତନା ନିୟନ୍ତ୍ରଣ ପାଇଁ ଏକ ମହୋଷଧୀ କହିଲେ ଅତ୍ୟୁକ୍ତି ହେବନାହିଁ । ଯେଣୁ "What can not be cured must be endured".

ଗୋର୍ତି ଓ ବେଠି ପ୍ରଥାର ବିଲୋପନ ଓ ଗୋତି ଶ୍ରମିକଙ୍କର ପୁନର୍ବସତି ଏବଂ ଆତ୍ମ ନିର୍ଭରଶୀଳ ଥଇଥାନ କୁଡ଼ି ବିଂଶ ସୂତ୍ରୀର ୬ ଦଫା ଅନ୍ତର୍ଭୁକ୍ତ ଏକ ଜ୍ୱଳନ୍ତ ପ୍ରସଙ୍ଗ । ସଂବିଧାନର ୨୩ ଧାରାର ବିରୋଧାଚରଣ କରୁଥିବା ଏପ୍ରଥା ମଧ୍ୟଯୁଗୀୟ କ୍ରୀତଦାସ ପ୍ରଥାଭଳି ଯେଉଁଳି କଳଙ୍କିତ ସେଉଁଳି ଏକ ନିନ୍ଦନୀୟ ପ୍ରସଙ୍ଗ । ସ୍ୱାଧୀନତା ପ୍ରାପ୍ତିର ୩୯ ବର୍ଷରେ ନାମକୁ ମାତ୍ର ସାହୁକାରର କିଛି ଋଣ ବିନିମୟରେ ବାହୁବଂଧକ ଦେଇ ଆଜୀବନ ଓ ବଂଶାନୁକ୍ରମ ଖଟିବା ଏଇ ପ୍ରଥାର ଉଚ୍ଛେଦ ଓ ନିୟନ୍ତ୍ରଣ ପାଇଁ ୧୯୭୬ ଠାରୁ ଚୁକ୍ତିବଦ୍ଧ ଶ୍ରମିକ ବ୍ୟବସ୍ଥା ଉଚ୍ଛେଦ ଆଇନ ଆମ ରାଜ୍ୟରେ ବଳବତ୍ତର କରାଯାଇଛି । ଇତ୍ୟବସରରେ ଚିହ୍ନଟ କରାଯାଇଥିବା ଗୋତି ଶ୍ରମିକଙ୍କ ମଧ୍ୟରେ ଫେବୃୟାରୀ ୧୯୮୫ ସୁଦ୍ଧା ଆମ ରାଜ୍ୟରେ ୩୫ ହଜାର ୮ ଶହ ୫୦ ଜଣ ଗୋତି ଶ୍ରମିକଙ୍କୁ ମୁକ୍ତ କରାଯାଇଅଛି ଓ ସେମାନଙ୍କ ଥଇଥାନ ପାଇଁ ଏକକୋଟି ୬୭ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଅଛି । ତା ସତ୍ତ୍ୱେ ଓଡ଼ିଶାର ସବୁ ଗୋତି ଓ ଚୁକ୍ତିବଦ୍ଧ ଶ୍ରମିକ ମୁକୁଳିଛନ୍ତି କହିଲେ ସତ୍ୟର ଅପଳାପ ହେବ କେବଳ । ଏହାର ସଫଳ ରୂପାୟନ ପାଇଁ କେବଳ

ଚୁକ୍ତିବଦ୍ଧ ଶ୍ରମିକ ଉଚ୍ଛେଦ ଆଇନ, ୧୯୭୬ ନୁହେଁ ପରନ୍ତୁ ଶିଶୁ ଶ୍ରମିକ (ବନ୍ଧକ) ଆଇନ, ୧୯୩୩, ଶିଶୁ ନିଯୁକ୍ତି ଆଇନ ୧୯୩୮, ସର୍ବନିମ୍ନ ମଜୁରୀ ଆଇନ ୧୯୪୮, ପ୍ରସୂତୀହିତ ଆଇନ, ୧୯୬୧ର କଠୋର ପ୍ରୟୋଗ ଏକ ଦିଗରୁ ଯେଉଁଳି ଜରୁରୀ ଅପର ଦିଗରୁ ଗ୍ରାମ୍ୟ ଦାରିଦ୍ର୍ୟ ବିମୋଚନ ପାଇଁ ଋଣ ଓ ଅନୁଦାନ ପ୍ରଦାନ, ବନାନୀ ପ୍ରକ୍ରିୟାରେ ନିଯୁକ୍ତି ନିଶ୍ଚୟ, ଗ୍ରାମୀଣ ଶ୍ରମିକ ସମବାୟ ଗଠନ, ଆତ୍ମନିଯୁକ୍ତି ପାଇଁ ପର୍ଯ୍ୟାପ୍ତ ଅବକାଶ ଓ ଉତ୍ପାଦିତ ବସ୍ତୁର ବିକ୍ରୟ ପାଇଁ ବଜାର ସୁବିଧା, ଗ୍ରାମୀଣ ଓ ଆଦିବାସୀ ଜନଜାତିରୁ ନିରକ୍ଷରତା ଦୂରୀକରଣ, ବାଳ ଓ ଅଣ ଆନୁଷ୍ଠାନିକ ପୌଢ଼ ଶିକ୍ଷା ସୁଯୋଗ ପ୍ରଦାନ, ତଥାକଥିତ ସାମାଜିକ ଅନ୍ଧଧାରଣାର ବିଲୋପନ ଏବଂ ଗୋଟିମୁକ୍ତ ଶ୍ରମିକଙ୍କର ଆତ୍ମ ନିର୍ଭରକ୍ଷମ ଯଥାଯଥ ଥଇଥାନ ଆଦି ମଧ୍ୟ ଏକାନ୍ତ ଅପରିହାର୍ଯ୍ୟ ଏବଂ ସର୍ବାଦୌ-କରଣୀୟ ।

ମହିଳା ଶ୍ରମିକଙ୍କ ଭଳି ଗ୍ରାମାଞ୍ଚଳ ଶ୍ରମିକଙ୍କ ମଧ୍ୟରେ ଶିଶୁ ଶ୍ରମିକଙ୍କର ସଂଖ୍ୟା ମଧ୍ୟ ଆମ ରାଜ୍ୟରେ କିଛି ନଗଣ୍ୟ ନୁହେଁ । ସେମାନଙ୍କର ଦୁର୍ଦ୍ଦଶା ଆମ ଦେଶର ୨ କୋଟି ଶିଶୁ ଶ୍ରମିକଙ୍କର ତୁଳନାରେ କିଛି କମ୍ ନୁହେଁ । ଅପ୍ରାପ୍ତ ବୟସରେ ଆପଣାର ମାନସିକ ଓ ଦୈହିକ ସ୍ୱାସ୍ଥ୍ୟର ବିକାଶକୁ ବିପର୍ଯ୍ୟସ୍ତ କରି ଏମାନେ ବାପମାଙ୍କ ଅନାଟନମୟ ଜୀବନରେ କିଛି ସହାୟ ହେବା ପାଇଁ ଦାରିଦ୍ର୍ୟର ତାଡ଼ନାରେ ଅଧିକ ଖଟି, କମ ମଜୁରୀ ନେଇ ପାଟି ଖୋଲନ୍ତିନି । ଶିଶୁ ଶ୍ରମିକଙ୍କର ଏଭଳି ଦୈହିକ ଶୋଷଣର ନିରାକରଣ ପାଇଁ, ଶିଶୁ ଶ୍ରମିକ ନିଯୁକ୍ତି ବିଧି ୧୯୩୮ ଠାରୁ ଲାଗୁ କରାଯାଇଥିଲେ ହେଁ ଏହା ଆଶାନୁରୂପ ସଫଳତା ଲାଭରେ ବିଫଳ ହୋଇଥିବା ସର୍ବ ଭାରତୀୟ ଶ୍ରମ ସମ୍ମିଳନୀର ସ୍ୱୀକାରୋକ୍ତି । ଗଣ ଦାରିଦ୍ର୍ୟସହ ଓତଃପ୍ରୋତଭାବେ ଜଡ଼ିତ ଏପ୍ରଥା ସଂପୂର୍ଣ୍ଣ ଉଚ୍ଛେଦ ଏତେ ସହଜ କଥା ନୁହେଁ । ଯେଣୁ ଶିଶୁ ଶ୍ରମିକ ନିଯୁକ୍ତି ନିୟନ୍ତ୍ରଣ ପାଇଁ ୧୨ଟି ଶ୍ରମ ଆଇନର କଟକଣା ସତ୍ତ୍ୱେ ଏହା ସେମାନଙ୍କୁ ସୁରକ୍ଷିତ କରିବାରେ ଅସମର୍ଥ । ଗତ ଅଗଷ୍ଟ ୨୨ ତାରିଖ ଦିନ ଶିଶୁ ଶ୍ରମିକ ନିଯୁକ୍ତି ନିୟନ୍ତ୍ରଣ ବିଲ ଉପସ୍ଥାପନ କରାଯାଇ ଅଛି । ଏହି ବିଲଟି ସ୍ୱାଧୀନତା ପ୍ରାପ୍ତିର ୩୯ ବର୍ଷ ପରେ ଶିଶୁ ଶ୍ରମିକଙ୍କ ହିତାର୍ଥେ ଏକ କ୍ରାନ୍ତିକାରୀ ବିଧେୟକ । ଯେଉଁ କ୍ଷେତ୍ରରେ ଔଦ୍ୟୋଗିକ ପ୍ରକ୍ରିୟାରେ ଶିଶୁ ଶ୍ରମିକ ନିଯୁକ୍ତି ସଂକଟମୟ ସେ କ୍ଷେତ୍ରରେ ନିଯୁକ୍ତି ନିୟନ୍ତ୍ରଣ ଏବଂ ୨୪ଟି ସଂସ୍ଥାରେ ଶିଶୁ ଶ୍ରମିକ ନିଯୁକ୍ତି ନିଷେଧ ବ୍ୟବସ୍ଥା ବ୍ୟତୀତ ଶ୍ରମନିରତ ଶିଶୁ ଶ୍ରମିକଙ୍କ ପାଇଁ କଲ୍ୟାଣକାରୀ କାର୍ଯ୍ୟକ୍ରମ ବ୍ୟବସ୍ଥା ଉଲ୍ଲେଖନୀୟ । ଏହି ବିଧେୟକ ( Bill )ର କୌଣସି ବ୍ୟବସ୍ଥାର ପ୍ରଥମ ଖିଲାପ ପାଇଁ ୩ ମାସରୁ ବର୍ଷେ ଜେଲ ସମେତ ପାଞ୍ଚ ହଜାର ଟଙ୍କା ଜୋରିମାନା ବ୍ୟତୀତ ୨ୟ ତଥା ଲଗାତର ଖିଲାପର ପୁନରାବୃତ୍ତି ପାଇଁ କଠୋର ଶାସ୍ତି ବିଧାନ ବ୍ୟବସ୍ଥା ସଂଶ୍ଳିଷ୍ଟ । ଛଅ ଘଣ୍ଟାରୁ ଅନର୍ଦ୍ଧ୍ୱ କାର୍ଯ୍ୟ ସମୟ, ରାତ୍ରିକାଳୀନ କାର୍ଯ୍ୟ ନିବାରଣ, ବଳକା ସମୟ କାମ ନିଷିଦ୍ଧ, ଆଦି ଉଲ୍ଲେଖନୀୟ ବ୍ୟବସ୍ଥା ରହିଛି, ଓ ଏହି ସ୍ୱତନ୍ତ୍ର ବିଧି ତାର ଜୀବନ୍ୟାସ ନେବା ପଥରେ । ଯୁବ ପ୍ରଧାନ ମନ୍ତ୍ରୀ ରାଜୀବ ଗାନ୍ଧୀଙ୍କର ସ୍ୱତନ୍ତ୍ର ହାର୍ଦ୍ଦିକତା ଏଥିପାଇଁ ଅଭିନନ୍ଦନୀୟ । କେବଳ ସ୍ୱତନ୍ତ୍ର ଆଇନ ପ୍ରଣୟନ ନତୁବା ବିଂଶସୂତ୍ରୀର ଛଅ ଦଫାରେ ଆରୋପିତ ପ୍ରାଧାନ୍ୟ ନୁହେଁ, ଶିଶୁ ଶ୍ରମିକଙ୍କ ଶୋଷଣର ନିରାକରଣ ଏକ ବ୍ୟାପକ ଓ ରାଷ୍ଟ୍ରୀୟ ଦାୟ । ପରିପାଳନକାରୀଙ୍କ ସମେତ ଏ ଗୁରୁଦାୟ ସଂପୃକ୍ତ ସକଳବର୍ଗଙ୍କର ଯେଣୁ "ଭାଇ ବହୁଦିଏ ରାଇବି ଓ ନଇ ବନ ଦିଏ ନଇକି" । ଏଥିପାଇଁ ଲୌହ ଅଭିପ୍ସା ଏକାନ୍ତ ଜରୁରୀ ତା ଛଡ଼ା ଇଚ୍ଛା ଓ ହାର୍ଦ୍ଦିକ ଆବେଦନ ଥିଲେ ଉପାୟ ତଥା ସଫଳତା ଆସିଥାଏ ।

ପରିଶେଷରେ ଏହା ଭୁଲିଯିବା ଅନୁଚିତ ହେବ, ଜାତିର ଜନକ ତଥା ଶ୍ରମଜୀବୀ ଜନତାର ପୁରୋଧା ବାପୁଜୀଙ୍କର ସେଇ କାଳଜୟୀ ଚେତାବନୀଟି "ପୁଞ୍ଜିପତି ଓ ଲକ୍ଷପତିଙ୍କ ବିନା ଗୋଟିଏ ଦେଶ ଚଳିପାରେ କିନ୍ତୁ କୃଷି ପ୍ରଧାନ ଗୋଟିଏ ଦେଶର ଗ୍ରାମାଞ୍ଚଳର ଅଗଣିତ ମଣିଷଙ୍କର ଶ୍ରମ ଅବଦାନକୁ ବାଦ ଦେଇ, ସେମାନଙ୍କୁ ଅଧାପେଟ ଓ ଅଧା ଫୁଙ୍ଗୁଳା ରଖି, ରାଷ୍ଟ୍ରୀୟ ଅର୍ଥନୈତିକ, ବିକାଶ ଓ ସମାଜବାଦ ପ୍ରତିଷ୍ଠା, ଆକାଶ କଇଁଆ ଓ ଚିଲିକାର ମାଛ ଭଳି ରହିଯିବ କେବଳ ଏଣୁ ଓଡ଼ିଶାର ଅଗଣିତ ନିଷ୍ପେଷିତ ଗ୍ରାମୀଣ ଶ୍ରମିକଙ୍କ କଲ୍ୟାଣାର୍ଥେ, ବିଂଶସୂତ୍ରୀର ଛଅଦଫା କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଆମ ଚିନ୍ତା ଓ ଚେତନା ଅଭିମନ୍ତ୍ରିତ ହେଉ ଋଷିକଣ୍ଠ ନିସୃତ ବେଦର ସେଇ ମଙ୍ଗଳମୟ ଧ୍ୱନୀରେ । "ମେହନତ ମଣିଷଙ୍କ ପାଇଁ ଋତୁ ହେଉ ନିୟମିତ, ବାୟୁ ହେଉ ମଧୁମୟ ଚିର, ନଦୀ ହେଉ ସୁମଧୁରା ପ୍ରବାହ ମୁଖର, ହସ ଫୁଟୁ ପ୍ରତି ମୁଖେ, ଶ୍ରମଜୀବୀର କ୍ଳାନ୍ତି ଓ ବିଷାଦ ହଜୁ, ସେମାନଙ୍କ ଚଲାପଥେ ଫୁଲ ଓ ଚନ୍ଦନର ଝଡ଼ ବହୁ, ମେହନତୀ ମଣିଷର ସର୍ବ ଦୂରହେଉ ।" କିମଧିକମ୍ ? ଶ୍ରମଏବ ଜୟତେ ।

ଓଡ଼ିଶା ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ,
ଭୁବନେଶ୍ୱର ।

# ବୌଦ୍ଧଧର୍ମ ଦର୍ଶନ

ଶ୍ରୀ ପଙ୍କଜ ସାହୁ

"ପରିତ୍ରାଣାୟ ସାଧୁନାଂ ଦିବ୍ୟଦାନାୟ ପାପିନମ୍
ଧର୍ମଚକ୍ର ପବରେ ତୁଂ ସମ୍ଭବାମି ଯୁଗେ ଯୁଗେ" ।
(ଧମ୍ମପଦ)

ସାଧୁପରିତ୍ରାଣ ତଥା ପାପୀମାନଙ୍କୁ ଦିବ୍ୟଜ୍ଞାନ ପ୍ରଦାନ ଉଦ୍ଦେଶ୍ୟରେ ଧର୍ମଚକ୍ର ପ୍ରବର୍ତ୍ତନ ନିମିତ୍ତ ଭଗବାନ ବୁଦ୍ଧ ଯୁଗେ ଯୁଗେ ଆବିର୍ଭୂତ ହୋଇଥାନ୍ତି । ଯେତେବେଳେ ଧର୍ମ ନାମରେ କୁସଂସ୍କାର, ଯାଗଯଜ୍ଞବ୍ୟାଜରେ ପଶୁହତ୍ୟା ପୂର୍ବକ ରକ୍ତତର୍ପଣ, ବୈଦିକ କର୍ମକାଣ୍ଡ ନାମରେ ଶୋଷଣ ତଥା ବ୍ରାହ୍ମଣମାନଙ୍କର ପ୍ରବଞ୍ଚନା ମାଧ୍ୟମରେ ଜନସମାଜ ପଦାନତ ହୋଇଉଠିଥିଲା ସେହି ସନ୍ଧିକ୍ଷଣରେ ଖ୍ରୀଷ୍ଟଜନ୍ମର ୫୬୭ ବର୍ଷ ପୂର୍ବରୁ ଏକ ବୈଶାଖ ପୂର୍ଣ୍ଣିମାରେ ହିମାଳୟ ପାଦଦେଶସ୍ଥ ନେପାଳ ରାଜ୍ୟର ତରାଇ ଅଞ୍ଚଳ ଅନ୍ତର୍ଗତ କପିଳବାସ୍ତୁ ନଗରୀର ଲୁମ୍ବିନୀ ନାମକ ଉପବନରେ ଶାକ୍ୟବଂଶୀୟ ରାଜା ଶୁଦ୍ଧୋଦନଙ୍କ ଔରସରୁ ଓ ମାୟାଦେବୀଙ୍କ ଗର୍ଭରୁ ଅବତୀର୍ଣ୍ଣ ହୋଇଥିଲେ ଯୁଗପୁରୁଷ ସିଦ୍ଧାର୍ଥ । ଜନ୍ମହେବାର ଏକ ସପ୍ତାହ ମଧ୍ୟରେ ମାତା ମାୟାଦେବୀଙ୍କ ମୃତ୍ୟୁ ଫଳରେ ବିମାତା ଗୌତମୀଙ୍କଦ୍ୱାରା ପ୍ରତିପାଳିତ ହୋଇଥିବାରୁ ସିଦ୍ଧାର୍ଥ କ୍ରମେ ଗୌତମ ନାମରେ ଅଭିହିତ ହୋଇଥିଲେ । ତୁଳସୀ ଦୁଇପତ୍ରରୁ ବାସିଲା ପରି ଗୌତମ ଯେ ଦିନେ ମହାନ ବ୍ୟକ୍ତିତ୍ୱରେ ଭୂଷିତ ହେବେ ; ଏହାର ସୂଚନା ତାଙ୍କର ବାଲ୍ୟଜୀବନରୁ ମିଳିଥିଲା । ଐଶ୍ୱର୍ଯ୍ୟ କୋଳରେ ପ୍ରତିପାଳିତ ରାଜପୁତ୍ର ଗୌତମଙ୍କର ରାଜକୀୟ ଭୋଗଲିପ୍ସା ପ୍ରତି ଆଦୌ ଆସକ୍ତି ନଥିଲା । ସେ ସର୍ବଦା ଏକାକୀ ଚିନ୍ତାକରିବାକୁ ଭଲପାଉଥିଲେ । ଏହି ଅଭ୍ୟାସ ଭବିଷ୍ୟତ ଜୀବନରେ ତାଙ୍କୁ ଏକ ଦାର୍ଶନିକ ରୂପେ ଗଢି ତୋଳିଥିଲା । ଏକ କିମ୍ବଦନ୍ତୀ ଅନୁସାରେ ନଗର ପରିଭ୍ରମଣ ସମୟରେ ଏକ ରୁଗ୍ଣ ବ୍ୟକ୍ତି, ଏକ ଜରାଗ୍ରସ୍ତ ବୃଦ୍ଧ ଓ ଏକ ମୃତବ୍ୟକ୍ତିର ଶବ ସନ୍ଦର୍ଶନ କରି ମନୁଷ୍ୟର ଜନ୍ମ, ରୋଗକ୍ଳେଶ, ଜରା-ବାର୍ଦ୍ଧକ୍ୟ ଓ ମୃତ୍ୟୁ ଇତ୍ୟାଦି ବିଷୟ ଚିନ୍ତାକରି ଗୌତମ ଦୁଃଖରେ ମ୍ରିୟମାଣ ହୋଇ ପଡ଼ିଲେ । ପୁତ୍ରର ଏତାଦୃଶ ମନୋଭାବ ହୃଦୟଙ୍ଗମ କରି ରାଜା ଶୁଦ୍ଧୋଦନ ଗୌତମଙ୍କୁ ଗୋପାନାମ୍ନୀ ଏକ ସୁନ୍ଦରୀ ରାଜକନ୍ୟା ସହ ବିବାହ କରାଇଦେଲେ ଓ ଯଥା ସମୟରେ ତାଙ୍କର ଏକ ପୁତ୍ର ସନ୍ତାନ ଜନ୍ମଗ୍ରହଣ କଲା । ତାଙ୍କର ନାମଥିଲା ରାହୁଳ । ଇତ୍ୟବସରରେ ଗୌତମ ନଗର ପରିଭ୍ରମଣ ସମୟରେ ଏକ ପ୍ରସନ୍ନଚିତ୍ତ ସନ୍ନ୍ୟାସୀଙ୍କୁ ଦେଖି ତାଙ୍କ ମନରେ ଭାବାନ୍ତର ସୃଷ୍ଟି ହେଲା । ସନ୍ନ୍ୟାସ ବରଣକଲେ ସଂସାର ଦୁଃଖରୁ ତ୍ରାହି ମିଳିବ ବୋଲି ସେ ସ୍ଥିର ନିଶ୍ଚିତ ହେଲେ । ମାନବ ଜୀବନର ନିରବଚ୍ଛିନ୍ନ ଦୁଃଖ-ଯନ୍ତ୍ରଣା ଅନୁଭୂତି ଦ୍ୱାରା ଜର୍ଜ୍ଜରିତ ଗୌତମ ରାଜକୀୟ ଭୋଗବିଳାସକୁ ତୁଚ୍ଛ ମନେକରି ରୂପସୀ ସ୍ତ୍ରୀର ମୋହ ଓ ଶିଶୁପୁତ୍ରର ମମତା ଛିନ୍ନକରି ସମସ୍ତଙ୍କ ଅଗୋଚରରେ ୨୯ ବର୍ଷ ବୟସରେ ଦିନେ ନିଶାର୍ଦ୍ଧରେ ରାଜବାଟି ପରିତ୍ୟାଗ କରି ସତ୍ୟର ସନ୍ଧାନରେ ବହିର୍ଗତ ହେଲେ ।

ଗୌତମ ସର୍ବପ୍ରଥମେ ରାଜଗିରି (ରାଜଗୃହ) ଠାରେ ଦୁଇଜଣ ପଣ୍ଡିତଙ୍କ ଶିଷ୍ୟତ୍ୱ ଗ୍ରହଣକରି ଗୟା ନିକଟବର୍ତ୍ତୀ

ନିରଞ୍ଜନା ତଟାବସ୍ଥିତ ଉରୁବିଲ୍ୱ (ଉରୁବେଲ) ନାମକ ଉପବନରେ ଦୀର୍ଘ ଛଅବର୍ଷ ବ୍ୟାପୀ ଧ୍ୟାନମଗ୍ନ ରହି ମଧ୍ୟ ଆଶାନୁରୂପ ଫଳ ଲାଭ କରି ପାରିଲେ ନାହିଁ । ଶେଷରେ ସେ ନିରଞ୍ଜନାରେ ସ୍ନାନ କରି ଖାଦ୍ୟପାନୀୟ ପରିହାର ପୂର୍ବକ ଏକ ଅଶ୍ୱତ୍ଥ ବୃକ୍ଷ ମୂଳରେ କଠୋର ତପସ୍ୟା କରି ଏକ ବୈଶାଖ ପୂର୍ଣ୍ଣିମାରେ ବୋଧି (ଦିବ୍ୟଜ୍ଞାନ) ଲାଭ କରି ବୁଦ୍ଧ (ପରମଜ୍ଞାନୀ-ସତ୍ୟଦ୍ରଷ୍ଟା) ନାମରେ ପରିଚିତ ହେଲେ । ପ୍ରେମବାଦୀ ଦୀର୍ଘତମା ଋଷିଙ୍କ ମତରେ ଅନ୍ଧକାରରୁ ଆଲୋକକୁ ଗମନ କରିବାହିଁ ଗୌତମ ଅଟେ । ତେଣୁ ଅଜ୍ଞାନ ରୂପକ ଅନ୍ଧକାରରୁ ଜ୍ଞାନର ଔଜ୍ଜ୍ୱଲ୍ୟରେ ଉଦ୍ଭାସିତ ହୋଇ ଗୌତମ ବୁଦ୍ଧରେ ରୂପାନ୍ତରିତ ହୋଇଥିଲେ । ଯେଉଁସ୍ଥାନରେ ଗୌତମ ଜ୍ଞାନଲାଭ କଲେ ତାହା 'ବୁଦ୍ଧଗୟା' ଓ ପ୍ରୋକ୍ତ ଅଶ୍ୱତ୍ଥବୃକ୍ଷ 'ବୋଧିଦ୍ରୁମ' ନାମରେ କ୍ରମଶଃ ଖ୍ୟାତି ଲାଭକଲା । କରୁଣାର ମୂର୍ତ୍ତିମନ୍ତ ପ୍ରତିରୂ ବୁଦ୍ଧଦେବ ସଂସାରର ପ୍ରତ୍ୟେକ ମନୁଷ୍ୟର ଦୁଃଖ ଲାଘବ କରିବା ପ୍ରୟାସରେ କଥୋପକଥନ ମାଧ୍ୟମରେ ଯେଉଁ ଉପଦେଶ ପ୍ରଦାନ କରିଥିଲେ ତାହା ମୁହେଁ ମୁହେଁ ପ୍ରଚାରିତ ହେବାକୁ ଲାଗିଲା । ବୁଦ୍ଧଦେବ ପ୍ରବର୍ତ୍ତିତ ବିଚାରଧାରା ଉପରେ ଆଧାରିତ ଦର୍ଶନ ହିଁ ବୌଦ୍ଧଧର୍ମ ଦର୍ଶନ ଓ ତାଙ୍କ ଦର୍ଶନରେ ଅନୁପ୍ରାଣିତ ତଥା ଦୀକ୍ଷିତ ଲୋକମାନଙ୍କୁ ବୌଦ୍ଧ କୁହାଗଲା ।

ବୌଦ୍ଧଧର୍ମ ହିନ୍ଦୁଧର୍ମଠାରୁ ପୃଥକ କିମ୍ବା ଏକ ସ୍ୱତନ୍ତ୍ର ଧର୍ମ ନୁହେଁ । ଅନ୍ତର୍ନିହିତ ଉପନିଷଦୀୟ ଭାବରେ ଆତ୍ମପ୍ରକାଶ କଲା ବୌଦ୍ଧଯୁଗ । ତେଣୁ ବୌଦ୍ଧଧର୍ମର ତତ୍ତ୍ୱଗୁଡ଼ିକ ଉପନିଷଦ ସନ୍ନିବେଶିତ ତତ୍ତ୍ୱ ସମୂହର ଏକ ଏକ ଉପବୃଂହଣ ମାତ୍ର । ଏହି ପରିପ୍ରେକ୍ଷୀରେ ବୁଦ୍ଧଦେବଙ୍କୁ ଏକ ଧର୍ମ ପ୍ରଚାରକ ପରିବର୍ତ୍ତେ ଏକ ଧର୍ମ ସଂସ୍କାରକ କହିଲେ ସମଧିକ ସମୀଚୀନ ହେବ । କାରଣ ବିପର୍ଯ୍ୟସ୍ତ ହିନ୍ଦୁଧର୍ମର ସାମାଜିକ କୁସଂସ୍କାର ଘୂର୍ଣ୍ଣିରୁ ଜନଜୀବନକୁ ଉଦ୍ଧାର କରିବା ପାଇଁ ବୁଦ୍ଧଦେବ ଏକ ନୈତିକ ଉପଦେଷ୍ଟା ତଥା ଏକ ସାର୍ଥକ ସଂସ୍କାରକର ଭୂମିକା ନିର୍ବାହ କରିଥିଲେ । ସେଥିପାଇଁ ମହାତ୍ମାଗାନ୍ଧୀ ଯଥାର୍ଥରେ କହିଥିଲେ ''Gautama was greatest Hindu'' ସମଗ୍ର ମାନବଜାତିର ଦୁଃଖ ଦୂରୀକରଣ ପାଇଁ ବୁଦ୍ଧଦେବ ଧର୍ମଚକ୍ର ପ୍ରବର୍ତ୍ତନ ମାଧ୍ୟମରେ ଯେଉଁ ଦର୍ଶନ ପ୍ରଚାର କରିଥିଲେ ତାହା ହିନ୍ଦୁ ଧର୍ମର ସୁସଂସ୍କୃତ ଅଭିବ୍ୟକ୍ତି ମାତ୍ର । ତେଣୁ ହିନ୍ଦୁଧର୍ମର ପାରମ୍ପରିକତା ଉପରେ ଆଦୌ ହସ୍ତକ୍ଷେପ ନକରି ନିଜର ଉଦାର ନୀତି ବଳରେ ଧର୍ମପ୍ରଚାରର ମାର୍ଗ ସୁଗମ କରିଥିଲେ । ମନୁଷ୍ୟର ଦୈନନ୍ଦିନ ସମସ୍ୟାରୁ ଭିତ୍ତିକରି ବୌଦ୍ଧଧର୍ମ ଦର୍ଶନର ସୃଷ୍ଟି । କଠୋର ସାଧନା ଫଳରେ ସେ ଯେଉଁ ସତ୍ୟର ସନ୍ଧାନ ପାଇଥିଲେ ତାହାରି ମାଧ୍ୟମରେ ବିଶ୍ୱମାନବକୁ ଚିରମୁକ୍ତି ଦେବାଥିଲା ତାଙ୍କ ଜୀବନର ଚରମ ତଥା ପରମ କର୍ତ୍ତବ୍ୟ । ଏହି ସତ୍ୟ ମହାସତ୍ୟ ବା ଆର୍ଯ୍ୟସତ୍ୟ ନାମରେ ବିଶ୍ୱବିଶ୍ରୁତ । ବୁଦ୍ଧଦେବ ଜଣେ ବିଶୁଦ୍ଧ ଆର୍ଯ୍ୟଥିଲେ । ଅନ୍ୟମାନଙ୍କୁ ଆର୍ଯ୍ୟ (Noble)ରେ ପରିଣତ କରିବା ପାଇଁ ଶିଷ୍ୟମାନଙ୍କୁ ସର୍ବଦା ସେ ଆର୍ଯ୍ୟନାମରେ ସମ୍ବୋଧନ କରୁଥିଲେ । 'ଚତ୍ୱାରି ଆର୍ଯ୍ୟଶତନି' ଏହି ଆର୍ଯ୍ୟସତ୍ୟ ଚାରି ଭାଗରେ ବିଭକ୍ତ । ଯଥା–(୧) ଦୁଃଖ, (୨) ଦୁଃଖ ସମୁଦାୟ, (୩) ଦୁଃଖନିରୋଧ ଓ (୪) ଦୁଃଖ ନିରୋଧମାର୍ଗ । ବୁଦ୍ଧଦେବଙ୍କ ସମସ୍ତ ଦର୍ଶନ ଏହି ଆର୍ଯ୍ୟସତ୍ୟ ଚତୁଷ୍ଟୟ ଉପରେ ପର୍ଯ୍ୟବସିତ । ତେଣୁ ନିମ୍ନରେ ତାହାର ବିଶଦ ବ୍ୟାଖ୍ୟା କରାଗଲା—

**(୧) ଦୁଃଖ**—ମନୁଷ୍ୟ ଜୀବନ ଦୁଃଖମୟ । ଶ୍ରୀମଦ୍ଭାଗବତରେ କୁହାଯାଇଛି—ଅନିତ୍ୟଂ ଅସୁଖଂ ଲୋକମ୍" ଅର୍ଥାତ୍ ଏ ସଂସାର ଅନିତ୍ୟ ତଥା ଦୁଃଖମୟ । ଯୋଗ ଦର୍ଶନ କହେ—"ସର୍ବମେବ ଦୁଃଖ ବିବେକୀନଃ" ଅର୍ଥାତ୍ ବିବେକୀଲାଗି ସବୁ ଦୁଃଖପୂର୍ଣ୍ଣ । "କୁତ୍ରାପି କୋଅପି ସୁଖୀ ଇତି" ଅର୍ଥାତ୍ ପ୍ରାଣୀମାନଙ୍କ ମଧ୍ୟରେ କେହି କଦାପି ସୁଖୀ ହୋଇ ପାରନ୍ତି । ଅତଏବ ବୁଦ୍ଧ ଏହି ପରିପ୍ରେକ୍ଷୀରେ କହିଛନ୍ତି—"ଯତ୍ ଅନିତ୍ୟଂ ତତ୍ ଦୁଃଖଂ ଅର୍ଥାତ୍ ଯାହାକିଛି ଅନିତ୍ୟ ତାହା ଦୁଃଖମୟ ଅଟେ । ତେଣୁ ଜନ୍ମ, ଯନ୍ତ୍ରଣା, ପ୍ରିୟବିୟୋଗ, ଜରା, ମୃତ୍ୟୁ ଇତ୍ୟାଦି ପଞ୍ଚୋପାଦାନ ସ୍କନ୍ଧ (ପଞ୍ଚୁପାଦାନ ଖନ୍ଧା ଦୁକ୍‌ଖା—ବିନୟ ମହାବଗ୍ଗୋ) ହିଁ ଦୁଃଖ ଅଟେ ।

**(୨) ଦୁଃଖ ସମୁଦାୟ**—ଦୁଃଖର କାରଣ ତୃଷ୍ଣା ବା କାମନା । ଦୁଃଖର ଅସ୍ତିତ୍ୱଭଳି ତାର କାରଣ ମଧ୍ୟ ଅଛି । ଜରା ମରଣ ଆଦି ଦୁଃଖର କାରଣ ହେଉଛି ଜନ୍ମ । ମନୁଷ୍ୟ ଜନ୍ମ ଗ୍ରହଣ ନକଲେ ଦୁଃଖଭୋଗର ସମ୍ମୁଖୀନ ହେବାକୁ ପଡ଼ନ୍ତା ନାହିଁ । ବସ୍ତୁ ପ୍ରତି ଆସକ୍ତିରୁ ଜନ୍ମ ବା ତୃଷ୍ଣା ଜାତ ହୋଇଥାଏ । ମନୁଷ୍ୟ ଅବିଦ୍ୟା, ସଂସ୍କାର, ବିଜ୍ଞାନ, ନାମରୂପ, ଷଡାୟତନ, ସ୍ପର୍ଶ, ବେଦନା, ତୃଷ୍ଣା, ଉପାଦାନ, ଭାବ, ଜାତି ଜରା-ମୃତ୍ୟୁ ଇତ୍ୟାଦି ଦ୍ୱାଦଶ ନିଦାନ ଯୋଗୁ ହିଁ ଜନ୍ମମରଣ ଚକ୍ରରେ ବାରମ୍ବାର ନିପତିତ ହୋଇ ସମ୍ଭାବ୍ୟ ଦୁଃଖ ବରଣ କରିଥାଏ ।

**(୩) ଦୁଃଖ ନିରୋଧ**—କାମନାର ବିନାଶରେ ଦୁଃଖର ବିନାଶ ଅବଶ୍ୟମ୍ଭାବୀ । ପ୍ରତ୍ୟେକ ଦୁଃଖ କାରଣାନୁସାରୀ । ଦୁଃଖ ଉତ୍ପତ୍ତିର କାରଣମାନଙ୍କୁ ବିନାଶ କଲେ ଦୁଃଖର କବଳିତ ହେବାକୁ ପଡ଼ି ନଥାଏ । ସଂସାରରେ ଯାହାକିଛି ଅଛି ତାହାପ୍ରତି ଆସକ୍ତି, ଆକର୍ଷଣ ଦୂର କଲେ ମନୁଷ୍ୟ ଦୁଃଖ କବଳରୁ ପରିତ୍ରାଣ ଲାଭ କରିଥାଏ ।

**(୪) ଦୁଃଖ ନିରୋଧ ମାର୍ଗ**—ନୀତିମୟ ଜୀବନ ଯାପନ କଲେ ଆଶାର ବିନାଶ ଘଟି ନିର୍ବାଣପ୍ରାପ୍ତି ଘଟିଥାଏ ଅର୍ଥାତ ପୁନର୍ବାର ଜନନୀ ଜଠରକୁ ପ୍ରତ୍ୟାବର୍ତ୍ତନ କରିବାକୁ ପଡ଼ିନଥାଏ । ବୌଦ୍ଧ ଦର୍ଶନ ମତରେ ନିର୍ବାଣ କହିଲେ ଜୀବନଦୀପ ନିର୍ବାପିତ ହେବାକୁ ବୁଝାଏ ନାହିଁ । ଜୀବନ ଅବସ୍ଥାରେ କାମନା ବାସନାର ମୃତ୍ୟୁ ଘଟିଲେ ମନୁଷ୍ୟ ଏକ ଉଚ୍ଚତର ମାନସିକ ଅବସ୍ଥାରେ ପହଞ୍ଚେ ଯାହାକୁ ତୁରୀୟ ଅବସ୍ଥା ବା ନିର୍ବାଣ କୁହାଯାଇଥାଏ । ସଂକ୍ଷେପରେ ନିର୍ବାଣ କହିଲେ ତୃଷ୍ଣା ନିବୃତ୍ତିଜନିତ ମନର ଏକ ଶାନ୍ତାବସ୍ଥା

କୁହାଯାଇଥାଏ । ଏଥିପାଇଁ ଯଥାର୍ଥରେ କୁହାଯାଇଛି–'ନିର୍ବାଣଂ ପରମଂ ସୁଖଂ, ନିର୍ବାନଂ ଅକୁତୋଭୟଂ, ନିର୍ବାନଂ ପରମପଦଂ, ସ୍ନେହକ୍ଷୟାତ୍ କେବଲଂ ଇତି ଶାନ୍ତିମ୍ । ସଂଯୁକ୍ତ ନିକାୟ' ମତରେ ଭବ ନିରୋଧ ହିଁ ନିର୍ବାଣ ଅଟେ ।

ନିର୍ବାଣପ୍ରାପ୍ତି ବୌଦ୍ଧ ଧର୍ମର ଚରମ ଲକ୍ଷ୍ୟ । ଆର୍ଯ୍ୟ ଅଷ୍ଟାଙ୍ଗମାର୍ଗ ଅବଲମ୍ବନ ଫଳରେ ନିର୍ବାଣପ୍ରାପ୍ତି ଅନାୟାସ-ଲଭ୍ୟ ହୋଇଥାଏ । ବୁଦ୍ଧ ପ୍ରଚାରିତ ଏହି ଅଷ୍ଟାଙ୍ଗ ମାର୍ଗ ହେଲ:—

**(୧) ସମ୍ୟକ ଦୃଷ୍ଟି**—ଆର୍ଯ୍ୟସତ୍ୟ ଚତୁଷ୍ଟୟର ସାର୍ଥକ ଅନୁଶୀଳନରେ ଯଥାର୍ଥ ଜ୍ଞାନ ହାସଲ ହିଁ ସମ୍ୟକ୍ ଦୃଷ୍ଟି ଅଟେ ।

**(୨) ସମ୍ୟକ ସଙ୍କଳ୍ପ**—ଜ୍ଞାନ ଅନୁଯାୟୀ କର୍ମ କରିବାର ଦୃଢ଼ ସଂକଳ୍ପ ମନୁଷ୍ୟକୁ ଦୁଃଖରୁ ମୁକ୍ତି ଦେଇଥାଏ ।

**(୩) ସମ୍ୟକ ବାକ୍**—କେବଳ ସଙ୍କଳ୍ପ ଯଥେଷ୍ଟ ନହେଁ । ମିଥ୍ୟାଭାଷଣ, ପରଦୂଷଣ ଅଯଥାଳାପ ଓ ଅପ୍ରିୟ-ଭାଷଣ ସର୍ବଦା ପରିହାରପୂର୍ବକ ବାକ୍ ସଂଯମତା ରକ୍ଷା ।

**(୪) ସମ୍ୟକ କର୍ମାନ୍ତ**—ଅହିଂସା, ଅସ୍ତେୟ ଓ ଇନ୍ଦ୍ରିୟ ସଂଯମକୁ ସମ୍ୟକ କର୍ମାନ୍ତ କୁହାଯାଏ ।

**(୫) ସମ୍ୟକ ଆଜୀବ**—ଜୀବନ ନିର୍ବାହ ଲାଗି ଅନ୍ୟାୟ ଜୀବିକା ଅବଲମ୍ବନ କରିବା ଅନୁଚିତ ।

**(୬) ସମ୍ୟକ ବ୍ୟାୟାମ**—ନୈତିକ ଜୀବନରେ ସଦା ସର୍ବଦା ସଜାଗ ଓ ସାବଧାନ ହୋଇ ରହିବାକୁ ସତତ ଚେଷ୍ଟା ପରାୟଣ ହେବା ହିଁ ସମ୍ୟକ ବ୍ୟାୟାମ ଅଟେ ।

**(୭) ସମ୍ୟକ ସ୍ମୃତି**—ଅନିତ୍ୟ ପ୍ରତି ଆସକ୍ତି ବୃଦ୍ଧି ପାଇଲେ ବନ୍ଧନ ଓ ଦୁଃଖ ଅବଶ୍ୟମ୍ଭାବୀ । ତେଣୁ ଅନିତ୍ୟ ପ୍ରତି ଆସକ୍ତି ପରିହାର କଲେ ଦୁଃଖରୁ ନିବୃତ୍ତି ମିଳିବ ବୋଲି ସର୍ବଦା ସ୍ମରଣ ରଖିବା ଉଚିତ ।

**(୮) ସମ୍ୟକ ସମାଧି**—ଏହି ଅବସ୍ଥାରେ ମନୁଷ୍ୟ କୌଣସି ସୁଖଦୁଃଖର ଅନୁଭୂତି ଲାଭ କରିନଥାଏ । ସେ ସକଳ ଦୁଃଖରୁ ମୁକ୍ତିପାଇ ମୁମୁକ୍ଷୁ ସାଧକ ରୂପେ ପ୍ରଜ୍ଞାର ଅଧିକାରୀ ହୋଇଥାଏ ।

ପ୍ରୋକ୍ତ ଆର୍ଯ୍ୟ ଅଷ୍ଟାଙ୍ଗିକ ମାର୍ଗକୁ ମୁଖ୍ୟତଃ ତିନି ଭାଗରେ ବିଭକ୍ତ କରାଯାଇପାରେ । ଯଥା—ପ୍ରଜ୍ଞା (Wisdom), ଶୀଳ (Morality) ଓ ସମାଧି । ପ୍ରଜ୍ଞା ଅବିଦ୍ୟା ନାଶ କରେ, ଶୀଳ ବା ଆଚରଣ ଜ୍ଞାନର ପୂର୍ଣ୍ଣତା ପ୍ରଦାନ କରେ । ଜ୍ଞାନର ପୂର୍ଣ୍ଣତା ସମାଧି ବା ମୁକ୍ତିର ଦ୍ୱାର ଉନ୍ମୋଚନ କରିଥାଏ । ଏହି ପ୍ରଜ୍ଞା ଶୀଳ ସମାଧି ବୁଦ୍ଧ ପ୍ରଚାରିତ ଧର୍ମ ଦର୍ଶନର ତିନୋଟି ସ୍ତମ୍ଭ (Three pillars) ଅଟେ । ଗୌତମ ବୁଦ୍ଧ ସାଧାରଣ ଗୃହସ୍ଥର ଉତ୍ତମ ଚରିତ୍ର ଗଠନ ତଥା ବିଶୁଦ୍ଧ ନୀତିମୟ ଜୀବନଯାପନ କରିବା ନିମିତ୍ତ 'ଦଶଶୀଳ' ବା ଆଚରଣର ପରିପ୍ରଚାର କରିଥିଲେ । ଯଥା—(୧) ଜୀବହିଂସା କରିବ ନାହିଁ, (୨) ଚୋରି କରିବ ନାହିଁ, (୩) ଅବୈଧ ଯୌନସଂସର୍ଗ କରିବ ନାହିଁ, (୪) ମାଦକ ଦ୍ରବ୍ୟ ସେବନ କରିବ ନାହିଁ, (୫) କୁବଚନ କହିବ ନାହିଁ, (୬) ପରନିନ୍ଦା କରିବ ନାହିଁ (୭) ଦ୍ୱେଷଦର୍ଶୀ ହେବ ନାହିଁ, (୮) ଅନ୍ୟକୁ ଘୃଣା କରିବ ନାହିଁ, (୯) ଲୋଭ କରିବ ନାହିଁ ଓ(୧୦) ଦେହ ତଥା ମନକୁ ଅପବିତ୍ର ରଖିବ ନାହିଁ ।

ବୌଦ୍ଧଧର୍ମ ପ୍ରଚାର ତଥା ପ୍ରସାର ପାଇଁ ତତ୍କାଳରେ ବୌଦ୍ଧସଂଘ ଓ ବୌଦ୍ଧବିହାରମାନ ପ୍ରତିଷ୍ଠା କରାଯାଇଥିଲା । ବୁଦ୍ଧ ପ୍ରତିଷ୍ଠିତ ଏହି ସଂଘ ସାଧାରଣତଃ ଆର୍ଯ୍ୟଯୁଗୀୟ ଗଣତନ୍ତ୍ରର ଭିତ୍ତି ଉପରେ ପର୍ଯ୍ୟବସିତ ଥିଲା । ଉକ୍ତ ସଂଘ ଜରିଆରେ ବୁଦ୍ଧଦେବ ସମାଜରୁ ଦୁଃଖ ଦୂର କରିବାପାଇଁ ସଫଳକାମ ହୋଇଥିଲେ । ବୁଦ୍ଧ କୌଣସି ନିର୍ଦ୍ଦିଷ୍ଟ ସିଦ୍ଧାନ୍ତକୁ କାହାରି ମୁଣ୍ଡରେ ଜବରଦସ୍ତ ଲଦିଦେବା ପାଇଁ ଉଚିତ ମନେକରି ନଥିଲେ । ପରମ୍ପରାକୁ ସମ୍ମାନ ଦେଇ ବୈଜ୍ଞାନିକ ବିଶ୍ଳେଷଣ ପଦ୍ଧତି ଲୋକମାନଙ୍କ ମନରୁ କୁସଂସ୍କାର ଦୂର କରିବାକୁ ସର୍ବଦା ଉଦ୍ୟମ କରିଥିଲେ । ବୌଦ୍ଧଧର୍ମର ସରଳ ନିୟମାବଳୀ ଓ ବିଜ୍ଞାନ ସମ୍ମତ ଚିନ୍ତାଧାରା ଦ୍ୱାରା ଆକୃଷ୍ଟ ହୋଇ ସାଧାରଣ ମାନବ କ୍ରମଶଃ ବୌଦ୍ଧସଂଘର ଶରଣାପନ୍ନ ହେଲେ । ସଂସାରତ୍ୟାଗୀ କ୍ଷପଣକ ବା ସନ୍ନ୍ୟାସୀଙ୍କ ବ୍ୟତୀତ ସଂସାରରେ ରହି ମଧ୍ୟ ଲୋକମାନେ ଧର୍ମାଚରଣ କରିପାରୁଥିଲେ । ବୁଦ୍ଧଦେବ ଧର୍ମ ପ୍ରଚାର ସମୟରେ ସମ୍ମୁଖୀନ ହେଉଥିବା ଜନତାକୁ ସାଧାରଣତଃ ୪ ଶ୍ରେଣୀରେ ବିଭକ୍ତ କରିଥିଲେ । ଯଥା–(୧) ଅନ୍ଧକାରରୁ ଅଧିକତର ଅନ୍ଧକାରକୁ ଗତି କରୁଥିବା ଗୋଷ୍ଠୀ, (୨) ଆଲୋକରୁ ଅନ୍ଧକାରକୁ ଗତି କରୁଥିବା ଗୋଷ୍ଠୀ, (୩) ଅନ୍ଧକାରରୁ ଆଲୋକକୁ ଗତି କରୁଥିବା ଗୋଷ୍ଠୀ ଓ (୪) ଆଲୋକରୁ ସମଧିକ ଆଲୋକକୁ ଗମନ କରୁଥିବା ଗୋଷ୍ଠୀ ଇତ୍ୟାଦି । ଏତଦ୍ ବ୍ୟତୀତ ବୁଦ୍ଧ ପ୍ରଚାରିତ ନୀତିଶିକ୍ଷାରେ କେତେକ ଦାର୍ଶନିକ ତତ୍ତ୍ୱ ନିହିତ ଥିବାର ଲକ୍ଷ୍ୟଣୀୟ । 'ବହୁଜନ ହିତାୟ' (Good for all) ହେଉଛି ବୌଦ୍ଧ ଦର୍ଶନର ନିର୍ଯ୍ୟାସ । ବୁଦ୍ଧଦେବ ଜାତି ବର୍ଣ୍ଣ, ପ୍ରଥା, ଯଜ୍ଞ, ପୌରାଣିକତା, ପୁରୋହିତବାଦ, କର୍ମକାଣ୍ଡ, ପରସ୍ୱାର୍ଥ ଓ ସାମାଜିକ କୁସଂସ୍କାର ବିରୁଦ୍ଧରେ ଦୃଢ଼ ସ୍ୱର ଉତ୍ତୋଳନ କରିଥିଲେ । ବୁଦ୍ଧ ପ୍ରଚାରିତ ଧର୍ମ ଚରିତ୍ର ଗଠନ ପାଇଁ କେତେଗୁଡ଼ିଏ ନୈତିକ ନିୟମ ମାତ୍ର । ସତ୍ୟ, ଶାନ୍ତି, ଦୟା, କ୍ଷମା, ସାମ୍ୟ, ମୈତ୍ରୀ, ଦାକ୍ଷିଣ୍ୟ, ସ୍ନେହ, ଅହିଂସା, ଗୁରୁଭକ୍ତି, ପ୍ରଭୁଭକ୍ତି, ଆତ୍ମ ସଂଯମ, ପତିପରାୟଣତା ଇତ୍ୟାଦି କେତେଗୁଡ଼ିଏ ନିତ୍ୟ କଥିତ ନିୟମ ବୌଦ୍ଧ ଧର୍ମ ଦର୍ଶନର ଅନ୍ତର୍ଭୁକ୍ତ । ଚତୁର୍ବେଦ ଓ ଚତୁର୍ବର୍ଣ୍ଣ ବ୍ୟବସ୍ଥା ହିନ୍ଦୁ ଧର୍ମରେ ଯେଉଁ ସମସ୍ୟା ସୃଷ୍ଟି କରିଥିଲା, ବୌଦ୍ଧଧର୍ମ ତାହାରି ମୂଳରେ ହିଁ କୁଠାରଘାତ କଲା । ସର୍ବୋପରି ହିନ୍ଦୁଧର୍ମରେ ପ୍ରାୟଶ୍ଚିତ ବିଧାନର ବ୍ୟବସ୍ଥା ଥିବାରୁ ଲୋକେ ସାଧାରଣତଃ ପାପ କରିଥିବାକୁ ପ୍ରତ୍ୟେଦନା ପାଉଥିଲେ । ମାତ୍ର ହିନ୍ଦୁଧର୍ମର ଏତାଦୃଶ ପୁଷ୍ପିତବାକ୍ୟ ବ: ଫିସାଦିକୁ ବୁଦ୍ଧଦେବ ଘୃଣା କରୁଥିଲେ । ପୁନଶ୍ଚ ସତ୍ୟଦ୍ରଷ୍ଟା ବୁଦ୍ଧଙ୍କ

ମତରେ "ଅଶାନ୍ତି ପରି ଅଗ୍ନି ନାହିଁ, ଦ୍ୱେଷ ସଦୃଶ ହିଂସ୍ରଜନ୍ତୁ ନାହିଁ, ମୋହ ସ୍ୱରୂପ ଜାଲ ନାହିଁ ଓ ତୃଷ୍ଣାସମ ନଦୀ ନାହିଁ । ତୃଷ୍ଣାରୁ ଶୋକ ଜନ୍ମେ ଓ ଭୟ ଉତ୍ପନ୍ନ ହୁଏ । ଯେଉଁମାନେ ତୃଷ୍ଣାରୁ ମୁକ୍ତ ସେମାନେ ଶୋକମୁକ୍ତ ତଥା ଭୟମୁକ୍ତ ହୁଅନ୍ତି । "

ନିରୀଶ୍ୱରବାଦ ବୌଦ୍ଧଦର୍ଶନର ସାର ପ୍ରତିପାଦ୍ୟ । ଯେହେତୁ ସେ କର୍ମଫଳ ଦାତାରୂପେ ଗ୍ରହଣୀୟ ନୁହନ୍ତି ତେଣୁ ବୌଦ୍ଧଦର୍ଶନରେ ଈଶ୍ୱରଙ୍କ ଅସ୍ତିତ୍ୱ ନାହିଁ । ଜନ୍ମାନ୍ତର ବା ପୁନର୍ଜନ୍ମ କହିଲେ କୌଣସି ଶାଶ୍ୱତ ଆତ୍ମାର ନୂତନ ଶରୀର ଧାରଣ ବୋଲି ବୁଦ୍ଧ ବିଶ୍ୱାସ କରନ୍ତି ନାହିଁ । ବାଳ ଓ ନଖ କାଟିବା ପରେ ପୁନର୍ବାର ସେଗୁଡ଼ିକର ଉଦ୍‌ଭବ ହେଲାପରି ପୁନର୍ଜନ୍ମ କହିଲେ ବର୍ତ୍ତମାନର ଶରୀର ପୂର୍ବବର୍ତ୍ତୀ ଜୀବନରୁ ଉଦ୍‌ଭୂତ ବୋଲି ବୁଝିବାକୁ ହେବ । ମାତ୍ର ପୁନର୍ଜନ୍ମବାଦ କର୍ମବାଦର ଅଙ୍ଗରୂପେ ବୌଦ୍ଧଧର୍ମ ଦର୍ଶନରେ ପରିଗୃହୀତ ହୋଇଅଛି । ପରିବର୍ତ୍ତନଶୀଳ ଅନିତ୍ୟ ଶରୀରରେ ଆତ୍ମାର ଅବସ୍ଥାନକୁ ବୁଦ୍ଧଦେବ ସ୍ୱୀକାର କରନ୍ତି ନାହିଁ । ତାଙ୍କମତରେ ଆତ୍ମା କହିଲେ ପଞ୍ଚସ୍କନ୍ଧ ବା ପଞ୍ଚୋପାଦାନର ସମଷ୍ଟି ବୋଲି ବୁଝିବାକୁ ହେବ । ଏଥିପାଇଁ ଷଡ୍‌ଦର୍ଶନ ସମୁଚ୍ଚୟରେ କୁହାଯାଇଛି—

ଦୁଃଖ ସଂସାରିଣଃ ସ୍କନ୍ଧାସ୍ତେ ଚ ପଞ୍ଚ ପ୍ରକୀର୍ତ୍ତିତାଃ
ବିଜ୍ଞାନଂ ବେଦନା ସଂଜ୍ଞା ସଂସ୍କାରୋ ରୂପ ମେବଚ ।"

ଅର୍ଥାତ ବିଜ୍ଞାନ, ବେଦନା, ସଂଜ୍ଞା, ସଂସ୍କାର ଓ ରୂପ ପ୍ରଭୃତି ପଞ୍ଚସ୍କନ୍ଧର ଅନ୍ତର୍ଭୁକ୍ତ ଅଟେ । ପ୍ରଥମେ ୪ଗୋଟି ସ୍କନ୍ଧକୁ 'ନାମ କୁହାଯାଇଥାଏ ଓ ମନୁଷ୍ୟ ଶରୀରକୁ 'ରୂପ' ବୁଝାଇ ଥାଏ ପ୍ରତ୍ୟେକ ବ୍ୟକ୍ତିତ୍ୱ ଉକ୍ତ ନାମ ଉପରେ ହିଁ ପର୍ଯ୍ୟବସିତ ହୋଇଥିବାରୁ ବୁଦ୍ଧ ମନୁଷ୍ୟ ଶରୀରରେ ଆତ୍ମାର ଅବସ୍ଥିତିକୁ ଅସ୍ୱୀକାର କରିଛନ୍ତି । ତେଣୁ ବୁଦ୍ଧଙ୍କୁ ନୈରାତ୍ମବାଦୀ କୁହାଯାଏ । ମନୁଷ୍ୟର ପ୍ରୟୋଜନ ବୋଧରେ ବୁଦ୍ଧଦେବ ଭିନ୍ନ ଭିନ୍ନ ଦାର୍ଶନିକ ସିଦ୍ଧାନ୍ତ ପ୍ରଦାନ କରିଥିବାରୁ ତାଙ୍କୁ ପ୍ରୟୋଜନବାଦୀ (Pragmatic) ଦାର୍ଶନିକ କୁହାଯାଏ । ପୁନଶ୍ଚ ବୁଦ୍ଧଙ୍କୁ ପ୍ରଶ୍ନ ପଚାରିଲେ ସେ ଅନେକ ସମୟରେ ମୌନ ରହୁଥିବାରୁ କେହି କେହି ତାଙ୍କୁ ଅଜ୍ଞେୟବାଦୀ (Agnostic) ବା ସଂଶୟବାଦୀ (Sneptic) ଦାର୍ଶନିକ ବୋଲି ଅଭିହିତ କରିଥାନ୍ତି ।

ଯେଉଁ ଗୌତମ ଜୀବନର ସତ୍ୟ ଉଦ୍‌ଘାଟନ ପାଇଁ ଗୃହ ପରିତ୍ୟାଗ କରିବା ସଙ୍ଗେସଙ୍ଗେ ବୃକ୍ଷପତିତ ପତ୍ରଖିଆ ପତ୍ର ଓ ଶସ୍ୟ କଣ ଖାଇ କଟାଇଥିଲେ; ସର୍ବଶେଷରେ ବୁଦ୍ଧରେ ପରିଣତ ହୋଇଥିଲେ ; ସେହି ବୁଦ୍ଧଦେବଙ୍କ ସମସ୍ତ ଉପଦେଶ ସାଧାରଣତଃ ଗାର୍ହସ୍ଥ୍ୟ ଜୀବନ ପାଇଁ ଅଭିପ୍ରେତ ଥିଲା । ନିମ୍ନ ଛଅଗୋଟି କାରଣରୁ ଗୃହସ୍ଥର ଧନ, ମାନ, ଯଶ ଓ ପୌରୁଷ ଅପହୃତ ହୋଇଥାଏ ବୋଲି ବୁଦ୍ଧଦେବ ମତବ୍ୟକ୍ତ କରିଛନ୍ତି, ଯଥା—(୧) ମଦ୍ୟାଦି ନିଶାଦ୍ରବ୍ୟ ସେବନ ଦ୍ୱାରା ଛଅଗୋଟି କୁଫଳ ମିଳିଥାଏ । ତାହାହେଲା ଧନହାନୀ, ସମ୍ମାନହାନୀ କଳହବୃଦ୍ଧି, ରୋଗର ଉତ୍ପତ୍ତି, ଅସାମାଜିକ କୁକର୍ମ ଓ ଧୀ-ଶକ୍ତିର ଅବନତି । (୨) ଅକାଳରେ ଗୃହତ୍ୟାଗ ଓ ଅହେତୁକ ବିଚରଣହେତୁ ମଧ୍ୟ ଛଅଗୋଟି କୁଫଳ ମିଳିଥାଏ । ସେଗୁଡ଼ିକହେଲା—ସ୍ୱକୀୟପରା ଶୂନ୍ୟତା, ଅର୍ଥ ସଙ୍କଟପନ୍ନତା, ସ୍ୱସମ୍ପଦର ସଙ୍କଟାପନ୍ନତା, ଅହେତୁକ ସନ୍ଦେହୀନତା, ଅପ୍ରତ୍ୟାଶିତ ବିପଦର ସମ୍ମୁଖୀନତା ସର୍ବୋପରି ଲକ୍ଷ୍ୟହୀନ ବିଚରଣ ଜନିତ କ୍ଲେଶ ଓ ଗ୍ଲାନିର ଶିକାର ହେବାକୁ ପଡ଼ିଥାଏ । (୩) ରଙ୍ଗରସ ଉପଭୋଗରେ ଆସକ୍ତି ଯୋଗୁଁ ଗୃହସ୍ଥ ଛଅଗୋଟି କୁଫଳ ଲାଭ କରିଥାଏ । ତାହାହେଲା ନଗ୍ନଦୃଶ୍ୟ ଓ ନଗ୍ନନୃତ୍ୟ ଦର୍ଶନର ଚିନ୍ତା, ଅଶ୍ଳୀଳ ସଙ୍ଗୀତ ଶ୍ରବଣର ଭାବନା, ମଉଜମଜଲିସ କରିବାର ଇଚ୍ଛା, ବାଦ୍ୟବାଦକର ଭାବନା, ସୁଆଙ୍ଗ ଉପଭୋଗର ବ୍ୟଗ୍ରତା ।(୪) ଦ୍ୟୂତ କ୍ରୀଡ଼ାରୁ ଗୃହସ୍ଥ ଯେଉଁ ଛଅଗୋଟି କୁଫଳ ଲାଭକରିଥାଏ ସେଗୁଡ଼ିକହେଲା— ଶତ୍ରୁ ସୃଷ୍ଟି, ଜୀବିକାନାଶ, ସମୟଅପଚୟ, ସଭାସମିତି- ବନ୍ଧୁ ଓ ରାଜକର୍ମଚାରୀଙ୍କଦ୍ୱାରା ଉପେକ୍ଷିତହେବା । (୫) ସଂସର୍ଗ ଦୋଷରୁ ଗୃହସ୍ଥକୁ ଗୁଣ୍ଡା, ମଦ୍ୟପ, ଶଠ, ମାତାଲ, ଧୂର୍ତ୍ତ ଓ ଦୁରାଚାରୀ ଏହି ଷଡ଼୍‌ବିପଥଗାମୀଙ୍କର ଶିକାର ହେବାକୁ ପଡ଼ିଥାଏ । ଆଳସ୍ୟ ହେତୁ ଗୃହସ୍ଥ ମଧ୍ୟ ଅସୁମାରି ପାର୍ଥିବକ୍ଳେଶ ଲାଭକରିଥାଏ । ତେଣୁ ସାଂସାରିକ ଜୀବନକୁ ସୁଖ- ସ୍ୱାଚ୍ଛନ୍ଦ୍ୟପୂର୍ଣ୍ଣ କରିବା ନିମିତ୍ତ ବୁଦ୍ଧଦେବଙ୍କର ଯୋଗ୍ୟ ଉପଦେଶଗୁଡ଼ିକ ଅନୁଧ୍ୟାନ କରିବା ବାଞ୍ଛନୀୟ ।

ଧର୍ମଚକ୍ର ପ୍ରବର୍ତ୍ତନ ମାଧ୍ୟମରେ ସମଗ୍ର ମାନବ ଜାତିର ଦୁଃଖ ଦୂରୀକରଣ ନିମିତ୍ତ ଧର୍ମପ୍ରଚାର କରିକରି ସର୍ବଶେଷରେ ବୁଦ୍ଧଦେବ ଖ୍ରୀ:ପୂ: ୪୮୭ରେ ଏକ ବୈଶାଖ ପୂର୍ଣ୍ଣିମାରେ ୮୦ବର୍ଷ ବୟସରେ ଉତ୍ତର ପ୍ରଦେଶର ଗୋରଖପୁର ଜିଲ୍ଲାର କୁଶିନାର (କୁଶୀନଗର)ଠାରେ ମହାପରିନିର୍ବାଣ ଲାଭ କରିଥିଲେ । ସମଗ୍ର ମାନବ ସମାଜକୁ ନିର୍ବାଣର ପଥ ପ୍ରଦର୍ଶନ ନିମନ୍ତେ ବୁଦ୍ଧଦେବ ଯେଉଁ ଧର୍ମଦର୍ଶନ ପ୍ରଚାର କରିଥିଲେ ତାଙ୍କର ଅନୁଗତ ଶିଷ୍ୟମାନେ ସେଗୁଡ଼ିକୁ ସଂଗ୍ରହକରି ଗ୍ରନ୍ଥାକାରରେ ସଙ୍କଳନକରି ଲିପିବଦ୍ଧ କଲେ । ସେଥିରେ ମୂଲ୍ୟବାନବସ୍ତୁ ସାଇତି ରଖିବାପରି ବୁଦ୍ଧ ପ୍ରଚାରିତ ଅମୂଲ୍ୟ ବାଣୀଗୁଡ଼ିକୁ ଯେଉଁ ତିନିଗୋଟି ଗ୍ରନ୍ଥରେ ସଙ୍କଳିତ କରାଯାଇଥିଲା ତାହା ବିନୟପିଟକ, ସୂତ୍ରପିଟକ ଓ ଅଭିଧର୍ମ ପିଟକ ପ୍ରଭୃତି ତ୍ରିପିଟକ ନାମକ ବୌଦ୍ଧଧର୍ମ ଗ୍ରନ୍ଥଅଟେ । ବିନୟ ପିଟକରେ ମହାବଗ୍ଗ, ଚୁଲ୍ଲବଗ୍ଗ, ପାରାଜିକା ପାଚିତୀୟ ଓ ପରିବାରପାଠ ପ୍ରଭୃତି ୫ଗୋଟି ବିଷୟ ସନ୍ନିବିଷ୍ଟ ୫ଖଣ୍ଡ ବୌଦ୍ଧ ଧର୍ମଗ୍ରନ୍ଥରେ ବୌଦ୍ଧସଙ୍ଘର ନିୟମାବଳୀ ଓ ଶ୍ରମଣ (ବୌଦ୍ଧଭିକ୍ଷୁ)ମାନଙ୍କର ଆଚରଣବିଧି ଲିପିବଦ୍ଧ ହୋଇଅଛି । ସୂତ୍ରପିଟକରେ ଦୀଘ ନିକାୟ, ମଜ୍‌ଝିମ ନିକାୟ, ସଂଯୁକ୍ତନିକାୟ, ଅଙ୍ଗୁତ୍ତର ନିକାୟ ଓ ଖୁଦ୍ଦକ ପ୍ରଭୃତି ପାଞ୍ଚଗୋଟି ବିଷୟ ସମ୍ବଳିତ ୧୯ଟି ଧର୍ମଗ୍ରନ୍ଥରେ ବୁଦ୍ଧଦେବଙ୍କ ନୀତ୍ୟୁପଦେଶ ସଂପର୍କିତ କାହାଣୀସବୁ ସ୍ଥାନପାଇଛି । ଅଭିଧର୍ମ ପିଟକରେ ପୁଗ୍‌ଗଲ ପଞ୍ଞତି, ଯମକ, ପଟ୍‌ଠାନ, ଧାତୁକଥା, କଥାବତ୍ଥୁବିଭଙ୍ଗ ଓ ଧର୍ମସଙ୍ଗିତୀ ପ୍ରଭୃତି ବିଷୟ ସନ୍ନିହିତ ୭ଟି ଧର୍ମଗ୍ରନ୍ଥରେ

ବୌଦ୍ଧଧର୍ମର ଦାର୍ଶନିକ ତତ୍ତ୍ୱମାନ ସନ୍ନିବିଷ୍ଟ ହୋଇଅଛି । ସ୍ତୁତରାଂ ଉଲ୍ଲେଖନୀୟ ବିଷୟ ଏହିଯେ ହିନ୍ଦୁ ଦେବଦେବୀଙ୍କ ପ୍ରତି ଉଦାରତା ପ୍ରଦର୍ଶନ ପୂର୍ବକ ଜନାର୍ଦ୍ଦନ, ନାରାୟଣ, ଶିବ, ବ୍ରହ୍ମା ଓ ବରୁଣ ପ୍ରଭୃତି ଦେବତାଙ୍କୁ ତ୍ରିପିଟକରେ ଯଥାର୍ଥ ସମ୍ମାନ ପ୍ରଦତ୍ତ ହୋଇଅଛି ।

ବୁଦ୍ଧଦେବ ଯେଉଁ ଦାର୍ଶନିକ ବାଦବିସମ୍ବାଦକୁ ଘୃଣା ମନେକରି ମନୁଷ୍ୟଙ୍କୁ ସେଥିରୁ ଦୂରେଇ ରଖିବାପାଇଁ ମୌନରହିବାକୁ ଶ୍ରେୟ ମନେକରୁଥିଲେ, ତାଙ୍କ ମହାନିର୍ବାଣ ପରେ ତାଙ୍କ ପ୍ରଚାରିତ ଧର୍ମଦର୍ଶନକୁ କେନ୍ଦ୍ରକରି ସପକ୍ଷ ଓ ବିପକ୍ଷବାଦୀମାନଙ୍କ ମଧ୍ୟରେ ଭିନ୍ନଚେତନାର ଉଦ୍ଭବ ହୋଇ ବୌଦ୍ଧମତାବଲମ୍ବୀମାନେ ଭାଗଭାଗ ହୋଇଗଲେ । ସେମାନଙ୍କ ମଧ୍ୟରେ ଏକତା ସ୍ଥାପନପାଇଁ ବୁଦ୍ଧଦେବଙ୍କ ପରିନିର୍ବାଣପରେ ରାଜଗୃହଠାରେ ପ୍ରଥମ ବୌଦ୍ଧମହାସଙ୍ଗିତୀ (ମହାଧିବେଶନ), ପରିନିର୍ବାଣର ୧୧୮ବର୍ଷପରେ ବୈଶାଳୀ ୨ୟ ବୌଦ୍ଧମହାଧିବେଶନ, ଖ୍ରୀ: ପୂ: ୩ୟ ଶତାବ୍ଦୀରେ ଅଶୋକଙ୍କ ତତ୍ତ୍ୱାବଧାନରେ ମୋଗ୍ଗଲିପୁତ୍ର ତିସାଙ୍କ ଅଧ୍ୟକ୍ଷତାରେ ପାଟଳିପୁତ୍ର (ପାଟନା)ଠାରେ ୩ୟ ବୌଦ୍ଧମହାସମ୍ମିଳନୀ, ଖ୍ରୀଷ୍ଟୀୟ ୧ମଶତାବ୍ଦୀରେ କନିଷ୍କଙ୍କ ତତ୍ତ୍ୱାବଧାନରେ ବସୁମିତ୍ରଙ୍କ ଅଧ୍ୟକ୍ଷତାରେ କାଶ୍ମୀରର କୁଣ୍ଡଳବନ-ବିହାରଠାରେ ୪ର୍ଥ ବୌଦ୍ଧମହାସମ୍ମିଳନୀ ଓ ୬୪୩ ଖ୍ରୀଷ୍ଟାବ୍ଦ ମାର୍ଚ୍ଚମାସରେ ହର୍ଷବର୍ଦ୍ଧନଙ୍କ ତତ୍ତ୍ୱାବଧାନରେ ହୁଏନସାଂଙ୍କ ଅଧ୍ୟକ୍ଷତାରେ କାନ୍ୟକୁବ୍ଜ (କନୌଜ)ଠାରେ ୫ମବୌଦ୍ଧ ମହାସଭା ଅନୁଷ୍ଠିତ ହୋଇମଧ୍ୟ ବୌଦ୍ଧମାନଙ୍କ ମଧ୍ୟରେ ଏକତା ସ୍ଥାପନ ସମ୍ଭବ ହୋଇନଥିଲା । କ୍ରମଶଃ ବୌଦ୍ଧମାନେ ୩୦ଗୋଟି ସମ୍ପ୍ରଦାୟରେ ବିଭକ୍ତ ହୋଇଯାଇଥିଲେ । ବୌଦ୍ଧଧର୍ମଦର୍ଶନ ପରମ୍ପରା ସମ୍ବନ୍ଧରେ ସ୍ପଷ୍ଟଧାରଣା ଦେବାଲାଗି ନିମ୍ନରେ ଏକ ସାରଣୀ ପ୍ରଦତ୍ତହେଲା ।

ବୌଦ୍ଧ ଦର୍ଶନ ସମ୍ପ୍ରଦାୟ

- ହୀନଯାନ
  - ବୈଭାଷିକ (ପ୍ରତ୍ୟକ୍ଷ ବାଦ)
  - ସୌତ୍ରାନ୍ତିକ (ଅନୁମେୟ ବାଦ)
- ମହାଯାନ
  - ଯୋଗାଚାର (ବିଜ୍ଞାନ ବାଦ)
  - ମାଧ୍ୟମିକ (ଶୂନ୍ୟବାଦ)

ତନ୍ମଧ୍ୟରୁ ତତ୍କାଳରେ ପ୍ରତିଷ୍ଠା ଲାଭକରିଥିବା କେତେଗୋଟି ମୁଖ୍ୟ ସଂପ୍ରଦାୟ ଉପରେ ଆଲୋକପାତ କରାଗଲା ।

**ହୀନଯାନ**—ହୀନଯାନମତ ହେଉଛି ତଥାକଥିତ ରକ୍ଷଣଶୀଳ ବୌଦ୍ଧମାନଙ୍କଦ୍ୱାରା ଗୃହିତ ଧର୍ମମତ । ଅରି ବା ମୋହ ରୂପକ ଶତ୍ରୁର ହନନକର୍ତ୍ତା ଅର୍ଥରେ ବୁଦ୍ଧଙ୍କୁ ଅରିହନ୍ତ ବା ଅର୍ହତବୋଲି କୁହାଯାଉଥିବାରୁ ହୀନଯାନ, ସଂପ୍ରଦାୟ ଅର୍ହତଯାନ ନାମରେ ପରିଚିତ । ମୁକ୍ତିରପଥ ଓ ମୁକ୍ତିର ଉପାୟ ନିର୍ଦ୍ଧାରଣ କରିଥିବା ଅର୍ହତ ବା ସିଦ୍ଧପୁରୁଷ ବୁଦ୍ଧଦେବଙ୍କୁ ହୀନଯାନୀମାନେ ଏକ ଐତିହାସିକ ବ୍ୟକ୍ତିତ୍ୱ ରୂପେ ପ୍ରାଧାନ୍ୟ ପ୍ରଦାନକରି ସେମାନେ ପିତୃଳାପୂଜା ପରିବର୍ତ୍ତେ ବୁଦ୍ଧଦେବଙ୍କଧାତୁ (Relics) ଯଥା—ନଖ, କେଶ, ଦନ୍ତ, ଅସ୍ଥି ଓ ଚିତାଭସ୍ମ ପ୍ରଭୃତିକୁ ସ୍ତୁପମାନଙ୍କରେ ସଂରକ୍ଷିତକରି ଉପାସନା କରୁଥିଲେ । ଶ୍ରାବକ ଅର୍ଥ ଉପାସକ । ତେଣୁ ଉପର୍ଯ୍ୟୁକ୍ତ ଉପାସନା ପରମ୍ପରାରୁ ହୀନଯାନ ସଂପ୍ରଦାୟ ଶ୍ରାବକଯାନରୂପେ ପରିଚିତ । ହୀନଯାନ ମତାନୁଯାୟୀ କେବଳ ସନ୍ୟାସୀମାନେ ଐହିକ ଜୀବନଯାତ୍ରାଠାରୁ ନିଜକୁ ସଂପୂର୍ଣ୍ଣରୂପେ ବିଛିନ୍ନକଲାପରେ ହିଁ ନିର୍ବାଣଲାଭ କରିଥାନ୍ତି । ସେମାନଙ୍କ ମତରେ ମନୁଷ୍ୟ ନିଜର ବୋଧି ବା ନିର୍ବାଣ ପାଇଁ ମନୋଯୋଗୀହେବା ସଙ୍ଗେସଙ୍ଗେ ମୁକ୍ତିଲାଭ ପାଇଁ ଚେଷ୍ଟିତହେବା ବିଧେୟ । ହୀନଯାନର ଦୁଇଗୋଟି ସଂପ୍ରଦାୟ ମଧ୍ୟରୁ ବୈଭାଷିକ ଦର୍ଶନ ବା ପ୍ରତ୍ୟକ୍ଷ ମତବାଦକୁ ବସ୍ତୁବାଦବୋଲି ଅଭିହିତ କରାଯାଇଥାଏ । ବୈଭାଷିକ ମତରେ ପ୍ରଜ୍ଞାଦ୍ୱାରା ସମସ୍ତ କ୍ଳେଶର ବିଲୋପହିଁ ଜୀବନର ପରମାର୍ଥ ଏବଂ ନିର୍ବାଣ ହେଉଛି ଜୀବନର ଏକ ଶାଶ୍ୱତ ସ୍ଥିତି । ଅନ୍ୟଏକ ସଂପ୍ରଦାୟ ସୌତ୍ରାନ୍ତିକ ଦର୍ଶନ ମତରେ ବାହ୍ୟବସ୍ତୁର ଜ୍ଞାନ ପ୍ରତ୍ୟକ୍ଷଗମ୍ୟନୁହେଁ, ଏହା ଅନୁମାନ ସାପେକ୍ଷ ଅଟେ । ହୀନଯାନମାନେ ମୌଳିକ ବୌଦ୍ଧଧର୍ମର ଅନ୍ତର୍ଭୁକ୍ତ ତଥା ମହାଯାନର ପରିପନ୍ଥୀ ହୋଇଥିବାରୁ ଏମାନଙ୍କୁ ଥେରଭବାଦୀ ବା ସ୍ଥବୀରବାଦୀ ବୋଲି କୁହାଯାଇଥାଏ ।

**ମହାଯାନ**—ବୌଦ୍ଧଧର୍ମ ସଂପ୍ରଦାୟର ଏକଗୋଷ୍ଠୀ ସର୍ବାସ୍ତିବାଦୀ (ଶ୍ରାବସ୍ତିବାଦୀ) ମାନେ ପ୍ରଜ୍ଞାପାରମିତା ସାହିତ୍ୟ ମାଧ୍ୟମରେ ପ୍ରଚାର କଲେ ଯେ ସତ୍ ଜୀବନ-ଯାପନଦ୍ୱାରା କେବଳ ସଂସାରତ୍ୟାଗୀ ସନ୍ନ୍ୟାସୀ ନୁହନ୍ତି ସମସ୍ତ ମନୁଷ୍ୟ କ୍ରମେ ଉଚ୍ଚରୁ ଉଚ୍ଚତର ସୋପାନକୁ ଉଠି ବୁଦ୍ଧରେ ପରିଣତ ହୋଇପାରିବ । ଏହିଗୋଷ୍ଠୀ କାଳକ୍ରମେ ମହାଯାନୀରୂପେ ପରିଚିତହେଲେ । ମହାଯାନୀମାନେ ସେମାନଙ୍କର ଅନୁସୃତ ମତବାଦର ନାମ ଦେଇଥିଲେ ମହତମାର୍ଗ ବା ମହତପଥ । ହୀନଯାନୀମାନଙ୍କର ରକ୍ଷଣଶୀଳ ତଥା ସଙ୍କୀର୍ଣ୍ଣ ଚିନ୍ତାଧାରା ହିଁ ମହାଯାନ ସମ୍ପ୍ରଦାୟ ସୃଷ୍ଟିର ମୂଳକାରକ । ବୁଦ୍ଧଦେବଙ୍କ ପରିନିର୍ବାଣ ପରେ ହୀନଯାନୀମାନେ ବୁଦ୍ଧ ତଥା ଶ୍ରାବକ-ମାନଙ୍କର ଧାତୁ (Relics) ପୂଜା କରୁଥିବା ସ୍ଥଳେ ମହାଯାନୀମାନେ ବୁଦ୍ଧଙ୍କୁ ପରମ ସ୍ୱୟମ୍ଭୁ ସତ୍ତା ବା ଈଶ୍ୱରରୂପେ ସମ୍ମାନଦେଇ ପୂଜା କରୁଥିଲେ । ମହାଯାନୀମାନେ ବୁଦ୍ଧଙ୍କୁ ବୋଧିସତ୍ତ୍ୱ ବା ଜ୍ଞାନରତ୍ନ ପୁରୁଷ ନାମରେ ସେମାନଙ୍କର ପୂର୍ବଜନ୍ମମାନଙ୍କୁ ଦେବତାରୂପେ କଳ୍ପନାକରି ସେମାନଙ୍କର ସେବା ଆରାଧନା କଲେ ନିର୍ବାଣପ୍ରାପ୍ତି ସମ୍ଭବ ହୋଇଥାଏ ବୋଲି ପ୍ରଚାରକଲେ । ଏଣୁ ମହାଯାନୀମାନେ ବୁଦ୍ଧମୂର୍ତ୍ତି ନିର୍ମାଣକଲେ. ମୂର୍ତ୍ତି ନିମନ୍ତେ ବୌଦ୍ଧ ମନ୍ଦିର ନିର୍ମାଣକରି ବୁଦ୍ଧ ଓ ବୋଧିସତ୍ତ୍ୱ (ଆଦିବୁଦ୍ଧ)ଙ୍କ ପୂଜାକଲେ । ହିନ୍ଦୁପୁରାଣ ଅନୁକୃତିରେ ବୌଦ୍ଧପୁରାଣସବୁ ରଚନା କରାଗଲା ଓ ବୁଦ୍ଧଦେବଙ୍କ ଅଲୌକିକତା ପ୍ରଦର୍ଶନ ପୂର୍ବକ ତାଙ୍କର ଅବତାରମାନଙ୍କ କଥା ଲେଖାଗଲା । ବୁଦ୍ଧ ଯେ ଜଣେ ଐତିହାସିକ ଚରିତ୍ର ଏକଥା ମହାଯାନୀମାନେ ଭୁଲିଗଲେ ।

ଅର୍ଥାତ୍ ସେମାନଙ୍କ ମତରେ ବୁଦ୍ଧ ପ୍ରୟୋଜନବୋଧରେ ବାରମ୍ବାର ଅବତାର ଗ୍ରହଣକରି ଧରାବତରଣ କରିଥାନ୍ତି । ସର୍ବାସ୍ତିବାଦୀମାନଙ୍କ ମତରେ ବୋଧି ବା ବୁଦ୍ଧତ୍ୱର ପୂର୍ବରୁ ଗୌତମ ଥିଲେ ଆଦି ବୁଦ୍ଧ ବା ବୋଧିସତ୍ତ୍ୱ । ବୋଧିସତ୍ତ୍ୱ କହିଲେ ମହାଯାନୀମାନେ ଏପରି ଏକ ମହାଶକ୍ତିକୁ ବୁଝୁଥିଲେ ଯାହାଙ୍କର ବୁଦ୍ଧତ୍ୱ ଅର୍ଜନର ଯୋଗ୍ୟତା ଅଛି ଏବଂ ସେ ନିର୍ବାଣଲାଭର ସମୀପବର୍ତ୍ତୀ ହୋଇଛନ୍ତି । ସେମାନଙ୍କ ମତରେ ବୋଧିସତ୍ତ୍ୱମାନଙ୍କ ସହାୟତାରେ ନିର୍ବାଣଲାଭ ସହଜସାଧ୍ୟ । ପୁନଶ୍ଚ ସେମାନଙ୍କ ମତରେ ପ୍ରତ୍ୟେକ ପ୍ରାଣୀ ବୁଦ୍ଧରେ ପରିଣତ ହେବାର ଯୋଗ୍ୟତା ତଥା ସମ୍ଭାବନାନେଇ ଜନ୍ମଗ୍ରହଣ କରିଥାନ୍ତି । ଏହି ବୁଦ୍ଧତ୍ୱ ସର୍ବତ୍ର ପରିବ୍ୟାପ୍ତ । ବୁଦ୍ଧଦେବଙ୍କ ବୁଦ୍ଧତ୍ୱ ସାଧାରଣତଃ ତିନୋଟି ରୂପ ବା ତ୍ରିକାୟା ମାଧ୍ୟମରେ ପରିଗତ ହୋଇଥିଲା । ଯଥା– ଧର୍ମକାୟା ବା ଧର୍ମଦେହ, ସମ୍ଭୋଗକାୟା ବା ଉପଭୋଗ, ଦେହ ଓ ନିର୍ମାଣକାୟା ବା ସୃଷ୍ଟଦେହ । ମହାଯାନୀମାନେ ଇନ୍ଦ୍ରିୟ ସଂଯମ ଉପରେ ଗୁରୁତ୍ୱ ଆରୋପ କରୁଥିଲେ । ସେମାନେ ଜାତକ ଓ ଅବଦାନ ସାହିତ୍ୟ ମାଧ୍ୟମରେ ବୌଦ୍ଧଧର୍ମକୁ ଆହୁରି ଲୋକପ୍ରିୟ କରାଇ ପାରିଲେ । ମହାଯାନୀ ବୌଦ୍ଧମତ ସବୁଠାରୁ ଜନପ୍ରିୟ ଗ୍ରନ୍ଥ ସମୂହ ହେଉଛି, 'ସଦ୍ଧର୍ମପୁଣ୍ଡରୀକ ସୂତ୍ର', ସୁବର୍ଣ୍ଣ ପ୍ରଭାସ ସୂତ୍ର,, । ତନ୍ମଧ୍ୟରେ ତତ୍‌ପରତା ଓ ଷଡ଼ପାରମିତା ଦାନ, ଶାଳୀନତା, ସହନଶୀଳତା, ଆନ୍ତରିକତା ଧ୍ୟାନ ଓ ଅନ୍ତର୍ଦୃଷ୍ଟି) ରଚିତ ହେବା ଫଳରେ ମହାଯାନ ଧର୍ମମତ ସଂପୂର୍ଣ୍ଣ ରୂପରେଖ ଗ୍ରହଣ କରିଥିଲା । ମହାଯାନୀମାନେ କ୍ରମଶଃ ନାଗାର୍ଜ୍ଜୁନ ଓ ମୈତ୍ରେୟନାଥଙ୍କ ଦର୍ଶନରେ ପ୍ରଭାବିତ ହୋଇ ଯଥାକ୍ରମେ ଯୋଗାଚାର ଦର୍ଶନ ଓ ମାଧ୍ୟମିକ ଦର୍ଶନ ନାମରେ ୨ଗୋଟି ପୃଥକ ସଂପ୍ରଦାୟରେ ବିଭକ୍ତ ହୋଇଗଲେ । ଯୋଗାଚାର ଦର୍ଶନର ଅନ୍ୟନାମ ବିଜ୍ଞାନବାଦ ଓ ମାଧ୍ୟମିକ ଦର୍ଶନର ଅନ୍ୟନାମ ଶୂନ୍ୟବାଦ ଅଟେ । ମାଧ୍ୟମିକ ଦର୍ଶନ ଅସ୍ତି-ନାସ୍ତି, ନିତ୍ୟ-ଅନିତ୍ୟ, ଆତ୍ମା-ଅନାତ୍ମା, ସୁଖ-ଦୁଃଖ, ଶୂନ୍ୟ-ଅଶୂନ୍ୟ ପ୍ରଭୃତିର ମଧ୍ୟବର୍ତ୍ତୀ ଚେତନାରେ ଅନୁପ୍ରାଣିତ । ଶୂନ୍ୟବାଦ ପରମ୍ପରାରେ କେବଳ ଦେବତା ଯେ ଶୂନ୍ୟ ତାହାନୁହେଁ, ସାଧକ ନିଜେ ମଧ୍ୟ ଶୂନ୍ୟ । ଉପାସନା ସମୟରେ ଯେଉଁ ମନ୍ତ୍ରପାଠ କରଯାଏ, ଯେଉଁ ଉପାଚାର ଓ ନୈବେଦ୍ୟ ଅର୍ପିତହୁଏ ତାହାମଧ୍ୟ ଶୂନ୍ୟର ପ୍ରତୀକ ଅଟେ ।

ତନ୍ତ୍ରଯାନ—ଅର୍ହତଯାନରୁ ମହାଯାନର ଉଦ୍ଭବ ସଦୃଶ ଖ୍ରୀଷ୍ଟୀୟ ୨ୟ–୩ୟ ଶତକରେ ମହାଯାନରେ ତନ୍ତ୍ରର ଅନୁପ୍ରବେଶ ଫଳରେ ଉପାସନା ପଦ୍ଧତିରେ ମୁଦ୍ରା, ମଣ୍ଡଳ, ଅଭିଷେକ ଆଦି ପ୍ରକ୍ରିୟା ସନ୍ନିବିଷ୍ଟ ହେବା ସଙ୍ଗେ ସଙ୍ଗେ ପ୍ରଚାର ସ୍ତମ୍ଭନ, ମୋହନ, ବଶୀକରଣ, ବିଦ୍‌ବେଷଣ, ଉଚ୍ଚାଟନ ଓ ମାରଣ ଆଦି ଷଡ଼ାଭିଚାର ତଥା ପଞ୍ଚମ କାର ଉପାସନା ବିଧି ସ୍ଥାନପାଇ ମହାଯାନ ତନ୍ତ୍ରଯାନରେ ପରିଣତ ହେଲା । ମହାଯାନ ଇନ୍ଦ୍ରିୟ ସଂଯମ ଉପରେ ଗୁରୁତ୍ୱ ଆରୋପ କରୁ-ଥିଲେ କେବଳ ତନ୍ତ୍ରଯାନ ଇନ୍ଦ୍ରିୟ ସମ୍ଭୋଗକୁ ପ୍ରାଧାନ୍ୟ ଦେଲା । ସମ୍ବଳର ରାଜା ଇନ୍ଦ୍ରଭୂତି ତନ୍ତ୍ରଯାନକୁ ସୁସଂଗତ କରି ଏକ ନୂତନ ଦର୍ଶନ ସମ୍ପ୍ରଦାୟ ସୃଷ୍ଟି କଲେ ଯାହାକି 'ବଜ୍ରଯାନ' ନାମରେ ନାମିତ ହେଲା । ମହାଯାନର ଅତ୍ୟଧିକ କଳ୍ପନା-ବିଳାସୋଚିତ ପରିଣତିରୁ ହିଁ ବଜ୍ରଯାନର ଉତ୍ପତ୍ତି । ବଜ୍ର ଦେବରାଜ ଇନ୍ଦ୍ରଙ୍କର ଶକ୍ତି ବିଶେଷ । ଶତ୍ରୁ ବିନାଶ ପାଇଁ ଏହା ପ୍ରୟୋଗ କରାଯାଇ ଥାଏ । କ୍ରମଶଃ ଏହା ବୌଦ୍ଧ-ମାନଙ୍କ ମଧ୍ୟରେ ଜନ୍ୟବାଦ … ଓ ଅନ୍ୟମାନଙ୍କ ମଧ୍ୟରେ ଶକ୍ତିର ଦ୍ୟୋତକ ଶିଶ୍ନ ବୁଝାଇଲା । ଏହି ଅର୍ଥରେ ବୌଦ୍ଧ ଦର୍ଶନ ପରମ୍ପରାରେ ଶକ୍ତି ଶବ୍ଦର ପ୍ରାଧାନ୍ୟ ଉପଲବ୍ଧ ହେଲା । ସ୍ତ୍ରୀ ଜନନେନ୍ଦ୍ରିୟର ପ୍ରତୀକ ରୂପେ ପଦ୍ମର ପରିକଳ୍ପନା କରାଗଲା । ଲାମା ଧର୍ମର ମନ୍ତ୍ର 'ଓଁ' ମଣିପଦ୍ମେ ହୁଁ' ର ଏହା ହେଲା ତାନ୍ତ୍ରିକ ସଙ୍କେତ । ତେଣୁ ଲୌକିକ ବ୍ୟବ-ହାରରେ ବଜ୍ରଯାନର ସାଧନା ଏକ ପ୍ରକାର ଯୌନଯାନରେ ପରିଣତ ହେଲା । ବୌଦ୍ଧଧର୍ମର ଥେରବାଦୀ ହୀନଯାନୀ ଶାଖାର କଠୋର ନୈତିକ ସଂଯମର ପ୍ରତିକ୍ରିୟାରୁ ହିଁ ଏତାଦୃଶ ଦର୍ଶନ ସମ୍ପ୍ରଦାୟ ସୃଷ୍ଟି ହୋଇଥିବା ସମୀଚୀନ । ତେଣୁ ପ୍ରବୃତ୍ତି ମାର୍ଗ ସାଧନା ବା ଇନ୍ଦ୍ରିୟମାନଙ୍କର ତୃପ୍ତି ସାଧନ ବ୍ୟତିରେକ ପ୍ରବୃତ୍ତି ବା ଇନ୍ଦ୍ରିୟ ଆକର୍ଷଣ ଦମନ ଅସମ୍ଭବ । ଏହି ମତର ପ୍ରବକ୍ତାମାନେ ବଜ୍ରଯାନୀ ବୌଦ୍ଧହେଲେ । ଏମାନଙ୍କ ମତରେ ଗୌତମ ପ୍ରଥମେ ବିବାହ କରି ଲାଳସା ଚରିତାର୍ଥ କରିବା ପରେ ଯାଇ ନିର୍ବାଣ ଲାଭ କଲେ । ପୁନଶ୍ଚ ଏମାନେ କହନ୍ତି–ପ୍ରଥମେ ବଜ୍ରସତ୍ତ୍ୱ ବା ସ୍ୱୟମ୍ଭୂ ଆଦି-ବୁଦ୍ଧ ଓ ତାଙ୍କ ସ୍ତ୍ରୀ ପ୍ରଜ୍ଞାଙ୍କ ଠାରୁ ସମ୍ଭୂତ ଶ୍ୱେତାଙ୍ଗ ବୈରୋଚନ ନୀଳାଭ ଅକ୍ଷୋଭ୍ୟ, ପୀତାଭ, ରତ୍ନସମ୍ଭବ, ଅରୁଣାଭ, ଅମିତାଭ ଓ ଶ୍ୟାମାଙ୍ଗ ଅମୋଘସିଦ୍ଧି ନାମକ ପଞ୍ଚଧ୍ୟାନୀ ବୁଦ୍ଧ ଜାତ-ହେଲେ । ପ୍ରୋକ୍ତ ପଞ୍ଚଧ୍ୟାନୀ ବୁଦ୍ଧଙ୍କର ଯଥାକ୍ରମେ ବୈରୋଚନୀ, ଲୋଚନା, ମାମୁଖୀ, ପାଣ୍ଡୁରା ଓ ତାରା ନାମ୍ନୀ ପଞ୍ଚ ପତ୍ନୀଙ୍କ ସମ୍ଭୋଗରୁ ସ୍ୟମନ୍ତଭଦ୍ର, ବଜ୍ରପାଣି, ରତ୍ନପାଣି, ପଦ୍ମପାଣି, ଓ ବିଶ୍ୱପାଣୀ ନାମକ ପଞ୍ଚଧ୍ୟାନୀ ବୋଧିସତ୍ତ୍ୱଙ୍କ ଉତ୍ପତ୍ତି ହୋଇଅଛି । ଉପଯୁକ୍ତ ପଞ୍ଚଧ୍ୟାନୀ ବୁଦ୍ଧ, ପଞ୍ଚବୁଦ୍ଧଶକ୍ତି ଓ ପଞ୍ଚବୋଧିସତ୍ତ୍ୱଙ୍କର ଯେଉଁମାନେ ଉପାସନା କଲେ ସେମାନେ 'ବୋଧିସତ୍ତ୍ୱଯାନୀ' ନାମରେ ପରିଚିତ ହେଲେ । କିନ୍ତୁ ପ୍ରବୃତ୍ତିମାର୍ଗୀ ବଜ୍ରଯାନୀମାନେ ବଜ୍ର ନାମକ ଷଷ୍ଠ ଧ୍ୟାନୀବୁଦ୍ଧ, ଧାତ୍ୱୀଶ୍ୱରୀ ନାମକ ତାଙ୍କର ଶକ୍ତି ଓ ଘଣ୍ଟାପାଣି ନାମକ ୬ଷ୍ଠ ବୋଧିସତ୍ତ୍ୱଙ୍କ କଳ୍ପନା କରି ସେହି ଦେବତାମାନଙ୍କ ଆରାଧନା ନିମିତ୍ତ ପ୍ରଚାରକରି 'ବଜ୍ର-ସତ୍ତ୍ୱଯାନ' ବା ବଜ୍ରଯାନୀ ନାମରେ ପରିଚିତ ହେଲେ । ଏମାନଙ୍କର ଆଚାର ପଦ୍ଧତି ଓ ପୂଜାନୀତି ଅତିଗୋପନୀୟ ତଥା ତାନ୍ତ୍ରିକ ତମସାଚ୍ଛନ୍ନ । ଏମାନଙ୍କ ମତରେ ତ୍ୟାଗ ଅପେକ୍ଷା ସମ୍ଭୋଗଲାଳସା ଶ୍ରେୟ ପ୍ରାପ୍ତିର ପ୍ରଧାନ ସାଧନ । କାଳକ୍ରମେ ବଜ୍ରଯାନୀମାନେ ଧ୍ୟାନୀବୁଦ୍ଧ, ବୁଦ୍ଧଶକ୍ତି ଓ ବୋଧିସତ୍ତ୍ୱମାନଙ୍କର ମୂର୍ତ୍ତି ଗଠନକରି ସେମାନଙ୍କର ଉପାସନା ନିମିତ୍ତ ବହୁ ମନ୍ଦିର ନିର୍ମାଣ କଲେ । ଏହି ମୂର୍ତ୍ତିମାନଙ୍କ ଉପାସନା ମାଧ୍ୟମରେ ବଜ୍ରଯାନୀମାନେ ସାଂସାରିକ କ୍ରିୟାରେ ରତଥାଇ ନିର୍ବାଣ କାମନା କରୁଥିଲେ । ବଜ୍ରଯାନ ହିନ୍ଦୁଧର୍ମର ସମକକ୍ଷ ହୋଇ ଦେବଦେବୀଙ୍କର ନବସୃଜନ

ନଲେ । ବଜ୍ରସାଧକ କୌଣସି ରୂପ କଳ୍ପନା କିମ୍ବା ସାକାର ଉପାସନା କରେ ନାହିଁ । ବଜ୍ରଯାନରେ ମୂର୍ତ୍ତି ପୂଜାର ଯେଉଁ ପ୍ରଚଳନ ଥିଲା ତାହା ଶୂନ୍ୟଧାରାର ସାଙ୍କେତିକ ପରିପ୍ରକାଶ ମାତ୍ର । ବଜ୍ରଯାନୀ ସାଧକ ଜଗତର କଲ୍ୟାଣସାଧନ ତଥା ଜ୍ଞାନାର୍ଜନ ନିମିତ୍ତ ନିର୍ବିକାର ଚିତ୍ତରେ ଯେ କୌଣସି ଉପାୟ ଅବଲମ୍ବନ କରୁଥିଲେ । ଇନ୍ଦ୍ରଭୂତିଙ୍କ ଭଗିନୀ ଲକ୍ଷ୍ମୀଙ୍କରାଙ୍କ-ଦ୍ୱାରା ବଜ୍ରଯାନୀ ବୌଦ୍ଧ ସମ୍ପ୍ରଦାୟ ନୂତନ ମୋଡ ନେଲା । ଲକ୍ଷ୍ମୀଙ୍କରାଙ୍କ ମତରେ କାଷ୍ଠପାଷାଣ ନିର୍ମିତ ପ୍ରତିମାପୂଜା କରିବାରେ କୌଣସି ଲାଭ ନାହିଁ । ମନୁଷ୍ୟ ଶରୀରହିଁ ବିଶ୍ୱ-ବ୍ରହ୍ମାଣ୍ଡର ପ୍ରତୀକ ଓ ଶରୀର ମଧ୍ୟରେ ହିଁ ସବୁ ଦେବଦେବୀ ଅବସ୍ଥାନ କରିଥାନ୍ତି । ତେଣୁ କାୟା ସାଧନା ବା ଶରୀର ଚର୍ଯ୍ୟା ଉପରେ ଲକ୍ଷ୍ମୀଙ୍କରା ଗୁରୁତ୍ୱ ଆରୋପ କଲେ । ମନୁଷ୍ୟ ଜନ୍ମ ସମୟରେ ଯେଉଁ ଗୁଣ ବା ପ୍ରବୃତ୍ତି ସଙ୍ଗରେ ନେଇ ଧରାବତରଣ କରେ ତାହା ସହଜ । ସେହି ସହଜାତ ଗୁଣ ବା ପ୍ରବୃତ୍ତିକୁ ଦମନ ନ କରି ତାହାର ଅଭିବୃଦ୍ଧି ଓ ସମ୍ଭୋଗରେ ସିଦ୍ଧିଲାଭ କରିବାର ପନ୍ଥା ହିଁ **'ସହଜଯାନ'** । ମନୁଷ୍ୟର ଯୌନ ପ୍ରବୃତ୍ତିକୁ ଉଚ୍ଚତମ ସ୍ତରରେ ପରିଚାଳିତ କରି ନିର୍ବୃତ୍ତି ଲାଭର ମାର୍ଗ ସୁଗମ କରିବା ହିଁ ସହଜ ସାଧନାର ଲକ୍ଷ୍ୟ । ମନୁଷ୍ୟର ସହଜାତ ପ୍ରବୃତ୍ତି ଯୌନଚର୍ଯ୍ୟା ସହଜଯାନର ମୁଖ୍ୟ ଉଦ୍ଦେଶ୍ୟ । ସହଜିଆ ବୌଦ୍ଧମାନେ ଔପନିଷଦୀୟ ବ୍ରାହ୍ମଣ ସଙ୍ଗେ ସମାନ । ସହଜିଆ ସିଦ୍ଧମାନେ ତନ୍ତ୍ର ଅଭ୍ୟାସ ସହିତ ସନ୍ଧ୍ୟାଭାଷାର ସାହିତ୍ୟ ସୃଷ୍ଟି କଲେ । ସହଜିଆ ସାଧକ-ମାନେ ଉପାସନା କ୍ଷେତ୍ରରେ ଚଣ୍ଡାଳୀ, ଡୋମ୍ବୀ, ଶବରୀ, ଯୋଗିନୀ, ନୈରାତ୍ମା, ନେରାମଣି ଓ ସହଜସୁନ୍ଦରମାନଙ୍କୁ ଶକ୍ତି ହିସାବରେ ଗ୍ରହଣକରି ପର୍ଯ୍ୟାୟ କ୍ରମେ ଆନନ୍ଦ, ପରମାନନ୍ଦ, ବିରମାନନ୍ଦ ଓ ସହଜାନନ୍ଦ ଲାଭ କରିବା ସଙ୍ଗେ ସଙ୍ଗେ ମହାସୁଖ ଲାଭ କରିଥାନ୍ତି ।

ଉପସଂହାରରେ ଏତିକି କୁହାଯାଇପାରେ ଯେ ସମୁଦ୍ର ଜଳ ଯଦି ଏକ ଦ୍ରବଣ ହୁଏ, ଏଥିରେ ଉତ୍ତାପ ପ୍ରୟୋଗ ଫଳରେ ଯେପରି କେବଳ ଲବଣ ମିଳିଥାଏ, ସେହିପରି ବୌଦ୍ଧ ଧର୍ମଦର୍ଶନକୁ ଗଭୀର ଅନୁଶୀଳନ କଲେ କେବଳ ସୁଖ, ନିର୍ବାଣ ଓ ମୁକ୍ତି ବ୍ୟତୀତ ଅନ୍ୟ କିଛି ମିଳେନାହିଁ । ଦୀର୍ଘ ଅଢ଼େଇ ହଜାର ବର୍ଷ ବ୍ୟାପୀ ବୌଦ୍ଧଧର୍ମ କ୍ରମାଗତ ଅବକ୍ଷୟଗାମୀ ହୋଇ ଗତି କରି କରି ତାର ପ୍ରାଧାନ୍ୟ ହରାଇ ବସିଥିଲେ ହେଁ ଆଜି ମଧ୍ୟ ଲୋକମାନଙ୍କ କଣ୍ଠରେ ବୌଦ୍ଧ ତ୍ରିଶରଣ ମନ୍ତ୍ର ଝଂକୃତ ହୋଇଥାଏ—

ବୁଦ୍ଧଂ ଶରଣଂ ଗଚ୍ଛାମୀ ।<br>
ଧର୍ମଂ ଶରଣଂ ଗଚ୍ଛାମୀ ।<br>
ସଂଘଂ ଶରଣଂ ଗଚ୍ଛାମୀ ।

ନୂଆଗାଁ, ଭୁବନେଶ୍ୱର–୨ ପୁରୀ

ସହାୟକ ଗ୍ରନ୍ଥାବଳୀ

୧–ଭାରତ ଇତିହାସ—କୋବା ଆନ୍ତୋନଭା

୨–ଭାରତୀୟ ଦର୍ଶନ–ଡଃ ଗୌରାଙ୍ଗ ଚରଣ ନାୟକ

୩–ଉତ୍କଳରେ ବୌଦ୍ଧଯୁଗର ଇତିହାସ–ବିରୂପାକ୍ଷ କର

୪–ବୁଦ୍ଧ ବିଲଭଡ୍ ଅଫ୍ ଦି ୱାର୍ଲ୍ଡ–ଚମନ ଲାଲ

୫–ପ୍ରଜ୍ଞା–ଏଡ଼ିଟର ଜି. ସି. ନାୟକ, ଉଦ୍ୟମ ୩, ୧୯୭୯





ବାରବାଟୀ ଷ୍ଟାଡିୟମ୍‌ଠାରେ ଭାରତୀୟମ୍ ଉତ୍ସବ

# ପଞ୍ଚାୟତିରାଜ ବ୍ୟବସ୍ଥା

ଶ୍ରୀ ନୃସିଂହ ପ୍ରସାଦ ଦେବ

ବହୁ ପ୍ରାଚୀନ କାଳରୁ ଆମ ଦେଶରେ ପଞ୍ଚାୟତ ଶାସନ ପ୍ରଣାଳୀ ଅନୁସୃତ ହୋଇ ଆସୁଛି । ସମସ୍ତେ ଏକାଠି ବସି ନିଜନିଜର ସମସ୍ୟାଗୁଡ଼ିକ ବିଷୟରେ ଆଲୋଚନା କରିବା ପ୍ରଥା ବୈଦିକ ଯୁଗରେ ମଧ୍ୟ ଥିଲା । ଅନେକ ସମୟରେ ଲୋକେ ଗୋଟିଏ ସ୍ଥାନରେ ଏକତ୍ରିତ ହୋଇ ପରସ୍ପରର ସମସ୍ୟାବଳୀ ସମ୍ପର୍କରେ ବିଚାର ଆଲୋଚନା କରୁଥିଲେ ଏବଂ ସେସବୁର ସମାଧାନ ନିମନ୍ତେ ଏକ ସର୍ବସମ୍ମତ ସୂତ୍ର ନିରୂପଣ କରୁଥିଲେ । ସ୍ୱକୀୟ ଶାସନ ବ୍ୟବସ୍ଥା ପୂର୍ବରୁ ପଞ୍ଚାୟତ ବ୍ୟବସ୍ଥା ଆମ ଦେଶରେ ପ୍ରଚଳିତ ଥିଲା । ଏଥି ପ୍ରତି ଜନସାଧାରଣଙ୍କର ଅତୁଟ ଆସ୍ଥା ମଧ୍ୟ ରହିଥିଲା । ପଞ୍ଚାୟତରେ ବସି ପେଡ଼ିମାନେ ନ୍ୟାୟ କରୁଥିଲେ, ସେମାନଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରାଯାଉଥିଲା । ବିଚାରକମାନେ ନିରପେକ୍ଷ ନ୍ୟାୟ ପ୍ରଦାନ କରୁଥିଲେ । ଅଯୋଧ୍ୟା ନରେଶ ଶ୍ରୀ ରାମଚନ୍ଦ୍ରଙ୍କ ଶାସନ କାଳରେ ଆଦର୍ଶପୂର୍ଣ୍ଣ ଶାସନ ବ୍ୟବସ୍ଥା ଥିଲା 'ରାମରାଜ୍ୟ' । ସେ ଯୁଗରେ ମଧ୍ୟ ସମାଜର ନିମ୍ନ ସ୍ତରରୁ ଆରମ୍ଭ କରି ରାଷ୍ଟ୍ରୀୟ ସ୍ତର ପର୍ଯ୍ୟନ୍ତ ପଞ୍ଚାୟତ ଶାସନ ବ୍ୟବସ୍ଥାର ପ୍ରଚଳନ ଥିଲା । ସେ ସମୟର ପଞ୍ଚାୟତଗୁଡ଼ିକ ସମାଜର ପ୍ରତିଟି ସ୍ତରର ଜନସାଧାରଣଙ୍କର ସମସ୍ୟାବଳୀ ଉପରେ ବିଚାର ବିମର୍ଶ କରି ସମାଧାନର ପନ୍ଥା ଖୋଜି ବାହାର କରୁଥିଲେ । ଏପରିକି, ବୌଦ୍ଧଯୁଗରେ ମଧ୍ୟ ପଞ୍ଚାୟତ ବ୍ୟବସ୍ଥା ରହିଥିବାର ପ୍ରମାଣ ମିଳୁଛି । ପ୍ରତ୍ୟେକ ଗାଁରେ ଶାସନ ବ୍ୟବସ୍ଥା ଯେପରି ସୁଚାରୁରୂପେ ସମାହିତ ହେବ, ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇ ପାରିବ ଏବଂ ବିଭିନ୍ନ ଜନହିତକର କାର୍ଯ୍ୟ ହାତକୁ ନିଆଯିବ, ସେ ଦିଗରେ ବୌଦ୍ଧ ଯୁଗର ପଞ୍ଚାୟତମାନେ ସ୍ୱତନ୍ତ୍ର ଧ୍ୟାନ ଦେଉଥିଲେ ।

ଏହିପରି ଭାବରେ ଗୁପ୍ତଯୁଗ ପର୍ଯ୍ୟନ୍ତ ମଧ୍ୟ ଗଣତନ୍ତ୍ରକୁ ଆଧାର କରି ଗଢ଼ି ଉଠିଥିବା ପଞ୍ଚାୟତ ଶାସନ ବ୍ୟବସ୍ଥା ଅତୀବ ଲୋକପ୍ରିୟ ହୋଇ ପାରିଥିଲା । ସେ ଯୁଗରେ ସମାଜରେ ପଞ୍ଚାୟତର ଯଥେଷ୍ଟ ଅଧିକାର ଓ କ୍ଷମତା ଥିଲା । ଗ୍ରାମବାସୀ ପଞ୍ଚାୟତ ସହ ଆନ୍ତରିକ ସହଯୋଗ ରକ୍ଷା କରୁଥିଲେ ଏବଂ ଗାଁର ଗୋଟିଏ କୋଠ ପାଣ୍ଠି ରହୁଥିଲା । ଗାଁର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ପାଇଁ ଏହି କୋଠ ପାଣ୍ଠିରୁ ଅର୍ଥ ବ୍ୟୟିତ ହେଉଥିଲା । ଗାଁଗୁଡ଼ିକୁ ସ୍ୱାୟତ୍ତ ଶାସନର କ୍ଷମତା ଦେବା ସେ କାଳର ପଞ୍ଚାୟତ ପ୍ରଣାଳୀର ମୂଳ ଲକ୍ଷ୍ୟ ଥିଲା । ଆମର ପୁଣ୍ୟଭୂମି ଭାରତ ମାଟିକୁ ଇଂରେଜମାନେ ଆସିବା ପର୍ଯ୍ୟନ୍ତ ବିଭିନ୍ନ ଅଞ୍ଚଳରେ ପଞ୍ଚାୟତମାନଙ୍କ ନିକଟରେ ସ୍ୱାୟତ୍ତ ଶାସନର କ୍ଷମତା ଥିଲା ଏବଂ ପଞ୍ଚାୟତମାନେ ରାଜ୍ୟର ରାଜନୈତିକ, ସାମାଜିକ ତଥା ଆର୍ଥିକ ଜୀବନ କ୍ଷେତ୍ରରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ।

ଆମ ଦେଶରେ ସମସ୍ତଙ୍କୁ ଏକାଠି ସାଥିରେ ନେଇ ଯେ କୌଣସି ଗୋଟିଏ କାର୍ଯ୍ୟ ମିଳିମିଶି କରିବାର ପରମ୍ପରା ବହୁ ପୂର୍ବରୁ ରହି ଆସିଛି । କାରଣ, ପ୍ରାଚୀନ କାଳରେ ଲୋକମାନଙ୍କ ମଧ୍ୟରେ ଛୁଆଁଅଛୁଆଁ ଭେଦଭାବ ନ ଥିଲା । ସମସ୍ତେ ସମାଜରେ ସମାନ ଅଧିକାର ଉପଭୋଗ କରିବା ସଙ୍ଗେସଙ୍ଗେ ସମ୍ମାନର ସହିତ ଜୀବନ ନିର୍ବାହ କରୁଥିଲେ । ସମାଜର ପ୍ରତ୍ୟେକ କାର୍ଯ୍ୟକଳାପରେ ସମସ୍ତେ ହିଁ ଭାଗ ନେଉଥିଲେ । ଲୋକେ ସାମାଜିକ ବର୍ଣ୍ଣ ବ୍ୟବସ୍ଥାରେ ଅତ୍ୟନ୍ତ ଉଦାର ଭାବ ପୋଷଣ କରୁଥିଲେ । ସମାଜରେ ଥିବା ଲୋକମାନେ ନିଜକୁ ଗୋଟିଏ ପରିବାରର ବୋଲି ଭାବୁଥିଲେ । ଏମିତି ଶହଶହ ବର୍ଷ ଧରି ଆମେ ମିଳିମିଶି ଚାଲି ଆସିଛୁ । ଆଜିବି ଏହି ମିଳିମିଶି ଚଳିବାର ଆପଣାର ଭାବ ଆମ ଗ୍ରାମ୍ୟ ଜୀବନରେ ବସା ବାନ୍ଧି ରହିଛି । ଗାଁରେ ଯଦି କାହାର କିଛି ଗୋଟାଏ ବିପଦ ଆପଦ ପଡ଼ିଲା, ସମସ୍ତେ ସେଥିପାଇଁ ଅଣ୍ଟା ଭିଡ଼ି ବାହାରି ପଡ଼ୁଛନ୍ତି । ମୂଳକଥା ହେଲା, ବିପଦରେ ପଡ଼ିଥିବା ଗାଁର ଭାଇ ଜଣକ ଯେପରି ନିଜକୁ ଏକୁଟିଆ କି ଅସହାୟ ବୋଲି ନ ମଣୁ । ଚାଳକୁ ଚାଳ ବାନ୍ଧି ଗାଁରେ ସମସ୍ତେ ଘର କରିଥାନ୍ତି । ସମସ୍ତେ ସମସ୍ତଙ୍କ ସୁଖଦୁଃଖରେ ଭାଗୀଦାର ହୋଇ ଚଳିବା ହେଉଛି ମଣିଷ ପଣିଆ ।

ଆମର ପଞ୍ଚାୟତ ଶାସନ ବ୍ୟବସ୍ଥା ଯୁଗଯୁଗ ଧରି ଅତି ସୁସଂଗଠିତ ଅବସ୍ଥାରେ ରହି ଆସିଥିଲା । କିନ୍ତୁ ଦରିଆପାରି ଇଂରେଜ ଶାସକବର୍ଗ ସୁଚିନ୍ତିତ ଷଡଯନ୍ତ୍ର କରି ପଞ୍ଚାୟତ ଶାସନରେ ଭଙ୍ଗ ପକାଇ ଦେଲେ । ସେମାନେ ପଞ୍ଚାୟତଗୁଡ଼ିକରେ ଅବିଶ୍ୱାସ ଓ ସନ୍ଦେହର ବୀଜ ବପନ କରି ପଞ୍ଚାୟତର କ୍ଷମତାକୁ ଅତି ସଙ୍କୁଚିତ କରିଦେଲେ । ପ୍ରାଚୀନ କାଳର ପଞ୍ଚାୟତ ଶାସନ ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ ଗଣତନ୍ତ୍ରକୁ ଭିତ୍ତିକରି ଗଢ଼ି ଉଠିଥିଲା । ଗାଁର ଲୋକେ ପଞ୍ଚାୟତ ବାଛୁଥିଲେ । ସେମାନଙ୍କୁ ପଞ୍ଚ ପରମେଶ୍ୱର କୁହାଯାଉଥିଲା । ସେମାନଙ୍କର ନ୍ୟାୟକୁ ଗ୍ରାମର ଲୋକେ ଈଶ୍ୱରଙ୍କର ବିଚାର ବୋଲି ଭକ୍ତି ଓ ଆଗ୍ରହର ସହ ହୃଦୟରେ ମାନି ନେଉଥିଲେ । କିନ୍ତୁ ଇଂରେଜ୍ ସରକାର ପଞ୍ଚାୟତ ଶାସନ ବ୍ୟବସ୍ଥାରେ କୁଠାରଘାତ କରି ନିଜେ ଜନସାଧାରଣଙ୍କର ସରକାର ବୋଲି କହି ବୁଲିଲେ । ଏହିପରି ଅଳ୍ପେଅଳ୍ପେ ପଞ୍ଚାୟତଗୁଡ଼ିକର ଗଣତାନ୍ତ୍ରିକ ସ୍ୱରୂପ ଲୋପ ପାଇଲା । ଗାଁର ଲୋକମାନଙ୍କ ମଧ୍ୟରେ ଥିବା ସମମନୋଭାବ ଏବଂ ସହଯୋଗ ମନୋବୃତ୍ତି ରୂପକ ମଧୁମୟ ବାତାବରଣକୁ ଇଂରେଜମାନେ ନଷ୍ଟ କରିଦେଇ ଶ୍ରେଣୀ ସଂଘର୍ଷ ଆରମ୍ଭ କରିଦେଲେ । ଏହା ଫଳରେ, ଆମର ସାମାଜିକ ବ୍ୟବସ୍ଥାର ମୂଳଦୁଆ ସମ୍ପୂର୍ଣ୍ଣ ରୂପେ ଦୋହଲିଗଲା ।

ଆମ ଦେଶ ସ୍ୱାଧୀନତା ଲାଭ କରିବା ପରେ ଗ୍ରାମାଞ୍ଚଳର ସାମୂହିକ ବିକାଶକୁ ଦୃଷ୍ଟିରେ ରଖି ସ୍ୱାଧୀନ ଭାରତରେ ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରଚଳନ ନିମନ୍ତେ ପଦକ୍ଷେପମାନ ନିଆଗଲା । ରାଜ୍ୟଗୁଡ଼ିକରେ ବିଭିନ୍ନ ସ୍ତରରେ ପଞ୍ଚାୟତମାନ ଗଠିତ ହେଲା । କେନ୍ଦ୍ର ସରକାର ପଞ୍ଚାୟତଗୁଡ଼ିକ ସମ୍ପର୍କରେ ଦୁଇଟି କମିଟି ଗଠନ କରିଥିଲେ । ପ୍ରଥମ କମିଟିର ଅଧ୍ୟକ୍ଷ ଥିଲେ ଶ୍ରୀ ବଳବନ୍ତ ରାୟ ମେହେଟ୍ଟା ଏବଂ ପରବର୍ତ୍ତୀ କମିଟିର ଅଧ୍ୟକ୍ଷ ଥିଲେ ଶ୍ରୀ ଅଶୋକ ମେହେଟ୍ଟା । ଏହି ଉଭୟ କମିଟି ପଞ୍ଚାୟତର ଗଣତାନ୍ତ୍ରିକ ସ୍ୱରୂପ ରକ୍ଷା କରିବା ଉପରେ ଅନେକ ଗୁରୁତ୍ୱପୂର୍ଣ୍ଣ ସୁପାରିଶ କରିଥିଲେ । ଏପରିକି, ନିର୍ବାଚିତ ସଦସ୍ୟଙ୍କ ସଂଖ୍ୟା ତୁଳନାରେ ମନୋନୀତ ସଦସ୍ୟଙ୍କ ସଂଖ୍ୟା ଖୁବ୍ କମ୍ ରଖିବା ଏବଂ ପରେପରେ ମନୋନୟନ ପ୍ରଥାକୁ ଉଠାଇ ଦେବା ପାଇଁ ଉକ୍ତ କମିଟି ମତ ଦେଇଥିଲେ ।

ପଞ୍ଚାୟତମାନଙ୍କ ଉପରେ ଅନେକଗୁଡିଏ ବିକାଶମୂଳକ ଦାୟିତ୍ୱ ନ୍ୟସ୍ତ କରାଗଲା । ପୂର୍ବରୁ ପଞ୍ଚାୟତମାନେ ଗ୍ରାମ ସଫେଇ, ସୁରକ୍ଷା ଓ ଉନ୍ନୟନ କାର୍ଯ୍ୟ କରି ଆସୁଥିଲେ । ପରେ ଗାଁର ସ୍ୱାସ୍ଥ୍ୟ, ଶିକ୍ଷା ଓ କୃଷି ପ୍ରଭୃତି ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟମାନ କରିବା ପାଇଁ ପଞ୍ଚାୟତକୁ ଦାୟିତ୍ୱ ଦିଆଗଲା । ଏପରିକି, କେତେକ କ୍ଷେତ୍ରରେ ପଞ୍ଚାୟତର ବିଚାର କ୍ଷମତା ମଧ୍ୟ ରହିଲା ।

ପଞ୍ଚାୟତିରାଜ ସମ୍ପର୍କରେ ଜାତିର ଜନକ ମହାତ୍ମା ଗାନ୍ଧୀ କହିଥିଲେ ଯେ ପଞ୍ଚାୟତିରାଜ ବ୍ୟବସ୍ଥା ଦ୍ୱାରା ଗ୍ରାମର ସ୍ୱାତନ୍ତ୍ର୍ୟ ବଜାୟ ରହିବା ସଙ୍ଗେସଙ୍ଗେ ଗ୍ରାମ ଆତ୍ମନିର୍ଭରଶୀଳ ହୋଇ ପାରିବ ।

ପଞ୍ଚାୟତିରାଜ ବ୍ୟବସ୍ଥାକୁ ଅଧିକ ସୁଦୃଢ କରିବା ପାଇଁ ଗତ ଜାନୁୟାରୀ ମାସ ୨୮ ତାରିଖରେ ଦିଲ୍ଲୀରେ ପଞ୍ଚାୟତିରାଜ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି ସମ୍ମିଳନୀରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ଶ୍ରୀ ରାଜୀବ ଗାନ୍ଧୀ କହିଥିଲେ ଯେ ଉନ୍ନୟନମୂଳକ କାର୍ଯ୍ୟକ୍ରମଗୁଡିକୁ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ପଞ୍ଚାୟତିରାଜମାନେ ଅତି କ୍ଷୁଦ୍ର ଭୂମିକା ଗ୍ରହଣ କରୁଛନ୍ତି । ଏହାର ପରିବର୍ତ୍ତନ କରାଯିବା ଉଚିତ । ଲୋକମାନଙ୍କ ଆବଶ୍ୟକତା ପୂରଣ ଉପରେ ଅଧିକ ଗୁରୁତ୍ୱ ଆରୋପ କରାଯିବା ସଙ୍ଗେସଙ୍ଗେ ତଳ ସ୍ତରରେ ଥିବା ଲୋକମାନଙ୍କ ନିକଟରେ ଯେପରି ଗଣତନ୍ତ୍ର ଓ ପ୍ରଗତିର ବାର୍ତ୍ତା ପହଞ୍ଚି ପାରିବ, ସେଥିପ୍ରତି ଦୃଷ୍ଟି ଦିଆଯିବା ଆବଶ୍ୟକ । ପଞ୍ଚାୟତ ହେଉଛି ଗଣତନ୍ତ୍ରର ତୃତୀୟ ସ୍ତର । କିନ୍ତୁ ବର୍ତ୍ତମାନ ତାହା ଅତ୍ୟନ୍ତ ଦୁର୍ବଳ ହୋଇପଡିଛି । ଏହା ଫଳରେ ଜନସାଧାରଣ ଓ ସରକାରଙ୍କ ମଧ୍ୟରେ ପାର୍ଥକ୍ୟ ସୃଷ୍ଟି ହେଉଛି । ଏହାକୁ ଦୂର କରାଯିବା ଉଚିତ । ଏଣୁ, ପଞ୍ଚାୟତକୁ ଅଧିକ କ୍ଷମତା ଦେବା ପାଇଁ ଗାନ୍ଧୀଜୀ ଓ ପଣ୍ଡିତ ନେହେରୁ ମଧ୍ୟ ଚାହୁଁଥିଲେ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ ।

ଏହି ସମ୍ମିଳନୀର ଉଦ୍‌ଯାପନ ଉତ୍ସବ ଜାନୁୟାରୀ ୩୧ ତାରିଖରେ ଅନୁଷ୍ଠିତ ହୋଇଥିଲା । ଏଥିରେ ସୂଚନା ଦେଇ ପ୍ରଧାନମନ୍ତ୍ରୀ ଶ୍ରୀ ଗାନ୍ଧୀ କହିଥିଲେ ଯେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଅଧିକ ସକ୍ରିୟ କରିବାଲାଗି ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରାଯିବା ସଙ୍ଗେସଙ୍ଗେ ଏଥିରେ ମହିଳା, ଆଦିବାସୀ ଓ ହରିଜନଙ୍କ ପ୍ରତିନିଧିତ୍ୱ ବୃଦ୍ଧି ପାଇବା ଆବଶ୍ୟକ । ଗ୍ରାମ ଓ ପଞ୍ଚାୟତଗୁଡିକୁ ସୁଦୃଢ କରାଯାଇ ପାରିଲେ ଗଣତାନ୍ତ୍ରିକ ବ୍ୟବସ୍ଥା ଅଧିକ ଶକ୍ତିଶାଳୀ ହୋଇପାରିବ । ତେଣୁ, ପଞ୍ଚାୟତିରାଜକୁ ଅଧିକ ଫଳପ୍ରଦ ଓ ସକ୍ରିୟ କରିବା ଲାଗି କେନ୍ଦ୍ର ସରକାର ନୂତନ ଆଇନ୍ ପ୍ରଣୟନ କରିବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି ସେ କହିଥିଲେ ।

ଚଳିତ ମଇ ୫ ତାରିଖ ଦିନ ପଞ୍ଚାୟତିରାଜ ଉପରେ ଆୟୋଜିତ ତିନିଦିନିଆ ମୁଖ୍ୟମନ୍ତ୍ରୀ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ଶ୍ରୀ ଗାନ୍ଧୀ କହିଥିଲେ ଯେ କୋଟିକୋଟି ଭାରତୀୟଙ୍କ ଦ୍ୱାର ପାଖରେ ଗଣତନ୍ତ୍ରକୁ ପହଞ୍ଚାଇବା ଲାଗି ପଞ୍ଚାୟତରାଜର ପୁନର୍ଗଠନ ଏକ ବୈପ୍ଲବିକ ପଦକ୍ଷେପ । ଗ୍ରାମାଞ୍ଚଳର ଲକ୍ଷଲକ୍ଷ ଲୋକଙ୍କ ଅର୍ଥନୈତିକ ବିକାଶ ଏହି ନୂତନ ବ୍ୟବସ୍ଥାର ସଫଳତା ଉପରେ ନିର୍ଭର କରେ । ତେଣୁ, ଉନ୍ନୟନମୂଳକ ଯୋଜନାର ସଫଳ ପ୍ରସ୍ତୁତି ଓ କାର୍ଯ୍ୟକାରୀତା ପାଇଁ ପଞ୍ଚାୟତିରାଜକୁ ଏକ ପ୍ରାଥମିକ ଅନୁଷ୍ଠାନ ରୂପେ ଗଢିବା ସକାଶେ ଉଭୟ କେନ୍ଦ୍ର ଓ ରାଜ୍ୟଗୁଡିକ ବୈପ୍ଲବିକ ପଦକ୍ଷେପ ନେବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଥିଲେ ।

ଏହି ସମ୍ମିଳନୀରେ ଆମ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ତିନିସ୍ତରୀୟ ପଞ୍ଚାୟତରାଜ ବ୍ୟବସ୍ଥାର ସଫଳତା ଲାଗି ଜିଲ୍ଲା ପରିଷଦ ଗଠନ କରାଯିବା ସପକ୍ଷରେ ଦୃଢ ଯୁକ୍ତି ଉପସ୍ଥାପନ କରିଥିଲେ । ଏହା ବ୍ୟତୀତ, ଜିଲ୍ଲା ଗ୍ରାମ ଉନ୍ନୟନ ସଂସ୍ଥା, ଜିଲ୍ଲା ଯୋଜନା ବୋର୍ଡ ଓ ଜିଲ୍ଲା ଉନ୍ନୟନ ବୋର୍ଡକୁ ଜିଲ୍ଲା ପରିଷଦରେ ମିଶାଇ ଦିଆଗଲେ ପରିଷଦର କ୍ଷମତା ପରିସର ବୃଦ୍ଧି ପାଇବ ଏବଂ ପଞ୍ଚାୟତିରାଜ ସଂଗଠନ ନିଜସ୍ୱ ଢାଞ୍ଚାରେ ଗ୍ରାମାଞ୍ଚଳର ବିକାଶ ଦିଗରେ କାର୍ଯ୍ୟ କରିପାରିବ । ଲୋକସଭା ଓ ବିଧାନସଭା ସଦସ୍ୟ, ମ୍ୟୁନିସିପାଲିଟି ଚେୟାରମ୍ୟାନ, ଜିଲ୍ଲାସ୍ତରୀୟ ସମବାୟ ସମିତି ସଭାପତି ନିର୍ବାଚନ ଭଳି ଜିଲ୍ଲା ପରିଷଦକୁ ଲୋକ ପ୍ରତିନିଧି ନିର୍ବାଚନ କରାଯିବା ସପକ୍ଷରେ ମଧ୍ୟ ମୁଖ୍ୟମନ୍ତ୍ରୀ ଦୃଢ ଯୁକ୍ତି ବର୍ଣ୍ଣାଇଥିଲେ ।


ସୁଖର କଥା ଚଳିତ ମଇ ୧୫ ତାରିଖ ଦିନ ପାର୍ଲାମେଣ୍ଟରେ ପଞ୍ଚାୟତିରାଜ ବିଲ୍ ଉପସ୍ଥାପିତ ହୋଇଛି । ଆମ ଦେଶର ଗ୍ରାମାଞ୍ଚଳ ଜନସାଧାରଣଙ୍କ ଆଶା ଆକାଂକ୍ଷା ପୂରଣ କରିବା ଦିଗରେ ଏହି ବିଲ୍ କିପରି ବିଶେଷ ସହାୟକ ହେବ, ପ୍ରଧାନମନ୍ତ୍ରୀ ଶ୍ରୀ ଗାନ୍ଧୀ ବିଲ୍ ଉପସ୍ଥାପନ ସମୟରେ ସଦସ୍ୟମାନଙ୍କୁ ଅବଗତ କରାଇଥିଲେ । ଆମ ଦେଶ ସ୍ୱାଧୀନତା ଲାଭ କରିବା ପରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ କରାଯିବା ଅନ୍ୟତମ ଐତିହାସିକ ପଦକ୍ଷେପ ବୋଲି ପ୍ରଧାନମନ୍ତ୍ରୀ ବିଭିନ୍ନ ସଭା ସମିତିରେ ମତବ୍ୟକ୍ତ କରିଛନ୍ତି ।

୧୯୫୦ ମସିହାରୁ ଆମ ଦେଶ ସର୍ବବୃହତ ଗଣତାନ୍ତ୍ରିକ ଦେଶ ରୂପେ ବିଶ୍ୱରେ ପ୍ରତିଷ୍ଠା ଲାଭ କରିଛି । ଆଜି ଉଭୟ ସହର ଓ ଗ୍ରାମବାସୀ ଏକାଠି ମିଳିମିଶି ରାଷ୍ଟ୍ର ଗଠନ କାର୍ଯ୍ୟରେ ଆଗେଇ ଚାଲିଛନ୍ତି । ଗ୍ରାମସ୍ତରରେ ସରକାରୀ ସମିତିମାନ ଗଠନ କରାଯାଇ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚନମାନ ଅନୁଷ୍ଠିତ ହେଉଛି । ଏହି ସମିତି ଗଠନରେ ପଞ୍ଚାୟତର ପରୋକ୍ଷ ପ୍ରଭାବ ରହି ଆସିଛି । ଆମ ଦେଶ ଏକ ଗ୍ରାମ ବହୁଳ ଦେଶ । ଦେଶର ବିକାଶ ତଥା ଗଣତାନ୍ତ୍ରିକ ସ୍ୱରୂପ ଗ୍ରାମାଞ୍ଚଳ ସହ ଅଙ୍ଗାଙ୍ଗୀଭାବେ ଜଡିତ । ଗ୍ରାମର ଉନ୍ନତି ହେଲେ ଦେଶର ଉନ୍ନତି ସମ୍ଭବ ହେବ । ପଞ୍ଚାୟତଗୁଡିକୁ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଅଧିକ କ୍ଷମତା ପ୍ରଦାନ କରାଗଲେ, ଆମ ଦେଶର ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ଅଧିକ ସୁଦୃଢ ହେବ ।

---

ବରିଷ୍ଠ ଅନୁବାଦ ସହାୟକ,
ସୂଚନା ଓ ଲୋକ ସଂପର୍କ ବିଭାଗ,
ଭୁବନେଶ୍ୱର ।






## ଉଆଁସ ରାତିରେ ଜହ୍ନ

ବିଲାଙ୍ଗୀର ଜିଲ୍ଲା ସୋନପୁର ଉପଖଣ୍ଡ ଅନ୍ତର୍ଗତ ବିନିକା ବ୍ଲକରେ ସାଗରପାଲି ବୋଲି ଏକ ଛୋଟ ଗ୍ରାମଟିଏ । ଏହି ଗ୍ରାମର ଅଧିକାଂଶ ପରିବାର ମେହେର ସମ୍ପ୍ରଦାୟର । ସେମାନଙ୍କ ମଧ୍ୟରୁ ଶ୍ରୀ ଦିବାକର ମେହେର ୪୮ ବର୍ଷ ବୟସ୍କ ଏଭଳି ଜଣେ ନିଃସହାୟ ବ୍ୟକ୍ତି । ଜମିବାଡ଼ି ନିଜର ବୋଲି କିଛି ନାହିଁ । କେବଳ ଘର ଖଣ୍ଡିକ ଯାହା ତାଙ୍କର ପୈତୃକ ସମ୍ପତ୍ତି । ଏଣୁ ଅଭାବ ଅନାଟନ ଯୋଗୁଁ ନିଜର କୌଳିକ ବୃତ୍ତି ଲୁଗା ବୁଣିବା ମଧ୍ୟ କରିପାରୁ ନ ଥିଲେ । ତାଙ୍କର ୧୦ ଜଣ ବିଶିଷ୍ଟ ପରିବାରରେ ଅନ୍ୟ ରୋଜଗାର ପନ୍ଥା ମଧ୍ୟ କିଛି ନ ଥିଲା । ଫଳରେ ବହୁ ଅଭାବ ଅସୁବିଧା ଦେଇ ସମୟ ଅତିବାହିତ କରୁଥିଲେ । ଏତେ ବଡ଼ ପରିବାରର ଭରଣ ପୋଷଣ ଦାୟିତ୍ୱ ତାଙ୍କ ପକ୍ଷରେ ଏକ ଦୁଃସାଧ୍ୟ ବ୍ୟାପାର । ମନେ ମନେ ଏହି ଅଭାବ ଅସୁବିଧା ତଥା ଅନାଟନ କିପରି ମୁକାବିଲା କରି ସେ ତାଙ୍କର ପରିବାରକୁ ଟିକେ ସୁଖ ଶାନ୍ତିରେ ରଖିପାରିବେ ସର୍ବଦା ଚିନ୍ତା କରୁଥିଲେ ।

ଏହି ଚିନ୍ତା ତାଙ୍କର ସାର୍ଥକ ହୋଇଛି । ସରକାରଙ୍କ ଦାରିଦ୍ର୍ୟ ଦୂରୀକରଣ ଯୋଜନା ତାଙ୍କ କାନରେ ପଡ଼ିଲା । ଫଳରେ ମନରେ ଟିକିଏ ଆଶା ସଞ୍ଚାର ହେଲା । କିପରି ସରକାରଙ୍କଠାରୁ ଋଣ ପାଇ ପରିବାରକୁ ଦାରିଦ୍ର୍ୟର କଷାଘାତରୁ ମୁକ୍ତ କରିପାରିବେ ସେଥିପାଇଁ ସେ ବ୍ୟଗ୍ର ହୋଇପଡ଼ିଲେ । ତାଙ୍କର ଚିନ୍ତା ଥିଲା, ଯଦି ସେ ଋଣ ପାଇପାରନ୍ତେ, ତେବେ ତାଙ୍କ କୌଳିକ ବୃତ୍ତି ଲୁଗା ବୁଣାରେ ଉକ୍ତ ଅର୍ଥକୁ ବିନିଯୋଗ କରି ବେଶ୍ ଦି'ପଇସା ରୋଜଗାର କରିପାରନ୍ତେ । ଯାହା ହେଉ, ତାଙ୍କର ଦୁଃଖର ଆକାଶରେ ସୁଖର ସୂର୍ଯ୍ୟ ଉଦୟ ହେଲା । ଥରେ ସେ ନିଜର ଦୁଃଖ ଦୁର୍ଦ୍ଦଶା ସୋନପୁର ବ୍ଲକର ବି.ଡ଼ି.ଓ.ଙ୍କ ନିକଟରେ ପ୍ରକାଶ କରି ତାଙ୍କୁ କିପରି ଋଣ ମିଳି ପାରିବ, ସେଥିପାଇଁ ସାହାଯ୍ୟ କରିବା ପାଇଁ ନିବେଦନ କଲେ । ବି.ଡ଼ି.ଓ. ତାଙ୍କର ଅବସ୍ଥା ହୃଦୟଙ୍ଗମ କରି ତାଙ୍କୁ ସରକାରଙ୍କ ଇ.ଆର୍.ଆର୍.ପି. ଯୋଜନା ମାଧ୍ୟମରେ ପାଟ ଲୁଗା ବୁଣିବା ପାଇଁ ଋଣର ବ୍ୟବସ୍ଥା କରିବାକୁ ସୋନପୁର ଷ୍ଟେଟ୍‌ବ୍ୟାଙ୍କକୁ ସୁପାରିଶ କଲେ ଓ ସୋନପୁର ଷ୍ଟେଟ୍‌ବ୍ୟାଙ୍କ ତାଙ୍କୁ ୧୯୮୫ ମସିହା ଅକ୍ଟୋବର ମାସରେ ସମୁଦାୟ ୨,୪୦୦ ଟଙ୍କା ପ୍ରଦାନ କଲେ । ଏହି ଟଙ୍କାରେ ସେ ପାଟ ଲୁଗା ବୁଣିବା ପାଇଁ ମଙ୍ଗ କିଣିଲେ ଓ ପାଟ ଲୁଗା ସୂତା ତଥା ଅନ୍ୟାନ୍ୟ ଆନୁଷଙ୍ଗିକ ଜିନିଷପତ୍ର କିଣି ଆଣି ନିଜର କୌଳିକ ବୃତ୍ତିରେ ଲାଗି ପଡ଼ିଲେ । ତାଙ୍କର ବଡ଼ ପୁଅ ଶ୍ରୀ ଜଗଦ୍ଦେବ ମେହେର ଓ ଶ୍ରୀ ମଧୁସୂଦନ ମେହେର ମଧ୍ୟ ବାପାଙ୍କୁ ଏହି କାର୍ଯ୍ୟରେ ସାହାଯ୍ୟ କଲେ । ପାଟ ଶାଢ଼ୀର ତ ଭାରତରେ ଖୁବ୍ ଚାହିଦା । ଶାଢ଼ୀ ବୁଣିବା ନିଜର କୁଳ ବେଉସା ହୋଇଥିବାରୁ ଏ କ୍ଷେତ୍ରରେ ନିଜର ପାରଦର୍ଶିତା ଦେଖାଇ ଖୁବ୍ ସୁନ୍ଦର ସୁନ୍ଦର ଶାଢ଼ୀ ସବୁ ବୁଣିବାକୁ ଆରମ୍ଭ କଲେ । ଲୁଗାଗୁଡ଼ିକ ବିକ୍ରୟ କରି ବିକ୍ରୟ ଲବ୍ଧ ଧନରେ ସେ ତାଙ୍କର ପୂର୍ବାବସ୍ଥା ବଦଳାଇବାରେ ଲାଗିଲେ । ଘରର ଅନ୍ୟମାନେ ମଧ୍ୟ ତାଙ୍କୁ ସାହାଯ୍ୟ କଲେ । ରୋଜଗାର ମଧ୍ୟ ଦି'ପଇସା ଭଲ ହେଲା । ଫଳରେ ସେ ସରକାରଙ୍କଠାରୁ ଆଣିଥିବା ଋଣ ସୁଝିବାକୁ ଆରମ୍ଭ କଲେ । ଉକ୍ତ ଋଣର ସେ ୧,୬୯୧ ଟଙ୍କା ଛାଡ଼ ପାଇଥିଲେ । ଅବଶିଷ୍ଟ ଋଣକୁ ସେ ୭.୪.୧୯୮୭ ତାରିଖରେ ପରିଶୋଧ କରିଦେଲେ । ସେହି ଦିନ ମଧ୍ୟ ନିଜର ପାଟ ଶାଢ଼ୀ ବୁଣା ବ୍ୟବସାୟକୁ ଟିକେ ଅଧିକ ଉନ୍ନତି କରିବା ପାଇଁ ପୁଣି ଷ୍ଟେଟ୍‌ବ୍ୟାଙ୍କରୁ ବ୍ଲକ୍ ଜରିଆରେ ଆଇ.ଆର୍.ଡ଼ି.ପି. ଯୋଜନା ମାଧ୍ୟମରେ ୨,୦୦୦ ଟଙ୍କା ଋଣ ନେଲେ । ଏହି ଟଙ୍କାକୁ ସେ ସେହି ବ୍ୟବସାୟରେ ଲଗାଇ ଖୁବ୍ ଭଲ ରୋଜଗାର କଲେ ।

ଏହା ଭିତରେ ତାଙ୍କର ଅଭାବ ଅନାଟନ, ଦୁଃଖ ଦୁର୍ଦ୍ଦଶା ତଥା ପରିବାର ଦୁରାବସ୍ଥା ବଦଳିବାରେ ଲାଗିଲା । ଅଭାବ ଅନାଟନର ଦିନ ତାଙ୍କ ପରିବାରରୁ ଦୂରେଇଗଲା । ଏହା ମଧ୍ୟରେ ସେ ତାଙ୍କର ବଡ଼ ପୁଅକୁ ବିବାହ କରାଇ ସାରିଛନ୍ତି । ନିଜର ଭାଙ୍ଗିଯାଇଥିବା ରହିବା ଘରଟି ଯାଗାରେ ନୂଆ ଘରଟିଏ ତିଆରି କରିଛନ୍ତି । ସରକାରଙ୍କଠାରୁ ଆଣିଥିବା ଦ୍ୱିତୀୟ କିସ୍ତି ଋଣର ୬୬୬ ଟଙ୍କା ୬୫ ପଇସା ଛାଡ଼ ପାଇଲା ପରେ ଅବଶିଷ୍ଟ ଋଣକୁ ସେ ୨୪.୧୨.୧୯୮୭ ତାରିଖ ସୁଦ୍ଧା ପରିଶୋଧ କରି ଦେଇଛନ୍ତି । ଏବେ କିଛି ପଇସା ସଞ୍ଚୟ କରି ଭବିଷ୍ୟତରେ ନିଜ ଝିଅର ବିଭାଘର କରିବା ପାଇଁ ପ୍ରସ୍ତୁତ ହେଉଛନ୍ତି ।

ବର୍ତ୍ତମାନ ସେ ଖୁବ୍ ଖୁସି । ପୂର୍ବାବସ୍ଥା ତାଙ୍କର ବଦଳି ଯାଇଛି । ଶ୍ରୀ ମେହେରଙ୍କ ପରିବାର ଖୁବ୍ ହସ ଖୁସିରେ ସମୟ ଅତିବାହିତ କରୁଛନ୍ତି । ଏହା କେବଳ ସମ୍ଭବ ହୋଇଛି ସରକାରଙ୍କ ଦାରିଦ୍ର୍ୟ ଦୂରୀକରଣ ଯୋଜନା ଯୋଗୁଁ । ଏଣୁ ସରକାରଙ୍କର ଏହି ଦାରିଦ୍ର୍ୟ ଦୂରୀକରଣ ଯୋଜନା ହିଁ ଶ୍ରୀ ମେହେରଙ୍କ ଭାଗ୍ୟକୁ ବଦଳାଇ ଦେଇଛି । ତାଙ୍କର ପୂର୍ବର ଦୁଃଖର ସଂସାର ଏବେ ସୁଖର ସଂସାରରେ ପରିଣତ ହୋଇଛି ।

ଶ୍ରୀ ଖଗେଶ୍ୱର ରାଉତ,
ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ,
ଅଧିକାରୀ, ସୋନପୁର ।

# ଶୃଙ୍ଖଳା ଓଠରେ ହସର ଢେଉ

ବଲାଙ୍ଗୀର ଜିଲ୍ଲା ସୋନପୁର ବ୍ଲକ ଅନ୍ତର୍ଗତ ସାଗରପାଲି ନାମରେ ଏକ କ୍ଷୁଦ୍ର ଗ୍ରାମ । ଗ୍ରାମର ଅଧିକାଂଶ ଲୋକ ମେହେର ସଂପ୍ରଦାୟର । ଏହି ଗ୍ରାମର ୪୫ ବର୍ଷ ବୟସ୍କ ଶଙ୍କର ମେହେର ସେମାନଙ୍କ ମଧ୍ୟରୁ ଜଣେ । ନିହାତି ଗରିବ ଲୋକ । କେବଳ ଘର ଛାଡ଼ି ଦେଲେ, ନିଜର ବୋଲି କୁ ସଂପତ୍ତି କିଛି ନାହିଁ । କୌଳିକ ବୃତ୍ତି ଲୁଗା ବୁଣିବା । ମାତ୍ର ଆର୍ଥିକ ଅଭାବ ଯୋଗୁଁ ସେହି ଲୁଗା ବୁଣା ବ୍ୟବସାୟରେ ନିଜକୁ ନିୟୋଜିତ କରି ପାରେ ନାହିଁ ।

ପରିବାର କହିଲେ ତାଙ୍କର ଚାରି ପୁଅ, ଗୋଟିଏ ଝିଅ, ବୁଢ଼ୀ ମା ଓ ସ୍ୱାମୀ ସ୍ତ୍ରୀ । ପୁଅଝିଅ ଗୁଡ଼ିକ ଛୋଟ ଛୋଟ । ଆଠ ଜଣିଆ ପରିବାରଟିକୁ ଚଳାଇବା ତାଙ୍କ ପକ୍ଷରେ ନିହାତି କଷ୍ଟକର ହୋଇଥାଏ । ପିଲାଛୁଆଙ୍କ ମୁହଁରେ ଦୁଇଓଳି ଆହାର ଯୋଗାଇବା ମଧ୍ୟ ସର୍ବଦା ସମ୍ଭବ ହୁଏ ନାହିଁ । କିପରି ଏହି ଦୁଃଖର ଅବସାନ ହେବ ତାଙ୍କର ଏହାହିଁ ଚିନ୍ତା ଓ ଏହାର ଉପାୟ ସେ ସର୍ବଦା ମନେମନେ ଚିନ୍ତା କରୁଥାଆନ୍ତି ।

ଏହି ଦୁର୍ଦ୍ଦିନରେ ସରକାରଙ୍କ ଦାରିଦ୍ର୍ୟ ଦୂରୀକରଣ ଯୋଜନା ତାଙ୍କ କାନରେ ପଡ଼ିଲା । ଏଣୁ ଦିନେ ସେ ମନରେ ବଡ ଆଶାବାନ୍ଧି ସୋନପୁର ବ୍ଲକ୍‌ର ବି.ଡ଼ି.ଓ. ଙ୍କୁ ଭେଟି ତାଙ୍କର ଅଭାବ ଅସୁବିଧା କଥା କହିଲେ ଓ ସରକାରଙ୍କ ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ ଯଦି କିଛି ଋଣ ମିଳନ୍ତା ତେବେ ସେ 'ପାଟଶାଢ଼ୀ' ବୁଣା ବ୍ୟବସାୟ କରନ୍ତେ ବୋଲି ବି.ଡ଼ି.ଓ.ଙ୍କ ପାଖରେ ଜଣାଇଲେ । ଫଳରେ ବି.ଡ଼ି.ଓ ତାଙ୍କୁ ଇ.ଅର୍.ଆର୍.ପି. ଯୋଜନାରେ ସାମିଲ କରି 'ପାଟଶାଢ଼ୀ' ବୁଣା ବ୍ୟବସାୟ କରିବା ପାଇଁ ଋଣ ମିଳିବାକୁ ସୋନପୁର ଷ୍ଟେଟବ୍ୟାଙ୍କକୁ ସୁପାରିଶ୍ କଲେ । ଫଳରେ ସୋନପୁର ଷ୍ଟେଟବ୍ୟାଙ୍କ ତରଫରୁ ତାଙ୍କୁ ୧୯୮୩ ମସିହା ଜୁଲାଇ ୯ ତାରିଖରେ ସମୁଦାୟ ୧୫୦୦ ଟଙ୍କାର ଋଣ ମିଳିଲା । ଏହି ଟଙ୍କାରେ ସେ ପ୍ରଥମେ ଗୋଟିଏ ମଙ୍ଗ ଓ ଶାଢ଼ୀ ପାଇଁ ପାଟସୂତା କିଣିଆଣି ତାଙ୍କର କୌଳିକ ବୃତ୍ତି ଶାଢ଼ୀ ବୁଣିବା ଆରମ୍ଭ କଲେ ଓ ଏହି ପାଟଶାଢ଼ୀକୁ ବିକ୍ରୟ କରି ଦି ପଇସା ଭଲ ରୋଜଗାର କଲେ । ଫଳରେ ତାଙ୍କର ଭାଗ୍ୟ ପରିବର୍ତ୍ତନ ହେବାକୁ ଲାଗିଲା । ପରିବାରର ଆର୍ଥିକ ଅବସ୍ଥା ପରିବର୍ତ୍ତନ ହେଲା । ଟିକେ ସେମାନେ ସ୍ୱଚ୍ଛରେ ଚଳିଲେ । ଏହା ସଙ୍ଗେସଙ୍ଗେ ଶ୍ରୀ ମେହେର ବ୍ୟାଙ୍କରୁ ଆଣିଥିବା ଋଣ କଥା ଭୁଲି ନଥାନ୍ତି । ଏଣୁ ଆଣିଥିବା ଋଣରୁ ୧,୧୨୫ ଟଙ୍କା ଛାଡ ପାଇବା ପରେ ଅବଶିଷ୍ଟ ଟଙ୍କାକୁ ସେ ୧୧-୯-୧୯୮୪ ତାରିଖ ସୁଦ୍ଧା ପରିଶୋଧ କରିଦେଲେ ।

ଏତିକିରେ କିନ୍ତୁ ସେ ସନ୍ତୁଷ୍ଟ ହୋଇ ପାରିଲେ ନାହିଁ । ଅଧିକ ଋଣ ଆଣି ପାଟ ଶାଢ଼ୀ ବୁଣିବା ସଙ୍ଗେସଙ୍ଗେ ଅନ୍ୟମାନଙ୍କଠାରୁ ଶାଢ଼ୀ କିଣି ସେ ବ୍ୟବସାୟ କରିବା ପାଇଁ ମନ ବଳାଇଲେ । ଫଳରେ ପୁଣି ବି.ଡ଼ି.ଓ.ଙ୍କ ଜରିଆରେ ସୋନପୁର ଷ୍ଟେଟବ୍ୟାଙ୍କ ଶାଖାରୁ ଆଇ.ଆର୍.ଡ଼ି.ପି. ଯୋଜନାରେ ୧୯-୧୨-୧୯୮୬ ରେ ଦ୍ୱିତୀୟ କିସ୍ତିରେ ସମୁଦାୟ ୩୦୦୦ ଟଙ୍କା ଋଣପାଇଲେ । ତାଙ୍କର ଏହି ଟଙ୍କାରେ ମଧ୍ୟ ବ୍ୟାଙ୍କ ତରଫରୁ ଏକ ସାଇକେଲ ମିଳିଲା ! ଫଳରେ ତାଙ୍କର ମନରେ ଅଧିକ ଆଶାର ସଂଚ଼ାର ହେଲା । ବଦଳି ଗଲା ତାଙ୍କର ବ୍ୟବସାୟର ରୂପ । ପାଟଶାଢ଼ୀ ବୁଣିବା ସଙ୍ଗେସଙ୍ଗେ ଅନ୍ୟ ମାନଙ୍କଠାରୁ ପାଟଶାଢ଼ୀ କିଣି ସାଇକେଲ ଦ୍ୱାରା ଗାଁ ଗାଁ ବୁଲି ବିକ୍ରୟ କରିବା ଆରମ୍ଭ କଲେ । ଫଳରେ ପୂର୍ବଠାରୁ ଅଧିକ ଲାଭ ମଧ୍ୟ ହେଲା । ତାଙ୍କର ଇଚ୍ଛା ଥିଲା ନିଜର ପିଲାଛୁଆଙ୍କୁ ଟିକେ ଭଲକରି ଖାଇବାକୁ ପିନ୍ଧିବାକୁ ଦେଇ ସେମାନଙ୍କ ମୁହଁରେ ହସ ଫୁଟାଇବା । ତାହା ଏବେ ସମ୍ଭବ ହୋଇଛି । ଅଭାବ ଅନାଟନର କରାଳ ଛାୟା ପରିବାରରୁ ଦୂରେଇଯାଇଛି । ତାଙ୍କର ଶୃଙ୍ଖଳା ମୁହଁରେ ଏବେ ହସ ଫୁଟିଛି । ପରିବାରର ଅର୍ଥନୈତିକ ଅବସ୍ଥାର ପରିବର୍ତ୍ତନ ଘଟିବା ସଙ୍ଗେ ସଙ୍ଗେ ବ୍ୟାଙ୍କରୁ ଆଣିଥିବା ୨ୟ କିସ୍ତି ଋଣରୁ ୧,୦୦୦ ଟଙ୍କା ଛାଡ଼ ପାଇବା ପରେ ଅବଶିଷ୍ଟ ଟଙ୍କା ସୁଝିବା ଆରମ୍ଭ କରି ଦେଇଛନ୍ତି । ଏବେ ସୁଦ୍ଧା ତାଙ୍କର ଆଉ ମାତ୍ର ୧,୦୫୪ ଟଙ୍କା ୧୦ ପଇସା ସୁଝିବାକୁ ଅଛି । ଏହି ଋଣକୁ ସେ ଖୁବ୍ ଶିଘ୍ର ସୁଝିଦେବା ପାଇଁ ଦୃଢ଼ ପରିକର ।

ବାସ୍ତବିକ ସରକାରଙ୍କ ଦାରିଦ୍ର୍ୟ ଦୂରୀକରଣ ଯୋଜନା ଦ୍ୱାରା ଶ୍ରୀ ଶଙ୍କର ମେହେରଙ୍କ ଦୁରାବସ୍ଥା ଦୂର ହୋଇ ପାରିଛି ।

ଶ୍ରୀ ଖଗେଶ୍ୱର ରାଉତ,
ଅନୁବିଭାଗୀୟ ସୂଚନା ଓ ଲୋକ ସମ୍ପର୍କ
ଅଧିକାରୀ, ସୋନପୁର ।

# ବୁଢ଼ାବୁଢ଼ୀଙ୍କ ସଂସାର

ବଲାଙ୍ଗୀର ଜିଲ୍ଲା ସୋନପୁର ଉପଖଣ୍ଡ ବିନିକା ବ୍ଲକ୍ ଅନ୍ତର୍ଗତ ଘଣ୍ଟପାଲି ଛୋଟିଆ ଗାଁଟିଏ । ଏହି ଗ୍ରାମର ଶ୍ରୀ ମଦନ ଭୋଇ, ନିହାତି ଗରୀବ, ଭୂମିହୀନ, ନିଃସ୍ୱ, ନିରକ୍ଷର ତଫସିଲଭୁକ୍ତ ଉପଜାତିର ବ୍ୟକ୍ତି । ବୟସ ବର୍ତ୍ତମାନ ୫୫ ବର୍ଷ । ପରିବାର କହିଲେ ସେ ଓ ତାର ସ୍ତ୍ରୀ ଜିଆ ଭୋଇ । ଯଦିଓ ତାହାର ଦୁଇ ପୁଅ ଅଛନ୍ତି ସେମାନେ ବହୁବର୍ଷ ପୂର୍ବରୁ ବାପା ଓ ମାଙ୍କ ଠାରୁ ଅଲଗା ହୋଇ ଘର ସଂସାର କରି ରହିଛନ୍ତି ଓ ଏହି ବୁଢ଼ାବୁଢ଼ୀଙ୍କର ଭରଣପୋଷଣ କଥା ବୁଝନ୍ତି ନାହିଁ । ଫଳରେ ନିହାତି ଅଭାବ ଅସୁବିଧା ମଧ୍ୟରେ ସ୍ୱାମୀ ସ୍ତ୍ରୀ କାଳାତିପାତ କରନ୍ତି । ବୃଦ୍ଧ ବୟସରେ ପର ଘରେ ମୂଲ ଲାଗି କଠିନ ପରିଶ୍ରମ କରିବା ସମ୍ଭବ ନୁହେଁ । ତେଣୁ ଦିନେ ଖାଇ ଦୁଇଦିନ ଉପାସ ରହିବା ଛଡ଼ା ସେମାନଙ୍କର ଅନ୍ୟ ଉପାୟ ନ ଥିଲା । ଏହି ବୃଦ୍ଧାବସ୍ଥାରେ ସେମାନେ କିପରି ଜୀବିକା ନିର୍ବାହ କରିବେ ଏହା ସେମାନଙ୍କର ଚିନ୍ତା ଥିଲା । ଏହିପରି ଦୁର୍ଦ୍ଦିନରେ ସରକାରଙ୍କର ଦାରିଦ୍ର୍ୟ ଦୂରୀକରଣ ଧ୍ୱନୀ ତାଙ୍କ କାନରେ ପଡ଼ିଲା । ଫଳରେ ସେ ଥରେ ମନରେ ଖୁବ୍ ଦୃଢ଼ ଆଶା ବାନ୍ଧି ବିନିକା ବ୍ଲକ୍‌ର ବି.ଡ଼ି.ଓ.ଙ୍କୁ ଭେଟି ତାହାର ଦୁଃଖ ଦୁର୍ଦ୍ଦଶା ବର୍ଣ୍ଣନା କରି ଏହାର ଆଶୁ ସମାଧାନ ପାଇଁ ଗୁହାରି କଲା । ବି.ଡ଼ି.ଓ. ତାହାର ଦୁରାବସ୍ଥା ଅନୁଭବ କଲେ ଓ ସେ କିପରି ଏହି ଦୁଃଖରୁ ମୁକ୍ତି ପାଇବ ତାହା ଚିନ୍ତା କରି ତାଙ୍କୁ ସରକାରଙ୍କ ଇ.ଆର୍.ଆର୍.ପି. ଯୋଜନା ମାଧ୍ୟମରେ ଋଣର ବ୍ୟବସ୍ଥା କରି ମେଣ୍ଢା ପାଳନ ପାଇଁ ସମସ୍ତ ବ୍ୟବସ୍ଥା କରାଇ ଦେଲେ ।ଫଳରେ ୧୯୮୧ ମସିହା ଡ଼ିସେମ୍ବର ମାସରେ ସ୍ଥାନୀୟ ବାଉଁଶୁଣୀ ସମବାୟ ସମିତିରୁ ସମୁଦାୟ ୨,୦୦୦ ଟଙ୍କାର ଏକ ଋଣ ଶ୍ରୀ ଭୋଇଙ୍କୁ ମେଣ୍ଢା ପାଳନ ପାଇଁ ମଞ୍ଜୁର କରାଗଲା । ଏହି ଟଙ୍କାରେ ପ୍ରଥମେ ୧୦ଟି ମେଣ୍ଢା ପଶୁ ଚିକିତ୍ସା କର୍ମଚାରୀଙ୍କ ତତ୍ତ୍ୱାବଧାନରେ କିଣିଲେ ଓ ଏହି ମେଣ୍ଢାଗୁଡ଼ିକ ରହିବା ପାଇଁ ଗୁହାଳଟିଏ ତିଆରି କଲେ । ଏହା ପରେ ଆରମ୍ଭ ହେଲା ମଦନ ଭୋଇଙ୍କ ମେଣ୍ଢାର ସଂସାର । ବୁଢ଼ାବୁଢ଼ୀ ଦୁହେଁ ଲାଗିପଡ଼ି ମେଣ୍ଢାମାନଙ୍କର ଯତ୍ନ ନେଲେ । ପ୍ରତିଦିନ ଶ୍ରୀ ଭୋଇ ମେଣ୍ଢାଗୁଡ଼ିକୁ ଧରି ନିକଟସ୍ଥ ଜଙ୍ଗଲରେ ଚରାଇଲେ ଓ ସେମାନଙ୍କର ଯତ୍ନ ମଧ୍ୟ ଠିକ୍ ଭାବରେ ନେଲେ । ମଝିରେ ମଝିରେ ପଶୁ ଚିକିତ୍ସା ବିଭାଗର କର୍ମକର୍ତ୍ତାଙ୍କ ସହ ସାକ୍ଷାତ କରି ମେଣ୍ଢାମାନଙ୍କର ରୋଗ ବୈରାଗ କଥା ବୁଝାବୁଝି କଲେ । ଗୋଟିଏ ବର୍ଷ ମଧ୍ୟରେ ତାଙ୍କର ମେଣ୍ଢା ସଂଖ୍ୟା ବଢ଼ିବାକୁ ଲାଗିଲେ । ଫଳରେ ବଳକା ମେଣ୍ଢାଗୁଡ଼ିକୁ ବିକ୍ରୟ କରିବା ଆରମ୍ଭ କଲେ ଓ ନିଜର ଗୁଜରାଣ ମେଣ୍ଢାଇବା ସଙ୍ଗେସଙ୍ଗେ ସମବାୟ ସମିତିର ଋଣ ସୁଝିବା ଆରମ୍ଭ କଲେ । ଆଣିଥିବା ଋଣରୁ ମଧ୍ୟ ୫୦୦ ଟଙ୍କା ଛାଡ଼ ପାଇଲେ ଓ ଅଳ୍ପେଅଳ୍ପେ ମେଣ୍ଢା ସଂଖ୍ୟା ବୃଦ୍ଧି ହେବାରୁ ସେଥିରୁ କେତୋଟି ବିକି ଋଣ ସୁଝିଲେ ଓ କିଛି ସଞ୍ଚୟ କଲେ ।ତିନି ବର୍ଷରେ ସେ ସମସ୍ତ ଋଣ ପରିଶୋଧ କରିଛନ୍ତି । ଏହା ମଧ୍ୟରେ ବୁଢ଼ାବୁଢ଼ୀ ନିଜର ପରିଶ୍ରମରୁ ସଞ୍ଚିତ ଅର୍ଥରେ ଟିକେ ଧର୍ମ ଅର୍ଜନ କରିବା ପାଇଁ ଚିନ୍ତା କରି ଏକଦା ଭାରତର ବିଭିନ୍ନ ସ୍ଥାନ ତୀର୍ଥରେ ଯାଇ ପ୍ରାୟ ୩,୦୦୦ ଟଙ୍କା ଖର୍ଚ୍ଚ କରିଛନ୍ତି ବୋଲି ଶ୍ରୀ ଭୋଇଙ୍କ ଠାରୁ ପ୍ରକାଶ । ନିଜର ରହିବା ଘରକୁ ଟିକେ ନୂଆ କରି ତିଆରି କରିଛନ୍ତି । ବର୍ତ୍ତମାନ

ସେମାନଙ୍କ ପାଖରେ ୬୦ଟି ମେଣ୍ଢା ଅଛନ୍ତି ଓ ସେ ସେମାନଙ୍କର ଯତ୍ନ ଠିକ୍ ଭାବରେ ନେଉଛନ୍ତି ।

ଏବେ ବୁଢ଼ାବୁଢ଼ୀ ଆଉ ଦିନେ ଖାଇ ଦୁଇଦିନ ଉପାସ ରହୁ ନାହାନ୍ତି । ଆରାମରେ ମେଣ୍ଢା ପାଳନ କରି ଜୀବିକା ନିର୍ବାହ କରୁଛନ୍ତି ଓ ଆହୁରି ଅନେକ କିଛି କରିପାରିବେ ବୋଲି ମନରେ ଆଶା ବାନ୍ଧିଛନ୍ତି । ପ୍ରକୃତରେ ସରକାରଙ୍କ ଦାରିଦ୍ର୍ୟ ଦୂରୀକରଣ ଯୋଜନା ଯୋଗୁଁ ଶ୍ରୀ ମଦନ ଭୋଇଙ୍କ ଭାଗ୍ୟର ପରିବର୍ତ୍ତନ ହୋଇଛି । ତାଙ୍କର ଦୁଃଖ ଲାଘବ ହୋଇଛି । ଏଣୁ ସରକାରଙ୍କ ନିକଟରେ ସେ କୃତଜ୍ଞ ।

ଶ୍ରୀ ରଜନୀକାନ୍ତ ଶବର,
ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,
ବଲାଙ୍ଗୀର ।

## ପସରା ହେଲା ଆଶରା

ବଲାଙ୍ଗୀର ଜିଲ୍ଲା ଅନ୍ତର୍ଗତ ସୋନପୁର ବ୍ଲକ୍‌ର ବାଗଡୁଲି ଏକ କ୍ଷୁଦ୍ର ଗ୍ରାମ । ଏହି ଗ୍ରାମର ଶ୍ରୀମତୀ ମୁକ୍ତା ମହାକୁଡ଼ ଗରିବ ୪୫ ବର୍ଷ ବୟସ୍କା ନିରକ୍ଷର ମହିଳା । ତାଙ୍କ ସ୍ୱାମୀ ଶ୍ରୀ ଯୁଧିଷ୍ଠିର ମହାକୁଡ ଅଳ୍ପ ଦିନ ପୂର୍ବେ ମୃତ୍ୟୁ ବରଣ କରିଛନ୍ତି । ବର୍ତ୍ତମାନ ତାଙ୍କର ପରିବାର କହିଲେ ପୁଅ, ବୋହୂ, ପୁଅର ଦୁଇଟି ଛୋଟପୁଅ ଓ ନିଜେ ଏମିତଭି ପାଞ୍ଚଜଣ । ନିଜର ଘର ଜମି ନାହିଁ କହିଲେ ଚଳେ । ଏଣୁ ପୁଅ ତାଙ୍କର ଅନ୍ୟର କାମଧନ୍ଦା କରି ଏହି ପରିବାରଟିକୁ ଭରଣ ପୋଷଣ କରିବାକୁ ଉଦ୍ୟମ କରୁଥାଏ, କିନ୍ତୁ ଏହା ତାଙ୍କ ପକ୍ଷେ ଏକ ଦୁଃସହ ବ୍ୟାପାର । ଫଳରେ ଅଭାବ ଅନାଟନ ମଧ୍ୟରେ ପରିବାରଟି ସମୟ ବିତାଇବା ଛଡ଼ା ଅନ୍ୟ ଗତି ନ ଥାଏ । ଏହି ଦୁଃଖରୁ କିପରି ରକ୍ଷା ମିଳିବ ବା ଏହି ଦୁର୍ଦ୍ଦିନରେ ପରିବାରର ଅର୍ଥନୈତିକ ମାନଦଣ୍ଡ କିପରି ସୁଧୁରିବ ଓ ସେମାନେ ଟିକିଏ ଭଲକରି ଗଣ୍ଡେ ଖାଇ ଖଣ୍ଡେ ପିନ୍ଧି ସମୟ କଟାଇବେ ଏହାହିଁ ଶ୍ରୀମତୀ ମୁକ୍ତା ମହାକୁଡ଼ଙ୍କର ମନେ ମନେ ଚିନ୍ତା ଥାଏ ।

କଥାରେ ଅଛି ଇଚ୍ଛା ଥିଲେ ଉପାୟ ଦିନେ ନା ଦିନେ ପହଞ୍ଚେ । ଠିକ୍ ଏହି ସମୟରେ ସରକାରଙ୍କ ବିଭିନ୍ନ ପ୍ରକାର ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ ଗ୍ରାମର ଗରିବ ଲୋକମାନେ କିପରି ଉପକୃତ ହେଉଛନ୍ତି ତାହା ତାଙ୍କର ଆଖିରେ ପଡ଼ିଲା । ଫଳରେ ଆଶାର ଆଲୋକ ସଞ୍ଚୟ ହେଲା । ଏକଦା ସେ ତାଙ୍କର ପରିବାରର ଅଭାବ ଅସୁବିଧା କଥା ସୋନପୁର ବ୍ଲକ୍‌ର ବି.ଡି.ଓ.ଙ୍କୁ ବର୍ଣ୍ଣନା କଲେ ଓ ତାଙ୍କୁ ସରକାରଙ୍କ ସେହି ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ ସାମିଲ କରି କିଛି ଋଣର ବ୍ୟବସ୍ଥା କରିଲେ । ସେ ଏକ 'ପସରା ବ୍ୟବସାୟ' କରି ପରିବାରର ଭରଣ ପୋଷଣ କରିବେ ବୋଲି ବି.ଡି.ଓ.ଙ୍କ ପାଖରେ ଜଣାଇଲେ । ବି.ଡି.ଓ. ତାଙ୍କର ଦୁଃଖର କାହାଣୀ ତଥା ସ୍ୱ ଲୋକଟି ଏକ 'ପସରା ବ୍ୟବସାୟ' କରିବା ପାଇଁ ମନରେ ବାନ୍ଧିଥିବା ଆଶା କଥା ଶୁଣି ତାଙ୍କୁ ସରକାରଙ୍କ ଆଇ.ଆର୍.ଡି.ପି. ଯୋଜନାରେ ସାମିଲ କରି 'ପସରା ବ୍ୟବସାୟ' ପାଇଁ ସୋନପୁର ଷ୍ଟେଟ୍‌ବ୍ୟାଙ୍କକୁ ଋଣ ମଞ୍ଜୁର କରିବାକୁ ସୁପାରିଶ କଲେ । ଫଳରେ ବ୍ୟାଙ୍କ ତରଫରୁ ତାଙ୍କୁ ୧,୫୦୦ ଟଙ୍କା ଋଣ ମଞ୍ଜୁର ହେଲା । ଏହି ଋଣ ୧୫.୧.୧୯୮୫ ତାରିଖରେ ତାଙ୍କୁ ପ୍ରଦାନ କରାଗଲା । ଏହି ଟଙ୍କାରେ ଶ୍ରୀମତୀ ମୁକ୍ତା ମହାକୁଡ଼ ପସରା ବ୍ୟବସାୟଟି ଆରମ୍ଭ କଲେ । ଜିନିଷପତ୍ର ପୁଅ ବଜାରରୁ କିଣି ଦିଅନ୍ତି ଓ ଶ୍ରୀମତୀ ମୁକ୍ତା ମହାକୁଡ଼ ଗ୍ରାମରେ ବିକ୍ରି କରି ଆସ୍ତେ ଆସ୍ତେ ଦି'ପଇସା ରୋଜଗାର କରିବାକୁ ଲାଗିଲେ, ଯାହାକି ତାଙ୍କୁ ପରିବାରର ଭରଣ ପୋଷଣ କରିବାରେ ସାହାଯ୍ୟ କଲା । ଆସ୍ତେ ଆସ୍ତେ ପରିବାରର ଦୁରବସ୍ଥା ଦୂର ହେବାକୁ ଲାଗିଲା । ତାଙ୍କର ପୁଅ ଅନ୍ୟର କାମଧନ୍ଦା କରି ଯାହା ରୋଜଗାର କରନ୍ତି ଓ ସେ ନିଜର ପସରା ବ୍ୟବସାୟର ରୋଜଗାରରେ ପରିବାରଟି ସୁଖରେ ଚଳିବାକୁ ଲାଗିଲା । ସେ କିନ୍ତୁ ବ୍ୟାଙ୍କର ଋଣ କଥା ଭୁଲି ନ ଥାନ୍ତି । ଫଳରେ ଆଣିଥିବା ଋଣରୁ ୩୩୩ ଟଙ୍କା ଛାଡ଼ ପାଇବା ପରେ ଅବଶିଷ୍ଟ ଟଙ୍କାକୁ ସେ ୩୦.୬.୧୯୮୮ ତାରିଖ ସୁଦ୍ଧା ବ୍ୟାଙ୍କରେ ପରିଶୋଧ କରିଦେଲେ । ଏତିକିରେ ଶ୍ରୀମତୀ ମୁକ୍ତା ମହାକୁଡ଼ଙ୍କ ଉଦ୍ୟମ ସୀମାବଦ୍ଧ ହୋଇ ନ ଥିଲା । ସେ ବ୍ୟାଙ୍କର ଋଣ ଶୁଝିଦେବା ପରେ ପୁଣି ଥରେ ସେହି ବ୍ୟାଙ୍କରୁ ବି.ଡି.ଓ.ଙ୍କ ଜରିଆରେ ଦ୍ୱିତୀୟ କିସ୍ତି ଋଣ ମଞ୍ଜୁର କରି ଗୋଟିଏ ଦେଇବାରି ଦୋକାନ କରିବାକୁ ମନ ବଳାଇଲେ । ଫଳରେ ବ୍ୟାଙ୍କ ତରଫରୁ ତାଙ୍କୁ ଏହି ବ୍ୟବସାୟ ପାଇଁ ସମୁଦାୟ ୩,୯୦୦ ଟଙ୍କା ମଞ୍ଜୁର ହେଲା ଓ ସେ ୨୫.୮.୧୯୮୮ ତାରିଖ ଏବଂ ୨୯.୮.୧୯୮୮ ତାରିଖରେ ମୋଟ ୩,୯୦୦ ଟଙ୍କା ପାଇଲେ । ସେ ବ୍ୟବସାୟଟି ଗାଁରେ ଆରମ୍ଭ କରିବା ସଙ୍ଗେ ସଙ୍ଗେ ଧାନ କିଣି ସ୍ୱଚ୍ଛଳ ବ୍ୟବସାୟ କରିବାକୁ ଆରମ୍ଭ କରିଛନ୍ତି । ଏଥିରେ ତାଙ୍କର ପୁଅ ମଧ୍ୟ ସବୁ ପ୍ରକାର ସାହାଯ୍ୟ କରୁଛନ୍ତି । ଫଳରେ ପରିବାରର ଦୁଃଖ ଦୁର୍ଦ୍ଦଶା ଲାଘବ ହୋଇଛି । ଅଭାବ ଅନଟନର କରାଳ ଛାୟା ତାଙ୍କଠାରୁ ଦୂରେଇ ଯାଇଛି । ଦୁଇମାସ ପୂର୍ବେ ତାଙ୍କର ସ୍ୱାମୀ ଶ୍ରୀ ଯୁଧିଷ୍ଠିର ମହାକୁଡ଼ ବୃଦ୍ଧାବସ୍ଥାରେ ମୃତ୍ୟୁବରଣ କରିଛନ୍ତି । ସେ ଯାହା ହେଉ, ପରିବାରର ଅବସ୍ଥା ବଦଳିବା ସଙ୍ଗେ ସଙ୍ଗେ ସେ ବ୍ୟାଙ୍କର ଋଣକୁ ଶୁଝିଦେବା ପାଇଁ ଦୃଢ଼ ପରିକର । ସେ ସମୁଦାୟ ୧,୩୦୦ ଟଙ୍କା ଛାଡ଼ ପାଇଛନ୍ତି ଓ ଅବଶିଷ୍ଟ ଟଙ୍କା ଶୁଝିବା ଆରମ୍ଭ କରିଛନ୍ତି ।

ବାସ୍ତବିକ ସରକାରଙ୍କ ପାଖରେ ସେ ଋଣୀ । କାରଣ ସରକାରଙ୍କ ଦାରିଦ୍ର୍ୟ ଦୂରୀକରଣ ଯୋଜନା ହିଁ ଶ୍ରୀମତୀ ମୁକ୍ତା ମହାକୁଡ଼ଙ୍କ ଦୁଃଖ ଦୁର୍ଦ୍ଦଶା ବା ଦାରିଦ୍ର୍ୟତାକୁ ଦୂର କରିପାରିଛି ।

ଶ୍ରୀ ଖଗେଶ୍ୱର ରାଉତ,
ଉପଖଣ୍ଡ ସ୍ତରୀୟ ସୂଚନା ଓ ଲୋକ ସମ୍ପର୍କ
ଅଧିକାରୀ, ସୋନପୁର ।



# ସମ୍ବାଦ ପରିକ୍ରମା

## ଅକ୍ଷମମାନଙ୍କୁ ସମ୍ମାନ ତଥା ସହାନୁଭୂତି ପ୍ରଦର୍ଶନ କରାଯିବା ଉଚିତ—ମୁଖ୍ୟମନ୍ତ୍ରୀ

ରାଜଧାନୀରେ ବିଶ୍ୱ ଅକ୍ଷମ ଦିବସ ଉତ୍ସବରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଅକ୍ଷମମାନଙ୍କୁ ଶାସନ ଓ ସମାଜ ପକ୍ଷରୁ ଅକୁଣ୍ଠିତ ସହାନୁଭୂତି ଓ ସମ୍ମାନ ପ୍ରଦର୍ଶନ କରିବା ସଙ୍ଗେ ସଙ୍ଗେ ସେମାନଙ୍କ ପାଇଁ ଶିକ୍ଷା ଓ ତାଲିମ ସହିତ ଉପଯୁକ୍ତ ଥଇଥାନ ବ୍ୟବସ୍ଥା କରାଯିବା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରୂପେ ଗ୍ରହଣ କରାଯିବା ଉଚିତ ବୋଲି ପରାମର୍ଶ ଦେଇଛନ୍ତି । ସମାଜରେ ଅକ୍ଷମ ବ୍ୟକ୍ତିମାନେ ପ୍ରତିଷ୍ଠିତ ହୋଇ ପାରିବେ, ସେମାନେ ଅକ୍ଷମ ହେଲେ ମଧ୍ୟ ସକ୍ଷମ ଅଟନ୍ତି ଓ ସେମାନଙ୍କର ବଞ୍ଚି ରହିବାର ଅଧିକାର ଅଛି—ଏହି ଚେତନା ଜନସାଧାରଣଙ୍କ ମନରେ ଜାଗ୍ରତ ହେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।

ରାଜ୍ୟ ସୂଚନା ଭବନଠାରେ ଆୟୋଜିତ ଏହି ରାଜ୍ୟ ସ୍ତରୀୟ ଉତ୍ସବରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ବ୍ୟବସାୟିକ ବ୍ୟାଙ୍କ ପକ୍ଷରୁ ୨୫ ଜଣ ଅକ୍ଷମଙ୍କୁ ବିଭିନ୍ନ ଛୋଟ ବ୍ୟବସାୟ କରି ଚଳିବା ପାଇଁ ମୋଟ ୭୩,୬୪୫ ଟଙ୍କା ଋଣ ଓ ଗୋଟିଏ ଅଟୋ ରିକ୍‌ସା ପ୍ରଦାନ କରିଥିଲେ । ଏହା ବ୍ୟତୀତ ଜଳସେଚନ, ବିଦ୍ୟୁତ, ଓମ୍‌ଫେଡ଼ ଓ ଶିକ୍ଷା ବିଭାଗରେ ୧୫ ଜଣ ଅକ୍ଷମଙ୍କୁ ବିଭିନ୍ନ ପଦବୀରେ ନିଯୁକ୍ତିପତ୍ର ମଧ୍ୟ ମୁଖ୍ୟମନ୍ତ୍ରୀ ପ୍ରଦାନ କରିଥିଲେ । ଏହି ୧୫ ଜଣଙ୍କ ମଧ୍ୟରୁ ୫ ଜଣ ଜୁନିଅର ଇଞ୍ଜିନିୟର ଭାବେ ନିଯୁକ୍ତି ପାଇଛନ୍ତି । ବିଶ୍ୱ ଅକ୍ଷମ ଦିବସ ଉପଲକ୍ଷେ ପ୍ରଥମେ ଜିଲ୍ଲା ସ୍ତରରେ ଓ ପରେ ରାଜ୍ୟ ସ୍ତରରେ ଅନୁଷ୍ଠିତ ହୋଇଥିବା ଅକ୍ଷମମାନଙ୍କ କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରଦାନ କରିଥିଲେ । କ୍ରୀଡ଼ା ନିର୍ଦ୍ଦେଶକ ଶ୍ରୀ ଅନାଦି ଚରଣ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା ।

ଭୁବନେଶ୍ୱର, କୋରାପୁଟ, ଟିଟିଲାଗଡ଼, ବାଲିଗୁଡ଼ା, ଓ ବ୍ରହ୍ମପୁରଠାରେ ଥିବା ବିଭିନ୍ନ ଅକ୍ଷମ କଲ୍ୟାଣ ଅନୁଷ୍ଠାନଗୁଡ଼ିକ ପକ୍ଷରୁ ଆୟୋଜିତ ଏକ ପ୍ରଦର୍ଶନୀ ଗୋଷ୍ଠୀ ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ହବିବୁଲ୍ଲା ଖାଁ ଉଦ୍‌ଘାଟନ କରିଥିଲେ । ଏଥିରେ ରାଜ୍ୟ ହିନ୍ଦ୍ କୁଷ୍ଠ ନିବାରଣ ସଂଘ, ଚେତନା ମାନସିକ ନ୍ୟୁନତା ସଂସ୍ଥାନ, ବିପିନ ଚୌଧୁରୀ ବଧିର ବିଦ୍ୟାଳୟ କେନ୍ଦ୍ର ସରକାରଙ୍କ ବିକଳାଙ୍ଗ ବ୍ୟବସାୟିକ ଥଇଥାନ କେନ୍ଦ୍ର, କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ଉତ୍ପାଦନ ସଂସ୍ଥା ଅଂଶ ଗ୍ରହଣ କରିଥିଲେ ।

ଉତ୍ସବରେ ଗୋଷ୍ଠୀ ଉନ୍ନୟନ ମନ୍ତ୍ରୀ ଶ୍ରୀ ହବିବୁଲ୍ଲା ଖାଁ ସଭାପତିତ୍ୱ କରିଥିଲେ । ଓଡ଼ିଶାରେ ୧୦ ହଜାର ଅକ୍ଷମ ବ୍ୟକ୍ତିଙ୍କୁ ଭତ୍ତା ଆକାରରେ ଆର୍ଥିକ ସାହାଯ୍ୟ ଦିଆ ଯାଉଛି ବୋଲି ସେ ତାଙ୍କ ଭାଷଣରେ ଉଲ୍ଲେଖ କରିଥିଲେ ଏବଂ ଆସନ୍ତା ବର୍ଷ ଅଧିକ ୧୦ ହଜାର ଅକ୍ଷମ ବ୍ୟକ୍ତିଙ୍କୁ ଭତ୍ତା ମଞ୍ଜୁର ପାଇଁ ଅର୍ଥ ବ୍ୟବସ୍ଥା କରାଯାଉଛି ବୋଲି ପ୍ରକାଶ କରିଥିଲେ ।

ପ୍ରଥମେ ଗୋଷ୍ଠୀ ଉନ୍ନୟନ ଶାସନ ସଚିବ ଶ୍ରୀ ନିହାର ରଞ୍ଜନ ହୋତା ସ୍ୱାଗତ ଭାଷଣ ଦେଇ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ଅକ୍ଷମ କଲ୍ୟାଣ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ । ଗତ ୧୯୮୧ ଜନଗଣନା ଅନୁସାରେ ଓଡ଼ିଶାରେ ମୋଟ ୬୧,୨୯୮ ଜଣ

ମୂକ, ବଧୀର, ଦୃଷ୍ଟିହୀନ, ବିକଳାଙ୍ଗ ପ୍ରଭୃତି ଅକ୍ଷମ ବ୍ୟକ୍ତି ତାଲିକାଭୁକ୍ତ ହୋଇଥିବା ବିଷୟ ଶ୍ରୀ ହୋତା ପ୍ରକାଶ କରିଥିଲେ । ବିଭାଗୀୟ ସମାଜ କଲ୍ୟାଣ ନିର୍ଦ୍ଦେଶକ ଶ୍ରୀ ରାଧାବଲ୍ଲଭ ପଟ୍ଟନାୟକ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆତ୍ମନିଯୁକ୍ତି ଯୋଜନା ମାଧ୍ୟମରେ ଅର୍ଥନୈତିକ ଅଭ୍ୟୁତ୍ଥାନ

ବିଭିନ୍ନ ଆତ୍ମନିଯୁକ୍ତି ଯୋଜନା ମାଧ୍ୟମରେ ଢେଙ୍କାନାଳ ଜିଲ୍ଲାର ଅର୍ଥନୈତିକ ଅଭ୍ୟୁତ୍ଥାନ ପାଇଁ ନିର୍ଦ୍ଦିଷ୍ଟ ପଦକ୍ଷେପ ଗ୍ରହଣ କରାଯାଉଛି । ଗତ ମାର୍ଚ୍ଚ ୯ ତାରିଖ ଦିନ ମୁଖ୍ୟ ଶାସନ ସଚିବ ଶ୍ରୀ ନଳିନୀକାନ୍ତ ପଣ୍ଡା ଏବଂ ରାଜସ୍ୱ ପର୍ଷଦ ସଦସ୍ୟ ଶ୍ରୀ ରମାକାନ୍ତ ମିଶ୍ର ସମ୍ମିଳିତ ଭାବରେ ଢେଙ୍କାନାଳ ଗସ୍ତରେ ଯାଇ ଜିଲ୍ଲାର ବିଭିନ୍ନ କାର୍ଯ୍ୟକ୍ରମ ସମୀକ୍ଷା କରି ସାରିବା ପରେ ଗତ ୧୪ ତାରିଖ ଦିନ ଭୁବନେଶ୍ୱରଠାରେ ଏକ ଉଚ୍ଚସ୍ତରୀୟ ବୈଠକରେ ଜିଲ୍ଲାର ସମ୍ଭାବ୍ୟ ଅର୍ଥନୈତିକ ଅଭ୍ୟୁତ୍ଥାନ ପାଇଁ ଆବଶ୍ୟକୀୟ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ ।

ଢେଙ୍କାନାଳ ଜିଲ୍ଲାରେ ବିରାଟ ଶିଳ୍ପାନୁଷ୍ଠାନ ବିଶେଷତଃ ନାଲ୍‌କୋ ପ୍ରତିଷ୍ଠିତ ହୋଇ ସାରିବା ପରେ ପରିବା, ଫଳ, ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ, ମାଂସ, ମାଛ, ଅଣ୍ଡା ପ୍ରଭୃତିର ଚାହିଦା ଅପ୍ରତ୍ୟାଶିତ ଭାବରେ ବୃଦ୍ଧି ପାଇଛି । କେବଳ ପରିବା ବ୍ୟତୀତ ଏହିସବୁ ଜିନିଷର ଆବଶ୍ୟକତା ପରିପୂରଣ ପାଇଁ ଅନ୍ୟ ଜିଲ୍ଲା ଏପରିକି ଅନ୍ୟ ପ୍ରଦେଶ ଉପରେ ବର୍ତ୍ତମାନ ନିର୍ଭର କରିବାକୁ ପଡୁଛି । ଆତ୍ମନିଯୁକ୍ତି ଯୋଜନା ଏବଂ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ମାଧ୍ୟମରେ ଏହିସବୁ ଜିନିଷ ଉତ୍ପାଦନ ପାଇଁ ସ୍ଥାନୀୟ ଲୋକମାନଙ୍କୁ ସହାୟତା କଲେ ଲୋକମାନଙ୍କର ଅର୍ଥନୈତିକ ବିକାଶ ସମ୍ଭବପର ହୋଇପାରିବ । ଏହି ପରିପ୍ରେକ୍ଷୀରେ ଏ ଦିଗରେ ନିର୍ଦ୍ଦିଷ୍ଟ ଯୋଜନା ପ୍ରସ୍ତୁତ କରିବା ପାଇଁ ମଧ୍ୟ ଶାସନ ସଚିବ ପରାମର୍ଶ ଦେଇଥିଲେ । ରାଜ୍ୟର ଅର୍ଥନୈତିକ ଅଭ୍ୟୁତ୍ଥାନକୁ ତ୍ୱରାନ୍ୱିତ କରିବା ପାଇଁ ବିଭିନ୍ନ ଜିଲ୍ଲାର ଆବଶ୍ୟକତା ଓ ଉତ୍ପାଦନ ମଧ୍ୟରେ ଥିବା ଅନ୍ତର ପରିପୂରଣ ପାଇଁ ପଦକ୍ଷେପ ନେବାର ଆବଶ୍ୟକତା ଉପରେ ମଧ୍ୟ ସେ ଗୁରୁତ୍ୱ ଦେଇଥିଲେ ।

ଢେଙ୍କାନାଳ ଜିଲ୍ଲା ପାଇଁ ଆବଶ୍ୟକ ହେଉଥିବା ଦୁଗ୍ଧର ମାତ୍ର ଶତକଡ଼ା ୨୫ ରୁ ୩୦ ଭାଗ ବର୍ତ୍ତମାନ ଜିଲ୍ଲାରେ ଉତ୍ପାଦିତ ହେଉଛି । ଚଳିତ ବର୍ଷ ସମନ୍ୱିତ ଗ୍ରାମ୍ୟ ବିକାଶ ଯୋଜନା ମାଧ୍ୟମରେ ଆଉ ୩ ହଜାର ପରିବାରଙ୍କୁ ଉନ୍ନତ ଦୁଗ୍ଧବତୀ ଗାଈ ଯୋଗାଇ ଦେବା ପାଇଁ ସ୍ଥିର କରାଯାଇଛି । ଏହା ବ୍ୟତୀତ ଢେଙ୍କାନାଳ ଦୁଗ୍ଧ ଶୀତଳୀକରଣ ପ୍ଲାଣ୍ଟଠାରେ ଦୁଗ୍ଧ ବିଶୋଧନ ପାଇଁ ଏକ ବିଶୋଧନାଗାର (ପେଶ୍ଚୁରାଇଜେସନ୍ ପ୍ଲାଣ୍ଟ) ମଧ୍ୟ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସହାୟତାରେ ପ୍ରତିଷ୍ଠିତ କରାଯିବ ।

ଜିଲ୍ଲାର ବିସ୍ତୃତ ଅଞ୍ଚଳରେ ଥିବା ପୁରୁଣା ଫଳ ବଗିଚାଗୁଡ଼ିକର ପୁନରୁଦ୍ଧାର କରାଯିବା ସଙ୍ଗେସଙ୍ଗେ ନୂତନ ବଗିଚା ସୃଷ୍ଟି କରାଯିବ । ଏହା ବ୍ୟତୀତ ପରିବା ଉତ୍ପାଦନ ବୃଦ୍ଧି କରାଯିବା ସହ ଉତ୍ପାଦନର ଗୁଣାତ୍ମକ ମାନ ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯିବ । ନିୟନ୍ତ୍ରିତ ବାଣିଜ୍ୟ ସମିତି ପକ୍ଷରୁ ନାଲ୍‌କୋ ନଗର ନିକଟରେ ଏକ ଉନ୍ନତ ମଣ୍ଡି ପ୍ରତିଷ୍ଠା କରି ଏହିସବୁ ଉତ୍ପାଦିତ ଦ୍ରବ୍ୟକୁ ଉଚିତ ମୂଲ୍ୟରେ ବିକ୍ରି କରିବା ଦିଗରେ ପଦକ୍ଷେପ ନିଆଯିବ । ମାଛ, ମାଂସ ଓ ଅଣ୍ଡା ଉତ୍ପାଦନ କ୍ଷେତ୍ରରେ ଏହି ଜିଲ୍ଲା ବହୁ ପଛରେ ରହିଥିବା ଦୃଷ୍ଟିରୁ ଏ ସବୁର ଉତ୍ପାଦନ ବୃଦ୍ଧି ପାଇଁ ବିଶେଷ ଗୁରୁତ୍ୱ ଦେବା ପାଇଁ ସ୍ଥିର କରାଗଲା । ଆତ୍ମନିଯୋଜନ କାର୍ଯ୍ୟକ୍ରମରେ ବ୍ୟବସାୟିକ ଭିତ୍ତିରେ ଜଙ୍ଗଲ ସୃଷ୍ଟି ପାଇଁ ଲୋକମାନଙ୍କୁ ଉତ୍ସାହିତ କରାଯିବ ଏବଂ ଏ ଦିଗରେ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯିବ । ଜିଲ୍ଲାର ମୁଖ୍ୟ ସମସ୍ୟାଗୁଡ଼ିକର ସମାଧାନ ଦିଗରେ ଯୁଦ୍ଧକାଳୀନ ପଦକ୍ଷେପ ନେବାକୁ ଶ୍ରୀ ପଣ୍ଡା ସଂପୃକ୍ତ ବିଭାଗୀୟ କର୍ମକର୍ତ୍ତାମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

## 'ଅଏଲ ଓଡ଼ିଶା' ଅଧୀନସ୍ଥ ସମବାୟ ସମିତି

ଓଡ଼ିଶା ରାଜ୍ୟ ସମବାୟ ତୈଳବୀଜ ଉତ୍ପାଦକ ମହାସଂଘ (ଅଏଲ ଓଡ଼ିଶା) ର ଅଧୀନରେ ବର୍ତ୍ତମାନ ୨୫୦ ଟି ତୈଳବୀଜ ଉତ୍ପାଦକ ସମବାୟ ସମିତି ପରିଚାଳିତ ହେଉଛି । କଟକ, ପୁରୀ, ଢେଙ୍କାନାଳ ଓ ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ୨୦୩୫ ଗ୍ରାମର ସମୁଦାୟ ୨୪ ହଜାର ୩୬୧ ଜଣ ଆଗ୍ରହୀ ଚାଷୀଙ୍କୁ ନେଇ ଏହିସବୁ ସମିତି ଗଠିତ ହୋଇଛି । ସେହି-ସବୁ ସମିତି ମଧ୍ୟରୁ ୨୪୨ ଟି ସମିତି ରେଜିଷ୍ଟ୍ରିଭୁକ୍ତ ହୋଇଛି । ଏହା ବ୍ୟତୀତ ଅନ୍ୟ ୨୨୫ ଟି ସମିତି ଅଏଲ ଓଡ଼ିଶାର ସ୍ୱୀକୃତି ଲାଭ କରି କାର୍ଯ୍ୟ କରୁଛନ୍ତି । ସମିତିଗୁଡ଼ିକର ଥିବା ୫୦ ହଜାର ୩୭୫ ହେକ୍ଟର ତୈଳବୀଜ ଚାଷୋପଯୋଗୀ ଜମି ମଧ୍ୟରୁ ବର୍ତ୍ତମାନ ୨୫ ହଜାର ୩୩୭ ହେକ୍ଟର ଜମିରେ ବିଭିନ୍ନ ତୈଳବୀଜ ଚାଷ କରାଯାଉଛି ।

ସଦସ୍ୟଶ୍ରେଣୀଭୁକ୍ତ ଚାଷୀମାନଙ୍କୁ ଉନ୍ନତ ପ୍ରଣାଳୀରେ ଅଧିକ ତୈଳବୀଜ ଉତ୍ପାଦନ କରିବା ଲାଗି ଉପଯୁକ୍ତ ତାଲିମ ଦେବା ଏବଂ ଉଚିତ ମୂଲ୍ୟରେ ଚାଷୀଙ୍କଠାରୁ ତୈଳବୀଜ ସଂଗ୍ରହ କରି ଖୋର୍ଦ୍ଧାର ତୈଳ ଉତ୍ପାଦନ କେନ୍ଦ୍ରକୁ ଯୋଗାଣ କରିବା "ଅଏଲ ଓଡ଼ିଶା" ର ମୌଳିକ ତଥା ପ୍ରଧାନ ଲକ୍ଷ୍ୟ । ତଦନୁଯାୟୀ ତୈଳବୀଜ ଉତ୍ପାଦକ ସମବାୟ ସମିତିଗୁଡ଼ିକ ମାଧ୍ୟମରେ ଉଚିତ ମୂଲ୍ୟରେ ଚାଷୀମାନଙ୍କୁ ୭୦୪୯ ମେ.ଟନ୍ ରାସାୟନିକ ସାର ୧୪୯୦ କେ.ଜି. କୀଟନାଶକ ଔଷଧ ଓ ୧୭୦୯ କେ.ଜି. ବୀହନ ବିଶୋଧନ ଔଷଧପତ୍ର ସମେତ ଆବଶ୍ୟକ ସାମଗ୍ରୀ ଯୋଗାଇ ଦେବା ସଙ୍ଗେସଙ୍ଗେ ବୈଷୟିକ ପରାମର୍ଶ ଦିଆଯାଉଛି । ଏହା ବ୍ୟତୀତ ଚାଷୀମାନଙ୍କୁ ରିହାତି ମୂଲ୍ୟରେ ସ୍ପ୍ରେୟର ଓ ସରକାରୀ

ଅନୁଦାନ ଯୋଗାଇ ଦିଆଯାଇ ଅଧିକ ତୈଳବୀଜ ଉତ୍ପାଦନ ଦିଗରେ ଉତ୍ସାହିତ କରାଯାଉଛି ।

ଭୁବନେଶ୍ୱରଠାରେ 'ଅଏଲ ଓଡ଼ିଶା' ର ଥିବା ତାଲିମ କେନ୍ଦ୍ରରେ ବିଭିନ୍ନ ସମିତିର ସେକ୍ରେଟାରୀ, ଚାଷୀ, ପରିଚାଳନା କମିଟି ସଭ୍ୟ ଏବଂ କ୍ଷେତ୍ର କର୍ମଚାରୀମାନଙ୍କୁ ଉନ୍ନତ ଧରଣର ତୈଳବୀଜ ଚାଷ ସଂପର୍କରେ ତାଲିମ ଦେବାର ବ୍ୟବସ୍ଥା ହୋଇଛି । ଏହା ବ୍ୟତୀତ 'ଆନନ୍ଦ' ଠାରେ ୭୧୮ ଜଣ ଚାଷୀ ଏବଂ ତୈଳବୀଜ ଉତ୍ପାଦନ ଯୋଜନା କାର୍ଯ୍ୟକାରୀ ହେଉଥିବା ଉପରୋକ୍ତ ୪ ଟି ଜିଲ୍ଲାରେ ୫୨୩ ଜଣ ଚାଷୀଙ୍କୁ ତାଲିମ ଦିଆଯାଇଛି ।

ଏହି ମହାସଂଘ ତରଫରୁ ସଭ୍ୟ-ଚାଷୀ-ମାନଙ୍କଠାରୁ ଉଚିତ ଦରରେ ସର୍ବମୋଟ ୨୯ ହଜାର ୫୨୬ ମେ. ଟନ୍. ଚିନାବାଦାମ କ୍ରୟ କରାଯାଇଛି । ମହାସଂଘକୁ ୧୯୮୨—୮୩ ରେ ପ୍ରତି ଟନ୍ ଚିନାବାଦାମ କିଣିବା ବାବଦରେ ୪୧୪୩ ଟଙ୍କା, ୧୯୮୩—୮୪ ରେ ୪୩୫୨ ଟଙ୍କା ୧୯୮୪—୮୫ ରେ ୪୪୨୬ ଟଙ୍କା ୬୦ ପଇସା ଏବଂ ୧୯୮୫—୮୬ ରେ ୫୬୨୦ ଟଙ୍କା ଲେଖାଏଁ ବ୍ୟୟ କରିବାକୁ ପଡ଼ିଥିଲା, ସେହିପରି ୧୯୮୬—୮୭ ରବି ଋତୁରେ ଚିନାବାଦାମ ଟନ୍ ପିଛା ୫୭୪୫ ଟଙ୍କା ଦରରେ କିଣା ଯାଇଥିଲା ।

ସମିତି ସଭ୍ୟ ଶ୍ରେଣୀଭୁକ୍ତ ଚାଷୀମାନେ ଯେପରି ନିଜର ଉତ୍ପାଦିତ ତୈଳବୀଜ ନିରାପଦରେ ସାଇତି ରଖିପାରିବେ, ସେଥିପାଇଁ ମହାସଂଘ ତରଫରୁ ଗୋଦାମଘରମାନ ନିର୍ମାଣ କରାଯାଇଛି । ଏନ୍. ଡି. ଡି. ବି. ର ଆର୍ଥିକ ସହାୟତାରେ ଏପର୍ଯ୍ୟନ୍ତ ୧୧ଟି ଗୋଦାମଘର ନିର୍ମାଣ କରଯାଇଛି ଏବଂ ୨ଟି ନିର୍ମାଣାଧୀନ ଅଛି ।

## ଚିନାବାଦାମ ଚାଷର ସଫଳତା

କୃଷି. ବିଭାଗର ସୁକିନ୍ଦା, ସାକ୍ଷୀଗୋପାଳ, ଖୋର୍ଦ୍ଧା, ଫୁଲବାଣୀ ଓ ବାଙ୍କୀ ଫାର୍ମରେ ଆଇ. ସି. ଜି. ଏସ୍.—୪୪ ନାମକ ଏକ ନୂତନ ଅଧିକ ଅମଳକ୍ଷମ ଚିନାବାଦାମ ବିହନକୁ ପରୀକ୍ଷାମୂଳକ ଭାବରେ ଚାଷ କରାଯାଇ ଏକ ହେକ୍ଟର ଜମିରେ ପ୍ରଚୁର ଅମଳ ମିଳୁଛି । ଅର୍ଦ୍ଧ ଶୁଷ୍କାଞ୍ଚଳ ଜମି ପାଇଁ ହାଇଦ୍ରାବାଦସ୍ଥ ଆନ୍ତର୍ଜାତିକ ଶସ୍ୟ ଗବେଷଣା ପ୍ରତିଷ୍ଠାନର ଉଦ୍ୟମରେ ପ୍ରସ୍ତୁତ ହୋଇଥିବା ଏହି ସ୍ୱତନ୍ତ୍ର ଚିନାବାଦାମ ବିହନକୁ ସେହି କେନ୍ଦ୍ର ଦ୍ୱାରା ପ୍ରବର୍ତ୍ତିତ ଉନ୍ନତ ଚାଷ ପ୍ରଣାଳୀ ଅନୁସାରେ ଓଡ଼ିଶାର ଉକ୍ତ ଫାର୍ମଗୁଡ଼ିକରେ ଏହି ଚାଷ କରାଯାଉଛି ।

ପ୍ରଥମେ ୧୯୮୭ର ଖରିଫ୍ ଋତୁରେ କଟକ ଜିଲ୍ଲା ସୁକିନ୍ଦା ଫାର୍ମରେ ଏହି ଚାଷ ଆରମ୍ଭ କରାଯାଇଥିଲା । ସେହି ସମୟରେ ରାଜ୍ୟ ସରକାରଙ୍କ ଅନୁମୋଦିତ ଏ. କେ. ୧୨—୨୪ ଚିନାବାଦାମ ବିହନ ଚାଷରୁ ସୁକିନ୍ଦା ଫାର୍ମରେ ହେକ୍ଟର ପିଛା ୯୦୦ କେ. ଜି. ରୁ ୧୧୩୮ କେ. ଜି. ପର୍ଯ୍ୟନ୍ତ ଅମଳ ମିଳିଥିବା ସ୍ଥଳେ ଆଇ. ସି. ଜି. ଏସ୍.—୪୪ ବିହନ ଚାଷ କରିବା ଫଳରେ ୩୩୭୫ କେ. ଜି. ଅମଳ ମିଳିଥିଲା । ଏହି ଅଧିକ ଅମଳକ୍ଷମ ଚିନାବାଦାମ ଚାଷ କରିବା ବାବଦରେ ସେ ଫାର୍ମରେ ହେକ୍ଟର ପିଛା ୧୦,୭୨୫ ଟଙ୍କା ବିନିଯୋଗ କରିବାକୁ ପଡ଼ିଥିଲା ।

ସେହିବର୍ଷ ରବି ଋତୁରେ ମଧ୍ୟ ସାକ୍ଷୀଗୋପାଳ ଓ ଓ ଖୋର୍ଦ୍ଧା ଫାର୍ମରେ ଆଇ. ସି. ଜି. ଏସ୍—୪୪ ବିହନ ସମେତ ରାଜ୍ୟ ସରକାରଙ୍କ ଏ. କେ.—୧୨—୨୪ ବିହନକୁ ପରୀକ୍ଷାମୂଳକ ଭାବରେ ଚାଷ କରାଯାଇଥିଲା । ତୁଳନାତ୍ମକ ଅମଳରୁ ଜଣାପଡ଼ିଛି ଯେ ଖୋର୍ଦ୍ଧା ଫାର୍ମରେ ହାଇଦ୍ରାବାଦର ଏହି ଉନ୍ନତ ଚିନାବାଦାମ ଚାଷ କରାଯାଇ ହେକ୍ଟର ପିଛା ସର୍ବାଧିକ ୪୪୫୦ କେ. ଜି. ଅମଳ ମିଳିଥିଲା । ସେ ବାବଦରେ ହେକ୍ଟର ପିଛା ୧୧,୩୦୦ ଟଙ୍କା ବ୍ୟୟ କରାଯାଇଥିଲା । ଅନ୍ୟ ପକ୍ଷରେ ସେତିକି ଅର୍ଥ ବିନିଯୋଗରେ ଏ: କେ—୧୨—୨୪ (ସରକାରୀ ଅନୁମୋଦିତ) ବିହନ ଚାଷ କରାଯାଇ ଅମଳ ହୋଇଥିଲା ମାତ୍ର ୩୦୨୦ କେ. ଜି. । ସେହିପରି ୧୧,୬୨୯ ଟଙ୍କା ବ୍ୟୟରେ ସାକ୍ଷୀଗୋପାଳ ଫାର୍ମରେ ଚାଷ ହୋଇଥିବା ହାଇଦ୍ରାବାଦ ବିହନରୁ ହେକ୍ଟର ପିଛା ୩୬୭୦ କେ.ଜି. ଚିନାବାଦାମ ଅମଳ ହୋଇଥିବା ସ୍ଥଳେ ଦେଶୀ ବିହନ ଚାଷ ଫଳରେ ଅମଳର ପରିମାଣ ୨୫୦୦ କେ.ଜି. କୁ କମିଆସିଥିଲା ।

୧୯୮୮ ଖରିଫରେ ଫୁଲବାଣୀ, ସୁକିନ୍ଦା ଓ ବାଙ୍କୀ ଫାର୍ମରେ ଏହି ଉନ୍ନତ କିସମ ବିହନ ଚାଷ କରାଯାଇ ହେକ୍ଟର ଜମିରୁ ଯଥାକ୍ରମେ ୨୫୦୫ କେ. ଜି. ,୨୩୭୦ କେ. ଜି. ଏବଂ ୧୧୧୩ କେ. ଜି. ଚିନାବାଦାମ ଅମଳ ହୋଇଛି । ସେହିସବୁ ଫାର୍ମରେ ଦେଶୀ ବିହନ ଚାଷ କରାଯାଇ ଅମଳ ତୁଳନାତ୍ମକ ଭାବରେ ହ୍ରାସ ପାଇଛି । ଚଳିତ ରବିଋତୁରେ ମଧ୍ୟ ସାକ୍ଷୀଗୋପାଳ, ଖୋର୍ଦ୍ଧା, ଦଣ୍ଡପଲ୍ଲୀ ଓ ବଡଚଣା ବିହନ ଫାର୍ମରେ ଏହି ଆଇ. ସି. ଜି. ଏସ୍—୪୪ ବିହନକୁ ପରୀକ୍ଷାମୂଳକ ଭାବରେ ଚାଷ କରାଯାଉଛି । ଏହା ବ୍ୟତୀତ ପୁରୀ, କଟକ ଓ ମୟୂରଭଞ୍ଜ ଜିଲ୍ଲାର କେତେକ ଉତ୍ସାହୀ ଚାଷୀଙ୍କ ଜମିରେ ଏହି ଉନ୍ନତ ଚିନାବାଦାମ ଚାଷ ହେଉଛି । ଏହି ଚାଷ ଲାଭଜନକ ହେଉଥିବା ଦୃଷ୍ଟିରୁ ୧୯୮୯—୯୦ କୃଷି-ବର୍ଷଠାରୁ ସମଗ୍ର ରାଜ୍ୟରେ ଏହି ଉନ୍ନତ ବିହନକୁ ପ୍ରଚଳନ କରାଯିବ ବୋଲି ସରକାର ନିଷ୍ପତ୍ତି କରିଛନ୍ତି । ତଦନୁଯାୟୀ ସରକାରୀ ଉଦ୍ୟମରେ ଏହି ବିହନର ବହୁଳ ଉତ୍ପାଦନ କରିବାକୁ ବ୍ୟବସ୍ଥା ହେଉଛି ।

ଏଠାରେ ସ୍ମରଣ କରାଇ ଦିଆଯାଇପାରେ ଯେ ପୁରୀ ଜିଲ୍ଲା ବାଲିପାଟଣା ବ୍ଲକ୍ ଭୀମପୁର ଗ୍ରାମର ଶ୍ରୀ ଅନ୍ତର୍ଯ୍ୟାମୀ ସାହୁ ବର୍ତ୍ତମାନ ମାତ୍ର ୧ ଏକର ୨୫ ଡେସିମିଲ ଜମିରେ ଉକ୍ତ ଚିନାବାଦାମ ଚାଷ କରି ୧୭ କ୍ୱିଣ୍ଟାଲ ୫୦ କେଜି. ଅମଳ ପାଇବେ ବୋଲି ହିସାବ କରିଛନ୍ତି । ଏତଦ୍ୱାରା ଖର୍ଚ୍ଚ ଭରଣା ଯାଇ ତାଙ୍କର ୮୦୦୦ ଟଙ୍କା ଲାଭ ହେବ ବୋଲି ଶ୍ରୀ ସାହୁ କୃଷି ସମବାୟ ମନ୍ତ୍ରୀ ଶ୍ରୀ ରାସବିହାରି ବେହେରାଙ୍କୁ ଆଲୋଚନା

ପ୍ରସଙ୍ଗରେ ପ୍ରକାଶ କରିଥିଲେ । କୃଷିମନ୍ତ୍ରୀ ସଂପ୍ରତି ଶ୍ରୀ ସାହୁଙ୍କର ଉତ୍ତମ ଚିନାବାଦାମ ଚାଷଜମି ପରିଦର୍ଶନ କରି ତାଙ୍କ ଉଦ୍ୟମର ଭୂୟସୀ ପ୍ରଶଂସା କରିଥିଲେ ।

## ଆଦିବାସୀ ହରିଜନ ଛାତ୍ର ଛାତ୍ରୀଙ୍କୁ ବିଛଣାପତ୍ର ଯୋଗାଣ

ରାଜ୍ୟର ୯୮ଟି ଆଦିବାସୀ–ହରିଜନ ହାଇସ୍କୁଲର ଛାତ୍ର ଛାତ୍ରୀମାନଙ୍କ ପାଇଁ କମ୍ବଳ ସମେତ ବିଛଣାପତ୍ର, ବାସନକୁସନ ଓ ଆସବାବପତ୍ର ଯୋଗାଣ ଲାଗି ସରକାର ଚଳିତ ଆର୍ଥିକ ବର୍ଷରେ ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା ପାଣ୍ଠିରୁ ସର୍ବମୋଟ ୪ ଲକ୍ଷ ୯୦ ହଜାର ଟଙ୍କା ଯୋଗାଇ ଦେଇଛନ୍ତି ।

ପ୍ରଥମ ପର୍ଯ୍ୟାୟରେ ଏ ବାବଦରେ ନୀଳଗିରି, ରାଇରଙ୍ଗପୁର, କପ୍ତିପଦା, ବାରିପଦା, କରଂଜିଆ, ଥୁଆମୂଳ-ରାମପୁର ଓ ଗୁଣୁପୁର ଆଇ. ଟି. ଡି. ଏ. ଅନ୍ତର୍ଗତ ୨୦ଟି ହାଇସ୍କୁଲକୁ ୫୦୦୦ ଟଙ୍କା ଲେଖାଏଁ ସମୁଦାୟ ୪ ଲକ୍ଷ ଟଙ୍କା ଦିଆଯାଇଥିଲା । ପରେ ଗତ ଡିସେମ୍ବର ମାସରେ ୭୮ଟି ହାଇସ୍କୁଲ ପାଇଁ ୫୦୦୦ ଟଙ୍କା ଲେଖାଏଁ ସମୁଦାୟ ୩ ଲକ୍ଷ ୯୦ ହଜାର ଟଙ୍କା ଯୋଗାଇ ଦିଆଯାଇଥିଲା । ଏହିସବୁ ହାଇସ୍କୁଲ ଗୁଣୁପୁର, ମାଲକାନଗିରି, କୋରାପୁଟ, ନବରଙ୍ଗପୁର; ରାୟଗଡ଼ା, ଜୟପୁର, ଫୁଲବାଣୀ, ବାଲିଗୁଡ଼ା, କେନ୍ଦୁଝର, ଚଂପୁଆ, କୁଚିଣ୍ଡା, ସୁନ୍ଦରଗଡ଼, ବଣାଇ, ପାନପୋଷ ଏବଂ ପାରଳାଖେମୁଣ୍ଡି ଆଇ. ଟି. ଡି. ଏ. ଅଞ୍ଚଳରେ ଅବସ୍ଥିତ ।

ଏ ସଂପର୍କରେ ଆଦିବାସୀ–ହରିଜନ କଲ୍ୟାଣ ବିଭାଗ ତରଫରୁ ସଂପୃକ୍ତ ଜିଲ୍ଲାପାଳ ଓ ବିଭାଗୀୟ ଜିଲ୍ଲା କର୍ତ୍ତୃପକ୍ଷମାନଙ୍କ ନିକଟକୁ ଦିଆଯାଇଥିବା ଏକ ନିର୍ଦ୍ଦେଶନାମାରେ କୁହାଯାଇଛି ଯେ ଏହି ଅର୍ଥକୁ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଉଠାଇ ନିର୍ଦ୍ଧାରିତ ଶିକ୍ଷାନୁଷ୍ଠାନଗୁଡ଼ିକୁ ୫ ହଜାର ଟଙ୍କା ଲେଖାଏଁ ଯୋଗାଇ ଦେବେ ।

## ମାଛଚାଷୀଙ୍କ ଆର୍ଥିକ ଉନ୍ନତି

ସମନ୍ୱିତ ପଲ୍ଲୀ ବିକାଶ କାର୍ଯ୍ୟକ୍ରମ (ଆଇ. ଆର. ଡି. ପି.) ଅନୁଯାୟୀ ଚଳିତ ଆର୍ଥିକ ବର୍ଷରେ ରାଜ୍ୟର ମୋଟ୍ ୬୮୮୧ ଜଣ ଗରିବ ମାଛଚାଷୀ ଏବଂ ତଫସିଲଭୁକ୍ତ ମାଛଚାଷୀଙ୍କୁ ଉପକୃତ କରାଯିବା ସ୍ଥିର କରାଯାଇଛି । ସେହି ଶ୍ରେଣୀର ମାଛଚାଷୀଙ୍କ କରିଆରେ ଉନ୍ନତ ମାଛଚାଷ ପାଇଁ ରାଜ୍ୟର ୧୭୪୦ ହେକ୍ଟର ଆୟତନ ଜଳାଧାରର ଉନ୍ନୟନ ଲକ୍ଷ୍ୟରେ ୨ କୋଟି ୬୬ଲକ୍ଷ ୮୨ ହଜାର ଟଙ୍କାର ବ୍ୟୟବରାଦ କରାଯାଇଛି ।

୧୯୮୭-୮୮ ଆର୍ଥିକ ବର୍ଷ ଶେଷ ସୁଦ୍ଧା ରାଜ୍ୟରେ ମୋଟ୍ ୬୬,୬୮୬ ଜଣ ଉପଭୋକ୍ତା ଏହି କାର୍ଯ୍ୟକ୍ରମରେ ଉପକୃତ ହୋଇଛନ୍ତି ।

ଗ୍ରାମାଞ୍ଚଳର କ୍ଷୁଦ୍ରଚାଷୀ, ନାମମାତ୍ର ଚାଷୀ ଓ ଅନ୍ୟାନ୍ୟ ଅନୁନ୍ନତ ସଂପ୍ରଦାୟର ଲୋକମାନଙ୍କର ଅଧିକ ମାଛ ଉତ୍ପାଦନ ମାଧ୍ୟମରେ ନିଜର ଉପାର୍ଜନ ବଢାଇ ସେମାନଙ୍କ ଆର୍ଥିକ-ବସ୍ଥାର ଆଶୁ ଉନ୍ନତି ଘଟାଇବା ଏହି କାର୍ଯ୍ୟକ୍ରମ ପ୍ରବର୍ତ୍ତନର ମୁଖ୍ୟ ଉଦ୍ଦେଶ୍ୟ । ସାଧାରଣ ମାଛଚାଷୀ ଓ ତଫସିଲଭୁକ୍ତ ମାଛଚାଷୀମାନଙ୍କ ପାଇଁ ଶତକଡା ୩୩⅓ ଭାଗ ଏବଂ ଆଦିବାସୀ ମାଛଚାଷୀଙ୍କୁ ଶତକଡା ୫୦ ଭାଗ ଆର୍ଥିକ ରିହାତି ଦେବା ଏହି କାର୍ଯ୍ୟକ୍ରମରେ ବ୍ୟବସ୍ଥା ରହିଛି ।

## ଗ୍ରାମାଞ୍ଚଳ ଭୂମିହୀନ ଶ୍ରମିକ ନିର୍ଭରତା କାର୍ଯ୍ୟକ୍ରମରେ କୋଟି କୋଟି

ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ଗ୍ରାମାଞ୍ଚଳ ଭୂମିହୀନ ଶ୍ରମିକ ନିଯୁକ୍ତି ନିର୍ଭରତା କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ଉନ୍ନୟନ ଯୋଜନା ମାନଙ୍କରେ ଚଳିତ ଆର୍ଥିକ ବର୍ଷର ଗତ ଫେବୃଆରୀ ମାସ ସୁଦ୍ଧା ମୋଟ୍ ୨୦ କୋଟି ୩୪ଲକ୍ଷ ଟଙ୍କା ବ୍ୟୟ କରାଯାଇଛି । ଏହି କାର୍ଯ୍ୟକ୍ରମ ଦ୍ୱାରା ସୃଷ୍ଟି କରାଯାଇଥିବା ୧୨୩ ଲକ୍ଷ ୯୬ ହଜାର ଶ୍ରମ ଦିବସ ମଧ୍ୟରୁ ଆଦିବାସୀ ଓ ହରିଜନ ଶ୍ରେଣୀର ଶ୍ରମିକମାନେ ଯଥାକ୍ରମେ ୪୬ ଲକ୍ଷ ୪୬ ହଜାର ଏବଂ ୪୧ ଲକ୍ଷ ୩୧ ହଜାର ଶ୍ରମ ଦିବସ ପାଇ ଉପକୃତ ହୋଇଛନ୍ତି । ବିଭିନ୍ନ ଶ୍ରେଣୀର ମହିଳା ଶ୍ରମିକ-ମାନଙ୍କ ପାଇଁ ୨୭ ଲକ୍ଷ ୧୪ ହଜାର ଶ୍ରମ ଦିବସ ସୃଷ୍ଟି ହୋଇଥିଲା ।

ମୋଟ୍ ବ୍ୟୟିତ ଅର୍ଥ ମଧ୍ୟରୁ ୩ କୋଟି ଟଙ୍କା ମୂଲ୍ୟର ୯୫୫୭ ମେଟ୍ରିକ୍ ଟନ୍ ଚାଉଳ ଓ ୭୮୦୦ ମେଟ୍ରିକ୍ ଟନ୍ ଗହମ ଶ୍ରମିକ ମାନଙ୍କୁ ସେମାନଙ୍କର ମଜୁରୀ ଅଂଶ ବାବଦ ଦିଆଯାଇଥିଲା । ୧୧ ମାସ ସମୟରେ ଏହି ଆର:ଏଲ:ଇ: ଜି: ପି: ଅନ୍ତର୍ଭୁକ୍ତ ଇନ୍ଦିରା ଆବାସ ଯୋଜନାରେ ୩୧୦୫ଟି ବାସଗୃହ ନିର୍ମାଣ କରାଯାଇ ବାସହୀନ ପରିବାରଙ୍କୁ ଯୋଗାଇ ଦିଆଯାଇଛି ।

ଗତ ଫେବୃଆରୀ ମାସ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାର ମୋଟ ୨୬୩.୭୨ଲକ୍ଷ ଟଙ୍କା ବ୍ୟୟ କରିଥିଲେ । ତନ୍ମଧ୍ୟରୁ ୨୪ ଲକ୍ଷ ୨୯ ହଜାର ଟଙ୍କା ମୂଲ୍ୟର ୧୩୯୦ ମେଟ୍ରିକ୍ ଟନ ଗହମ ଓ ଚାଉଳ ଶ୍ରମିକମାନଙ୍କୁ ବଣ୍ଟନ କରାଯାଇଥିଲା । ସେହି ମାସ ମଧ୍ୟରେ ବିଭିନ୍ନ ଉନ୍ନୟନ ଯୋଜନା ହେତୁ ୧୮ ଲକ୍ଷ ଶ୍ରମଦିବସ ସୃଷ୍ଟି ହୋଇଥିଲା । ଆଦିବାସୀ ଓ ହରିଜନ ଏବଂ ମହିଳା ଶ୍ରମିକମାନେ ଯଥାକ୍ରମେ ୫.୮୯ ଲକ୍ଷ ୬.୮୪ ଲକ୍ଷ ଏବଂ ୨.୮୧ ଲକ୍ଷ ଶ୍ରମ ଦିବସ ପାଇ ଉପକୃତ ହୋଇଥିଲେ ।

## ପଶୁପାଳନରେ ଗରିବ ପରିବାରଙ୍କ ଆର୍ଥିକ ଉନ୍ନତି

ପଶୁପାଳନ ମାଧ୍ୟମରେ ରାଜ୍ୟର ୩ ଲକ୍ଷ ୩୪ ହଜାର ୫୨୯ ଟି ଦରିଦ୍ରତମ ପରିବାରଙ୍କ ଆର୍ଥିକ ଉନ୍ନତି

ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି ।

ଦରିଦ୍ରତମ ପରିବାରଙ୍କ ବାର୍ଷିକ ରୋଜଗାର ସୀମାକୁ ୧୫୦୦ ଟଙ୍କାରୁ ୨ ହଜାର ଟଙ୍କାକୁ ବୃଦ୍ଧି କରିବା ଲକ୍ଷ୍ୟ ନେଇ ଚଳିତ ଆର୍ଥିକ ବର୍ଷରେ ମୋଟ ୧୦,୬୯୪ ଟି ଦରିଦ୍ର ପରିବାରକୁ ଦୁହାଁଳିଆ ଗାଈ, ଛେଳି, ମେଣ୍ଢା, କୁକୁଡ଼ା, ବତକ ଓ ଘୁଷୁରି ଇତ୍ୟାଦି ଗୃହପାଳିତ ପଶୁ ପାଳନ କରିବା ପାଇଁ ବିଭିନ୍ନ ଜାତୀୟକରଣ ବ୍ୟାଙ୍କ ଜରିଆରେ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି । ଏହା ମଧ୍ୟରେ ଇ: ଆର: ଆର: ପି: ଅନୁଯାୟୀ ୪୦୫୦ ପରିବାର ଏବଂ ଆଇ:ଆର: ଡି: ପି: କାର୍ଯ୍ୟକ୍ରମରେ ୬୬୪୪ ଟି ପରିବାର ଉପକୃତ ହୋଇଛନ୍ତି ।

୧୯୮୭-୮୮ ବର୍ଷ ସୁଦ୍ଧା ପଶୁ ପାଳନ ମାଧ୍ୟମରେ ଇ: ଆର: ଆର: ପି: ଯୋଜନାରେ ୧,୨୨,୮୯୫ ପରିବାର ଏବଂ ଆଇ: ଆର: ଡି: ପି: କାର୍ଯ୍ୟକ୍ରମରେ ୨,୧୯,୯୪୦ ପରିବାର, ଏହିପରି ରାଜ୍ୟର ମୋଟ ୩,୩୨,୮୩୫ ଦରିଦ୍ରତମ ପରିବାରକୁ ସେମାନଙ୍କ ଆର୍ଥିକ ଉନ୍ନତି କରିବା ପାଇଁ ଉପକୃତ କରାଯାଇଛି । ଉପରୋକ୍ତ କାର୍ଯ୍ୟ, ବିଂଶସୂତ୍ରୀ କାର୍ଯ୍ୟକ୍ରମରେ ଦାରିଦ୍ର୍ୟ ଦୂରୀକରଣ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନାର ଅଂଶ ବିଶେଷ ।

## ଉନ୍ନତ ଶସ୍ୟାଧାର ପକ୍କା କୋଠି ଓ ଧାତବ ଡୋଲି

କଥାରେ ଅଛି "ଶରୀର ମାଦ୍ୟମ୍ ଖଳୁଧର୍ମ ସାଧନମ୍" ତେଣୁ ସୁସ୍ଥଶରୀର ପାଇଁ ସୁସ୍ଥ ଖାଦ୍ୟର ଆବଶ୍ୟକତା ରହିଛି । ସ୍ୱାଧୀନୋତ୍ତର କାଳରେ କେନ୍ଦ୍ର ତଥା ରାଜ୍ୟ ସରକାର ଖାଦ୍ୟ ଶସ୍ୟର ଉତ୍ପାଦନ ପ୍ରାୟ ୩ଗୁଣରୁ ବୃଦ୍ଧି କରାଇ ପାରିଛନ୍ତି । ମାତ୍ର ଦୁଃଖର ବିଷୟ ଆମ ଭାରତ ବର୍ଷରେ ଜନସଂଖ୍ୟାର ବୃଦ୍ଧି ମଧ୍ୟ ଠିକ ତା ସହିତ ତାଳଦେଇ ବୃଦ୍ଧି ହୋଇଛି । ଯାହାଫଳରେ ଆମର ସଫଳତା ବିଶେଷ ଭାବରେ ଉପଲବ୍ଧି ହୋଇପାରୁ ନାହିଁ । ସେଥିପାଇଁ କେନ୍ଦ୍ର ସରକାର ପ୍ରତ୍ୟେକ ନାଗରୀକକୁ ସୁସ୍ଥ ତଥା ପ୍ରଚୁର ଶସ୍ୟ ଉପଲବ୍ଧ ପାଇଁ କେତେକ ପଦକ୍ଷେପ ଗ୍ରହଣ କରିଛନ୍ତି ।

ଆମ ଓଡ଼ିଶାରେ ମୁଖ୍ୟ ଫସଲ ହେଉଛି ଧାନ । ଚଷୀମାନେ ସାଧାରଣତଃ ନିଜର ଖର୍ଚ୍ଚ ପାଇଁ ଧାନ କିମ୍ବା ଚାଉଳକୁ ପାରମ୍ପରିକ ପ୍ରଣାଳୀରେ ବସ୍ତା, ଓଳିଆ, ବାଉଁଶ-ଡୋଲି, ମାଟିପୁଡ଼ି, ଅମାର ତଥା ଗଣି ଇତ୍ୟାଦିରେ ସାଇତି ରଖିଥାନ୍ତି । ଦେଖାଯାଉଛି ଉପରୋକ୍ତ ଶସ୍ୟାଧାର ଗୁଡ଼ିକରେ କେତେକ ତ୍ରୁଟି ରହିବା ଫଳରେ ଶସ୍ୟଗୁଡ଼ିକ ମୂଷା, ପୋକ, ଚିମି ଇତ୍ୟାଦି ଦ୍ୱାରା ଉଭୟ ଗୁଣାତ୍ମକ ଓ ପରିମାଣାତ୍ମକ କ୍ଷତି ଘଟୁଅଛି । ପ୍ରଚଳିତ ଶସ୍ୟାଧାର ଗୁଡ଼ିକ ମାଟି, ବାଉଁଶ, କାଠ ଖେଣା, ପଟା ଇତ୍ୟାଦି ଦ୍ୱାରା ତିଆରି ହୋଇଥିବାରୁ ସେଗୁଡ଼ିକ ମୂଷା କାଟି ନଷ୍ଟ କରିବା ସହଜ ହୋଇଥାଏ । ଅମାରରୁ ଶସ୍ୟ ବାହାର କରିବା ଓ ରଖିବା ପାଇଁ ଗୋଟିଏ ବାଟ ଥିବାରୁ ଶସ୍ୟାଧାରକୁ ବାରମ୍ବାର ଖୋଲିବା ଦ୍ୱାରା ବର୍ଷା ଦିନେ ବାୟୁରେ ଥିବା ଆର୍ଦ୍ରତା ଅମାର ଭିତରେ ପଶି ଶସ୍ୟରେ ଜଳୀୟ ଅଂଶର ପରିମାଣ ବୃଦ୍ଧି କରାଇଥାଏ ଏବଂ ଶସ୍ୟାଧାରଟି ଶସ୍ୟ ଦ୍ୱାରା ପୂର୍ଣ୍ଣ ନ ହୋଇ ଶସ୍ୟର ଉପରିଭାଗରେ ବାୟୁ ରହିଥିବାରୁ ଉମାପୋକ ତଥା ଅନ୍ୟାନ୍ୟ ପୋକ ଦ୍ୱାରା ନଷ୍ଟ ହୋଇ ଥାଏ । ପରବର୍ତ୍ତୀ-ପର୍ଯ୍ୟାୟରେ ମଧ୍ୟ ପୋକମାନଙ୍କର ବଞ୍ଚିବା ବଢ଼ିବା ଦ୍ୱାରା ଚିମି ତଥା ଅଣୁଜୀବମାନେ ଶସ୍ୟକୁ ଅଧିକ ନଷ୍ଟ କରି ଦେଇ ଥାନ୍ତି । ଗଣିରେ ଥିବା ଧାନ ମଧ୍ୟ ଜଳୀୟ ଅଂଶର ଆଧିକ୍ୟ ହେତୁ ଚିମିଦ୍ୱାରା ନଷ୍ଟ ହୋଇଥାଏ । ବସ୍ତା ଓଳିଆଗୁଡ଼ିକରେ ଥିବା ଶସ୍ୟ ମଧ୍ୟ ପୋକ ଓ ମୂଷା ଦାଉରୁ ରକ୍ଷା ପାଇପାରେ ନାହିଁ । ହିସାବକରି ଦେଖାଯାଇଛି, ଗ୍ରାମାଞ୍ଚଳରେ ପାରମ୍ପରିକ ପ୍ରଣାଳୀରେ ସାଇତା ଯାଉଥିବା ଖାଦ୍ୟଶସ୍ୟର ପ୍ରାୟ ଶତକଡ଼ା ୧୦ଭାଗ ଉପରୋକ୍ତ ଶତ୍ରୁ ଦ୍ୱାରା ନଷ୍ଟ ହୋଇ ଯାଉଛି । ଏଥି ସହିତ ଶସ୍ୟାଧାରଗୁଡ଼ିକ ମଧ୍ୟ ମୂଷା ଦ୍ୱାରା ନଷ୍ଟ ହୋଇ ଯାଉଛି ।

ତେଣୁ କେନ୍ଦ୍ର ସରକାରଙ୍କ ଭୁବନେଶ୍ୱରସ୍ଥିତ ଶସ୍ୟ ସଂରକ୍ଷଣ ଅଭିଯାନ ୧୯୭୬ ମସିହାରୁ ଓଡ଼ିଶାର ଚଷୀମାନଙ୍କୁ ସାଇତା ଶସ୍ୟର ଉପଯୁକ୍ତ ରକ୍ଷଣାବେକ୍ଷଣ ପାଇଁ ଉନ୍ନତି ଶସ୍ୟାଧାର ଯଥା:-ପକ୍କାକୋଠି ଓ ଧାତବ ଡୋଲିର ପ୍ରଚଳନ ରାଜ୍ୟସରକାରଙ୍କ ସହଯୋଗରେ କରି ଆସୁଅଛି । ବର୍ତ୍ତମାନ ସୁଦ୍ଧା ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଚଷୀଙ୍କ ଘରେ ୮୭୨ଟି ପକ୍କାକୋଠି ଓ ରାଜ୍ୟ ସରକାରଙ୍କ ରିହାତି ବ୍ୟବସ୍ଥା ଯୋଗେ ଓଡ଼ିଶା-ଆଗ୍ରୋଇଣ୍ଡଷ୍ଟ୍ରିଜ କର୍ପୋରେସନ ମାଧ୍ୟମରେ ଜାନୁଆରୀ ମାସ ୧୯୮୯ ମସିହା ସୁଦ୍ଧା ୧୧,୫୧୨ଟି ଧାତବ-ଡୋଲି ପ୍ରଚଳନ କରାଇ ଅଛନ୍ତି ।

ବର୍ତ୍ତମାନ ରାଜ୍ୟ କୃଷି ବିଭାଗ କ୍ଷେତ୍ରପ୍ରଦର୍ଶନ ମାଧ୍ୟମରେ ଚଷୀ ଘରେ ପକ୍କାକୋଠି ତିଆରୀ କରିବା ପାଇଁ ୫୦% ରିହାତି ବ୍ୟବସ୍ଥା କରିଛନ୍ତି ଓ ଏହା ରାଜ୍ୟ କୃଷି ବିଭାଗ ଓ କେନ୍ଦ୍ର ସରକାରଙ୍କ ଶସ୍ୟ ସଂରକ୍ଷଣ ଅଭିଯାନର ମିଳିତ ସହଯୋଗରେ କାର୍ଯ୍ୟକାରୀ କରାଯାଉଛି । ଶସ୍ୟ ସଂରକ୍ଷଣ ଅଭିଯାନ ଦ୍ୱାରା ପକ୍କାକୋଠି ପାଇଁ ଆବଶ୍ୟକ ହେଉଥିବ ଶସ୍ୟ ରଖିବା ଓ ବାହାର କରିବା ପାଇଁ ବାଟ ଓ ପଲିଥିନ୍ ଚଦର ମାଗଣାରେ ଯୋଗାଇ ଦିଆଯାଉଛି । ଧାତବ ଡୋଲି କିଣିବା ପାଇଁ ମଧ୍ୟ ରାଜ୍ୟ କୃଷି ବିଭାଗ, ଶସ୍ୟ ସଂରକ୍ଷଣ ଅଭିଯାନ ଦ୍ୱାରା ଉପାଦ ତାଲିମପ୍ରାପ୍ତ ଚଷୀ-ମାନଙ୍କୁ ଶତକଡ଼ା ୫୦ ଭାଗ ଏବଂ ଅନ୍ୟମାନଙ୍କ ପାଇଁ ଶତକଡ଼ା ୨୫ ଭାଗ ରିହାତି ଯୋଗାଇ ଦେଉଛନ୍ତି ।

ପକ୍କାକୋଠି ଓ ଧାତବଡୋଲିଗୁଡ଼ିକ ମୂଷା ନିରୋଧକ, ଆର୍ଦ୍ରତା ନିରୋଧକ ଓ ବାୟୁରୁଦ୍ଧ ହେତୁ ଧାନ, ଚାଉଳ ତଥା ଅନ୍ୟାନ୍ୟ ଖାଦ୍ୟଶସ୍ୟ, ନିରାପଦରେ ରହିପାରିବ । ପକ୍କାକୋଠି ଧାତବଡୋଲିରେ ଖାଦ୍ୟଶସ୍ୟ ରଖିବା ପୂର୍ବରୁ ଉତ୍ତମଭାବରେ ପରିଷ୍କାର କରି ଶୁଖାଇ ଓ ଥଣ୍ଡା କରି ସାଇତିବାକୁ ହେବ ଓ ଅନ୍ତତଃ ପ୍ରତିମାସରେ ଥରେ ସଞ୍ଚୟରେ ପୋକ

ଲାଗିଛନ୍ତି କି ନାହିଁ ତାହା ପରୀକ୍ଷା କରି ଆବଶ୍ୟକ ପଦକ୍ଷେପ ନେଲେ ଖାଦ୍ୟ ଶସ୍ୟକୁ ନଷ୍ଟରୁ ରକ୍ଷା କରାଯାଇ ପାରିବ । ପକ୍କାକୋଠି ସବୁଦିଗରୁ ଶସ୍ତା ସୁନ୍ଦର ଏବଂ ମଜବୁତ । ଘର ଭିତରେ ଗୋଟିଏ ୨୦ବସ୍ତା ରହିବାଭଳି ପକ୍କାକୋଠି ତିଆରି କଲେ ୮ବସ୍ତା ସିମେଣ୍ଟ, ୦.୪୨ବସ୍ତା ମୋଟାବାଲି, ୦.୬୮ବସ୍ତା ସରୁବାଲି: ୮୩୦ଖଣ୍ଡ ପୋଡ଼ାଇଟା, ୩୯କିଲୋ ଲୁହାଛଡ଼ ଦରକାର । ଜଣେ ମିସ୍ତ୍ରି ଓ ଜଣେ ମୂଲିଆ ପ୍ରାୟ ୮ଦିନରେ ଏହି କାର୍ଯ୍ୟ ଶେଷକରି ପାରିବେ । ଏ ଧରଣର ଗୋଟିଏ ପକ୍କାକୋଠି ନିର୍ମାଣରେ ପ୍ରାୟ ଟ୨୦୦୦ଙ୍କା ଖର୍ଚ୍ଚ ହେବ ବୋଲି ଅଟକଳ କରାଯାଇଛି । ଘରଭିତରେ ଥିବା ପକ୍କାକାନ୍ଥକୁ ଲଗାଇ ତିଆରିକଲେ ଖର୍ଚ୍ଚ କମ୍ ହୋଇଥାଏ ।



ମଧ୍ୟପ୍ରଦେଶର ବାଇଗା ଆଦିବାସୀଙ୍କ ଗହଣରେ ...

# ଆମ କୃଷି ଶ୍ରମିକଙ୍କ ସର୍ବନିମ୍ନ ମଜୁରୀ

ଡଃ ପ୍ରଫୁଲ୍ଲ ଚନ୍ଦ୍ର ଦାଶ

ଆମ ଦେଶ ଏକ କୃଷି ପ୍ରଧାନ ଦେଶ । ଏଣୁ ଆମ ଦେଶରେ କୃଷି ଶ୍ରମିକମାନଙ୍କର ସଂଖ୍ୟା ବେଶୀ ହେବା ସ୍ୱାଭାବିକ । ୧୯୮୧ ମସିହା ଜନଗଣନା ଅନୁସାରେ ଓଡ଼ିଶାରେ ନାମମାତ୍ର ଚାଷୀ ସମେତ କୃଷି-ଶ୍ରମିକମାନଙ୍କର ସଂଖ୍ୟା ପ୍ରାୟ ଚଉଷଠୀ ଲକ୍ଷ ଅର୍ଥାତ୍ ଓଡ଼ିଶାର ମୋଟ ଶ୍ରମିକ (୮୬ଲକ୍ଷ)ମାନଙ୍କ ମଧ୍ୟରୁ କୃଷି ଶ୍ରମିକଙ୍କ ସଂଖ୍ୟା ଶତକଡ଼ା ୭୪.୫ । ମାତ୍ର ଓଡ଼ିଶାର କୃଷି ଶ୍ରମିକ ବର୍ଷସାରା କ୍ଷେତରେ କାମ ପାଆନ୍ତି ନାହିଁ । କାରଣ ଓଡ଼ିଶାର ପ୍ରାୟ ଶତକଡ଼ା ୨୦ଭାଗ ଚାଷଜମି ଜଳସେଚିତ ଏବଂ ଅତିକମ୍ ଜମିରେ ଦୁଇଥର ଧାନଚାଷ ହୁଏ । ଏଣୁ କୃଷି ଶ୍ରମିକମାନେ ବର୍ଷର ଅନ୍ୟ ସମୟରେ ଜଙ୍ଗଲରେ, ନିର୍ମାଣ କାର୍ଯ୍ୟରେ କିମ୍ବା ଅନ୍ୟାନ୍ୟ ଧନ୍ଦାରେ ନିଯୁକ୍ତ ହୁଅନ୍ତି । ହୁଏତ ସେପରି କାମ ନପାଇଲେ କୃଷି ଶ୍ରମିକମାନେ ଦାଦନ ଶ୍ରମିକ ଭାବରେ ଦେଶାନ୍ତରୀ ହୁଅନ୍ତି ।

କୃଷି ଶ୍ରମିକମାନଙ୍କୁ ସର୍ବନିମ୍ନ ମଜୁରି ଆଇନର ପରିସରଭୁକ୍ତ କରାଯାଇଛି । କାରଣ ୧୯୫୪ ମସହାରେ ଓଡ଼ିଶା ସର୍ବନମ୍ନ ମଜୁରି ନିୟମାବଳୀ ପ୍ରଣୟନ ହେବା ସମୟଠାରୁ କୃଷିକୁ ଏକ ତଫସିଲଭୁକ୍ତ ଶିଳ୍ପ ଭାବରେ ଗ୍ରହଣ କରାଯାଇ ସର୍ବନିମ୍ନ ମଜୁରି ନିର୍ଦ୍ଧାରଣ କରାଯାଇଛି ୧୯୫୪ ମସିହାରେ ଓଡ଼ିଶାର କୃଷି ଶ୍ରମିକମାନଙ୍କୁ ଅଞ୍ଚଳ, ଲିଙ୍ଗ ତଥା ବୟସ ଭେଦରେ ଭିନ୍ନ ଭିନ୍ନ ମଜୁରି ନିର୍ଦ୍ଧାରଣ କରାଯାଇଥିଲା । ଓଡ଼ିଶାକୁ ତିନୋଟି ଅଞ୍ଚଳରେ ବିଭକ୍ତ କରାଯାଇ କୃଷି ଶ୍ରମିକମାନଙ୍କ ଦୈନିକ ମଜୁରି ନିର୍ଦ୍ଧାରଣ କରାଯାଇଥିଲା । ସେଗୁଡ଼ିକ ହେଲା ଏହିପରି ।

| | ମହିଳା ଶ୍ରମିକଙ୍କ ଦୈନିକ ମଜୁରୀ | ପୁରୁଷ ଶ୍ରମିକଙ୍କ ଦୈନିକ ମଜୁରୀ | ଶିଶୁ ଶ୍ରମିକଙ୍କ ଦୈନିକ ମଜୁରୀ |
|---|---|---|---|
| (କ) କଟକ, ବାଲେଶ୍ୱର, ପୁରୀ ମୟୂରଭଞ୍ଜ, କେନ୍ଦୁଝର ଓ ଗଞ୍ଜାମର ସମତଳ ଅଞ୍ଚଳ । | ବାରଅଣା | ଆଠଅଣା | ସାତଅଣା |
| (ଖ) କୋରାପୁଟ, ଫୁଲବାଣୀ, ଢେଙ୍କାନାଳ ଏବଂ ଗଞ୍ଜାମ ଜିଲ୍ଲାର ମାଳାଞ୍ଚଳ ।<br>(ଗ) ବଲାଙ୍ଗିର, କଳାହାଣ୍ଡି ସମ୍ବଲପୁର, ଓ ସୁନ୍ଦରଗଡ଼ । | ଦଶଅଣା | ଆଠଅଣା | ଛଅଅଣା |

ଏହି ମଜୁରି ହାର ୧୯୬୫ ମସିହା ପର୍ଯ୍ୟନ୍ତ ଓଡ଼ିଶାରେ ବଳବତ୍ତର ରହିଥିଲା । ୧୯୬୫ ମସିହାରେ କୃଷି ଶ୍ରମିକମାନଙ୍କ ମଜୁରିରେ ଆଉ ଆଞ୍ଚଳିକ ଭେଦ, ଲିଙ୍ଗଭେଦ କିମ୍ବା ବୟସ ଭେଦରେ ତାରତମ୍ୟ ରଖାଗଲା ନାହିଁ । ରାଜ୍ୟ ସରକାର ସମଗ୍ର ରାଜ୍ୟରୁ କୃଷି ଶ୍ରମିକମାନଙ୍କ ପାଇଁ ଦୈନିକ ଏକଟଙ୍କା ମଜୁରି ନିର୍ଦ୍ଧାରଣ କଲେ । ଏଠାରେ ଦୈନିକ କହିଲେ ସାବାଳକ ଶ୍ରମିକମାନଙ୍କ ପାଇଁ ଆଠଘଣ୍ଟା ଏବଂ ୧୪ବର୍ଷରୁ କମ୍ ବୟସର ଶ୍ରମିକମାନଙ୍କ ପାଇଁ ଦୈନିକ ସାଢ଼େ ଚାରିଘଣ୍ଟା କାମକୁ ବୁଝାଉଛି ।

ପୁଣି ସାତବର୍ଷ ପରେ ୧୯୭୨ ମସିହାରେ କୃଷିଶ୍ରମିକମାନଙ୍କର ସର୍ବନିମ୍ନ ମଜୁରିକୁ ଦୈନିକ ଦୁଇଟଙ୍କା କରାଗଲା । ଶତକଡ଼ା ହିସାବରେ ଏହାକୁ ଶତ ପ୍ରତିଶତବୃଦ୍ଧି ବୋଲି କୁହାଯାଇଥାଏ । ଏପରି ମଜୁରି ବୃଦ୍ଧି ଆଉ କେବେ ହୋଇନାହିଁ । ୧୯୭୩ ମସିହାରେ ରାଜ୍ୟ ସରକାର କୃଷି ଶ୍ରମିକମାନଙ୍କର ସର୍ବନିମ୍ନ ଦୈନିକ ମଜୁରିକୁ ତିନିଟଙ୍କାକୁ ଏବଂ ୧୯୭୬ ମସିହାରେ ଦୈନିକ ଚାରିଟଙ୍କାକୁ ବୃଦ୍ଧି କରିଥିଲେ । ୧୯୭୬ ଠାରୁ ୧୯୮୦ ମସିହା ମଧ୍ୟରେ କୃଷି ଶ୍ରମିକମାନଙ୍କର ମଜୁରି ବୃଦ୍ଧି କରାଯାଇ ନଥିଲା ।

୧୯୮୦ ମସିହାରେ କୃଷି ଶ୍ରମିକମାନଙ୍କ ସର୍ବନିମ୍ନ ମଜୁରି ଦୈନିକ ପାଞ୍ଚଟଙ୍କାକୁ ବୃଦ୍ଧି କରାଗଲା । ଏହାପର ଠାରୁ ପ୍ରତି ଦୁଇବର୍ଷରେ ଥରେ କୃଷି ଶ୍ରମିକମାନଙ୍କ ମଜୁରି ବୃଦ୍ଧି ହେବା ଏକ ଐତିହାସିକ ଘଟଣା । ଏହି ପର୍ଯ୍ୟାୟରେ ୧୯୮୨ରେ ଏହି ମଜୁରି ଛ ଟଙ୍କା, ୧୯୮୪ ମସିହାରେ ସାତଟଙ୍କା ପଚାଶ ପଇସା ଏବଂ ଶେଷରେ ୧୯୮୬ ମସିହାରେ ଦଶଟଙ୍କାକୁ ବୃଦ୍ଧି ପାଇଲା । ମୋଟାମୋଟି ଭାବରେ ୧୯୮୦ ମସିହାଠାରୁ ୧୯୮୬ ମସିହା ମଧ୍ୟରେ କୃଷି ଶ୍ରମିକମାନଙ୍କର ସର୍ବନିମ୍ନ ମଜୁରି ଚାରିଥର ବୃଦ୍ଧି କରାଯାଇ ଚାରିଟଙ୍କାରୁ ଦଶଟଙ୍କା ସ୍ତରକୁ ଅଣାଯାଇ ଅଛି । ବର୍ତ୍ତମାନର ନିର୍ଦ୍ଧାରିତ ଦୈନିକ ସର୍ବନିମ୍ନ ମଜୁରିହାର ଦଶଟଙ୍କାରେ ସାପ୍ତାହିକ ଛୁଟିର ମଜୁରି ମିଶାଇଲେ ଓଡ଼ିଶାର କୃଷିଶ୍ରମିକଙ୍କ ଦୈନିକ ମଜୁରି ଏଗାର ଟଙ୍କା ତେପନ ପଇସା ହେଉଛି, ମାତ୍ର ବାସ୍ତବ କ୍ଷେତ୍ରରେ ସରକାର କୃଷି ଫାର୍ମକୁ ଛାଡ଼ିଦେଲେ ଅନ୍ୟ କୃଷିକ୍ଷେତ୍ରରେ କୃଷିଶ୍ରମିକମାନେ ପ୍ରାୟତଃ ସାପ୍ତାହିକ ଛୁଟି ପାଉ ନାହାନ୍ତି । ସେମାନେ ହୁଏତ ଗୋଟିଏ ମାଲିକ ପାଖରେ ଧାରାବାହିକ ଭାବେ ଛଦିନ କାମ କରିବା ଘଟଣା ବିରଳ । ସେହିପରି କୃଷି କ୍ଷେତ୍ରରେ ଓଭର ଟାଇମ କାର୍ଯ୍ୟକଲେ ଦେଢ଼ଗୁଣ ମଜୁରି ମିଳିବା ନିମନ୍ତେ ଆଇନଗତ ବ୍ୟବସ୍ଥା ରହିଥିଲେ ମଧ୍ୟ କୃଷିକ୍ଷେତ୍ରରେ ଓଭରଟାଇମ କାର୍ଯ୍ୟ କରିବା ଘଟଣା ମଧ୍ୟ ପ୍ରାୟତଃ ନାହିଁ କହିଲେ ଚଳେ ।

କୃଷି ଶ୍ରମିକମାନଙ୍କର ମଜୁରି ଉଭୟ ଦ୍ରବ୍ୟ ଏବଂ ଅର୍ଥ ଆକାରରେ ଦେବା ପାଇଁ ଆଇନଗତ ବ୍ୟବସ୍ଥା ରହିଛି । ଦ୍ରବ୍ୟ ଆକାରରେ ଦିଆଯାଉଥିବା ମଜୁରିର ହିସାବ କରିବା ପାଇଁ ସରକାରଙ୍କ ଖାଦ୍ୟ ଓ ଯୋଗାଣ ବିଭାଗ ଦ୍ୱାରା ଘୋଷିତ ଧାନ, ଗହମ ଆଦିର ମୂଲ୍ୟକୁ ଭିତ୍ତି ରୂପେ ଗ୍ରହଣ କରିବା ନିମନ୍ତେ ଆଦେଶ ରହିଛି ।

ଓଡ଼ିଶା ପରି ଏକ ଗ୍ରୀଷ୍ମ ପ୍ରଧାନ ପ୍ରଦେଶରେ କୃଷିଶ୍ରମିକମାନେ ପ୍ରାୟତଃ ଦୈନିକ ଆଠଘଣ୍ଟା କାମ କରି ପାରନ୍ତି ନାହିଁ । ଅବଶ୍ୟ ଫୁଲବାଣୀ ଜିଲ୍ଲାର ଦାରିଂଗିବାଡ଼ି ଏବଂ କୋରାପୁଟ ଜିଲ୍ଲାର କାଶୀପୁର ବ୍ଲକର କୃଷିଶ୍ରମିକମାନେ ଦୈନିକ ଆଠଘଣ୍ଟା କାମ କରିବାକୁ ସକ୍ଷମ ହେଉଛନ୍ତି । କାରଣ ସେଠାରେ ସାଧାରଣତଃ ଥଣ୍ଡା ଜଳବାୟୁ ଯୋଗୁ କୃଷି ଶ୍ରମିକମାନେ ଅଧିକ କାର୍ଯ୍ୟକ୍ଷମ ହୋଇ ପାରିଛନ୍ତି । ଏହାକୁ ଆଖି ଆଗରେ ରଖି ବିଚାର କଲେ ଏହି ଦୁଇଟି ବ୍ଲକ ବ୍ୟତୀତ ଅନ୍ୟାନ୍ୟ ଅଞ୍ଚଳରେ କୃଷି ଶ୍ରମିକମାନେ ଦୈନିକ ଆଠ ଘଣ୍ଟା କାମ କରୁନଥିବାରୁ ନିର୍ଦ୍ଧାରିତ ଦଶଟଙ୍କା ମଜୁରି ନପାଇବା ସ୍ୱାଭାବିକ । ଏହା ବିଚାର ନକରି କୃଷି ଶ୍ରମିକମାନେ ସରକାରଙ୍କ ନିର୍ଦ୍ଧାରିତ ମଜୁରି ପାଉନାହାନ୍ତି ବୋଲି କୁହାଯାଉ । ବାସ୍ତବିକ ଏହା ଭ୍ରମାତ୍ମକ । ଅବଶ୍ୟ ଯେଉଁଠି ମାଲିକ କୃଷି ଶ୍ରମିକଙ୍କୁ ଦିନକୁ ଆଠଘଣ୍ଟା କାମ ଯୋଗାଇ ପାରିବନାହିଁ, ସେପରି କ୍ଷେତ୍ରରେ ସେ ଦୈନିକ ଦଶଟଙ୍କା ଦେବାକୁ ଆଇନତଃ ବାଧ୍ୟ ଅଟେ ।

କୃଷି ଶ୍ରମିକମାନଙ୍କ ସୁରକ୍ଷା ନିମନ୍ତେ ରାଜ୍ୟ ସରକାର ଆମ ରାଜ୍ୟରେ ଏବେ ୬୫ଜଣ ଗ୍ରାମୀଣ ଶ୍ରମନିରୀକ୍ଷକ ନିଯୁକ୍ତି ଦେଇଛନ୍ତି ଏବଂ କୃଷି ଶ୍ରମିକମାନଙ୍କୁ ସେମାନଙ୍କର ଅଧିକାର ସଂପର୍କରେ ସଚେତନ କରାଇବା ନିମନ୍ତେ ୮୦ଟି ବ୍ଲକରେ ଗ୍ରାମୀଣ ଅବୈତନିକ ସଂଗଠକ ନିଯୁକ୍ତି ଦେଇଛନ୍ତି । ଏହି ଯୋଜନାକୁ ସବୁ ବ୍ଲକକୁ ସଂପ୍ରସାରିତ କଲେ ରାଜ୍ୟର ସମସ୍ତ କୃଷିଶ୍ରମିକ ଉପକୃତ ହେବେ ଆଶା କରାଯାଉଛି ।

କୃଷି ଶ୍ରମିକମାନଙ୍କର ମଙ୍ଗଳ ନିମନ୍ତେ ଆଉ କେତେକ ପଦକ୍ଷେପ ମଧ୍ୟ ଚିନ୍ତା କରାଯାଇପାରେ । ସେଗୁଡ଼ିକ ହେଲା:—

(କ) ଓଡ଼ିଶା ପାଇଁ କୃଷିଶ୍ରମିକଙ୍କ ସର୍ବାଧିକ ଦୈନିକ କାର୍ଯ୍ୟ ସମୟ ୭ଘଣ୍ଟା ରଖାଯିବା ।

(ଖ) କୃଷିଶ୍ରମିକଙ୍କୁ ବର୍ଷସାରା କାମଧନ୍ଦା ଯୋଗାଇବା ନିମନ୍ତେ ଅଧିକ ଜଳସେଚନର ବ୍ୟବସ୍ଥା କରିବା ।


(ଗ) କୃଷିକ୍ଷେତ୍ରରେ ବିଭିନ୍ନ ପ୍ରକାରର କାର୍ଯ୍ୟ ଯଥା:—ଧାନ ରୋଇବା, ବେଉଷଣ କରିବା, ହଳକରିବା, ଘାସ ବାଛିବା, ହିଡ଼କାମ କରିବା ଧାନବୁଣିବା, ଧାନ କାଟିବା, ଧାନ ଅମଳ କରିବା

ମୁଗ, ବାଦାମ ଆଦି ରବିଫସଲ ଉତ୍ପାଦନ କରିବା କାର୍ଯ୍ୟ ନିମନ୍ତେ କୁଶଳୀ ଏବଂ ଅଣକୁଶଳୀ ଭେଦରେ ଦୁଇ କିସମର ମଜୁରି ନିର୍ଦ୍ଧାରଣ କରିବା ।

(ଘ) କଳାହାଣ୍ଡି ଓ କୋରାପୁଟ ପରି ଅନୁନ୍ନତ ଜିଲ୍ଲାମାନଙ୍କରେ ପ୍ରଚଳିତ ବାହାବନ୍ଧକ, (pledging of arms) ଗୋତି ଆଦି ବ୍ୟବସ୍ଥାର ସଂପୂର୍ଣ୍ଣ ଉଚ୍ଛେଦ କରିବା ।

(ଙ) କୃଷିଶ୍ରମିକମାନଙ୍କ କାର୍ଯ୍ୟର ମାନ ବୃଦ୍ଧି ନିମନ୍ତେ ସେମାନଙ୍କୁ ବ୍ଲକସ୍ତରରେ ବୈଷୟିକ ତାଲିମ ପ୍ରଦାନ କରିବା ।

ପରିସଂଖ୍ୟାନବିତ୍
ରାଜ୍ୟ ଶ୍ରମ ନିର୍ଦ୍ଦେଶାଳୟ, ଭୁବନେଶ୍ୱର



ରାଜ୍ୟସ୍ତରୀୟ ବିଶ୍ୱନାଥ ଦାସ ଜନ୍ମ ଶତବାର୍ଷିକୀ ଉତ୍ସବ...

# ପାରଳାର ଶିଙ୍ଗ ଶିଳ୍ପ

ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି

ଓଡ଼ିଶାର ଦକ୍ଷିଣ ସୀମାନ୍ତର ପ୍ରାନ୍ତ ସହର ପାରଳା-ଖେମୁଣ୍ଡି ଗଞ୍ଜାମ ଜିଲ୍ଲା ହେଲେହେଁ ଆନ୍ଧ୍ର ପ୍ରଦେଶର ଦରଜାରେ ଆବଦ୍ଧ ହୋଇ ରହିଛି । ଗଜପତି ପରିଶାସିତ ଓଡ଼ିଶାର ଏହା ଏକ ଅନ୍ୟତମ ଖେମୁଣ୍ଡି ରାଜ୍ୟ । ପୁଣ୍ୟତୋୟା ପବିତ୍ର ଜାହ୍ନବୀ ନିର୍ମଳ ନୀଳ ନୀହାରିମାମୟୀ ସହ ସଲୀଳା ମାହେନ୍ଦ୍ର ତନୟାର ସୁକୁମାର ସ୍ପର୍ଶ ପାରଳାକୁ ଚିର ସୁନ୍ଦର ଓ ତାତ୍ପର୍ଯ୍ୟମୟ କରି ତୋଳିଛି । ହାଇଦ୍ରାବାଦର ସ୍ମୃତିର ମନ୍ଦିର ଗୁପ୍ତମିନାର ଆଗ୍ରାସ୍ଥିତ ପ୍ରେମର ସୌଧ ତାଜମହଲ ଭଳି ପାରଳାଖେମୁଣ୍ଡିର ସୌନ୍ଦର୍ଯ୍ୟକୁ ଶତଗୁଣ ବୃଦ୍ଧି କରାଏ—ତା'ଛାତିରେ ନିଜସ୍ୱ ସ୍ୱାଭିମାନ ବହନ କରି ଗଢ଼ି ଉଠିଥିବା ସୁସୁନ୍ଦର ଚକଲେଟ ରଙ୍ଗର ନଉଲଖା ରାଜପ୍ରାସାଦ ରାଣୀଅନ୍ତଃପୁର ଆଦି. ତତ୍ପାର୍ଶ୍ୱରେ ଘନଘଞ୍ଚ ଅରଣ୍ୟାନି ସହ ମଝିମଝିରେ ମାହେନ୍ଦ୍ର ପର୍ବତ ଶ୍ରେଣୀ, ତଦନ୍ତ ପାର୍ବତ୍ୟ ଉପତ୍ୟକା, ଅଦୂରର ବଙ୍ଗ ଉପସାଗରର ଉଚ୍ଛଳ ଉର୍ମିମାଳାର ହିଲ୍ଲୋଳ ସାଙ୍ଗକୁ ବର୍ଣ୍ଣାଢ୍ୟ ଅସମତଳ ତାଳ ତମାଳ ଉଡାର ପକ୍ଷୀ କୂଜନ ଓ ଠାଏଁ ଠାଏଁ ବିସ୍ତୃତ ନୀଳ ସବୁଜ ଶସ୍ୟ ଶ୍ୟାମଳ ଧାନ କ୍ଷେତରୁ ଉଦ୍ଭୁଟି ଉଠୁଥିବା ରୂପ ଶୋଭାର ସନ୍ଦର୍ଶନ ଯେ କୌଣସି ବ୍ୟକ୍ତିକୁ ଆକର୍ଷି ନେବ ଚାରି ପାଖକୁ ।

ପାରଳା ଯେ, ତାର ସର୍ବ ଗୌରବମୟ ଐତିହ୍ୟ ସାଧନାର ଏକ ଚରମ ରଙ୍ଗମଞ୍ଚ ତଥା ସଂସ୍କୃତିର ପ୍ରାଣ-କେନ୍ଦ୍ର—ଏକଥା ଯେ କେହି ସ୍ୱୀକାର ତ' କରିବେ ତା ସାଙ୍ଗକୁ ବାଣିଜ୍ୟ ବ୍ୟବସାୟ ଓ କଳା କ୍ଷେତ୍ରରେ ବି ଓଡ଼ିଶାକୁ ତାର ଦାନ ଅତୁଳନୀୟ । ଏ' ଯାଏ ପାରଳାର ବେତତିଆରି ବିଭିନ୍ନ ଆସବାବ ପତ୍ରର ଯେପରି ଆଦର ରହିଛି ଠିକ ସେଇଭଳି ପାରଳା ଖେମୁଣ୍ଡିର ବ୍ୟବସାୟ ବାଣିଜ୍ୟରେ ଶିଙ୍ଗଦ୍ରବ୍ୟଗୁଡ଼ିକର ଚାହିଦା ବି ତଦ୍ରୂପ୍ ଭଳି ମନେ ହୁଏ । ପୃଥିବୀର ବହୁ ଅଞ୍ଚଳରେ ବହୁ ପ୍ରକାର ଦ୍ରବ୍ୟ ତ' ମିଳେ । ସେଥିରେ କିଛି ନୂତନତ୍ୱ ନଥାଇ ପାରେ । କିନ୍ତୁ କେହି ଏକ କଳାକାରର ହାତରେ ଅଙ୍କା ଯାଇଥିବା ଆର୍ଟଟିଏ ବା କଳାତ୍ମକ ଶୈଳୀର କୌଣସି ଏକ ଅକିଞ୍ଚନ ଦ୍ରବ୍ୟ ବି ଶିଳ୍ପୀର ମନ ମୁଗ୍ଧକର ଗଢ଼ଣ କୌଶଳ ନେଇ ଅମୂଲ୍ୟ ଓ ଦୁର୍ଲଭ ହୋଇ ଉଠେ । ମୃତ ଗାଈ, ବଳଦ, ପୋଢ଼, ମଇଁଷି, ହରିଣ ଆଦିଙ୍କର ପୂତିଗନ୍ଧମୟ ଦେହାବଶେଷରୁ ତିଆରି ଏହି ଶିଙ୍ଗର ଦ୍ରବ୍ୟଗୁଡ଼ିକର ଦର ବି ଠିକ କୌଣସି ଦେୟ ମୂଲ୍ୟରୁ ଉର୍ଦ୍ଧ୍ୱରେ ରହି ପାରିଥିବା ଚିର ସୁନ୍ଦର ଉତ୍କର୍ଷମୟ ହୋଇ ଉଠେ ଏହି ଏହି ଶିଳ୍ପୀ ଶିଙ୍ଗ କାରିଗର ମାନଙ୍କର ମୁଣ୍ଡି ଅଙ୍କା ହାତର ସ୍ପର୍ଶ ପାଇ । ସମୁଦ୍ର ବାଲିର ଅତି ଅପନ୍ତରା ଭଳି ଜାଣରା ଏହି ଶିଳ୍ପୀ ପୁଣି ଦିନେ ବାରବରଷର ଜୀବନ ତ୍ୟାଗୀ ଶ୍ରମ ଦେଇ ଗଦାଏ ରକ୍ତ ଶୋଷିଲୁ ମାକଡ଼ଶା ପଥରକୁ ନିହାଣ ମୁନରେ କୋଣାର୍କ ଭଳି ଏକ ଦେବଦୁର୍ଲଭ ଉପହାରଟିଏ ଗଢ଼େଇ ଦେଇ ପୃଥିବୀକୁ ହତଚକିତ କରାଇଦେଇଥିଲା । ସେ ଯେ ଭକତ ଗଣ୍ଡାଘର । ଦିନ ଦିନ ବର୍ଷ ବର୍ଷ ଧରି ବି ସେ ନାରୀର କୋମଳ ସ୍ପର୍ଶ ନପାଇ ନିଦ୍ରା ଆହାର ମୈଥୁନରୁ ବଞ୍ଚିତ ହୋଇ—ତଦ୍‌ଜନିତ ଦୁଃଖ କୋହକୁ ସେ ତା'ର ଭିତର ପୁରୁଷଙ୍କ ପାଇଁ ବିଭିନ୍ନ ଉପାୟରେ ସାଇତି ରଖୁଛି ଯେମିତି ତାଙ୍କ ଅକୁହା ମନର କଥାକୁ.... ତା' ବିଶ୍ୱକର୍ମା ଆମ୍ଭର ଅତନ୍ତ୍ର ତ୍ୱଷ୍ଟାର ବ୍ୟଥାକୁ କଳାର ନାମ ଦେଇ । ସତେ କି ଅପୂର୍ବ ତାଙ୍କ ସୃଷ୍ଟି । ସେ ଯେ କେହି ହୁଏନା କାହିଁକି.... କି କମାର, କି ଚମାର, କି ପଥୁରିଆ, କି କାଠୁରିଆ—କି ଶିଙ୍ଗ ଶିଳ୍ପୀ ସେ ସଭିଏଁ ଯେ ଶିଳ୍ପୀ....ସେମାନଙ୍କ

ବ୍ୟକ୍ତିଗତ ଜୀବନ ଜୀବିକା ଯେ; କି ଦୁଃସହ.... ଆସନ୍ତୁ ଏବେ ସେ ବିଷୟରେ କିଛି ଜାଣିବା, ପାରଳାଖେମୁଣ୍ଡି ଶିଙ୍ଗ କାରିଗରୀ ପାଇଁ ସମଗ୍ର ଓଡ଼ିଶା ବାହିକି ଭରତ ପ୍ରସିଦ୍ଧ, ଶିଙ୍ଗ ତିଆରି ସୁନ୍ଦର ସୁନ୍ଦର କଳା ନୈପୁଣ୍ୟମୟ ସାମଗ୍ରୀ ତଥା : ହାତୀ, ଘୋଡ଼ା, ପାନିଆ, ନର୍ତ୍ତକୀ, ମାଛ, ବକ, ହଂସ, ମୟୁର ଏବଂ ନାନା ଭଙ୍ଗୀର ମଡ଼ର୍ଣ୍ଣ ଆର୍ଟ ସବୁ ଏଠାରେ ପ୍ରସ୍ତୁତ କରଯାଉଥାଏ । ଏହି ଶିଳ୍ପୀମାନଙ୍କୁ ବିଶ୍ୱକର୍ମା ଆଉ କେତେକଙ୍କୁ ମହାରଣା ବୋଲାଯାଏ । ମହାରଣା ସାଙ୍ଗ୍ୟା ରଜ ସୁନ୍ଦର । ପୂର୍ବେ ପାଇକ ମାନେ ଅଧୁନା ସୈନ୍ୟମାନଙ୍କ ଭଳି ରାଜ୍ୟର ରକ୍ଷା ଦାୟିତ୍ୱ ନେଉଥିଲେ । ସେମାନେ ଅସ୍ତ୍ରଶସ୍ତ୍ର ନିର୍ମାଣ କରିବା ଠାରୁ ସମ୍ମୁଖ ରଣ କ୍ଷେତ୍ରରେ ଅବତୀର୍ଣ୍ଣ ହୋଇ ଯୁଦ୍ଧ କରୁଥିଲେ । ଯେଉଁ ପାଇକମାନେ ଅସ୍ତ୍ରଶସ୍ତ୍ର ନିର୍ମାଣ ଯନ୍ତ୍ରୀ ବିଦ୍ୟାରେ ପାରଙ୍ଗମ ଥିଲେ ଓ ତଯାରି କରୁଥିଲେ ସେମାନଙ୍କୁ ମହାରଣା କୁହାଯାଉଥିଲା, ପାରଳାର ଏହି ଶିଙ୍ଗ ଶିଳ୍ପୀମାନଙ୍କର ଇତିବୃତ୍ତି ସଂପର୍କରେ ଅନୁସନ୍ଧାନ କଲେ ଜାଣିବାକୁ ମିଳେ ଯେ, ଏମାନେ ଗଞ୍ଜାମ ଜିଲ୍ଲା ଆସିକା ନିକଟସ୍ଥ ପିତଳ ଗ୍ରାମର ଅଧିବାସୀ ଥିଲେ । ଅଶୋକଙ୍କ ଦ୍ୱାରା କଳିଙ୍ଗ ଆକ୍ରମଣ ବେଳେ ଏହି ମହାରଣା ଉପାଧିଧାରୀ ପାଇକମାନଙ୍କ ବୀରତ୍ୱ—ରଣ କୌଶଳ ଓ ନିତିକତା ଓଡ଼ିଆଙ୍କ ପାଇଁ ଗର୍ବଗୌରବ ଆଣିଦେଇଥିଲା । ପାରଳା ରାଜପ୍ରାସାଦ ତଥା ରାଜନଅରକୁ ନାନାଦି କାରୁକାର୍ଯ୍ୟ ବିମଣ୍ଡିତ କରିବା ଉଦ୍ଦେଶ୍ୟ ନେଇ ଗଜପତି ମହାରାଜାଙ୍କ ଦ୍ୱାରା ଏହି ଶିଳ୍ପୀମାନଙ୍କୁ ପାରଳାକୁ ଅଣାଯାଇଥିଲା । କାଳକ୍ରମେ ଏମାନେ ଶିଙ୍ଗ କାରିଗରୀକୁ ଅଭ୍ୟାସ ସିଦ୍ଧ କରାଇ ଏ'ଯାବତ୍ ଶିଂଗଶିଳ୍ପରେ ଏକ ନବଦିଗନ୍ତ ସୃଷ୍ଟିକରି ଆସୁଛନ୍ତି ।

ପାରଳାଖେମୁଣ୍ଡି ସହରର ବିଭିନ୍ନ ଅଞ୍ଚଳରେ ପ୍ରାୟ ପଚିଶଟି ଶିଂଗଶିଳ୍ପୀ ପରିବାର ବାସ କରୁଛନ୍ତି । ଏମାନଙ୍କ ସର୍ବମୋଟ ଜନସଂଖ୍ୟା ପ୍ରାୟ ଅଢ଼ାଇଶହରୁ କିଛିଟା ବେଶି । କର୍ମରତ ଲୋକସଂଖ୍ୟା ଦେଢ଼ଶହ ହେବ । ଏମାନେ ସମସ୍ତେ ପ୍ରାୟ ଦୁର୍ବଳ ତଥା ଗରିବ ଶ୍ରେଣୀର । ଅଶିକ୍ଷିତ ଓ ନିରକ୍ଷର । ସଂସ୍କାରହୀନ ଅନିର୍ମଳ ପରିବେଶରେ ବାସ କରି ନାନାଦି ରୋଗଗ୍ରସ୍ତ ହେଉଥାଆନ୍ତି । ପ୍ରାୟ ଅର୍ଦ୍ଧାଧିକ ଲୋକଙ୍କ ନିଜସ୍ୱ ବାସଗୃହ ନାହିଁ । ଭଡ଼ାଘରେ ରହିଥାଆନ୍ତି । ଅପରିଷ୍କାର ଅପରିଛନ୍ନ ତଥା ଅସ୍ୱାସ୍ଥ୍ୟକର ନୂଆଣିଆ ଘରଘରମାନଙ୍କର ଅନ୍ଧାରୁଆ ବଖୁ ଅନ୍ୟାନୁକୂଳ ପରିବେଶରେ ରହି ନିଜର ଦାରିଦ୍ର୍ୟତାକୁ ଅନୁଭବ କରିଥାଆନ୍ତି । ଏମାନଙ୍କ ପୋଷାକ ପତ୍ର ଓ ଖାଦ୍ୟପେୟ ସ୍ୱାସ୍ଥ୍ୟାନୁକୂଳ ନୁହଁ ଓ ନ୍ୟୁନତମ । ଦିନ ମଜୁରୀ କରି ଦୈନିକ ପ୍ରାୟ ୫୦ରୁ ୫୩୦ ଯାଏ ରୋଜଗାର କରି ଏମାନେ ପ୍ରାୟତଃ ଜୀବିକାର୍ଜ୍ଜନ କରିଥାଆନ୍ତି । ମନେ ହୁଏ; ଶିଂଗ ଶିଳ୍ପ ଏମାନଙ୍କପାଇଁ ଲାଭଦାୟକ ତଥା ନିଜ ଜୀବିକାର୍ଜ୍ଜନ ପାଇଁ ସମର୍ଥ ନହୋଇପାରୁଥିବା ଯୋଗୁଁ କେତେକ ଏମାନଙ୍କ କୌଳିକ ବୃତ୍ତିଛାଡ଼ି ଅନ୍ୟାନ୍ୟ କାର୍ଯ୍ୟରେ ନିଜନିଜକୁ ନିୟୋଜିତ କରୁଥାନ୍ତି । ନିଜେ ପୁଞ୍ଜି ଯୋଗାଇବାରେ ସଂବଳ ସାମର୍ଥ୍ୟ ନଥିବା ଯୋଗୁଁ—ବହୁ ଶିଳ୍ପୀ ମହାଜନ ତଥା ଜୁମୁଟି ବ୍ୟବସାୟୀମାନଙ୍କ ପାଖରେ ଗୋତିଶ୍ରମିକଙ୍କ ଭଳି ନିଜର ବୈଷୟିକ ପାରିବାରିକ ଜୀବନକୁ ବିକ୍ରୀ କରିଥାଆନ୍ତି । ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଦିନକୁ ଦିନ ଋଣଭାରରେ ବୁଡ଼ି ନିଜନିଜ ଆର୍ଥିକ ଓ ମାନସିକ ସ୍ୱାଧୀନତା ହରାଇ ବସନ୍ତି । ଏମିତିକି ଦିବାରାତ୍ର ଅକ୍ଳାନ୍ତ ଶ୍ରମଦାନ କରିବି ନିଜ ପରିବାରର ନିମ୍ନତମ ଆବଶ୍ୟକତା ତଥା ମୁଠିଏ ଭାତ ଓ ଖଣ୍ଡିଏ ଲୁଗା ପାଇବା ସମ୍ଭବ ହୋଇପାରେନି । ଏପରିସ୍ଥଳେ ଶିଳ୍ପୀମାନଙ୍କର ଉନ୍ନତ କଳାକୌଶଳ, ବ୍ୟବସାୟିକ ବିପ୍ରଣ ଧାରା ଓ ଉପେକ୍ଷିତ ଜୀବନ ସଂପର୍କରେ ଟିକେ ଦୃଷ୍ଟି ଆଲୋକପାତ କରିବା । ଏତ ଗଲା ଦୁଃସ୍ଥ ଶିଙ୍ଗ କାରିଗର ମାନଙ୍କ ଜୀବନ ଧାରା । ଏବେ ଆସନ୍ତୁ ତାଙ୍କ ବ୍ୟବସାୟ ତଥା ଜୀବିକା ନେଇ କିଛି ଆଲୋଚନା କରିବା ।

ଏହି ଶିଙ୍ଗ ଶିଳ୍ପର ଅଭିବୃଦ୍ଧି ପାଇଁ ଆବଶ୍ୟକ କରୁଥିବା ମୂଳ କଞ୍ଚାମାଲ ହେଲା ପୋଢ଼, ମଇଁଷି, ଗାଈ ଗୋରୁ, ହରିଣ ଆଦି ପଶୁମାନଙ୍କର ଶିଙ୍ଗ, ଗାଈ, ବଳଦ ଆଦିଙ୍କଠାରୁ ମିଳୁଥିବା ଶିଙ୍ଗ ସବୁ ପତଳା ହୋଇଥିବା ଯୋଗୁଁ ଦ୍ରବ୍ୟ ପ୍ରସ୍ତୁତି ଦୃଷ୍ଟିରୁ ଉତକୃଷ୍ଟ ନୁହେଁ । ଓଡ଼ିଶାର ଦକ୍ଷିଣ ପ୍ରାନ୍ତରେ ଅବସ୍ଥିତ ପାରଳାଖେମୁଣ୍ଡି ବଣଜଙ୍ଗଲ ଓ ପାର୍ବତ୍ୟ ଉପତ୍ୟକାରେ ଘେରି ରହିଥିବା ଯୋଗୁଁ ଏବଂ ଏ, ଅଞ୍ଚଳର ଆଦିବାସୀମାନେ ମୂଳତଃ ପୋଢ଼ ମଇଁଷି ଆଦି ପଶୁ ଜନ୍ତୁଗୁଡ଼ିକୁ ଖାଦ୍ୟ ଭାବରେ ଗ୍ରହଣ କରୁଥିବା ବସ୍ତୁତଃ ବହୁସମୟରେ ଏ'ସବୁ ଅଞ୍ଚଳରେ ଏହି ପଶୁମାନଙ୍କର ଶିଙ୍ଗ ପ୍ରଚୁର ଭାବରେ ମିଳିଥାଏ । ଏହା ବ୍ୟତୀତ ଆନ୍ଧ୍ରର ବିଜୟନଗରମ୍ ଓ ପାତପଟ୍ଟିପୁରମଠାରୁ କଞ୍ଚାମାଲ ଶିଙ୍ଗ ବେଳେବେଳେ ଆମଦାନୀ କରିବାକୁ ହୋଇଥାଏ । ସାଧାରଣରେ ଶିଙ୍ଗର ପ୍ରତି କିଲୋଗ୍ରାମ ପିଛା କ୍ରୟମୂଲ୍ୟ ପ୍ରାୟ ପଚିଶରୁ ତିରିଶ ଟଙ୍କା ପଡେ । ବିଶେଷତଃ ଏହି ଦର ଶିଂଗର ପ୍ରକାରଭେଦ ଉପରେ ନିର୍ଭର କରିଥାଏ । ବର୍ଷାଦିନମାନଙ୍କରେ ଶିଂଗ ସଂଗ୍ରହ କରିବା କଷ୍ଟସାଧ୍ୟ । ତେଣୁ ଶିଙ୍ଗ ଶିଳ୍ପକୁ ବଞ୍ଚାଇ ରଖିବା ପାଇଁ କାରିଗରମାନଙ୍କୁ ଆଗରୁ ଶିଙ୍ଗ କିଣି ମହଜୁଦ କରି ରଖିବାକୁ ହୋଇଥାଏ । ଶିଙ୍ଗ ବ୍ୟତୀତ ଜଉ, ଡ୍ରାଇକେଣି, କିରୋସିନି, ବାଲିକାଗଜ, ଖରସଣାପତ୍ର ଏବଂ ଶିଙ୍ଗକୁ ଯୋଡ଼େଇ କରିବା ପାଇଁ ଏକ ପ୍ରକାର ରାସାୟନିକ ଅଠା ଆଦି ଉପସାମଗ୍ରୀ କଞ୍ଚାମାଲର ପ୍ରୟୋଜନ ହୁଏ ।

କଞ୍ଚାମାଲ ଶିଂଗରୁ ଏକ ମନୋରମ ଦ୍ରବ୍ୟଟିଏ ପ୍ରସ୍ତୁତ କରିବା ପାଇଁ କେତେକ ନିର୍ଦ୍ଦିଷ୍ଟ ଧରଣର ଯନ୍ତ୍ରପାତିର ଆବଶ୍ୟକତା ଅନୁଭୂତ ହୁଏ । ସେଗୁଡ଼ିକ ହେଲା ଭିଡା (ଶିଂଗକୁ ଭିଡ଼ି ଟାଣ କରିବାପାଇଁ), ଡ୍ରିଲର (ଶିଂଗକୁ କଣା କରିବା ପାଇଁ), ଏକସା ବ୍ଲେଡ଼ ଓ ପ୍ରେସ ଯନ୍ତ୍ର (କାଟିବା ପାଇଁ), ଉଖା, କାଉଉଖା, କରତ, ପ୍ରେସ (ଶିଂଗ ଉପରେ ଚାପ ପ୍ରୟୋଗକରି ବକ୍ରତାକୁ ସିଧା

କରିବା ପାଇଁ), ହାତୁଡ଼ି, ନିହାଣ, ଖଲି, କଟପ୍ଲାୟାର, ଚିମୁଟା, (ଶିଂଗକୁ ସୁବିଧା ଓ ସହଜରେ ଧରି ଆବଶ୍ୟକତା ମୁତାବକ କାଟିବା, ଯୋଡ଼ିବା, ଆଦି କରିବା ପାଇଁ) ଇତ୍ୟାଦି ଉପରୋକ୍ତ ଉପକରଣଗୁଡ଼ିକ କାରିଗରମାନଙ୍କ ଦ୍ୱାରା ସ୍ୱତନ୍ତ୍ର ଭାବେ ତିଆରି କରାଯାଇ ବ୍ୟବହାର କରାଯାଏ । ଏହି ଉପକରଣଗୁଡ଼ିକ ଗୋଟିଏ ସେଟ ଯାହାକି ନିତାନ୍ତ ଭାବେ ଶିଂଗ ଶିଳ୍ପୀମାନଙ୍କର ଦରକାରରେ ଆସେ—ତାର ଆନୁମାନିକ ମୂଲ୍ୟ—ପ୍ରାୟ ଋରିରୁ ପାଞ୍ଚ ହଜାର ଟଙ୍କା ଯାଏ ହୁଏ ।

ଏହି ଶିଳ୍ପ ମୂଳତଃ ତିନୋଟି ଦ୍ରବ୍ୟ ପ୍ରସ୍ତୁତି ସ୍ତରଦେଇ ଗତି କରେ । ପ୍ରଥମତଃ ମଳ କଞ୍ଚାମାଲ ଶିଂଗକୁ ଗଠନ ସାମଗ୍ରୀର ଆକୃତି ଆଣିବା ( Shaping or Outlining )ଦ୍ୱିତୀୟ ସ୍ତରରେ ଯୋଡ଼େଇ ଓ ଘସା,ତୃତୀୟ ସ୍ତରରେ ଦ୍ରବ୍ୟଟିକୁ ଉଜ୍ଜ୍ୱଳତା ପାଇଁ ଘସା । ବଣଜଂଗଲରୁ କଂଚାମାଲ ଶିଂଗ ସଂଗ୍ରହ କରି ଅଣାଗଲାପରେ ପ୍ରସ୍ତୁତ ହେବାକୁ ଥିବା ଦ୍ରବ୍ୟର ବାହ୍ୟଆକୃତି ଆଣିବାପାଇଁ ଶିଂଗକୁ କାଟି ଓ ଗୁଣ୍ଡି ସମାନ କରାଯାଏ । ଆବଶ୍ୟକ ସ୍ଥଳେ ଶିଂଗକୁ ଉତ୍ତାପ ଦେଇ ଓ ପ୍ରେସ ଯନ୍ତ୍ରର ସହାୟତାରେ ମନମୁତାବକ ବଂକେଇବା ବା ସିଧାକରେଇବା ଆଦି କାର୍ଯ୍ୟ ପ୍ରଥମ ସ୍ତରର କରାଯାଇଥାଏ । ଏପରି ଦ୍ରବ୍ୟର ବାହ୍ୟଆକୃତି ଆଣିବାପାଇଁ ଶିଂଗକୁ ଯୋଡ଼େଇକରି ସେ ସବୁକୁ 'ଘସା' ସ୍ତରକୁ ପଠାଯାଏ । ଏଥିରେ ବାଲି କାଗଜକୁ ଉପଯୋଗ କରାଯାଇ ପ୍ରଥମ ଦ୍ୱିତୀୟ ଓ ତୃତୀୟ ଘସା ଉପରେ ପରେ ଦ୍ରବ୍ୟଟି ସଂପୂର୍ଣ୍ଣ ନିର୍ମିତ ହୋଇ ଯାଇପାରେ କିନ୍ତୁ ତାର ସୁନ୍ଦର ଉଜ୍ଜ୍ୱଳତା ନଥାଏ । ତେଣୁ ଶେଷ ସ୍ତରରେ କୋମଳ ଘସା (fine Polishing)ଦ୍ୱାରା ଦ୍ରବ୍ୟଟି ଝଲମଲ ହୋଇଉଠେ । ଏହି କୋମଳ ଘସାକାର୍ଯ୍ୟ କେବଳ ସ୍ତ୍ରୀ କାରିଗରମାନେ କରିଥାଆନ୍ତି । ଦ୍ରବ୍ୟ ପ୍ରସ୍ତୁତିର ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ମୋଟ ଶ୍ରମର ସ୍ୱରିଭାଗ ଦରକାର ବେଳେ ଏହି ତୃତୀୟ ପର୍ଯ୍ୟାୟର କୋମଳ ଘସାରେ ଏକଭାଗ ଶ୍ରମ ଆବଶ୍ୟକହୁଏ । ଦ୍ରବ୍ୟଟି ସଂପୂର୍ଣ୍ଣରୂପେ ନିର୍ମିତ ହୋଇସାରିବା ପରେ ଏହି ଉତ୍ପାଦିତ ଦ୍ରବ୍ୟଗୁଡ଼ିକୁ 'ସୋ'ରୁମ' ଭିତରେ ଯତ୍ନର ସହରଖି କଳାପ୍ରେମୀ ଗ୍ରାହକମାନଙ୍କର ଦୃଷ୍ଟି ଆକର୍ଷଣ କରିବାସହ ବିକ୍ରି କରାଯାଏ ।

ଏହି ଶିଂଗ ଶିଳ୍ପର ଏକ ରୋଜଗାରକ୍ଷମ ବ୍ୟବସାୟିକ ଚିତ୍ର ନିମ୍ନସାରଣୀରେ ଦିଆଯିବାର ଚେଷ୍ଟା କରଯାଇଛି ।

ଉପରୋକ୍ତ ସାରଣୀରୁ ଜାଣିହୁଏ ଯେ; ଗୋଟାଏ ସାଧାରଣ ଅଧା କି, ଗ୍ରା. ଶିଂଗ ଆବଶ୍ୟକ କରୁଥିବା ଛୋଟ ହାତୀଟିଏ ପ୍ରସ୍ତୁତ କରିବା ପାଇଁ ଖର୍ଚ୍ଚ ଅନ୍ୟୂନ" ଟ ୧୦ ପଡ଼େ ଯାହାକି ବଜାରରେ ପ୍ରାୟ ଟ ୧୨ ରେ ବିକ୍ରୀ ହୋଇ ପାରେ । ଏହି ଶିଳ୍ପ ପ୍ରାୟ କୋଡ଼ିଏ ପ୍ରତିଶତ ଲାଭ ଉପାର୍ଜନ କରିବା ସଂଭବ ହୁଏ । ଅବଶ୍ୟ ଦ୍ରବ୍ୟଗୁଡ଼ିକର ପ୍ରସ୍ତୁତ କରିବାରେ ଶ୍ରମ ଓ ଶୈଳୀ ଉପରେ ଉକ୍ତ ଦ୍ରବ୍ୟର ମୂଲ୍ୟ ତଥା ଚାହିଦା ନିର୍ଭର କରିଥାଏ । ଏହି ଶିଳ୍ପ ମୂଳତଃ ଶ୍ରମ ଭିତ୍ତିକ । ତିରିଶି ପ୍ରତିଶତ କଂଚାମାଲ ଓ ଅନ୍ୟାନ୍ୟ ଖର୍ଚ୍ଚକୁ ଛାଡ଼ିଦେଲେ ବଳକା ସତୁରିରୁ ଅଶି ପ୍ରତିଶତ କେବଳ ଶ୍ରମ ଆବଶ୍ୟକ କରିଥାଏ ।

ପାରଳାର ସ୍ୱଚ୍ଛ ଶିଙ୍ଗଶିଳ୍ପ ସାରାଦେଶରେ ପ୍ରସିଦ୍ଧି ଅର୍ଜନ କରିଥିଲେ ମଧ୍ୟ ବର୍ତ୍ତମାନ ଯାଏ ଏହିଶିଳ୍ପ ବ୍ୟବସାୟିକ ଦୃଷ୍ଟିରୁ ପ୍ରତିଷ୍ଠିତ ହୋଇପାରିନାହିଁ । କେବଳ ଉତ୍ପାଦିତ ସାମଗ୍ରୀଗୁଡ଼ିକର ସୌନ୍ଦର୍ଯ୍ୟ ବୋଧ ମୂଲ୍ୟ ନେଇହିଁ କେତେକ ସୀମିତ କଳାପ୍ରେମୀ ଲୋକଙ୍କ ମଧ୍ୟରେ ତିଷ୍ଠି ରହିପାରିଛି ଏହିଶିଳ୍ପ ଏଯାଏ କ୍ଷୁଦ୍ର ଗ୍ରାମ୍ୟ ହସ୍ତଶିଳ୍ପ ଭାବରେ ସଂପ୍ରସାରିତ ଯାହାହେଉ; ଏହିକ୍ରମରିତିକ ଶିଙ୍ଗଶିଳ୍ପର ବିକାଶ ଓ ଶିଳ୍ପୀମାନଙ୍କ ଦାରିଦ୍ର ଦୂର କରିବା ପାଇଁ ନିମ୍ନୋକ୍ତ ସମସ୍ୟାଗୁଡ଼ିକୁ ଧ୍ୟାନ ଦେବା ପ୍ରୟୋଜନ ମନେହୁଏ ।

ଦୁଇଶହ ପଚାଶ ଗ୍ରାମ ଓଜନ ବିଶିଷ୍ଟ ଏକ ଶିଂଗହସ୍ତୀ ନିର୍ମାଣରେ ଖର୍ଚ୍ଚ ଓ ଶ୍ରମର ସାରଣୀ

| ସ୍ତର (୧) | ଖର୍ଚ୍ଚ ବା ଶ୍ରମର ବିବରଣୀ (୨) | | ଟଙ୍କା (୩) | ପ୍ରତିଶତ (୪) |
|---|---|---|---|---|
| ୧ମ | ୧/୨ କେଜି କଂଚାମାଲ ଶିଂଗ ପାଇଁ | .. | ୨.୫୦ | ୨୫% |
| ୨ୟ | ଆକୃତି ଅଣାଇବା ଓ ପ୍ରଥମ ଘସା ଘସା | .. | ୫.୫୦ | ୫୫% |
| ୩ୟ | କୋମଳ ଘସା ଓ ଉଜ୍ଜ୍ୱଳତା ଅଣାଇବା ପାଇଁ | .. | ୧.୫୦ | ୧୫% |
| ୪ର୍ଥ | ଅନ୍ୟାନ୍ୟ ଉପଦ୍ରବ୍ୟ ପାଇଁ | .. | ୦.୫୦ | ୦୫% |
| ୫ମ | ମୋଟ ଉତ୍ପାଦନ ମୂଲ୍ୟ | .. | ୧୦.୦୦ | ୧୦୦% |
| ୬ଷ୍ଠ | ସଂଭାବ୍ୟ ବିକ୍ରୟ ମୂଲ୍ୟ | .. | ୧୨.୦୦ | ୧୨୦% |
| ୭ମ | ଉପାର୍ଜନକ୍ଷମ ଲାଭାଂଶ | .. | ୦୨.୦୦ | ୨୦% |

ଶିଳ୍ପୀ ତଥା କାରିଗରମାନଙ୍କ ସାମାଜିକ ତଥା ଅର୍ଥନୈତିକ ଅବସ୍ଥାର ଉନ୍ନତି ପ୍ରତି ଦୃଷ୍ଟିଦେବା । ଏହିଶିଳ୍ପ ପାଇଁ ଆବଶ୍ୟକ କରୁଥିବା କଞ୍ଚାମାଲ, ଉପକରଣାଦି କ୍ରୟପାଇଁ ସରକାରୀ ସ୍ତରରେ ଋଣ ଓ ସାହାଯ୍ୟ ପ୍ରଦାନ କରିବା, ଅବଶ୍ୟ ଅନୁସଂଧାନରୁ ଜଣାଯାଇଛି ଯେ, କେତେକଙ୍କୁ ଗ୍ରାମାଞ୍ଚଳ ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ ଋଣ ପ୍ରଦାନ କରାଯାଇଛି । କିନ୍ତୁ ପ୍ରାପ୍ୟ ସାହାଯ୍ୟ ଅତିନଗଣ୍ୟ ପୁଣି ସମସ୍ତଙ୍କୁ ଅନ୍ତର୍ଭୁକ୍ତ କରାଯାଇ ପାରିନାହିଁ । କଞ୍ଚାମାଲର ଅଭାବ ଏହି ଶିଳ୍ପୀମାନଙ୍କୁ ମାସମାସ ଧରି ବେକାର କରାଇଦିଏ । ତେଣୁ ସରକାରୀ ଭାବେ କାରିଗରମାନଙ୍କୁ କଞ୍ଚାମାଲ ସଂଗ୍ରହ ଓ ଯୋଗାଣ କରାଯାଇ ପାରିଲେ ଏ ଅସୁବିଧାକୁ କେତେକାଂଶରେ ଦୂର କରାଯାଇ ପାରିବ । କାରିଗରମାନେ ଏହି ଶିଙ୍ଗଶିଳ୍ପକୁ କୌଳିକ ବୃତ୍ତିଭାବରେ ନେଇ ପାରଂପରିକ କ୍ରମରେ ନିଜ ପରିବାରର ବୟୋଜ୍ୟେଷ୍ଠଙ୍କଠାରୁ ଏହି କାରିଗରୀ କୌଶଳ ଯାହା ଶିକ୍ଷା କରିଥାଆନ୍ତି କିନ୍ତୁ ସେସବୁ ଅନାଧୁନିକ ମନେହୁଏ । ତେଣୁ ଏହି ଶିଳ୍ପର ଲୋକପ୍ରିୟତା ବଢ଼ି କରିବା ପାଇଁ 'ନାନା' ଅତ୍ୟାଧୁନିକ ଶୈଳୀର କଳାପୂର୍ଣ୍ଣ ଶିଙ୍ଗଦ୍ରବ୍ୟ ନିର୍ମାଣ କରାଇବା ପାଇଁ ଆବଶ୍ୟକ ତାଲିମ୍ ଯୋଗାଇବା ନିତାନ୍ତ ଆବଶ୍ୟକ । ଏହାଛଡ଼ା ଉତ୍ପାଦିତ ଶିଙ୍ଗ ଦ୍ରବ୍ୟଗୁଡ଼ିକର ଦେଶବିଦେଶରେ ଖୁବ୍ ଚାହିଦା ରହିଥିଲେ ମଧ୍ୟ ସେଗୁଡ଼ିକର ବଜାର କରିବା ସୁବିଧା ଯୋଗାଇ ଦିଆଯାଇ ପାରୁନାହିଁ । ଯା'ଫଳରେ କାରିଗରମାନେ ତିଆରି ମୂଲ୍ୟରୁ କମ୍ ମୂଲ୍ୟରେ ମଧ୍ୟ ସାମଗ୍ରୀ ଗୁଡ଼ିକୁ ବିକ୍ରୀ କରିବା ପାଇଁ ବାଧ୍ୟ ହୋଇଥାଆନ୍ତି । ଏଣୁ ମନେହୁଏ; ଏହି ଦୁସ୍ଥ କାରିଗରମାନଙ୍କ ଉନ୍ନତି ପାଇଁ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟସବୁକୁ ଉପଯୁକ୍ତ ମୂଲ୍ୟ ଦେଇ ସରକାରଙ୍କ ତରଫରୁ କିଣାଯାଇ; ସେହି ଦ୍ରବ୍ୟକୁ ରାଜ୍ୟର ବିଭିନ୍ନ ପାଂଥଶାଳା, ସହର ବଜାରାଦିରେ ଦୋକାନ ଖୋଲି ବିକ୍ରୀ କରିପାରିଲେ ମନେହୁଏ ଏହି ଶିଳ୍ପପ୍ରତି ଆଗ୍ରହ ବଢ଼ିବା ସଙ୍ଗେ ସଙ୍ଗେ ବୈଦେଶିକମୁଦ୍ରା ସଂଗ୍ରହ କରି ଏକ ଲାଭଜନକ ବ୍ୟବସାୟିକ ଶିଳ୍ପ ଭାବରେ ଏହି ଶିଳ୍ପକୁ ଗ୍ରହଣ କରାଯାଇ ପାରିବ । ଅବଶ୍ୟ ଏହି ଶିଳ୍ପର ସମୃଦ୍ଧି ପାଇଁ ଏକ ସମବାୟ ସଂସ୍ଥା କାମକରି ଆସୁଛି । କିନ୍ତୁ ଏହି ସଂସ୍ଥାକ୍ଷୁଦ୍ର ହୋଇଥିବା ଯୋଗୁ ଏଅଞ୍ଚଳର ଶିଙ୍ଗ କାରିଗର ମାନଙ୍କ ଅଭାବ ଅସୁବିଧା ଦୂର କରିବାରେ ସମର୍ଥ ହୋଇ ପାରୁନାହିଁ । ତେଣୁ ଏହି ଶିଳ୍ପ ତଥା ଶିଳ୍ପୀମାନଙ୍କର ସମୁହ କଲ୍ୟାଣସାଧନ ପାଇଁ ସରକାରଙ୍କ ତରଫରୁ କୋହଳ ନୀତି ଅନୁସରଣ କରି ଏକ କେନ୍ଦ୍ରୀୟ କାର୍ଯ୍ୟଗୃହ, କଞ୍ଚାମାଲ ଯୋଗାଣକେନ୍ଦ୍ର, ବଜାର କରିବାର ଦାୟିତ୍ୱ ବହନ କରିବା ସଙ୍ଗେସଙ୍ଗେ ଆର୍ଥିକ ସହାୟତା ଯୋଗାଇଦେବେ ।

ଉତ୍ପାଦିତ ଶିଙ୍ଗ ସାମଗ୍ରୀ ଗୁଡ଼ିକ ବିକ୍ରୀ ପାଇଁ ଏକାନ୍ତ ଭାବେ ଆଞ୍ଚଳିକ କ୍ରେତାମାନଙ୍କ ଉପରେ ବର୍ତ୍ତମାନକୁ ବହୁତଃ ନିର୍ଭର କରୁଥାଏ । ଫଳରେ ଶିଳ୍ପୀମାନେ ସେମାନଙ୍କର ଯତ୍କିଂଚିତ ସଂଚୟକୁ ବିନିଯୋଗ କରି ଦ୍ରବ୍ୟ ପ୍ରସ୍ତୁତ କରିଥିଲେ ସୁଦ୍ଧା ସେସବୁ ଶୀଘ୍ର ବିକ୍ରୀକରି ବିନିଯୋଗ ଅର୍ଥକୁ ଫେରି ପାଇବାରେ ସମର୍ଥ ହୋଇପାରନ୍ତିନି । ଏହାଫଳରେ ବିନିଯୁକ୍ତ ପୁଞ୍ଜି ବହୁଦିନଯାଏ ସ୍ଥିର ତଥା ଅଚଳ ପୁଞ୍ଜିରୂପେ ବାନ୍ଧି ହୋଇପଡ଼େ । ବ୍ୟବସାୟର କାର୍ଯ୍ୟକାରିତା ମୂଳଧନ (Working Capital) ସଂଗୃହିତ ନ ହୋଇ ପାରି ବ୍ୟବସାୟକୁ କ୍ରମଶଃ ଦୁର୍ବଳ ଓ ରୁଗ୍ଣ କରିପକାଏ । ଏଥିରୁ କୌଣସିମତେ ଛାଡ଼ ପାଇବା ପାଇଁ ଦରିଦ୍ର ଶିଳ୍ପୀମାନେ ତାଙ୍କ ଦ୍ରବ୍ୟଗୁଡ଼ିକୁ ମହାଜନ/ଦୁର୍ନୀତି ତଥା ବ୍ୟବସାୟୀମାନଙ୍କ ପାଖେ ବନ୍ଧକ ରଖିବା ବା ଉତ୍ପାଦିତ ମୂଲ୍ୟଠାରୁ ବହୁତ କମ ଦାମରେ ବିକ୍ରୀକରି ପ୍ରାପ୍ୟ ଅର୍ଥରେ ନିଜ ପରିବାରକୁ ଯତ୍କିଞ୍ଚିତ୍ ଗୁଜୁରାଣ ମେଣ୍ଟାଇବାର ପ୍ରଚେଷ୍ଟା କରିଥାନ୍ତି । ଏଥିରୁ ଶିଳ୍ପୀମାନଙ୍କୁ ରକ୍ଷାକରିବା ପାଇଁ ସରକାର ଉତ୍ପାଦିତ ଦ୍ରବ୍ୟ ଗୁଡ଼ିକର କ୍ରୟ ଓ ବିକ୍ରୟ ଭାର ଗ୍ରହଣ କରିପାରିଲେ—ଦୁସ୍ଥ କାରିଗରମାନେ କେତେକାଂଶରେ ଆଶ୍ୱସ୍ତ ହୋଇଥାଆନ୍ତେ । ଏହା ବ୍ୟତୀତ ସରକାରଙ୍କ ତରଫରୁ ଏକକାଳୀନ ଶତାଧିକ ଲୋକଙ୍କୁ ଶିଙ୍ଗକାମ କରିବାର ସୁବିଧା ଯୋଗାଇ ପାରୁଥିବା ଏକ ସାଧାରଣ କର୍ମାଗାର (Work Shop) ଯୋଗାଇପାରିଲେ ଶିଳ୍ପୀମାନଙ୍କର କର୍ମଦକ୍ଷତା ବହୁଗୁଣିତ ହୋଇପାରନ୍ତା । ଭାରତ ସରକାରଙ୍କ ନୂତନ ବିଂଶସୂତ୍ରୀ କାର୍ଯ୍ୟକ୍ରମ ଅନୁଯାୟୀ ପାରଳାଖେମୁଣ୍ଡିର ଏହି ନିରୀହ, ଦୁସ୍ଥ ଦରିଦ୍ର ଶିଙ୍ଗକାରିଗରମାନଙ୍କର ସର୍ବବିଧ କଲ୍ୟାଣ ସାଧନ ପାଇଁ ଅଗ୍ରାଧିକାର ଭିତ୍ତିରେ ସାହାଯ୍ୟ ସହଯୋଗ ସହାନୁଭୂତିର ସହ ପହଞ୍ଚାଇପାରିଲେ ଏହି ପାରମ୍ପରିକ କୌଳିକ ବୃତ୍ତି—ଶିଙ୍ଗ କାରୁକାର୍ଯ୍ୟ ଅଧିକ ଆକର୍ଷଣୀୟ ଭାବେ ବଞ୍ଚିରହିପାରିବ ।

ଶିଙ୍ଗଦ୍ରବ୍ୟଗୁଡ଼ିକ ଯେ କେବଳ ସୌନ୍ଦର୍ଯ୍ୟବୋଧ, ଆଳଙ୍କାରିକ ତଥା ସୌଖିନ ସାମଗ୍ରୀଭାବେ ପରିଚିତ ତା'ନୁହେଁ ଶିଙ୍ଗ ପାନିଆର ବହୁ ଅନୁକୂଳ ସ୍ୱାସ୍ଥ୍ୟଗୁଣ ରହିଛି । ଏହା ମୁଣ୍ଡ ତଥା କେଶ ପାଇଁ ହିତକର । ଏହା ରୋଗ ପ୍ରତିରୋଧକ । ଜୀବାଣୁନାଶକ । ଏଣୁ ଦେଶ ବିଦେଶ ବଜାରରେ ଶିଙ୍ଗ ପାନିଆର ଆଦର ସବୁଠୁ ବେଶି । କେତେକ ନିର୍ଦ୍ଦିଷ୍ଟ ପଶୁଙ୍କଙ୍କର ଶିଙ୍ଗରେ ତିଆରି ବିଭିନ୍ନ ମନମୁଗ୍ଧକର ସାମଗ୍ରୀଗୁଡ଼ିକର କେତେକ ସ୍ୱତଂତ୍ର ମର୍ଯ୍ୟଦା ସହ ଗୁଣ ରହିଥାଏ । ଏହାବ୍ୟତୀତ ଶିଙ୍ଗ ତିଆରି ଜକାମକମକ ଦୁଇଟି ପକ୍ଷୀ ବା ଦୁଇଟି ପ୍ରଜାପତିଙ୍କ ଉଡ଼ନ୍ତା ରୂପ ଯଦି ଚୁନ୍ଧିଲେଇ କାନ୍ଥରେ ଟଙ୍ଗା ଯାଇଥାଏ ବା ଶୁଣ ବହୁଳ ଚିଂଗୁଡ଼ିମାଛଟିଏର ଦୃଶ୍ୟ ଡ୍ରଇଂରୁମର ସୌନ୍ଦର୍ଯ୍ୟକୁ ବଢ଼ାଇଦେବା ସଙ୍ଗେସଙ୍ଗେ କେତେଯେ ଭାବାବେଗ ସୃଷ୍ଟିକରେ ତାର କଳନା କଣ ଯେକୌଣସି ମୂଲ୍ୟ ଦେଇ ସହରେ ତଉଲ କରାଯାଇ ପାରେ ।

ବାଣିଜ୍ୟ ବିଭାଗ ମୁଖ୍ୟ,
ଜଟଣୀ ମହାବିଦ୍ୟାଳୟ, ଜଟଣୀ (ପୁରୀ)
୭୫୨୦୫୦ ।

# ଆସ ଆମେ ମିଳିମିଶି ରହିବା

ଡକ୍ଟର ଅମୂଲ୍ୟ ମହାପାତ୍ର

ଆମେ ମଣିଷ । ଏ ଜଗତର ଶ୍ରେଷ୍ଠ ଜୀବ । ଆମେ ସମସ୍ତେ ସମାଜରେ ବାସକରୁ । ସମାଜବିନା ରହିବା କଷ୍ଟକର । ଏଇଠି ଆମେ ଜନମ ନେଉ । ଏଇଠି କାମ କରୁ । ପୁଣି ଏଇ ସମାଜରୁ ଦିନେ ଆମେ ଚାଲିଯାଉ । ସେଇଟା ଆମର ହୁଏ ଶେଷ ଯିବା । ସେହି ଯିବା ଓ ଆସିବା ଭିତରେ ଆମେ ଅନେକ କାମ କରୁ । ଏକଥା ସତ, ଜଣେ ଆସେ ଏକା ଓ ଯାଏ ଏକା । ହେଲେ ଯେତେଦିନ ସେ ଏହି ମାଟି ମା'ର ପୁଅହୋଇ ରହେ ସେତେବେଳେ ସେ ସମସ୍ତଙ୍କ ସହ ମିଳିମିଶି ଚଳିଥାଏ । ମିଳିମିଶି ରହିଲେ ଏକତା ବଢ଼େ । ମନରେ ସାହସ ହୁଏ । ବଳ ଆସେ । ଅସୁବିଧା ରହେନାହିଁ । ଆମ ଚାରିପଟେ ଯେ ରହିଥାନ୍ତି ସେମାନେ ଆମର ବନ୍ଧୁ । ଦରକାର ପଡ଼ିଲେ ସେମାନେ ଆଗେଇ ଆସନ୍ତି । ସାହାଯ୍ୟ କରନ୍ତି । ଦୁଃଖ ସୁଖ ବୁଝନ୍ତି । ସବୁକଥା ବୁଝନ୍ତି ।

ପିଲାଦିନରେ ଆମେ ପାଠ ପଢ଼ିଥାଉଁ । ସାଥୀରେ ପଢୁଥିବା ପିଲାମାନେ ଆମର ବନ୍ଧୁ । ବଡ଼ହେଲେ ଆମେ ଭିନ୍ନ ଭିନ୍ନ କାମକରୁ । ଆମ ସାଥୀରେ କାମ କରୁଥିବା ଲୋକମାନେ ଆମର ବନ୍ଧୁ । କାମ କରିବାଟା ଆମ ଜୀବନ ସାରା ଚାଲିଥାଏ । ବିନା କାମରେ ଆମେ ବଞ୍ଚି ପାରିବା ନାହିଁ । ସେମିତି ପାଠ ପଢ଼ିବା ତହିଁରେ ଶେଷ ନାହିଁ । କାମ କଲେ ପଇସା ମିଳେ । ଆମେ ଖାଇପିଇ ସୁଖରେ ରହୁ । ସେମିତି ପାଠ ପଢ଼ିଲେ ଆମର ବୁଦ୍ଧି ବଢ଼େ । ଆମେ ଅନେକ କଥା ଜାଣିପାରୁ । ଭଲ କାମ କରି ଓ ପଢି ବେଶି ଟଙ୍କା ଓ ଚାକିରି ପାଉଥାଉ । ଗୁଣମଧ୍ୟ ଭଲ ଢାଞ୍ଚରେ କରିଥାଉ । ଆମକୁ କେହି ଠକି ପାରନ୍ତି ନାହିଁ । ସମସ୍ତେ ସମାଜରେ ଆମକୁ ଭଲ ପାଆନ୍ତି । ଆମେ ମଧ୍ୟ ସେମାନଙ୍କୁ ନିଜର ବୋଲି କରିଥାଉଁ ।

ଆମ ସମାଜରେ ବହୁଜାତିର ଲୋକ ବାସ କରନ୍ତି । ଗୋଟିଏ ଲୋକ ଅନ୍ୟଠାରୁ ଅଲଗା ହୋଇଥାଏ । ଜଣଙ୍କର କଥାଭାଷା ଅନ୍ୟଠୁଁ ଭିନ୍ନ ହୁଏ । ସେମିତି ଆମର ବ୍ୟବହାର ଓ କଥାବାର୍ତ୍ତା ସମାନ ହୋଇ ନଥାଏ । କିଏ ଓଡ଼ିଆରେ କଥା କହିଲେ ଅନ୍ୟ ଜଣେ ହିନ୍ଦି ବା ତେଲୁଗୁରେ କହେ । ଏମିତି ଅନେକ ପ୍ରଭେଦ ରହିଥାଏ । ତଥାପି ଆମେ ସମସ୍ତେ ସେହି ଗୋଟିଏ ମାର ପୁଅ । ଭାରତମାତା ଆମର ମା । ତେଣୁ ଭେଦଭାବ ଆମଠାରେ ରହିବା ଠିକ୍‌ନୁହେଁ । ଆମ ଦେହରେ ଗୋଟିଏ ରକ୍ତ ବହେ । ସମସ୍ତଙ୍କ ନିଶ୍ୱାସରେ ଏକ ପବନ ବାହାରି ଆସେ । ତେଣୁ ଆମେ ମିଳିମିଶି ଭାଇ ଭାଇ ପରି ରହିବା ଦରକାର । ତା ନହେଲେ ଆମର ଅନ୍ୟମାନେ ଶତ୍ରୁ ହେବେ । ଦରକାରବେଳେ ସାହାଯ୍ୟ କରିବେ ନାହିଁ । ହଇରାଣ ଓ ଦୁଃଖକଷ୍ଟରେ କେହି ସାହାଯ୍ୟ କରିବେ ନାହିଁ । ସମାଜରେ ଅଶାନ୍ତି ବଢ଼ିଯିବ । ଜଣେ ଅନ୍ୟକୁ ଦେଖିଲେ ଘୃଣା କରିବ । କଥାବାର୍ତ୍ତା ହେବ ନାହିଁ । କିନ୍ତୁ ସେପରି କରିବା ଆଦୌ ଭଲ ନୁହେଁ ।

ଭାଷା ଆମମାନଙ୍କର ଅଲଗା ଅଲଗା ହୁଏ । କିନ୍ତୁ ଭାବ ସମାନ ଥାଏ । ପ୍ରତ୍ୟେକ ମନୁଷ୍ୟର କିଛି ଭଲ ଗୁଣ ରହିଥାଏ । ତେଣୁ ସେ ଭଲ ଭାବନା କରେ । ଭଲକଥା କହେ । ଭଲଲୋକ ହୁଏ । ସମସ୍ତେ ତାକୁ ଆଦର କରନ୍ତି । ଭଲ କାମ କରି ସେ ଗାନ୍ଧୀ, ଗୋପବନ୍ଧୁ, ନେହେରୁ ଓ ଇନ୍ଦିରାଗାନ୍ଧୀ ପରି ସବୁଦିନକୁ ନାଁ ରଖିଯାଏ । ଭଲ ଲୋକମାନେ ଭାଷାକୁ ଘୃଣା କରନ୍ତି ନାହିଁ । ସବୁ ଭାଷାକୁ ସେମାନେ ଆଦର କରିଥାନ୍ତି ।

ଅନେକ ଭାଷା ଜାଣିଥାନ୍ତି । ସେମାନେ ମାତୃଭାଷାକୁ ସବୁଠୁଁ ବେଶୀ ଭଲ ପାଆନ୍ତି । ସେହି 'ମା'ର' ଭାଷାର କଥା କହିବାକୁ ସେମାନେ ଅଧିକ ପସନ୍ଦ କରନ୍ତି । ତେଣୁ ଆଜିକାଲି ଆମେ ସମସ୍ତେ ମାତୃଭାଷାରେ ପାଠ ପଢ଼ୁଛୁ । ଆମ ସରକାର ସେଥିପାଇଁ ଶିକ୍ଷାର ନୀତି ନିୟମ କରୁଛନ୍ତି । ଯେପର୍ଯ୍ୟନ୍ତ ଆମର ଏହି ମାତୃଭାଷା ଆମ ମନର ଭାଷା ନହୋଇଛି, ସେ ଯାଏଁ ଆମେ ଆମର ଭାବନାକୁ ଠିକ୍ ଭାବରେ ପ୍ରକାଶ କରି ପାରିବୁ ନାହିଁ । ତେଣୁ ଆମେ ଆମର ମାତୃଭାଷା ପ୍ରତି ଅଧିକ ସମ୍ମାନ ଦେବା । ତାହା ସହିତ ମଧ୍ୟ ଅନ୍ୟ ଭାଷା ଜାଣି ରଖିବା ଦରକାର । ଭାଷା ଜାଣିଥିଲେ ଆମେ ସହଜରେ ଅନ୍ୟଭାଷାର ଲୋକଙ୍କସହ ମିଶି ଯାଇ ପାରିବୁ । ସେ ସହଜରେ ଆମର ବନ୍ଧୁ ହୋଇଯିବ । ଦରକାର ପଡ଼ିଲେ ଅନେକ ସାହାଯ୍ୟ କରିବ ।

ସେହିପରି ଆମେ ସମସ୍ତେ ମନୁଷ୍ୟ ଜାତି । ଜାତିର ଭେଦଭାବ ନାହିଁ । ସମସ୍ତେ ଆମର ଭାଇ ଭଉଣୀ । ଆମେ ସମସ୍ତେ ମିଳିମିଶି ଏକାଠି ସମାଜରେ ରହିଥାଉ । ସାହିପଡ଼ୋଶୀଙ୍କ ସହ ଭଲ ବ୍ୟବହାର କରିଥାଉ । କାହାକୁ ଘୃଣା କରିବା ଉଚିତ ନୁହେଁ । ଜଣକୁ ଅନ୍ୟଜଣେ ଘୃଣା କଲେ ତା ମନରେ ଦୁଃଖ ହୁଏ । ସେ ରାଗିଯାଏ । ଆମର ଶତ୍ରୁ ହୁଏ । ଅସୁବିଧାରେ ପକାଇବାକୁ ଚେଷ୍ଟା କରେ । ତେଣୁ ଆମେ ସମସ୍ତେ ମିଳିମିଶି ଚଳିବା ଦରକାର । ତାହେଲେ ଆମେ ପରସ୍ପରକୁ ଭଲ ପାଇ ପାରିବୁ । ଫଳରେ ଆମ ସମାଜରେ ସମସ୍ତେ ସୁଖରେ ରହିପାରିବେ । ଆନନ୍ଦରେ ମିଳିମିଶି ରହି ଦିନ ବିତାଇ ଦେବେ । ତେଣୁ ମହାତ୍ମାଗାନ୍ଧୀ ଜାତି ଭେଦଭାବଠାରୁ ଦୂରରେ ରହିବାକୁ କହିଥିଲେ । ସେ ନିଚ ଜାତିର ଲୋକଙ୍କ ସେବା କରୁଥିଲେ । ସେମାନଙ୍କୁ 'ହରିଜନ' ନାମ ଦେଇଥିଲେ । ସେପରି ଉଚ୍ଚ ନିଚ୍ଚ ଜାତିର ଭାବନା ରହିବା ଆଦୌ ଭଲ ନୁହେଁ । ଏହାହେଲେ ଆମ ସମାଜ ଉନ୍ନତି କରିପାରିବ ନାହିଁ । ମାରପିଟ୍ କଳିଗୋଳ ସବୁଦିନ ଲାଗି ରହିବ । ତେଣୁ ଆସନ୍ତୁ ସମସ୍ତ ଭାରତମାତାର ସନ୍ତାନ ସମସ୍ତେ ମିଳିମିଶି ରହି ଚଳିବା । ସୁଖର ସଂସାର ଗଢ଼ିବା । ସ୍ନେହାଘର କରି, ହସି ହସାଇ ଦେବା । ଏଥିରେ ଆମ ଦେଶର ତଥା ଆମର ଅନେକ ଉନ୍ନତି ହୋଇପାରିବ ।

ଆମ ସମାଜରେ ଅନେକ ପ୍ରକାର ଧର୍ମ ରହିଛି । ହିନ୍ଦୁମାନଙ୍କର ଧର୍ମ ହିନ୍ଦୁ ବା ସନାତନ ଧର୍ମ । ଖ୍ରୀଷ୍ଟିୟାନ ମାନଙ୍କର ଖ୍ରୀଷ୍ଟଧର୍ମ । ମୁସଲମାନମାନଙ୍କର ମୁସ୍‌ଲିମ୍ ବା ମହମ୍ମଦାନ ଧର୍ମ । ପୁଣି ଗୋଟିଏ ଗୋଟିଏ ଧର୍ମ ମଧ୍ୟରେ ଅନେକ ପ୍ରକାର ଶାଖା ବା ସମ୍ପ୍ରଦାୟ ସବୁ ରହିଛି । ଯେମିତି ହିନ୍ଦୁ ଧର୍ମରେ ବୈଷ୍ଣବ, ଶୈବ, ଶାକ୍ତ ପ୍ରଭୃତି । ଭାରତପରି ଧର୍ମନିରପେକ୍ଷ ଦେଶରେ, ଯେଉଁଠି ସମସ୍ତ ଧର୍ମକୁ ସମାନ ଅଧିକାର ଦିଆଯାଇଛି । ସେଠାରେ ଅନେକ ସାଧୁସନ୍ଥମାନେ ନିଜନିଜର ଇଚ୍ଛାନୁସାରେ ଏକଏକ ଧର୍ମ ସୃଷ୍ଟି କରିଥାନ୍ତି । ତାହା ବ୍ୟତୀତ ହିନ୍ଦୁଜାତି ମଧ୍ୟରେ କିଏ କେତେପ୍ରକାର ଦେବଦେବୀଙ୍କୁ ପୂଜାକରନ୍ତି । କେତେଜଣ ଶିବଙ୍କୁ ପୂଜାକରୁଥିବେବେଳେ ଆଉ କେତେଜଣ ଶାକ୍ତକୁ ପୂଜା କରିଥାନ୍ତି । କିଏ ଜଗନ୍ନାଥଙ୍କୁ ନିଜର ଦେବତା ବୋଲି ଭାବିଲାବେଳେ ଅନ୍ୟକିଏ ତିରୁପତିଙ୍କୁ ବିଷ୍ଣୁ ବୋଲି ଗ୍ରହଣ କରିଥାଏ । ତେଣୁ ଆମ୍ଭମାନଙ୍କର ଧର୍ମଧାରଣା ପୃଥକ୍ ପୃଥକ୍ ହୋଇଥାଏ । ମାତ୍ର ଧର୍ମ କହିଲେ ଠାକୁର ପୂଜାକୁ ବୁଝାଏ ନାହିଁ । ତାହାହେଲା, ଜୀବନର ନୀତି ଓ ନିୟମ । ଯେଉଁ ନୀତି ନିୟମ ମନୁଷ୍ୟକୁ ଆଦର୍ଶକରି ଗଢ଼ିବାରେ ସାହାଯ୍ୟ କରିଥାଏ । ତାହାହିଁ ଆମରଧର୍ମ । ତେଣୁ ମନୁଷ୍ୟର ଧର୍ମ ଏକ ଓ ଅଭିନ୍ନ । ମାନବିକତା ହେଉଛି ତାହାର ଧର୍ମ ।

ସେଥି ସକାଶେ ଶ୍ରୀରାମକୃଷ୍ଣ ପରମହଂସ ଦେବ ସବୁ-ଧର୍ମକୁ ସମାନ ଭାବରେ ଦେଖୁଥିଲେ । ନିଜେ ହିନ୍ଦୁ ହୋଇ ସୁଦ୍ଧା ଚର୍ଚ୍ଚ ଓ ଗୀର୍ଜାକୁ ଯାଉଥିଲେ । ସେହିପରି ପ୍ରଧାନମନ୍ତ୍ରୀ ଶ୍ରୀ ରାଜୀବ ଗାନ୍ଧୀ ସମସ୍ତ ଧର୍ମପ୍ରତି ଏକଦୃଷ୍ଟିରେ ଦେଖୁଛନ୍ତି । ତାଙ୍କଠାରେ ଧର୍ମର ଭେଦଭାବ ନାହିଁ । ଅର୍ଥାତ୍ ମଣିଷ ପରସ୍ପରକୁ ଭଲପାଇ ଶିଖିବା ହେଉ ତାହାର ଧର୍ମ । ହିନ୍ଦୁହେଉ ବା ମୁସଲମାନ୍ ହେଉ ସମସ୍ତେ ଏହିଦେଶର ପୁଅଝିଅ । ଧର୍ମପାଇଁ ବିଭେଦ, କଳିଗୋଳ, ହତ୍ୟା ହିଂସାକରିବା ଉଚିତ୍‌ନୁହେଁ । ଧର୍ମକୁ କୌଣସି ଜାତି ଓ ସୀମା ମଧ୍ୟରେ ଆବଦ୍ଧ ରଖିବା ଠିକ୍‌ନୁହେଁ । ଧର୍ମହେଉଛି ମହାନ୍ । ଆଦିବାସୀମାନେ ଯେଉଁ ପୂଜାକରନ୍ତି ଓ ପ୍ରଭୁବୋଲି ମାନନ୍ତି ତାହାର ଉଦ୍ଦେଶ୍ୟହେଲା—ତାହାକୁ ଯିଏ ଉପକାରକଲା ସେ ତାଙ୍କର ହେଲା ଦେବତା । ଆଦିବାସୀମାନେ ପାହାଡ଼ରେ ଗଛ ଫଳାନ୍ତି । ଫଳମୂଳ ଓ କାଠ ଆଣନ୍ତି । ତେଣୁ ପାହାଡ଼ହେଲା ତାଙ୍କର ବିଷ୍ଣୁ । ପୂଜାକରିବାର ଉଦ୍ଦେଶ୍ୟ ହେଲା ଆମ ମନରେ ସ୍ଥିରତା ଆଣାଇବା । ମନସ୍ଥିର ନହେଲେ କୌଣସି କାମ ସଫଳ ହୋଇପାରେ ନାହିଁ । ତେଣୁ ଧର୍ମ-ନାମରେ ବିଭେଦ ଓ ପାର୍ଥକ୍ୟ ନଆଣି ଆମେ ସମସ୍ତେ ଆମର ପୂଜାଉତ୍ସବରେ ମିଳିମିଶି ଚଳିବା ଦରକାର । ହିନ୍ଦୁର ହୋଲିଖେଳରେ ମୁସଲମାନ ଓ ଖ୍ରୀଷ୍ଟିୟାନ ସମସ୍ତେ ମିଳିମିଶି ଆନନ୍ଦ ଲାଭକରି ପାରିବେ । ତାହା ଆମର ଲକ୍ଷ୍ୟହେବା ଆବଶ୍ୟକ । ସେହିପରି ମୁସଲମାନ୍‌ଙ୍କର ଇଦ୍‌ପର୍ବ ଓ ଖ୍ରୀଷ୍ଟିୟାନଙ୍କର ନୂତନବର୍ଷ (ଖ୍ରୀଷ୍ଟ) ପର୍ବରେ ସମସ୍ତ ଅନ୍ୟଜାତିର ଲୋକ ମିଳିମିଶି ଅଂଶଗ୍ରହଣ କରନ୍ତି । ତେଣୁ ଧର୍ମ ମନୁଷ୍ୟର ହିତକଲ୍ପ, ସତ୍‌ପଥ ଦେଖାଉ, ତାହା ମଧ୍ୟରେ ହୀନଭାବ ଯେପରି ନ ରହୁ ।

ଆଜିକାଲି ବିଜ୍ଞାନର ଯୁଗ । ଆମେ ସବୁକିଛି ବୁଝିସୁଝି କରିବା ଭଲ । ତେଣୁ ଶିକ୍ଷା ଆମର ଅଧିକ ଦରକାର । ଶିକ୍ଷାହିଁ ଆଲୋକଶିଖା । ଯେପରି ଅନ୍ଧାର ଦୂରକରିବା ପାଇଁ ଆଲୋକର ଦରକାର ହୋଇଥାଏ, ସେହିପରି ଆମର ମୂର୍ଖତା ବା ଅଜ୍ଞାନତା ଦୂରପାଇଁ ଶିକ୍ଷାର ଆଲୋକ ଦରକାର । ତାହାହେଲେ ଆମଧର୍ମ ମଧ୍ୟରେ ପୂରିରହିଥିବା ଅନେକ

କୁସଂସ୍କାର ଓ ଅନ୍ଧବିଶ୍ୱାସ ଦୂର ହୋଇଯାଇ ପାରିବ । ଯେତେ ଦିନଯାଏ ଧର୍ମର ଅନ୍ଧବିଶ୍ୱାସ ଓ କୁସଂସ୍କାର ଦୂର ନହୋଇଛି, ସେତେଦିନଯାଏ ଧର୍ମ ଆମର ଉପକାର କରିପାରିବ ନାହିଁ । ଶିକ୍ଷା, ବିବେକ ଜ୍ଞାନ ବଳରେ ଧର୍ମକୁ ଆମେ ଅଧିକ ଉପଯୋଗୀ କରିପାରିବୁ । ତହିଁରୁ ସମସ୍ତ ଖରାପ ଦିଗ ବାଦ୍‌ଦେଇ ଭଲଗୁଣଟିକୁ ଗ୍ରହଣ କରିପାରିବୁ । ଏଠାରେ ଗୋଟିଏ ଉଦାହରଣ ଦେଲେ ଭଲହେବ ।

ଆମଦେଶର କେତେକ ଧର୍ମଧାରୀଲୋକ ତନ୍ତ୍ରମନ୍ତ୍ରର ନାମନେଇ ଦେବୀଙ୍କୁ ସନ୍ତୁଷ୍ଟ କରିବାପାଇଁ ଲାଗିଥାନ୍ତି । ସେମାନେ ତେଣୁ ନିରୀହ ପିଲାକୁନେଇ ଦେବୀଙ୍କଠାରେ ବଳି ଦେଇଥାନ୍ତି । ଏହା ଅତି ଖରାପ କାର୍ଯ୍ୟ । ଏଥିରେ ଦେବୀ ବରଦେଇ ନଥାନ୍ତି । ଅଥବା ସେ ବଳି ମାଗିନଥାନ୍ତି । ଆମର ଅଶିକ୍ଷା ଓ ଅନ୍ଧବିଶ୍ୱାସ ଯୋଗୁଁ ଏପରି ହୀନକାର୍ଯ୍ୟ ହୋଇଥାଏ । ସେହିପରି ଆମର ଦେହ ଖରାପହେଲେ ଆମେ ଡ଼ାକ୍ତରଙ୍କଠାରେ ଚିକିତ୍ସା ନ ହୋଇ ଗ୍ରାମଦେବୀଙ୍କୁ ପୂଜାକରୁ । ତାଙ୍କଠାରେ କୁକୁଡ଼ା, ମେଣ୍ଢା, ଛେଳି ପ୍ରଭୃତି ବଳି ଦେଇଦେଲେ ଆମ ରୋଗ ଭଲ ହୋଇଯିବ ବୋଲି ବିଶ୍ୱାସ କରୁଯାଏ । ଝାଡ଼ାବାନ୍ତି ଓ ବସନ୍ତ ଦେବୀଙ୍କର କୋପରୁ ହୁଏ ବୋଲି କେତେକ ଅଶିକ୍ଷିତ ବ୍ୟକ୍ତିମାନେ ଭାବିଥାନ୍ତି । ଏହିପରି ସମସ୍ତ କୁସଂସ୍କାର ଆମର ସମାଜ ପ୍ରତି ଓ ଆମପ୍ରତି ବିପଦର କାରଣ ହୋଇଥାଏ । ତେଣୁ ଆମେ ସମସ୍ତେ ସୁଖଶାନ୍ତିରେ ମିଳିମିଶି ଚଳିବାପାଇଁ ପାଠପଢ଼ିବା ନିହାତି ଦରକାର । ତାହେଲେ ଆମେ ଭଲ ଖରାପ କଣ ତାହା ସହଜରେ ଜାଣିପାରିବା । ଧର୍ମ ନାମରେ କୌଣସି ଅଧର୍ମ ବା ଖରାପ-କାର୍ଯ୍ୟ କରିବା ନାହିଁ । ଧର୍ମକୁ ଠିକ ବିବେକ ଓ ବୁଦ୍ଧିଦ୍ୱାରା ଗ୍ରହଣକରି ଆମେ ଆମର ଜୀବନକୁ ସୁନ୍ଦରଭାବରେ ଗଢ଼ିପାରିବା । ତେଣୁ ଏହିଧର୍ମ ଆମର ହିତକରିବ । ତଥା ଏହାଦେଶର ଏକତା ରକ୍ଷାରେ ସାହାଯ୍ୟ କରିପାରିବ ।

ଆମର ଧର୍ମପରି ସଂସ୍କୃତି ମଧ୍ୟ ଜୀବନର ବିଶେଷ ଅଙ୍ଗ । ଏହି ସଂସ୍କୃତି ଦ୍ୱାରା ଆମର ଚଳିଚଳନ ଆଚାର ବ୍ୟବହାର, ସମାଜନୀତି, ଧର୍ମନୀତି, ନୈତିକତା, ରାଜନୀତି, ଶିକ୍ଷା ପ୍ରଭୃତି ଅନେକ ବିଷୟକୁ ବୁଝାଇଥାଏ । ତାହାରି ମଧ୍ୟରେ ମନୁଷ୍ୟର ପର୍ବପର୍ବାଣୀ ଉତ୍ସବ, ମେଳା-ମହୋତ୍ସବ, ଯାନିଯାତ୍ରା ପ୍ରଭୃତି ରହିଥାଏ । ଭିନ୍ନଭିନ୍ନ ସମାଜ ଓ ପ୍ରଦେଶର ମଧ୍ୟ ଅଲଗା ଅଲଗା ସଂସ୍କୃତି ରହିଛି । ମାତ୍ର ସେ ସମସ୍ତ ସଂସ୍କୃତିର ଉଦ୍ଦେଶ୍ୟ ଏକ । ଭିନ୍ନତା ମଧ୍ୟରେ ଏକତା ରହିଥାଏ । ଯେପରି ଓଡ଼ିଶାର ସଂସ୍କୃତି ସହିତ ବଙ୍ଗ ସଂସ୍କୃତିର ସମ୍ପର୍କ ରହିଛି, ସେହିପରି ମଧ୍ୟ ଆସାମର ସଂସ୍କୃତି ବଙ୍ଗସହିତ ଅନେକ ମେଳଅଛି । ଠିକ୍ ସେହିପରି ଆଦିବାସୀ ଜାତିଜାତି ମଧ୍ୟରେ ଏକପ୍ରକାର ସଂସ୍କୃତି ପ୍ରାୟ ଦେଖିବାକୁ ମିଳିଥାଏ । ନାଚ ଗୀତରେ ସମସ୍ତ ଆଦିବାସୀଜୀବନ ଏକ ହୋଇଯାଏ । ଠିକ୍ ସେହିପରି ଓଡ଼ିଶାର ଓଡ଼ିଶୀ ନାଚ, ତାମିଲନାଡୁର ଭରତ୍ ନାଟ୍ୟମ୍ । ମଣିପୁରର ମଣିପୁରୀ ଓ କେରଳର କଥାକେଲୀ ମଧ୍ୟରେ ଏକପ୍ରକାର ସୌନ୍ଦର୍ଯ୍ୟବୋଧ ରହିଥାଏ । ତାହା ସମସ୍ତଙ୍କ ମନରେ ଆନନ୍ଦ ଦେଇଥାଏ । ସେହିପରି ବିଭିନ୍ନ ପ୍ରକାର ଉତ୍ସବ ଓ ଯାତ୍ରା ଆମର ଜୀବନକୁ ସରସ ସୁନ୍ଦର କରିଥାଏ । ସେଥିରେ ଆମର ଶିକ୍ଷା, ଆର୍ଥିକ ଓ ସାମାଜିକ ଅବସ୍ଥାର ପ୍ରଭାବ ନିଶ୍ଚୟ ପଡ଼ିଥାଏ । ଭିନ୍ନଭିନ୍ନ ସମାଜରେ ରହିଥିବା ଲୋକଙ୍କର ଚିନ୍ତା ଓ ଚଳିଚଳଣୀରେ ପାର୍ଥକ୍ୟ ଥିବାରୁ ସଂସ୍କୃତିରେ ମଧ୍ୟ ସେହିପରି ସାମାନ୍ୟ ଭିନ୍ନତା ଦେଖା ଦେଇଥାଏ ।

ଆମଦେଶର ସଂସ୍କୃତି ଓ ଆମର ଐତିହ୍ୟ ଅତି ଗୌରବମୟ । ତାହାକୁ ଜାଣିବା ଓ ଜଣାଇବା ଦରକାର । ସେଥିପାଇଁ ଆମର ନିହାତି ଦରକାର ଶିକ୍ଷା । ଶିକ୍ଷା ନହେଲେ ସଂସ୍କୃତି ଭଲ ହୋଇପାରିବ ନାହିଁ । ଯେହେତୁ ଶିକ୍ଷା ଓ ସଂସ୍କୃତିର ମେଳଅଛି । ଗୋଟିଏ ଅନ୍ୟ ଉପରେ ନିର୍ଭର କରିଥାଏ । ମାତ୍ର ତାଭିତରେ ଲକ୍ଷ୍ୟ ଗୋଟିଏ ଥାଏ । ତାହାହେଲା—ସମାଜରେ ଭଲଲୋକ ହୋଇ ଭଲ କାମ କରିବିବା ଯେପରି ଆମକୁ କେହି ଖରାପ ନକହିବେ । ପଛରେ ଗାଳି ନଦେବେ । ସମସ୍ତେ ଆଦର କରିବେ, ସମ୍ମାନ ଦେବେ ସେଥିପାଇଁ ଆମେ ଆମର ସଂସ୍କୃତିକୁ ଉଚ୍ଚକୁ ଉଠାଇବାକୁ ହେବ । ତାହେଲେ ଆମେ ସମାଜରେ ମାନ୍ୟତା ପାଇପାରିବୁ । ସମସ୍ତ ସଂସ୍କୃତିକୁ ବଢ଼ାଇବା ପାଇଁ ଚେଷ୍ଟାକରିବୁ । ଆମର ସରକାର ଆଜି ସେଥିପାଇଁ ଚେଷ୍ଟା ଚଳାଇଛନ୍ତି । ଆମଦେଶର ତଥା ଆମର ଉନ୍ନତି ପାଇଁ ଆମର ସଂସ୍କୃତିକୁ ଆଗକୁ ଆଗକୁ ବଢ଼ାଇବାକୁ ପଡ଼ିବ । ଭାରତର ସଂସ୍କୃତି ଦେଶବିଦେଶରେ ଯେପରି ଅଧିକ ଆଦର ଓ ସୁନାମ ଲାଭକରି ପାରିବ ।

ଆମ ଦେଶର ଗୌରବମୟ ଇତିହାସ କେତେକ ସଂସ୍କୃତି ଓ ଲୋକଙ୍କର ଚରିତ୍ରକୁ ନେଇ ତିଆରି ହୋଇଛି । ବେଦ, ଉପନିଷଦ, ପୁରାଣ ଓ ମହାକାବ୍ୟ ଆଦି ଆଦରର ବିଷୟ । ତାହା ଆମ ସଂସ୍କୃତି ଓ ଐତିହ୍ୟର ମୂଳ । ବୈଦିକ ଯୁଗରୁ ମୁନିଋଷିମାନଙ୍କର ବାଣୀ ଓ କଥା ତହିଁରେ ଲେଖା ହୋଇ ରହିଛି । ସେଗୁଡ଼ିକ ଆମକୁ ବେଶ ଉପଯୁକ୍ତ ଶିକ୍ଷାଦିଏ । ମଣିଷକୁ ମଣିଷପରି ଗଢ଼ି ତୋଳିବା ପାଇଁ ରାସ୍ତା ଦେଖାଇ ଦିଏ । ମହାଭାରତ ଓ ରାମାୟଣର କାହାଣୀ ମନକୁ ବେଶ ଛୁଇଁଯାଏ । ଅନେକ ଶିକ୍ଷା ତହିଁରୁ ମିଳିଥାଏ । ଲୋକଙ୍କର ଚରିତ୍ର ଗଠନପାଇଁ ସେଗୁଡ଼ିକ ସାହାଯ୍ୟ କରିଥାଏ । ରାମଚନ୍ଦ୍ରଙ୍କ ପରି ଆଦର୍ଶ ଚରିତ୍ର ଆମ ସମାଜରେ ଦେଖିବାକୁ ମିଳେନାହିଁ । ଭରତ ପରି ଭକ୍ତ, ଲକ୍ଷ୍ମଣପରି ସେବକ ସୀତାପରି ସତୀନାରୀ ଆମ ସମାଜରେ ବିରଳ । ସେହିପରି ମହାଭାରତର ଚରିତ୍ର ସଦାବେଳେ ଆମକୁ କାମ କରିଯିବା ପାଇଁ ପ୍ରେରଣା ଦିଏ । ସାହସ, ଦକ୍ଷ କୌଶଳ, ରାଜନୀତି, ଧର୍ମନୀତି, କୂଟନୀତି ପ୍ରଭୃତି ଅନେକ ଶିକ୍ଷା ମହାଭାରତରୁ ମିଳିଥାଏ ।

ସେହିପରି ସ୍ୱାଧୀନତା ପରେ ଆମ ଦେଶର ଯେଉଁମାନେ ଗୌରବମୟ ଇତିହାସ ସୃଷ୍ଟିକରି ଯାଇଛନ୍ତି, ସେମାନେ ହେଲେ

ମହାତ୍ମାଗାନ୍ଧୀ, ପଣ୍ଡିତ ଜବାହରଲାଲ ନେହେରୁ, ସୁବାଷ ବୋଷ, ବଲ୍ଲଭଭାଇ ପଟେଲ, ଡ଼କଟର ରାଜେନ୍ଦ୍ର ପ୍ରସାଦ, ଡକଟର ରାଧାକୃଷ୍ଣନ୍, ପଣ୍ଡିତ ଗୋପବନ୍ଧୁ ଦାସ, ମଧୁସୂଦନ ଦାସ, ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଓ ଅନ୍ୟମାନେ । ଏମାନେ ତାଙ୍କର ଜୀବନ ଦେଶପ୍ରତି ଓ ଜାତିପ୍ରତି ସମର୍ପଣ କରିଥିଲେ । ତାଙ୍କ ଜୀବନକୁ ସେମାନେ ଆମ୍ଭମାନଙ୍କର କଲ୍ୟାଣ ପାଇଁ ଓ ସୁଖପାଇଁ ତ୍ୟାଗ କରିଯାଇଅଛନ୍ତି । ସେହି ସୁନାର ଭାରତ ଓ ଗୌରବମୟ ଭାରତର ଜାତୀୟ ପତାକାତଳେ ଆମେ ବନ୍ଦେମାତରମ୍ ଓ ଜୟହିନ୍ଦ୍ କହି ନିଜକୁ ଗର୍ବ ମନେକରୁ । ଆମେ ସମସ୍ତେ ସାଧୀନ ଦେଶର ମଣିଷ । ଆମେ ଭୋଟ ଦେଇ ସରକାର ଗଢ଼ିଛୁ । ସେମାନେ ଆମର ଦୁଃଖ 'ସୁଖ ଓ ଭଲମନ୍ଦ ବୁଝିବେ । ଆମ ଦେଶର ଉନ୍ନତି କରାଇବେ । ସେମାନଙ୍କ ସହିତ ମିଳିମିଶି ଓ ସବୁକଥା ବୁଝିସୁଝି ଆମକୁ ଚାଲିଯିବାକୁ ହେବ । ନିଜକାମ ନିଜକୁ କରିବାକୁ ପଡ଼ିବ । ଆମ ଭାଗ୍ୟ ଆମ ହାତରେ । ଆମେ ଆମକୁ ଗଢ଼ି ପାରିବୁ । ଯେ କୌଣସି ଜିନିଷ ଭାଙ୍ଗିଦେବା ସହଜ ମାତ୍ର ତାହାକୁ ଗଢ଼ିବା କଷ୍ଟକର । ଆଜି ଆମେ ସମସ୍ତେ ନିଜ ନିଜର କାମ ଠିକ୍ ଭାବରେ କରି ସମାଜରେ ମିଳିମିଶି ଚଳିଲେ ମହାତ୍ମା ଗାନ୍ଧୀଙ୍କର 'ରାମରାଜ୍ୟ' ସତ୍ୟରେ ପରିଣତ ହୋଇପାରିବ । ଏଥିପାଇଁ ଜନଜାଗରଣ ଓ ଶିକ୍ଷା ଏକାନ୍ତ ଆବଶ୍ୟକ । ସମାଜରୁ ନିରକ୍ଷରତାକୁ ସମୂଳେ ହଟାଇ ଦେବାକୁ ହେବ । ସମସ୍ତେ ପାଠ ପଢ଼ିବେ । କେହି ଅଶିକ୍ଷିତ ହୋଇ ରହିବେ ନାହିଁ । ଶିକ୍ଷା ଲାଭ ଦ୍ୱାରା ଆମର ମିଳିମିଶି ଓ ପରସ୍ପରକୁ ସହଯୋଗ କରି ଚଳିବା କାର୍ଯ୍ୟ ଅତି ସହଜ ହୋଇ ପାରିବ ।

ମିଳିମିଶିରହିବା ପାଇଁ ଶିକ୍ଷା ଅତି ଦରକାର । ଦେଶର ସମସ୍ତେ ଶିକ୍ଷିତ ହେଲେ ଅନେକ ସମସ୍ୟା ସମାଧାନ ହୋଇଯିବ । ଜଟିଳ ସମସ୍ୟା ଆଉ ଦେଖାଦେବ ନାହିଁ । ଯେପରି ଜନ ସମସ୍ୟା ବା ଲୋକସଂଖ୍ୟା ବୃଦ୍ଧି ଆମ ଦେଶର ଗୋଟିଏ ବଡ଼ ସମସ୍ୟା । ସେପରି ସମସ୍ୟାର ସମାଧାନ ପାଇଁ ଶିକ୍ଷା ନିହାତି ଆବଶ୍ୟକ । ଶିକ୍ଷିତ ଲୋକ ବୁଝି ବିଚାରି କାର୍ଯ୍ୟ କରିଥାନ୍ତି । ତାଙ୍କପାଇଁ ଦୁଇଟି ପିଲା ଯଥେଷ୍ଟ । ପିଲାଜନ୍ମ କରିବାଠୁ ତାହାକୁ ପାଳନ କରି ମଣିଷ କରିବା ଅତିକଷ୍ଟକର । ଅଯଥା ପିଲା ସଂଖ୍ୟା ବଢ଼ିଲେ ଘରେ ଅଭାବ ଅସୁବିଧା ଦେଖାଦିଏ । ଭଲରେ ମୁଠିଏ ଖାଇବାକୁ ମିଳେ ନାହିଁ । ପାଠ ପଢ଼ାଇବା କଷ୍ଟକର ହୁଏ । ତେଣୁ ପିଲାର ଭବିଷ୍ୟତ ନଷ୍ଟ ହୋଇଯାଏ । ଏହିପରି ଭାବରେ ଲୋକ ସଂଖ୍ୟା ବୃଦ୍ଧି ହେତୁ ଆମଦେଶରେ ଆହୁରି ଅନେକ ସମସ୍ୟା ଦିନକୁ ଦିନ ମୁଣ୍ଡ ଟେକି ଉଠୁଛି । ତାହାକୁ ସମାଧାନ କରିବ କଷ୍ଟକର ହୋଇଥାଏ । ତେଣୁ ଶିକ୍ଷିତ ଲୋକମାନେ ଆଜିକାଲି ଅଧିକ ପିଲାଜନ୍ମ କରିବାକୁ ଇଚ୍ଛା କରନ୍ତି ନାହିଁ । ସେମାନେ ଛୋଟ ପରିବାର ସୁଖି ପରିବାର କରି ଚଳିଥାନ୍ତି । ଯେଉଁମାନେ ଅଶିକ୍ଷିତ, ସେମାନେ ଭବିଷ୍ୟତ କଥା ନଭାବି ପିଲାଛୁଆ ଜନ୍ମ କରିବାରେ ଲାଗିଥାନ୍ତି । ଫଳରେ ଘରେ ଅଶାନ୍ତି, ଦୁଃଖ କଷ୍ଟ ବଢ଼ି ଚାଲେ । ମିଳିମିଶି ଚଳିବା କଷ୍ଟକର ହୋଇ ଉଠେ ।

ଶିକ୍ଷା ଲାଭକରି ଆମେ ଜ୍ଞାନ ପାଇଁ ଦେଶ ବିଦେଶର ଅନେକ କଥା ଜାଣିପାରୁ । ଶିକ୍ଷାଦ୍ୱାରା ଆମେ ବୁଦ୍ଧି ବିବେକର ସହିତ ସମସ୍ତ କାର୍ଯ୍ୟ କରିଥାଉ । ଏହି ବିଜ୍ଞାନ ଯୁଗରେ ମଣିଷ କେତେବେଳେ ନୂଆ ନୂଆ ଜିନିଷ ତିଆରି କରିବାରେ ଲାଗିଛି । ରେଡ଼ିଓ, ଟି.ଭି. ପ୍ରଭୃତି ଆମକୁ ଅନେକ ଶିକ୍ଷା ଓ ସୁବିଧା ଦେଉଥାନ୍ତି । ଆଜିର ମଣିଷ ବିଜ୍ଞାନ ଶିକ୍ଷା ଲାଭକରି ଆକାଶରେ ଘରକରି ରହିବାକୁ ବସିଲାଣି । ପାଠ ପଢ଼ିଲେ ସମସ୍ତ କାର୍ଯ୍ୟ ସହଜରେ ହୋଇଥାଏ । ଚାଷ, ବେପାର, ବାଣିଜ୍ୟ, ଚାକିରୀ ପ୍ରଭୃତି କରିବାକୁ ହେଲେ ପାଠ ଆମର ନିହାତି ଦରକାର । ପାଠ ପଢ଼ିଥିବା ଚାଷୀ ଅଶିକ୍ଷିତ ଚାଷୀଠାରୁ ଅଧିକ ଫସଲ ଉତ୍ପାଦନ କରିପାରିବ । ଶିକ୍ଷିତ ଚାଷୀ ଚାଷରେ ବୈଜ୍ଞାନିକ ଉପକରଣ ଲଗାଇ ପାରିବ । ଶିକ୍ଷା ଆମକୁ ଏହାବ୍ୟତୀତ ମାନବିକ ଗୁଣକୁ ବିକାଶ କରାଇଥାଏ । ଏହା ଜୀବନର ଆଲୋକ ପ୍ରଦୀପ । ପ୍ରତ୍ୟେକ କାର୍ଯ୍ୟରେ ଶିକ୍ଷାର ମୂଲ୍ୟ ଯଥେଷ୍ଟ ବେଶୀ । ତେଣୁ ପ୍ରତ୍ୟେକ ଲୋକ ଓ ପିଲାମାନେ ପାଠ ପଢ଼ାରେ ଅଧିକ ମନଦିଅନ୍ତୁ । କଥାରେ ଅଛି:—ବିଦ୍ୟା ଅଟଇ ମହାଧନ, ଜାନକେ କର ଉପାର୍ଜନ । ପାଠ ନପଢ଼ିଲେ ଜୀବନଟି ଅନେକ ଅସୁବିଧା ମଧ୍ୟ ଦେଇ ଗତି କରିବାକୁ ହୋଇଥାଏ । ତେଣୁ ଆସ ଆମେ ସମସ୍ତେ ପାଠ ପଢ଼ି କିପରି ସମସ୍ତଙ୍କ ସହ ବନ୍ଧୁପରି ଚଳିବାକୁ ହୁଏ ତାହା ଭଲଭାବରେ ଶିକ୍ଷା କରିବା ।

ମିଳିମିଶି ଚଳିଲେ ଏକତା ବୃଦ୍ଧି ପାଏ ଏକତା ହେଉଛି ଆମର ଶକ୍ତି । ଏକତା ବିନା କିଛି ହୋଇନଥାଏ । ଯେପରି ଜଣେ ଲୋକ ଏକା ଯାହା କରିପାରେ ନାହିଁ; ପାଞ୍ଚଜଣ ମିଶିଲେ ତାହା ସହଜରେ ହୋଇପାରେ । ଦେଶର ଏକତା ଆମର ବଳ । ଯେମିତି ଗୋଟିଏ ବାଉଁଶକୁ ଭାଙ୍ଗିବା ସହଜ, ମାତ୍ର ଯେତେବେଳେ କେତୋଟି ବାଉଁଶକୁ ଏକାଠିକରି ବନ୍ଧା ଯାଏ, ସେତେବେଳେ ତାହାକୁ ଭାଙ୍ଗିବା କଷ୍ଟକର ହୋଇଥାଏ । ତେଣୁ ମିଳିମିଶି ଚଳିଲେ ଅନେକ ସମସ୍ୟାର ସମାଧାନ ହୋଇଥାଏ ।

ସମାଜରେ ରହିଥିଲେ ଅନେକ ଅସୁବିଧା ଓ ସମସ୍ୟା ଦେଖାଦେଇଥାଏ । ବିବାହ ଉତ୍ସବ ସାଙ୍ଗକୁ ଅନ୍ୟ କୌଣସି ଦୁର୍ଘଟଣା ହେଲେ ପାଖପଡ଼ିଶାମାନେ ଆସି ସାହାଯ୍ୟ କରନ୍ତି । ନିଜ ନିଜ ମଧ୍ୟରେ ଏକତା ସ୍ନେହ ଓ ଶ୍ରଦ୍ଧା ଫଳରେ ମନୁଷ୍ୟ ଆନନ୍ଦ ପାଏ । ଅନେ ଅନେ ଆମକୁ ଅପରିଚିତ ଅଜଣା ଲୋକର ସେବା କରିବାକୁ ହୋଇଥାଏ । ସେପରି ସେବା, ସହଯୋଗ ଓ ତ୍ୟାଗ ନିହାତି ଦରକାର । ସାହାଯ୍ୟ ଓ ସେବା କରିଥିବା ଲୋକଙ୍କ ମନରେ ଯେପରି ସନ୍ତୋଷ ଆସିଥାଏ, ସେହିପରି ସାହାଯ୍ୟ ଓ ସେବା ପାଇଥିବା ବ୍ୟକ୍ତି ମଧ୍ୟ ଆନନ୍ଦିତ ହୁଏ । କଥାରେ ଅଛି—ଦେଇଥିଲେ ପାଇ । ଅର୍ଥାତ ଯେ ଦିଏ ସେ ପାଏ । ମାତ୍ର ପାଇବାରେ ଆଶା ରଖିବା ଭଲ ନୁହେଁ ।

ଆମେ ସମାଜରେ ମିଳିମିଶି ରହିବା ନିହାତି ଆବଶ୍ୟକ । କଳିଗୋଳ ନକରି ପରସ୍ପର ମଧ୍ୟରେ ସହଯୋଗ ଓ ସ୍ନେହ ଭାବରେ ଚଳିବା ଦରକାର । କାହାରିକୁ ଘୃଣା କରିବା ଉଚିତ ନୁହେଁ କିମ୍ବା ଅନ୍ୟର ଭଲ ଦେଖି ଇର୍ଷା କରିବା ଠିକ ନୁହେଁ । ଅନ୍ୟର ସୁଖ ସୁବିଧା ଆମର ସୁଖ ସୁବିଧା ତଥା ଅନ୍ୟର ଦୁଃଖକଷ୍ଟ ଆମର ଦୁଃଖକଷ୍ଟ ଏହା ମନରେ ଭାବିବା ଦରକାର । ଆମେ ସମସ୍ତେ ଭାଇଭାଇ ପରି ମିଳିମିଶି ସମାଜର ହିତ ପାଇଁ କାମ କରିବାକୁ ହେବ । ଯେପରି ସମସ୍ତଙ୍କ ମଧ୍ୟରେ ପ୍ରେମ, ସଦ୍ଭାବନା, ଓ ବନ୍ଧୁତା ସୃଷ୍ଟି ହୋଇପାରେ । ଯାହାଫଳରେ ଆମ ସମାଜରେ ଶାନ୍ତି, ପ୍ରୀତୀ ଓ ମୈତ୍ରୀ ସ୍ଥାପନ ହୁଏ । ଏହା ଦେଶର ଉନ୍ନତି ଓ କଲ୍ୟାଣ ସହିତ ନିଜର କଲ୍ୟାଣ ଓ ଉନ୍ନତିରେ ସାହାଯ୍ୟ କରିଥାଏ ।

ଆଜି ଆମେ ସେଥିପାଇଁ ସମସ୍ତେ ଶପଥ କରିବା ଯେପରି ଆମ ଦେଶରୁ ନିରକ୍ଷରତା ଦୂର ହୋଇଯାଉ ଆମର ଏକତାର ବନ୍ଧନ ଦୃଢ଼ ହେଉ । ଆମେ ସମସ୍ତେ ମିଳିମିଶି ଭାରତ ମାତାର ପୁତ୍ର ଝିଅ ଭାବରେ ସୁଖ ଶାନ୍ତିରେ ଦିନ ବିତାଇ ପାରୁ । ମଣିଷ ପରି ରହିବାକୁ ହେଲେ ଆମକୁ ସେଥିପ୍ରତି ବିଶେଷ ଦୃଷ୍ଟି ଦେବାକୁ ପଡ଼ିବ ।

ଅଧ୍ୟାପକ,
ଡି. ଏ. ଭି. କଲେଜ,
କୋରାପୁଟ-୭୬୪୦୨୦






# ଶିଶୁ ଶ୍ରମିକଙ୍କ ଆଇନଗତ ସୁରକ୍ଷା

ଶ୍ରୀମତୀ କାନନବାଳା ମିଶ୍ର

ମୁଖ୍ୟତଃ ଅର୍ଥନୈତିକ କାରଣରୁ ଆମ ଦେଶରେ ଶିଶୁ ଶ୍ରମିକମାନଙ୍କ ସଂଖ୍ୟା ବେଶୀ । ଯେଉଁ ବୟସରେ ପିଲାମାନେ ପାଠ ପଢ଼ିବା କଥା ସେଇ ବୟସରେ ହିଁ ସେମାନେ ପରିବାରର ଆର୍ଥିକ ସଞ୍ଚଳ ବଢ଼ାଇବା ପାଇଁ ବାଧ୍ୟ ହୋଇ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ହୁଅନ୍ତି । କୃଷି କ୍ଷେତ୍ରରେ ସେମାନେ ଗାଈଗୋରୁ ଆଦି ଗୃହପାଳିତ ପଶୁଙ୍କ ରକ୍ଷଣାବେକ୍ଷଣ କରନ୍ତି । ଜଙ୍ଗଲରେ ବାପ, ମା'ଙ୍କ ସହିତ କେନ୍ଦୁପତ୍ର ତୋଳିବା, ଶାଳମଞ୍ଜି ସଂଗ୍ରହ କରିବା, ସିଆଳି ଏବଂ ଶାଳପତ୍ର ତୋଳିବା, ଦାରକାଠି ହାଣିବା, ମହୁଲ ଗୋଟାଇବା, ଆମ୍ବ ଗୋଟାଇବା ଆଦି କାର୍ଯ୍ୟରେ ଶିଶୁମାନେ କାର୍ଯ୍ୟ କରିଥାନ୍ତି । ଗ୍ରାମାଞ୍ଚଳରେ କାମଧନ୍ଦା ନମିଳିଲେ ଶିଶୁ ଶ୍ରମିକମାନେ ରାଜ୍ୟ ବାହାରକୁ ଯାଇ ହୁଏତ ଦାଦନ ଶ୍ରମିକ ହୁଅନ୍ତି କିମ୍ବା ସହରମାନଙ୍କରେ ଛକଛିଆ ହୋଟେଲ, ରେଷ୍ଟୁରେଣ୍ଟ ଆଦିରେ କାମ କରନ୍ତି । ଏପରିକି ବହୁ କାରଖାନାରେ ମଧ୍ୟ ଶିଶୁ ଶ୍ରମିକମାନେ ନାନା ପ୍ରକାର କାର୍ଯ୍ୟରେ ନିଯୁକ୍ତ ହୋଇଛନ୍ତି । ସେମାନଙ୍କର ଏପ୍ରକାର ନିଯୁକ୍ତିକୁ ଆଖି ଆଗରେ ରଖି ବିଭିନ୍ନ ଶ୍ରମ ଆଇନରେ ସେମାନଙ୍କର ସୁରକ୍ଷା ନିମନ୍ତେ ବ୍ୟାପକ ବ୍ୟବସ୍ଥା କରାଯାଇଛି । ସେଥିମଧ୍ୟରୁ କେତୋଟି ମୁଖ୍ୟ ଶ୍ରମ ଆଇନର ବ୍ୟବସ୍ଥା ସଂପର୍କରେ ନିମ୍ନରେ ସୂଚନା ପ୍ରଦାନ କରାଗଲା ।

୧ । କାରଖାନା ଆଇନ, ୧୯୪୮

(କ) ୧୪ ବର୍ଷରୁ କମ୍ ବୟସ ଶିଶୁମାନଙ୍କୁ କାରଖାନାରେ କାମ କରିବାକୁ ମନା ।

(ଖ) ୧୫ ବର୍ଷ ପୁରି ନଥିବା କୌଣସି ବାଳକକୁ ଦିନରେ ସାଢ଼େ ଚାରିଘଣ୍ଟାରୁ ଅଧିକ ସମୟ କାମ କରିବାକୁ ବାରଣ କରାଯାଇଛି । ସେମାନଙ୍କୁ ରାତିରେ କାମ କରିବାକୁ ମଧ୍ୟ ବାରଣ କରାଯାଇଛି ।

(ଗ) ବାଳକମାନଙ୍କୁ ବିପଜ୍ଜନକ କ୍ଷେତ୍ରରେ ମଧ୍ୟ କାମ କରିବାକୁ ବାରଣ ରହିଛି ।

୨ । ବିଡ଼ି ଓ ସିଗାରେଟ୍ ଶ୍ରମିକ (ନିଯୁକ୍ତି ସର୍ତ୍ତ ଆଇନ), ୧୯୬୬ ।

୧୪ ବର୍ଷରୁ କମ୍ ବୟସ ବାଳକମାନଙ୍କୁ ବିଡ଼ି ତିଆରି କାରଖାନା ବା ଶିଳ୍ପାନୁଷ୍ଠାନରେ କାମ କରିବାକୁ ବାରଣ କରାଯାଇଛି ।

୩ । ସର୍ବନିମ୍ନ ମଜୁରି ଆଇନ, ୧୯୪୮

(କ) ଓଡ଼ିଶା ସର୍ବନିମ୍ନ ମଜୁରି ନିୟମାବଳୀ, ୧୯୫୪ ଅନୁସାରେ ସାଢ଼େ ଚାରିଘଣ୍ଟା କାମକୁ ଗୋଟିଏ ଶିଶୁ ଶ୍ରମିକର ସାଧାରଣ କାର୍ଯ୍ୟ-ଦିନ ବୋଲି ଧରି ନିଆଯାଇଛି ।

(ଖ) ଓଡ଼ିଶାର ଶିଶୁ ଶ୍ରମିକମାନଙ୍କ ପାଇଁ ସର୍ବନିମ୍ନ ମଜୁରି ଆଇନ ଅନୁସାରେ ସ୍ୱତନ୍ତ୍ର ଭାବେ ମଜୁରି ନିର୍ଦ୍ଧାରଣ କରାଯାଉଥିଲା । ମାତ୍ର ବର୍ତ୍ତମାନ ସେଇ ବ୍ୟବସ୍ଥା ପରିହାର କରିନିଆଯାଇଛି ଏବଂ ଶିଶୁ ଶ୍ରମିକମାନେ ବୟସ୍କ ଶ୍ରମିକମାନଙ୍କ ସହ ସମାନ ମଜୁରି ପାଇବାରେ ଆଉ ବାରଣ ନାହିଁ ।

## ୪ । ସମାନ ମଜୁରି ଆଇନ, ୧୯୭୬

ଏହି ଆଇନର ବ୍ୟବସ୍ଥା ଅନୁସାରେ କୌଣସି ଶ୍ରମିକଙ୍କୁ ଲିଙ୍ଗ ଭେଦରେ କମ ଅଧିକ ମଜୁରି ଦିଆଯାଇ-ପାରିବ ନାହିଁ ।

## ୫ । ଶିଶୁ ଶ୍ରମିକ (ବାରଣ ଓ ନିୟନ୍ତ୍ରଣ) ଆଇନ, ୧୯୮୬ ।

ଏହି ଆଇନର ବ୍ୟବସ୍ଥା ଅନୁସାରେ ନିମ୍ନଲିଖିତ ଶିଳ୍ପ ସଂସ୍ଥାମାନଙ୍କରେ ଶିଶୁ ଶ୍ରମିକମାନଙ୍କର ନିଯୁକ୍ତିକୁ ବାରଣ କରାଯାଇଛି ।

(କ) ବିଡ଼ି ତିଆରି ଶିଳ୍ପ, (ଖ) ଗାଲିଚା ବୁଣିବା ଶିଳ୍ପ, (ଗ) ସିମେଣ୍ଟ କାରଖାନା, (ଘ) ଲୁଗା ରଙ୍ଗ ଦେବା, ବୁଣିବା ଏବଂ ଲୁଗାରେ ଚିତ୍ର ଛପା କାର୍ଯ୍ୟ ଜନିତ ଶିଳ୍ପ (ଙ) ଦିଆସିଲି, ବିସ୍ଫୋରକ ଦ୍ରବ୍ୟ ଏବଂ ବାଣ ତିଆରି ଶିଳ୍ପ, (ଚ) ମାଇକା କାଟିବା ଓ ଭାଙ୍ଗିବା, (ଛ) ଲାଖ ଉତ୍ପାଦନ (ଜ) ସାବୁନ ତିଆରି କାରଖାନା (ଝ) ଚମଡ଼ା ଶିଳ୍ପ (Tanning) (ଞ) ପଶମ ସଫା କରିବା ଶିଳ୍ପ (ଟ) କୋଠା-ବାଡ଼ି ନିର୍ମାଣ ଶିଳ୍ପ ।

## ୬ । ମୋଟର ପରିବହନ ଶ୍ରମିକ ଆଇନ, ୧୯୬୧ ।

(କ) ୧୫ ବର୍ଷରୁ କମ୍ ବୟସ ଶିଶୁମାନଙ୍କୁ ମୋଟର ପରିବହନ ଶିଳ୍ପରେ ନିଯୁକ୍ତି ଦେବାରେ ବାରଣ କରାଯାଇଛି ।

(ଖ) ୧୫ ବର୍ଷରୁ ୧୮ ବର୍ଷ ବୟସର ବାଳକମାନଙ୍କୁ ମୋଟର ପରିବହନ ଶିଳ୍ପରେ ଅଧଘଣ୍ଟାଏ ବିଶ୍ରାମ ସମେତ ୬ ଘଣ୍ଟାରୁ ଅଧିକ କାମ କରିବାକୁ ଦିଆଯିବ ନାହିଁ ।

(ଗ) ଏହି ଶ୍ରମିକମାନଙ୍କୁ ରାତ୍ର ଦଶଘଣ୍ଟାଠାରୁ ସକାଳ ୬ ଘଣ୍ଟା ପର୍ଯ୍ୟନ୍ତ କାର୍ଯ୍ୟ ନିଯୁକ୍ତିକୁ ବାରଣ କରାଯାଇଛି ।

## ୭ । ଓଡ଼ିଶା ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ଆଇନ, ୧୯୫୬ ।

(କ) ୧୨ ବର୍ଷରୁ କମ୍ ବୟସ ବାଳକମାନଙ୍କୁ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନମାନଙ୍କରେ ନିଯୁକ୍ତି ଦେବାକୁ ବାରଣ କରାଯାଇଛି ।

(ଖ) ୧୨ ବର୍ଷରୁ ୧୫ ବର୍ଷ ବୟସର ଶିଶୁ ଶ୍ରମିକମାନଙ୍କୁ ରାତ୍ରିକାଳରେ କାର୍ଯ୍ୟ କରିବାକୁ ବାରଣ ଅଛି ।

ଏହି ସବୁ ଆଇନଗତ ବାରଣ ସତ୍ତ୍ୱେ ବହୁ ଶିଳ୍ପରେ ୧୪ ବର୍ଷରୁ କମ୍ କିମ୍ବା ୧୨ ବର୍ଷରୁ କମ୍ ବୟସର ଶିଶୁ ଶ୍ରମିକମାନେ କାର୍ଯ୍ୟ କରୁଛନ୍ତି । ସେମାନଙ୍କୁ ଏହିସବୁ ଆଇନ କଡ଼ା ରୀତି ଲାଗୁ କରାଗଲେ ବହୁ ଶିଶୁଶ୍ରମିକ କାର୍ଯ୍ୟରୁ ଅନ୍ତର ହେବା ସଙ୍ଗେସଙ୍ଗେ ସେମାନଙ୍କ ଦାନାପାଣି ବନ୍ଦ ହୋଇଯିବ । ତେଣୁ ଶିଶୁ ଯେହେତୁ ସମାଜର ମାନଦଣ୍ଡ, ସେମାନଙ୍କୁ ଥଇଥାନ କରି ବୈଷୟିକ ତାଲିମ ପ୍ରଦାନର ବ୍ୟବସ୍ଥା କଲେ ସମାଜ ତଥା ଦେଶର ମଙ୍ଗଳ ହେବ ।

---

କ୍ୱାଟର ନମ୍ବର ଆଇ. ଭି-ଏ ୨୦-୩
ୟୁନିଟ-୨, ଭୁବନେଶ୍ୱର ।



# କନ୍ଧ ଜନଜୀବନ



ଶ୍ରୀ ନରେନ୍ଦ୍ର ନାଥ ସାହୁ

କୋନ୍ଧ, ବା ଖୋନ୍ଦମାନେ ଓଡ଼ିଶାର ଗୋଟିଏ ବିଖ୍ୟାତ ଆଦିବାସୀ ଏବଂ ଏମାନେ ମେରିଆବଳୀ ବା ମନୁଷ୍ୟବଳୀ ନିମିତ୍ତ ଇତିହାସ ପ୍ରସିଦ୍ଧ ଥିଲେ । ମାକ୍ ଫରସନ୍‌ଙ୍କ ମତାନୁଯାୟୀ କନ୍ଧ ନାମଟି ତେଲଗୁ ଶବ୍ଦ କୋଣ୍ଡାରୁ ଉତ୍ପତ୍ତି ଯାହାକି ଗୋଟିଏ ପର୍ବତକୁ ବୁଝାଏ । ତେଲଗୁ ଲୋକମାନେ ସେମାନଙ୍କୁ (କନ୍ଧ) କୋତୁଭାଣ୍ଡାଲୁ ବୋଲି କହନ୍ତି ଏ ଲୋକଗୁଡ଼ିକ କେବଳ ଓଡ଼ିଶାରେ ଦୃଷ୍ଟି ଗୋଚର ହୁଅନ୍ତି, ତାହା ନୁହେଁ, ଏମାନେ ମଧ୍ୟ ଆନ୍ଧ୍ର, ବଙ୍ଗଳା ଏବଂ ମଧ୍ୟପ୍ରଦେଶରେ ଦୃଷ୍ଟିଗୋଚର ହୁଅନ୍ତି । ଓଡ଼ିଶାରେ ସବୁ ଜିଲ୍ଲାରେ ସେମାନେ ବିସ୍ତାରିତ ହୋଇ ରହିଛନ୍ତି କିନ୍ତୁ ଫୁଲବାଣୀ, ଗଞ୍ଜାମ, ସମ୍ବଲପୁର, କୋରାପୁଟ ଏବଂ ବଲାଂଗିରରେ ବହୁଳ ସଂଖ୍ୟାରେ କେନ୍ଦ୍ରୀଭୂତ ହୋଇଛନ୍ତି । ୧୯୬୧ ମସିହାରେ ଜନଗଣନା ଅନୁସାରେ ସମୁଦାୟ କନ୍ଧଲୋକଙ୍କ ସଂଖ୍ୟା ୮୧୮,୮୪୭, ସେମାନଙ୍କ ମଧ୍ୟରୁ ପୁରୁଷ ସଂଖ୍ୟା ୪୦୨,୭୪୮ ଏବଂ ସ୍ତ୍ରୀଲୋକ ସଂଖ୍ୟା ୪,୧୬,୦୯୯ ଅଟେ ।

କନ୍ଧମାନେ ସରଳ ନିଷ୍କପଟ ଏବଂ ଅମାୟିକ । ସେମାନେ ଅତ୍ୟନ୍ତ ଅତିଥି ପରାୟଣ । ଯେତେବେଳେ କୌଣସି ଅତିଥି ଆସି ପହଞ୍ଚିବ ସେତେବେଳେ ତାଙ୍କୁ ନିଶ୍ଚିତ ଭାବରେ ଖାଦ୍ୟ ଓ ପାନୀୟ ଯୋଗାଇ ଦିଆଯିବ ଯଦିଓ ଗୃହସ୍ୱାମୀ ବା ଅତିଥି ସେବକ ଧନୀ ବା ଦରିଦ୍ର ହୁଅନ୍ତି ପଛକେ । ସେମାନଙ୍କର ଜୀବନ ହାରାହାରି ସ୍ତରର । ସେମାନଙ୍କର ଦାରିଦ୍ର୍ୟ ପୁଷ୍ଟିକର ଖାଦ୍ୟର ଅଭାବ, ଓ ଯଥେଷ୍ଟ ଲୁଗାପଟାର ଅଭାବସତ୍ତ୍ୱେ ସେମାନେ ସ୍ୱାସ୍ଥ୍ୟବାନ, ଓ ବଳିଷ୍ଠ । ସେମାନେ ଫୁର୍ତ୍ତି ମିଜାଜର ଲୋକ ଏବଂ ଭବିଷ୍ୟତ ନିମନ୍ତେ ଚିନ୍ତା କରନ୍ତି ନାହିଁ । ଅମଳ ସମୟରେ ଯେତେବେଳେ ଖାଦ୍ୟ ପଦାର୍ଥ ପ୍ରଚୁର ପରିମାଣରେ ଥାଏ, ସେମାନେ ବଦଖର୍ଚ୍ଚ କରନ୍ତି ଏବଂ ଖାଦ୍ୟ ପଦାର୍ଥର ଅଭାବ ପରିଲକ୍ଷିତ ହେଲେ ସମୟେ ସମୟେ ଉପବାସ ରହନ୍ତି । ଖାଦ୍ୟ ବ୍ୟତୀତ ସେମାନେ ଜୀବନ ଧାରଣ କରିପାରନ୍ତି କିନ୍ତୁ ମଦ ଛାଡ଼ି ରହିପାରନ୍ତି ନାହିଁ । କନ୍ଧମାନେ ଜଙ୍ଗଲରେ ସାହାସୀ କିନ୍ତୁ ଅଣଆଦିବାସୀଙ୍କ ନିକଟରେ ଭୀରୁତୁଲ୍ୟ ।

କନ୍ଧଙ୍କର ଭାଷା ସମ୍ପର୍କରେ ଜି,ଏ, ଗ୍ରିୟରସନ୍ ଲେଖିଛନ୍ତି, କନ୍ଧ ବା ଖନ୍ଦମାନେ ଓଡ଼ିଶାରେ ପାର୍ବତ୍ୟ ଅଞ୍ଚଳ ଓ ପଡ଼ୋଶୀ ଜିଲ୍ଲମାନଙ୍କରେ ଗୋଟିଏ ଦ୍ରାବିଡ଼ ଆଦିବାସୀ । ସେମାନେ ନିଜ ନିମିତ୍ତ ଯେଉଁ ନାମ ବ୍ୟବହାର କରନ୍ତି ତାହା 'କୁ' ଅଟେ । ତେଣୁ ସେମାନଙ୍କର ଭାଷା 'କୁଇ' ନାମରେ ନାମିତ ହେବା ସ୍ୱାଭାବିକ୍ । 'କୁ' ଶବ୍ଦଟିର ବୋଧହୁଏ 'କୋଇ' ସହିତ ସମ୍ପର୍କ ଅଛି । ଏହା କେତେଗୁଡ଼ିଏ ନାମ ମଧ୍ୟରୁ ଗୋଟିଏ ନାମ ଯାହାକୁ ଗଣ୍ଡମାନେ ସେମାନଙ୍କୁ ସୂଚେଇବା ନିମିତ୍ତ ବ୍ୟବହାର କରିବାରେ ଅଭ୍ୟସ୍ତ । ଗୋଣ୍ଡିମାନଙ୍କର କୋଇ ଭାଷାଟି କୁଇ ଭାଷାଠାରୁ ସମ୍ପୂର୍ଣ୍ଣ ତଫାତ୍ । ଏହି ଭାଷାର ଏହି ଅଞ୍ଚଳର ସବୁ ଆଡ଼େ ସ୍ଥାନ ବିଶେଷରେ ତଫାତ୍ ପରିଲକ୍ଷିତ ହୁଏ । ଏହା ବିଶେଷ କିଛି ଅଧିକ ନୁହେଁ । ଯଦିଓ ଦେଶର ଗୋଟିଏ ପ୍ରାନ୍ତରୁ ଗୋଟିଏ ଲୋକ ଅନ୍ୟ ପ୍ରାନ୍ତରେ କଥିତ ହେଉଥିବା କୁଇ ଭାଷା ବୁଝିବାରେ ଅସୁବିଧାରେ ସମ୍ମୁଖୀନ ହୁଅନ୍ତି, ସେଠାରେ ଦୁଇଟି ପ୍ରଧାନ ଭାଷା ଅଛି । ଗୋଟିଏ ପୂର୍ବରେ ଯାହା ଗୁମସର ଓ ବଙ୍ଗଳା ସଂଲଗ୍ନ ପ୍ରାନ୍ତରେ କଥିତ ହୁଏ ଏବଂ ଅନ୍ୟଟି ପଶ୍ଚିମରେ ଚିନ୍ତା-କି-ମେଡ଼ିରେ କଥିତ ହୁଏ । ଭାରତରେ କୁଇ ଭାଷା ପଡ଼ୋଶୀ ଆର୍ଯ୍ୟ ଭାଷାର

ଆକାର ଦ୍ୱାରା ପ୍ରଭାବିତ ଏବଂ ପାଟଣା ରାଜ୍ୟରୁ ପଠାଯାଇଥିବା ନମୁନା ଚଟିଶ ଗାଡ଼ି ସହିତ ଓଡ଼ିଆ ମିଶ୍ରଣରେ ଲିଖିତ ଥିଲା କନ୍ଧ ଭାଷାରେ ସ୍ଥାନୀୟଭାବେ ଯେଉଁ ପରିବର୍ତ୍ତନ ବା ତଫାତ୍ ଦେଖାଯାଏ ଏହା ନିମ୍ନରେ ପ୍ରଦତ୍ତ ହେଲା ।

(୧) କୋରାପୁଟ ସବଡ଼ିଭିଜନର କନ୍ଧମାନେ କୁଭି ଭାଷା କହନ୍ତି ।

(୨) ବୌଦ୍ଧ ଫୁଲବାଣୀରେ ବାଲିଗୁଡ଼ା ଏଜେନ୍‌ସିରେ ଥିବା ଡଙ୍ଗରିଆ କନ୍ଧମାନେ ଗୋଟିଏ ଭାଷା କହନ୍ତି ଯାହା କୁଭି ଭାଷାର ଅନୁରୂପ ।

(୩) ଗୁଡ଼ାରି ଥାନାର କୁଟିଆ କନ୍ଧମାନେ କୁଟିଆ ଭାଷା କହନ୍ତି । କୁଟିଆ ଭାଷା ସଉରା ଓ କୁଇ ଭାଷାର ମିଶ୍ରଣ ।

(୪) ରାୟଗଡ଼ାର କନ୍ଧମାନେ ତେଲଗୁ ମିଶ୍ରଣ ସହିତ କୁଭି ଭାଷା କହନ୍ତି ।

## ସାମାଜିକ ସଙ୍ଗଠନ

କନ୍ଧମାନେ ସ୍ଥାନ ଅନୁସାରେ ବିଭିନ୍ନ ଉପବିଭାଗରେ ବିଭକ୍ତ ହୋଇଛନ୍ତି । କିନ୍ତୁ ସମସ୍ତେ ସେମାନଙ୍କର ସାଧାରଣ ପୂର୍ବପୁରୁଷରେ ବିଶ୍ୱାସ କରନ୍ତି । ପ୍ରତ୍ୟେକ ସ୍ଥାନୀୟ ବିଭାଗଟି 'ମୁଠା' ନାମରେ ଅଭିହିତ । ଏହାର ପୃଥକ ପୃଥକ ଅଞ୍ଚଳରେ ପୃଥକ ପୃଥକ ନାମ ଅଛି । ଅର୍ଥନୈତିକ ଦୃଷ୍ଟିକୋଣରୁ କନ୍ଧମାନଙ୍କୁ ଚାରି ଦଳରେ ବିଭକ୍ତ କରାଯାଇ ପାରେ ।

(୧) ସମତଳ ଅଞ୍ଚଳରେ ବାସ କରୁଥିବା କନ୍ଧ ।

(୨) ଜାନେଣୀ କାଠ କର୍ତ୍ତନ ଓ ବିକ୍ରୟ ଏବଂ ବାର୍ଷିଣିଆ ଚିଆରି କରି ଜୀବନଧାରଣ କରୁଥିବା କନ୍ଧଜାତି ।

(୩) ବର୍ଷର କେତେକ ଭାଗ ସମତଳ ଅଞ୍ଚଳରେ ଏବଂ ଅବଶିଷ୍ଟାଂଶ ସମୟ ପାହାଡ଼ ଉପରେ ନିର୍ଭର କରି ଜୀବନ ନିର୍ବାହ କରୁଥିବା କନ୍ଧ ।

(୪) ପାହାଡ଼ ଉପରେ ସଂପୂର୍ଣ୍ଣରୂପେ ନିର୍ଭର କରି ଜୀବିକା ନିର୍ବାହ କରୁଥିବା କନ୍ଧ । କାର୍ଯ୍ୟକାରିତା ଦୃଷ୍ଟିକୋଣରୁ କନ୍ଧମାନେ ନିଜର ବଂଶାନୁକ୍ରମିକ ବ୍ୟବସାୟ ଶିକାର ଓ କୃଷି ତ୍ୟାଗ କରି ନୂତନ ବ୍ୟବସାୟ ଅବଲମ୍ବନ କରିଛନ୍ତି । ସେମାନେ କମାର, ଗୋପାଳ ଓ କୁମ୍ଭକାର ବୃତ୍ତି ମଧ୍ୟ ଅବଲମ୍ବନ କରିଛନ୍ତି । କିନ୍ତୁ ପ୍ରଧାନତଃ କନ୍ଧମାନଙ୍କୁ ତିନୋଟି ଉପବିଭାଗରେ ବିଭକ୍ତ କରାଯାଇପାରେ ।

(୧) ଦେଶିଆ କନ୍ଧମାନେ ଅଣ-ଆଦିବାସୀମାନଙ୍କ ସହିତ ମିଶି ସମତଳ ଅଞ୍ଚଳରେ ବାସ କରନ୍ତି ।

(୨) ଡଙ୍ଗରିଆ କନ୍ଧମାନେ ଉଚ୍ଚ ପର୍ବତ ମାଳାରେ ବାସ କରନ୍ତି । ଡଙ୍ଗର ନାମଟି ଉଚ୍ଚ ପର୍ବତମାଳାକୁ ବୁଝାଏ ।

(୩) କୁଟିଆ କନ୍ଧମାନେ ଫୁଲବାଣୀ ଜିଲ୍ଲାରେ ପରିଦୃଷ୍ଟ ହୁଅନ୍ତି । କୁଟିଆ ନାମଟି କୁଟି ଶବ୍ଦରୁ ଉଦ୍ଭବ ଯାହାର ଅର୍ଥ ଗର୍ତ୍ତ। କୁଟିଆ କନ୍ଧଙ୍କର ଗୃହ ଏପରି ଭାବରେ ନିର୍ମିତ ହୋଇଥାଏ ଯେ ଚଟାଣର ସ୍ତର ଭୂମିସ୍ତରର ନିମ୍ନଭାଗରେ ଚତୁଃପାର୍ଶ୍ୱରେ ଥାଏ ।

କନ୍ଧ ଗ୍ରାମଗୁଡ଼ିକ ଠିକ୍ ଓଡ଼ିଆ ଗ୍ରାମ ସଦୃଶ । ପ୍ରତ୍ୟେକ ଗ୍ରାମରେ କେତେଗୁଡ଼ିଏ ଗୃହଥାଏ ଓ ବାସଗୃହ ବ୍ୟତୀତ ସେଠାରେ ଅନ୍ୟ କେତେକ ଗୃହ ମଧ୍ୟ ଥାଏ । ଯଥା:— ବାଳକ ଶୟନାଗାର ବା ଧାଙ୍ଗଡ଼ା ଗୃହ ଓ ବାଳିକା ଶୟନାଗାର ବା ଧାଙ୍ଗେଡ଼ି ଗୃହ । ଗୃହଗୁଡ଼ିକ ଧାଡ଼ିରେ ଅବସ୍ଥିତ । କୁଟିଆ କନ୍ଧମାନେ ପର୍ବତର ପାଦଦେଶରେ ବାସକରନ୍ତି । କିମ୍ବା ଦୁଇ ପର୍ବତର ମଧ୍ୟରେ ଥିବା ଘନ ଜଙ୍ଗଲ ମଧ୍ୟରେ ବାସ କରନ୍ତି । ଗୋଟିଏ ଗ୍ରାମ ଆଠ କିମ୍ବା ଦଶଟି ଗୃହ ବିଶିଷ୍ଟ । ସେମାନେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ପଳାୟନ କରନ୍ତି, ପାଞ୍ଚ କିମ୍ବା ଛଅ ବର୍ଷ ପରେ ଯଦି ସେଠାରେ ଖାଦ୍ୟ କିମ୍ବା ଜଳର ସ୍ୱଳ୍ପତା ପରିଲକ୍ଷିତ ହୁଏ । ଗୃହପାଳିତ ପଶୁ ନିମିତ୍ତ ସେମାନଙ୍କର ପୃଥକ ଗୃହ ଅଛି । ଗ୍ରାମର ସାଂପ୍ରଦାୟିକ କ୍ଷେତ୍ର (ଭୂମି) ଓ ବାରଣ୍ଡା ଅତ୍ୟନ୍ତ ଅପରିଷ୍କାର ଏବଂ ଏହା ଗୋରୁ ଗୋବର, ଘୁଷୁରିମଳ ଓ ପାରା ମଳରେ ପରିପୂର୍ଣ୍ଣ ।

### ଯୁବ ସଂଗଠନ

କନ୍ଧମାନଙ୍କ ଜୀବନରେ ଯୁବ ସଂଗଠନ ଏକ ମୁଖ୍ୟ ଭୂମିକା ଗ୍ରହଣ କରେ । ସେମାନଙ୍କର ଉଭୟ ଅବିବାହିତ ବାଳକ ଓ ବାଳିକାମାନଙ୍କ ନିମିତ୍ତ ସୁସଂଗଠିତ ଶୟନାଗାର ଅଛି । ବୟସ୍କା ବାଳିକାମାନେ ଏକତ୍ର ଶୟନ କରନ୍ତି ଏବଂ ସେମାନେ ଅଧିକାଂଶ ସମୟ ଧାଙ୍ଗେରଡ଼ୁ ବା ଧାଙ୍ଗେର ବସା ବୋଲି ପରିଚିତ ହୋଇଥିବା ଶୟନାଗାରରେ କଟାନ୍ତି । ଜଣେ ବୃଦ୍ଧା ବାଳିକା ଶୟନାଗାର ଦାୟିତ୍ୱରେ ଥାଏ । ସେହିପରି ଅବିବାହିତ ବାଳକମାନଙ୍କ ନିମିତ୍ତ ପୃଥକ୍ ଶୟନାଗାରର ବ୍ୟବସ୍ଥା ଥାଏ । ବାଳକ ଓ ବାଳିକା ମାନେ ସାତ କିମ୍ବା ଆଠ ବର୍ଷରେ ପଦାର୍ପଣ କଲାପରେ ସେମାନେ ଶୟନାଗାର ଜୀବନ ଆରମ୍ଭ କରନ୍ତି । ସେମାନେ କେବଳ ଗୃହକୁ ଖାଦ୍ୟ ନିମିତ୍ତ ଆସନ୍ତି । ଶୟନାଗାରଗୁଡ଼ିକ ଅବସର ବିନୋଦନ ବା ଆମୋଦ ପ୍ରମୋଦର କେନ୍ଦ୍ରସ୍ଥଳୀ ଓ କୁମାର ଓ କୁମାରୀମାନଙ୍କ ନିମିତ୍ତ ଶୟନ କକ୍ଷ ଅଟେ ।

### ପରିବାର

କନ୍ଧମାନେ ଯୌଥ ପରିବାରରେ ବାସ କରନ୍ତି । ସମୟେ ସମୟେ ସାଧାରଣ ପରିବାର ମଧ୍ୟ ପରିଦୃଷ୍ଟ ହୁଏ । ଯୌଥ ପରିବାରଟି ପିତାମାତା, ବିବାହିତ ପୁତ୍ର, ଓ ଝିଅ ମାନଙ୍କ ଦ୍ୱାରା ଗଠିତ । ପରିବାରଟି ପିତୃ କୈନ୍ଦ୍ରିକ ଅଟେ । ବାପା ପରିବାରକୁ ନିୟନ୍ତ୍ରଣ କରନ୍ତି, ହୁଏତ ବିବାହିତ ପୁତ୍ରମାନେ ତାଙ୍କ ସହିତ ବସବାସ କରନ୍ତୁ ବା ପୃଥକ ଭାବେ ବସବାସ କରନ୍ତୁ । ପିତାଙ୍କ ମୃତ୍ୟୁ ପରେ ପୁତ୍ରମାନଙ୍କ ମଧ୍ୟରେ ସଂପତ୍ତି ସମାନ

ଅଂଶରେ ବଣ୍ଟନ ହୁଏ । ସମୟେ ସମୟେ ପିତା ଜୀବିତାବସ୍ଥାରେ ନିଜ ସଂପତ୍ତି ପୁତ୍ରମାନଙ୍କ ମଧ୍ୟରେ ମଧ୍ୟ ବଣ୍ଟନ କରିଦିଅନ୍ତି ।

ପରିବାର ପିତାନୁକ୍ରମିକ ଅଟେ । କନ୍ଧମାନେ ସେମାନଙ୍କର ଉତ୍ତରାଧିକାରୀ ପୁରୁଷାନୁକ୍ରମରେ ପରିଚିତ କରାନ୍ତି । ଗ୍ରାମର ମୁଖ୍ୟ ପଦବୀ ବଂଶାନୁକ୍ରମିକ କିନ୍ତୁ ଏହା ଲୋକର ଦକ୍ଷତା ଉପରେ ନିର୍ଭର କରେ । ପିତାମାତା ନିସନ୍ତାନ ହେଲେ ପୋଷ୍ୟ ପୁତ୍ର ଗ୍ରହଣ କରନ୍ତି । ପୋଷ୍ୟପୁତ୍ରଟି ନିଜର ପୁତ୍ର ହିସାବରେ ବିବେଚିତ ହୁଏ ଏବଂ ତାକୁ ପରିବାରର ସମସ୍ତ ନିୟମ ମାନିବାକୁ ହୁଏ ନିଜର ପିଲା ସଦୃଶ ବିବାହ ଓ ସଂପତ୍ତି ଅଧିକାରରେ ମଧ୍ୟ ସେହି ନିୟମ ପାଳନ କରିବାକୁ ହୁଏ ।

## ଜନ୍ମ ଓ ଲାଳନ ପାଳନ

କନ୍ଧମାନେ ନିଜର ପିଲାମାନଙ୍କୁ ଅତ୍ୟନ୍ତ ଭଲ ପାଆନ୍ତି । ଯେତେବେଳେ ସ୍ତ୍ରୀ ନିଃସନ୍ତାନ ବା ବନ୍ଧ୍ୟା ହେବାର ଜଣାଯାଏ, ସେମାନେ ଦ୍ୱିତୀୟ ସ୍ତ୍ରୀ ବିବାହ କରନ୍ତି କିମ୍ବା ପୋଷ୍ୟ ସନ୍ତାନ ଗ୍ରହଣ କରନ୍ତି । କନ୍ଧ ସ୍ତ୍ରୀଲୋକମାନେ ପ୍ରସବ ସମୟ ପର୍ଯ୍ୟନ୍ତ ଦୈନନ୍ଦିନ କାର୍ଯ୍ୟ ସମାପନ କରନ୍ତି । ସେ ଯେତେବେଳେ ଯନ୍ତ୍ରଣା ଅନୁଭବ କରନ୍ତି, ଜଣେ ଅନୁଭୂତି ସଂପନ୍ନ କନ୍ଧ ଧାଈ ଏହି ସେବା କରିବା ନିମିତ୍ତ ନିଯୁକ୍ତ ଥାଆନ୍ତି । ଧାଈ ଗର୍ଭବତୀ ସ୍ତ୍ରୀ ଲୋକର ତଳପେଟକୁ କଡ଼ାତେଲ ଦ୍ୱାରା ଘସି ଥାଏ । ନାଭି ପିଲାର ମାଆ ଦ୍ୱାରା ଏକ ବାଁଶ ଓ ଧାରୁଆ ତୀର ସାହାଯ୍ୟରେ କର୍ତ୍ତନ କରାଯାଏ । ମାଆ ତାର ହାତ ନିଆଁରେ ଉଷୁମ କରେ ଏବଂ ପିଲାର ଶରୀରକୁ ପାଞ୍ଚ କିମ୍ବା ଛଅ ଦିନ ନିମିତ୍ତ ସେକିଥାଏ । ପ୍ରତ୍ୟେକ ଦିନ ଶିଶୁର ଶରୀରରେ କଡ଼ାତେଲ ଓ ବଟା ହଳଦୀ ଲେପନ କରାଯାଏ । ଶିଶୁ ଜନ୍ମ ହେବାର ତିନିଦିନ ପରେ ମୃତ ପୂର୍ବ ପୁରୁଷଙ୍କ ଉଦ୍ଦେଶ୍ୟରେ ଗୋଟିଏ କୁକ୍କୁଟ ଶାବକ ବଳିଦାନ ଦିଆଯାଏ । ଏହାର ରକ୍ତ ଗୋଟିଏ ବଲ୍‌କଲ ଉପରେ ରଖାଯାଏ ଏବଂ ଏହାକୁ କାନ୍ଥରେ ଲେପନ କରାଯାଏ । ବଳିର ଗୋଟିଏ ଭାଗ ଦ୍ୱାରରେ ବା ପୁରୋ ଭାଗରେ ଝୁଲାଇ ଦିଆଯାଏ, ଯାହା ଫଳରେ ଦୁଷ୍ଟ ପ୍ରେତାତ୍ମା ପ୍ରବେଶ କରିବାକୁ ସକ୍ଷମ ହୋଇ ପାରିବ ନାହିଁ । କନ୍ଧମାନେ ଆତ୍ମା ଅବିନାଶୀ ଓ ପୁନର୍ଜନ୍ମ ଗ୍ରହଣ କରେ ବୋଲି ବିଶ୍ୱାସ କରନ୍ତି । ଶିଶୁ ଜନ୍ମର କେତେକ ଦିବସ ପରେ ପୁରୋହିତଙ୍କୁ ପଚରା ଯାଏ, କେଉଁ ପୂର୍ବ ପୁରୁଷ ଜନ୍ମ ଗ୍ରହଣ କଲେ । ସେ ଗୋଟିଏ ଧନୁ ଦୁଇ ହସ୍ତରେ ଧାରଣ କରେ ଏବଂ ପୂର୍ବ ପୁରୁଷମାନଙ୍କର ନାମୋଚ୍ଚାରଣ କରେ । ଯାହାର ନାମ ଉଚ୍ଚାରଣ କରିବା ସମୟରେ ଧନୁ ଅଳ୍ପମାତ୍ରାରେ ଥରହର ହୁଏ । ନୂତନ ଜନ୍ମ ଲାଭ କରିଥିବା ଶିଶୁ ସେହି ଲୋକ ବୋଲି ସମ୍ଭାବନା କରାଯାଏ । ମାସକ ପରେ ଶିଶୁକୁ କ୍ଷୌର କରାଯାଏ ଏବଂ ସମସ୍ତ ଗ୍ରାମବାସୀମାନଙ୍କୁ ଭୋଜି ଭାବରେ ଆପ୍ୟାୟିତ କରଯାଏ ।

ଶିଶୁର ନାମ ମା କିମ୍ବା ଅଜାଙ୍କ ଦ୍ୱାରା ମନୋନୀତ ହୁଏ । ନାମକରଣ ଉତ୍ସବ ବିଭିନ୍ନ ସ୍ଥାନରେ ବିଭିନ୍ନ ଉପାୟରେ ସଂପାଦନ କରାଯାଏ । ଚୁଟିଆ କନ୍ଧ ଶିଶୁ ରୋଗାକ୍ରାନ୍ତ ହୋଇଥିଲେ, ଅନାମିକା ହୋଇ ରହେ । ମି: ଜେ. ଏ. ଆର୍. ଷ୍ଟିଭେନସନଙ୍କ ଅନୁସାରେ ଘୁମସର କନ୍ଧମାନଙ୍କ ମଧ୍ୟରେ ଶିଶୁ ଜନ୍ମ ହେବାର ଛଅ ମାସ ପରେ ଗୋଟିଏ ନିର୍ଦ୍ଧାରିତ ଦିବସରେ ସେମାନେ ଗଦାଥୁଭା ବା ଶିଶୁର ନାମକରଣ ଉତ୍ସବ ପାଳନ କରନ୍ତି । ସେହି ଦିବସରେ ଗୋଟିଏ ଶ୍ୱାନ ବଦ୍ଧ କରନ୍ତି ଓ ମଦ ଡାର୍କି ବାଛି ପ୍ରସ୍ତୁତ କରନ୍ତି । ସେମାନେ ଶିଶୁର ପଦ ଧୌତ କରନ୍ତି । ଜାନି ଦାଆର ଅଧାରୁ ଗୋଟିଏ ଦୌଡ଼ା ବାନ୍ଧି ବୋହୁ ଆସେ ଏବଂ ଏହା ଦ୍ୱାରା ସେମାନେ ଗଣନା କରନ୍ତି । ସେମାନେ ଦାଆ ଉପରେ ଚାଉଳ ରଖନ୍ତି । ନାମ ଗୁଡ଼ିକ (ପୂର୍ବ ପୁରୁଷ ବା ପରିବାରର) କ୍ରମାନ୍ୱୟରେ ଉଚ୍ଚାରିତ ହେଉ ଥିବାରୁ ପ୍ରତ୍ୟେକ ସମୟରେ ଏହା ଉପରେ ଚାଉଳ ରଖାଯାଏ ଏବଂ ଯାହାର ନାମ ଉଚ୍ଚାରଣ ବା ଉଲ୍ଲେଖ ବେଳେ ଦାଆ ଚଳନଶୀଳ ହୁଏ, ସେତେବେଳେ ଜନ୍ମିତ ଶିଶୁର ସେହି ନାମ ରଖାଯାଏ । ତା ପରେ ସେମାନେ ମଦ୍ୟପାନ କରନ୍ତି ଏବଂ ବାର୍ଜି ଭୋଜନ କରନ୍ତି । ସେମାନେ ଜାନିକୁ ଚାଉଳ ଏବଂ ମାଂସ ପ୍ରଦାନ କରନ୍ତି ।

କନ୍ଧମାନେ ସେମାନଙ୍କର ପିଲାମାନଙ୍କୁ ବୋଝ ବୋଲି ଅନୁଭବ କରନ୍ତି ନାହିଁ । ପିଲାମାନଙ୍କର ଯତ୍ନ ସେମାନଙ୍କର ମା ମାନଙ୍କ ଦ୍ୱାରା ନିଆଯାଇଥାଏ । ଯେତେବେଳେ ଶିଶୁଟି ବର୍ଷକର କିମ୍ବା ଟିକିଏ ଅଧିକ ହୁଏ ଏବଂ ପିତା ମାତାମାନେ ଯେତେବେଳେ ଖାଦ୍ୟ ଅନ୍ୱେଷଣରେ ଯାଆନ୍ତି., ସେତେବେଳେ ଏହି ପିଲାମାନଙ୍କୁ ଛୋଟ ଛୋଟ ପିଲାମାନଙ୍କ ଦାୟିତ୍ୱରେ ଦିଆଯାଏ । ଦଶ କିମ୍ବା ବାର ବର୍ଷ ବୟସରେ ପିଲମାନେ ରୋଷେଇରେ, ଗୃହ ନିର୍ମାଣରେ ଓ ପିଲାଙ୍କୁ ଲାଳନ ପାଳନରେ ସେମାନଙ୍କ ପିତାମାତାଙ୍କୁ ସାହାଯ୍ୟ କରିବା ଆରମ୍ଭ କରିଦିଅନ୍ତି । ସେମାନେ ପିତାଙ୍କୁ ଧାନ ରୋଇବା ଓ ଧାନ ଅମଳ କାର୍ଯ୍ୟରେ ସାହାଯ୍ୟ କରନ୍ତି । ଶୈଶବାବସ୍ଥାରୁ ସେମାନେ କର୍ମଠ ଓ କର୍ତ୍ତବ୍ୟ ପରାୟଣ ହୁଅନ୍ତି । ତେଣୁ ସେମାନଙ୍କର ଭବିଷ୍ୟତ ଜୀବନରେ କୌଣସି ଅସୁବିଧା ଉପୁଜେ ନାହିଁ ।

## ବିବାହ ଓ ପାରିବାରିକ ଜୀବନ

କନ୍ଧ ସମାଜରେ ବିବାହ ପୁରୁଷ ଓ ସ୍ତ୍ରୀ ମଧ୍ୟରେ ଏକ ଗ୍ରହଣୀୟ ମିଳନ ଅଟେ । ଅବୈଧ ମିଳନ କଡ଼ା କଡ଼ି ଭାବରେ ନିଷିଦ୍ଧ କରାଯାଏ । ବିବାହ ସାଧାରଣତଃ ଯୌବନାବସ୍ଥାର କେତେକ ବର୍ଷପରେ ସମ୍ପାଦନ କରାଯାଏ । ଧନୀ ଲୋକ ହୋଇଥିଲେ ପୁରୁଷମାନେ ସାଧାରଣତଃ ଅଠରରୁ ଏବଂ ଏକୋଇଶ ବର୍ଷ ମଧ୍ୟରେ ବିବାହ କରନ୍ତି । ଅପର ପକ୍ଷରେ ଅଧିକ କନ୍ୟା ମୂଲ୍ୟ (Bride price) ପ୍ରଚଳନ ନିମିତ୍ତ ସେମାନେ ଅଧିକ ବୟସରେ ବିବାହ କରନ୍ତି । ମହିଳାମାନେ ସାଧାରଣତଃ ସତର ବର୍ଷରୁ ଏକୋଇଶ ବର୍ଷରେ ବିବାହ କରନ୍ତି । ଅଧିକାଂଶ କ୍ଷେତ୍ରରେ ସ୍ୱାମୀମାନେ ସ୍ତ୍ରୀ ମାନଙ୍କ ଅପେକ୍ଷା ଅଧିକ ବୟସର ।

ଜ୍ଞାତିମାନଙ୍କ ମଧ୍ୟରେ ବିବାହ ନିଷିଦ୍ଧ ଥାଏ । ଆଦିବାସୀମାନେ ବିଭିନ୍ନ ଗୋଷ୍ଠୀରେ ବିଭକ୍ତ ହୋଇଛନ୍ତି । ବିବାହ

ଏକା ଗୋଷ୍ଠୀ ବା କନ୍ୟାର ମାତା ବା ପିତାର ଆଉ ଗୋଷ୍ଠୀରେ ସମ୍ଭବ ନୁହଁ । କିନ୍ତୁ ଜଣେ ତାର ମା ଆଉର ଗୋଷ୍ଠୀରେ ବିବାହ କରିପାରିବ । କନ୍ଧ ଚାହାଁନ୍ତି ଯେ ସେମାନଙ୍କର ସ୍ତ୍ରୀ କର୍ମଠ, ବଳବାନ ଏବଂ ଗୃହ ଓ ବାହାର କର୍ମ କରିବାକୁ ସକ୍ଷମ ହେବା ଉଚିତ । ତେଣୁ ଏହି ପ୍ରକାରର କନ୍ୟା ମନୋନୀତ କରାଯାଏ ।

କନ୍ଧମାନଙ୍କ ବିବାହ ମଧ୍ୟସ୍ଥତା ମାଧ୍ୟମରେ କରାଯାଏ । ସାଧାରଣତଃ ପ୍ରେମ ପ୍ରାର୍ଥନା ମଧ୍ୟସ୍ଥତା ମାଧ୍ୟମରେ ଅନୁକରଣ କରାଯାଏ । ପ୍ରତ୍ୟେକ ଦଳ ପରସ୍ପର ଗୃହ ପରିଦର୍ଶନ କରନ୍ତି । ବରର ପିତାକୁ କନ୍ୟା ସୁନାର କେତେକାଂଶ ଦେବାକୁ ପଡ଼େ । କେତେକ ଶକୁନ (ଶୁଭାଶୁଭ ଲକ୍ଷଣ) ବିବାହ ପୂର୍ବରୁ ଓ ମଧ୍ୟରେ ପାଳନ କରାଯାଏ । ଗୋଟିଏ ପାତ୍ରରେ ବାଳକର ପିତାଙ୍କ ଦ୍ୱାରା ଝିଅର ନାମରେ ଚାଉଳ ରନ୍ଧନ କରାଯାଏ । ଯଦି ଚାଉଳ ଉଚ୍ଛୁଳିପଡ଼େ ବା ଉତୁରିପଡ଼େ ତେବେ ବିବାହ ପ୍ରସ୍ତାବଟି ନାକଚ କରି ଦିଆଯାଏ । କାରଣ ଏହା ଅଶୁଭ ସୂଚନା ଅଟେ । କନ୍ୟାଗୃହକୁ ପିତା ପ୍ରସ୍ତାବ ନେଇଯିବା ପଥରେ ଯଦି ବନ୍ୟଜନ୍ତୁ କିମ୍ବା ସର୍ପ ଦେଖାଯାଏ ଏହା ଦଂପତିଙ୍କୁ ଦୁର୍ଭାଗ୍ୟ ଆନୟନ କରେ । ସମୟେ ସମୟେ କନ୍ୟା ବର ଦ୍ୱାରା ମନୋନୀତ କରାଯାଏ । ସେ ଜଣେଇଦିଏ ଏବଂ ପିତାର ସ୍ୱୀକୃତି ଲାଭକରେ । ଯୁବକ ଓ ଯୁବତୀ ଅବାଧରେ ମିଳାମିଶା କରନ୍ତି । ବର କନ୍ୟା ସହିତ ନୃତ୍ୟ ଓ ଗୀତ ନିମିତ୍ତ ଅନୁମତିପାଏ । ଉଭୟେ ବର ଓ କନ୍ୟା ସେମାନଙ୍କ ଭିତରେ ଥିବା ପ୍ରେମ ଘୋଷଣା କରିବାରେ ସ୍ୱାଧୀନତା ଲାଭ କରିଥାନ୍ତି । କନ୍ଧସମାଜରେ ବିବାହ କନ୍ୟା ପିତାଦ୍ୱାରା ଦାବୀ ହେଉଥିବା କନ୍ୟାସୁନାର ପରିମାଣରେ ସ୍ଥିର କରାଯାଏ । କନ୍ୟାସୁନା ବିଭିନ୍ନ ସମୟରେ ଓ ସ୍ଥାନ-ବିଶେଷରେ ତଫାତ୍ ପରିଲକ୍ଷିତହୁଏ । ସାଧାରଣତଃ ଏହା ଗାଈ, ମଇଁଷି, ଟଙ୍କା ଓ ଧାନ ଆକାରରେ ଦାବି କରାଯାଏ । ଯେଉଁମାନେ ଏହା ଦେବାକୁ ଅକ୍ଷମ, ସେମାନଙ୍କୁ ଶ୍ୱଶୁର ଗୃହରେ କନ୍ୟାସୁନା ପରିଶୋଧ ହେବା ପର୍ଯ୍ୟନ୍ତ କାର୍ଯ୍ୟ କରିବାକୁ କୁହାଯାଏ । କନ୍ୟାସୁନା ସ୍ଥିରହେଲାପରେ ବିବାହ ଦିବସ ସ୍ଥିର-କରାଯାଏ । ଉକ୍ତଦିବସରେ କନ୍ୟାକାନରୁ କାଠି ଅପସାରଣ-କରାଯାଏ ଏବଂ ସେ ପିତଳ ମୁଦ୍ରିକା ପିନ୍ଧିଥାଏ । କନ୍ୟାକୁ ବର ଦଳଦ୍ୱାରା ନିଆଯାଏ ଏବଂ କନ୍ୟାଦଳ ଏହାକୁ ଅନୁଧାବନ କରନ୍ତି । ଉଭୟ ପୁରୁଷ ଓ ସ୍ତ୍ରୀଲୋକମାନେ ଅଂଶ ଗ୍ରହଣ କରନ୍ତି ଓ ବିବାହ ଉତ୍ସବ ଗୀତ ଓ ମଦ୍ୟପାନସହ ସମାପନ କରାଯାଏ । ଉଭୟ ଦଳ ମଧ୍ୟରେ ଗୋଟିଏ କୌତୁକ ଯୁଦ୍ଧ ଲାଗିଯାଏ । କନ୍ୟାଦଳ ସେମାନଙ୍କୁ ଏକମାଇଲ କିମ୍ବା ଟିକିଏ ଅଧିକ ପଥ ପର୍ଯ୍ୟନ୍ତ କନ୍ୟାର ନିରାପତ୍ତା ନିମିତ୍ତ ଅନୁଧାବନ କରନ୍ତି ଏବଂ ତାହାପରେ ସେମାନଙ୍କୁ ଯିବାକୁ ଅନୁମତି ଦିଆଯାଏ ।

କନ୍ଧସମାଜରେ ଛାଡ଼ପତ୍ର ଅତ୍ୟନ୍ତ ସହଜ । ଜଣେ ସ୍ତ୍ରୀଲୋକ ଗ୍ରାମ ପଞ୍ଚାୟତ ନିକଟରେ କହିପାରେ ଯେ ସେ ତା ବର ସହିତ ରହିବାକୁ ଇଚ୍ଛା କରୁନାହିଁ । ତାପରେ ଗୋଟିଏ ନୂତନ ଶାଢ଼ୀ ଓ କିଛି ଅର୍ଥ ତାକୁ ଦିଆଯାଏ । ସେ ତା ପିତା ଗୃହକୁ ପ୍ରତ୍ୟାବର୍ତ୍ତନ କରେ । ଯେତେବେଳେ ସେ ପୁନଃବି[illegible] କରେ ପ୍ରଥମ ସ୍ୱାମୀ ଦ୍ୱାରା ଦିଆଯାଉଥିବା କନ୍ୟାସୁନା ଦ୍ୱି[illegible] ସ୍ୱାମୀ ନିକଟରୁ ଦାବୀ କରାଯାଏ । ବ୍ୟଭିଚାର ଓ ମତଭେ[illegible] ଛାଡ଼ପତ୍ରର ପ୍ରଧାନ କାରଣ ।

ବିଧବା ବିବାହ ମଧ୍ୟ ଅନୁଷ୍ଠିତ ହୁଏ । କିନ୍ତୁ ସାଧାର[illegible] ସ୍ୱାମୀର କନିଷ୍ଠଭ୍ରାତାକୁ ବିବାହ କରିବାକୁ ହୁଏ । ପରି[illegible] ଉପୁଜିଲେ ପରିବାରର ବାହାରେ ବିବାହ କରିବାକୁ [illegible] ଅନୁମତି ଦିଆଯାଏ । ଏହି କ୍ଷେତ୍ରରେ ତାର ପିଲାମାନଙ୍କର ପ୍ରଥମ ସ୍ୱାମୀର ସଂପର୍କୀୟମାନଙ୍କ ଦ୍ୱାରା ନିଆଯାଏ ।

ପାରିବାରିକ ବା ଦାମ୍ପତ୍ୟ ଜୀବନରେ ଉଭୟ ସ୍ୱାମୀ[illegible] ସ୍ତ୍ରୀ ପରସ୍ପରର ସହାୟକ । ହିନ୍ଦୁ ସ୍ତ୍ରୀ ଲୋକ ସଦୃଶ ସେମା[illegible] ସ୍ୱାମୀଙ୍କ ଉପରେ ବୋଝ ବା ନିର୍ଭରଶୀଳ ହୋଇ ନ ଥାଆ[illegible] ପୁରୁଷ ଓ ସ୍ତ୍ରୀଲୋକ ଉଭୟମିଶି କାର୍ଯ୍ୟ କରନ୍ତି ଯଦିଓ [illegible] ପୃଥକୀକରଣ ଅଛି । ସ୍ତ୍ରୀଲୋକମାନେ ଗୃହର ସମସ୍ତ [illegible] କରନ୍ତି । ପିଲାମାନଙ୍କର ଯତ୍ନ ଓ ସ୍ୱାମୀଙ୍କୁ କୃଷି କ୍ଷେ[illegible] ସାହାଯ୍ୟ କରନ୍ତି । ଦିବସର କଠିନ ପରିଶ୍ରମ ପରେ ସନ୍ଧ୍ୟା[illegible] ସ୍ତ୍ରୀଲୋକମାନେ ଖାଦ୍ୟ ପ୍ରସ୍ତୁତ କରନ୍ତି ଏବଂ ତତ୍‌ପରେ ନି[illegible] ଚତୁଃପାର୍ଶ୍ୱରେ ଗପସପ ଓ ମଦ୍ୟପାନ ନିମିତ୍ତ ବସିଥାନ୍ତି ।

## ଶବ ସତ୍କାର

ମୃତ ଶରୀରକୁ ପୋତିଦିଆଯାଏ । କେବଳ ଗର୍ଭ[illegible] ସ୍ତ୍ରୀ ମୃତ୍ୟୁବରଣକଲେ କିମ୍ବା ସନ୍ତାନ ଜନ୍ମ ସମୟରେ [illegible] ଏକମାସ ସମୟରେ ମୃତ୍ୟୁବରଣ କଲେ ପୋଡି ଦିଆଯା[illegible] ମୃତ ଶରୀରକୁ ନୂତନ ବସ୍ତ୍ରଦ୍ୱାରା ଗୁଡ଼େଇ ଦିଆଯାଏ [illegible] ଅଳଙ୍କାର ଅପସାରଣ କରାଯାଏ ନାହିଁ । ସଂପର୍କୀୟ [illegible] ଢଳେଇ ଦିଅନ୍ତି । ମୃତ ବ୍ୟକ୍ତିର ବ୍ୟକ୍ତିଗତ ବ୍ୟବହୃତ ଜିନିଷପ[illegible] ଦାହ କରୁଥିବା ସ୍ଥାନରେ ନିକ୍ଷେପ ହୁଏ । ମୃତବ୍ୟକ୍ତିର ପରି[illegible] ସଭ୍ୟମାନେ ପବିତ୍ର ଦିବସ ପର୍ଯ୍ୟନ୍ତ ମାଂସ ଭକ୍ଷଣ ବା ମଦ୍ୟ [illegible] କରନ୍ତି ନାହିଁ । ଗ୍ରାମର ପୂଜାରୀ ମୃତବ୍ୟକ୍ତି ସମ୍ପର୍କୀୟର ମୁ[illegible] ଲୋକ ଉପରକୁ ତୈଳ ଓ ହଳଦୀ ନିକ୍ଷେପକରେ । ଏପରି କୌ[illegible] ନିର୍ଦ୍ଦିଷ୍ଟ ଦିବସନାହିଁ ଯେତେବେଳେ ଅନ୍ତ୍ୟେଷ୍ଟି କ୍ରିୟା ପାଳନ କର[illegible] ଗୋଟିଏ ଦିବସରେ ପରିବାରର ସଭ୍ୟମାନେ ରନ୍ଧନ ପା[illegible] ମାଟି ନିକ୍ଷେପ କରନ୍ତି ଏବଂ ସଂପର୍କୀୟମାନଙ୍କୁ ଭୋ[illegible] ଭୋଜିରେ ଆପ୍ୟାୟିତ କରନ୍ତି । ସମସ୍ତେ ଶ୍ମଶାନ ଭୂମିକୁ [illegible] ଅନ୍ନ ଓ କୁକ୍କୁଟ ଶାବକ ନେଇ ଗମନକରନ୍ତି ଏବଂ [illegible] ବ୍ୟକ୍ତିଙ୍କୁ ଅର୍ଘ୍ୟ ଦିଅନ୍ତି ।

ବିଭିନ୍ନ ସ୍ଥାନରେ ବିଭିନ୍ନ ପ୍ରକାର ଅନ୍ତ୍ୟେଷ୍ଟି କ୍ରିୟା ପା[illegible] କରାଯାଏ । ଗଂଜାମଜିଲ୍ଲା ମାନୁଆଲରେ ଲିଖିତ ଅଛି [illegible] ମୃତ ଶରୀରରେ ଗୋଟିଏ ଲୁଗା ଗୁଡ଼େଇ ଦିଆଯା[illegible] କୌଣସି ଲୁଗା କିମ୍ବା ମୂଲ୍ୟବାନ ଜିନିଷ ତା ଶରୀ[illegible] ଅପସାରଣ କରାଯାଏ ନାହିଁ । କେତେକ ପରିମାଣର [illegible] ଏବଂ ମୃତ ଲୋକର ସମସ୍ତ ରନ୍ଧନ ବାସନ ଗୁଡ଼ିକ ଗ୍ରାମ ସି[illegible] ଦିଆଯାଏ । ସିତ୍ରା କନ୍ଧମାନେ ବ୍ୟବହାର କରୁଥିବା ଶି[illegible]

ମୁଦ ଓ ଚୁଡ଼ି ତିଆରି କରନ୍ତି । ତାପରେ ମୃତ ଶରୀରକୁ ଜଳେଇ ଦିଆଯାଏ । ପରବର୍ତ୍ତୀ ଦିବସରେ କିଛି ଅନ୍ନ ରନ୍ଧନ କରାଯାଏ ଏବଂ ଗୋଟିଏ ଥାଳିଆରେ ରଖାଯାଏ । ଉଚ୍ଚସ୍ୱରରେ ମନ୍ତ୍ରୋଚ୍ଚାରଣକରି ମୃତଲୋକର ଆତ୍ମାକୁ ଅନୁରୋଧ କରାଯାଏ ଏହି ଅନ୍ନକୁ ଭକ୍ଷଣ ଓ ଉପଭୋଗ କରିବାକୁ ଏବଂ ପିଶାଚ ବା ବ୍ୟାଘ୍ରରେ ପରିବର୍ତ୍ତିତ ନ ହେବାକୁ ଏବଂ ପୁନଶ୍ଚ ପ୍ରତ୍ୟାବର୍ତ୍ତନ କରି ଗ୍ରାମରେ ବାସକରୁଥିବା ଓ ବଂଚିଥିବା ଲୋକମାନଙ୍କୁ ବ୍ୟତିବ୍ୟସ୍ତ ନ କରିବାକୁ । ମୃତ୍ୟୁର ତୃତୀୟ ଦିବସ ପରେ ମାଡ୍ରୀ ଶ୍ରାଦ୍ଧ ସମ୍ପାଦନ କରାଯାଏ । ମୃତଲୋକର ଗୋଟିଏ କୁଣ୍ଡ ପୁତ୍ତଳିକା ତିଆରି କରାଯାଏ ଏବଂ ଏହାକୁ ଗୃହର ସାମନାରେ କିମ୍ବା ଛାତଉପରେ ଖୋସି ରଖାଯାଏ । ସଂପର୍କୀୟ ଓ ବନ୍ଧୁମାନେ ଏକତ୍ରିତ ହୁଅନ୍ତି ଏବଂ କ୍ରନ୍ଦନ କରନ୍ତି । ମୃତ ଲୋକର ଗୃହରେ ତା' ଲୋକର ଖର୍ଚ୍ଚରେ ସେମାନେ ଭୋଜନ କରନ୍ତି । ପ୍ରତ୍ୟେକ ବ୍ୟକ୍ତି ଜିନିଷ ଆକାରରେ କିମ୍ବା ଅନ୍ୟ ପ୍ରକାରରେ ଉପହାର ଆଣନ୍ତି ଏବଂ ପ୍ରତ୍ୟାବର୍ତ୍ତନର ପରଦିବସରେ କିଛିତ ଉଚ୍ଚତର ମୂଲ୍ୟର ଜିନିଷମାନ ଗ୍ରହଣ କରନ୍ତି । ଗ୍ରାମରେ ଗୋଟିଏ ଲୋକର ମୃତ୍ୟୁ ପବିତ୍ରତା ଆବଶ୍ୟକ କରେ, ଯାହାକି ମୃତ୍ୟୁର ସପ୍ତମ ଦିବସରେ ଗୋଟିଏ ମହିଷ ବଳିଦାନ ଦ୍ୱାରା ସମାପନ କରାଯାଏ ।

## ପ୍ରଧାନ ପର୍ବପର୍ବାଣୀ

କନ୍ଧଜୀବନ ପର୍ବପର୍ବାଣୀରେ ପରିପୂର୍ଣ୍ଣ । ଭୋଜି, ନୃତ୍ୟଗୀତ ଓ ମଦ୍ୟପାନ ସହିତ ଏହା ପାଳିତ ହୁଏ । ଦୁଇଟି ପ୍ରଧାନପର୍ବ ବୀଜବପନ ଓ ଅମଳ ସମୟରେ ଅନୁଷ୍ଠିତ ହୁଏ । ସେହି ସମୟରେ ସେମାନେ ସେମାନଙ୍କର ଦେବାଦେବୀଙ୍କୁ ପୂଜାକରନ୍ତି । ସେମାନେ ୮୪ ଦେବାଦେବୀଙ୍କୁ ପୂଜାକରନ୍ତି । ଏମାନଙ୍କ ମଧ୍ୟରେ ପ୍ରଧାନ ଦେବତା ଧରଣୀ ଦେବତା ବା ପୃଥିବୀ ଦେବତା । ସେ ତାନାପେନୁ ନାମରେ ପରିଚିତ । ଅତୀତରେ କନ୍ଧମାନେ ମନୁଷ୍ୟ ବଳି ଦେଉଥିଲେ ଏବଂ ମନୁଷ୍ୟରକ୍ତ ତାନାପେନୁଙ୍କୁ ଅର୍ଘ୍ୟ ଦେଉଥିଲେ । ସେ ଗୋଟିଏ ଅସ୍ପଷ୍ଟକାର କାଷ୍ଠ ବା ପାଷାଣ ଦ୍ୱାରା ପ୍ରତିନିଧିତ୍ୱ କରୁଥିଲେ । ମନୁଷ୍ୟ ପରିବର୍ତ୍ତେ ମହିଷ ବଳୀ ପ୍ରଚଳନ ହେଲା । କଳାହାଣ୍ଡିରେ ପ୍ରତ୍ୟେକ ବର୍ଷ ମେଷ ଶାବକ ବଳି ଦିଆଯାଏ । ଏହାର ମାଂସ ଜମିରେ ପୋତିଦିଆଯାଏ ଯଦ୍ଦ୍ୱାରା ପୃଥିବୀମାତା ସନ୍ତୁଷ୍ଟ ହେବେ ଏବଂ ଅଧିକ ଶସ୍ୟ ପ୍ରଦାନ କରିବେ । ବଳିଦାନର ପୂର୍ବ ଦିବସରେ ଗ୍ରାମବାସୀମାନେ ନୃତ୍ୟରଚନା କରନ୍ତି ଏବଂ ଗୀତ ଗାଆନ୍ତି । ମନୁଷ୍ୟବଳି ସଂପର୍କରେ ଫେଜର ଲେଖିଛନ୍ତି ଯେ ବଳିଦାନ ପୃଥିବୀଦେବୀ, ତାନାପେନୁ କିମ୍ବା ବୋରପେନୁଙ୍କ ଉଦ୍ଦେଶ୍ୟରେ ଦିଆଯାଉଥିଲା ଏବଂ ବିଶ୍ୱାସ କରାଯାଉଥିଲା ଯେ ସେମାନେ ଅଧିକ ଶସ୍ୟପ୍ରଦାନ କରିବେ ଏବଂ ସମସ୍ତ ପ୍ରକାର ରୋଗରୁ ମୁକ୍ତ କରିବେ ଓ ସମସ୍ତ ଦୁର୍ଘଟଣାରୁ ରକ୍ଷା କରିବେ । ହଳଦି ଚାଷରେ ସେଗୁଡ଼ିକ ନିର୍ଦ୍ଦିଷ୍ଟ ଭାବେ ଆବଶ୍ୟକ ବୋଲି ବିବେଚିତ ହେଉଥିଲା । କନ୍ଧମାନେ ଏତେ ସରଳ ବିଶ୍ୱାସୀ ଯେ ବିନାରକ୍ତପାତରେ ହଳଦୀର ରଙ୍ଗ ଗାଢ଼ହୋଇ ହୋଇପାରିବ ନାହିଁ ବୋଲି କହନ୍ତି କିନ୍ତୁ ଏହି ବର୍ବରୋଚିତ କାର୍ଯ୍ୟ ବ୍ରିଟିଶ ନିୟମ ଦ୍ୱାରା ବନ୍ଦ କରାଯାଇଥିଲା । କନ୍ଧ ସମାଜରେ ଜୀବନ ନୃତ୍ୟଗୀତରେ ପରିପୂର୍ଣ୍ଣ । ସେମାନେ ନିଜର ଗୀତ ରଚନା କରନ୍ତି । ଗୀତ ରଚନାର ବିଷୟ ବସ୍ତୁ ସାଧାରଣତଃ ପ୍ରେମ, ବିବାହ ଉତ୍ସବ ଓ ଶସ୍ୟ ଅମଳ ସମ୍ବନ୍ଧିତ । ଗ୍ରାମର ସ୍ତ୍ରୀ ଲୋକମାନେ ବୃତ୍ତାକାରରେ ପରସ୍ପର ହସ୍ତ ଛନ୍ଦାଛନ୍ଦି ହୋଇ ଏବଂ ସେମାନଙ୍କର କଟୀରେ ଗୋଟିଏ ଶୁକ୍ଳ ବସ୍ତ୍ର ବନ୍ଧନକରି ଗୀତ ଗାଆନ୍ତି ଓ ନୃତ୍ୟ ରଚନା କରନ୍ତି । ବାଳକମାନେ ଚତୁଃପାର୍ଶ୍ୱରେ ଦଣ୍ଡାୟମାନ ହୋଇ ଗୀତ ଗାଆନ୍ତି । ସେମାନେ ମନ୍ଥର ଗତି ପୂର୍ବେ ଓ ପଶ୍ଚାତ୍ ଗମନ କରନ୍ତି ଏବଂ ବୃତ୍ତର ଚତୁପାର୍ଶ୍ୱରେ ମନ୍ଥରଗତି କରନ୍ତି ।

## ଘରକରଣା ଜିନିଷପତ୍ର

ଫୁଲବାଣୀର କନ୍ଧମାନେ କାଷ୍ଠନିର୍ମିତ ଗୃହରେ ବାସକରନ୍ତି । ଏହା କାଷ୍ଠ ପଟା ଓ ଖୁଣ୍ଟରେ ନିର୍ମିତ । ଏଗୁଡ଼ିକ କାଷ୍ଠ କଣ୍ଟକ ଦ୍ୱାରା ସଂଯୋଗ କରାଯାଇଥାଏ । ଛାତଟି ନଡ଼ାଦ୍ୱାରା ଛପର କରାଯାଏ । କାନ୍ଥଗୁଡ଼ିକ ଉଚ୍ଚ ବାରଣ୍ଡାସହ ମାଟିରେ ନିର୍ମିତ । ଗୃହଟି ବାଡ଼ ବା ଧାରଣା ଦ୍ୱାରା ଦୁଇଟି କ୍ଷୁଦ୍ର ଗୃହରେ ବିଭକ୍ତ ହୋଇଥାଏ । ଗୋଟିଏ ଗୃହ ରୋଷେଇ ଓ ଶୟନ ଉଦ୍ଦେଶ୍ୟରେ ବ୍ୟବହୃତ ହୋଇଥାଏ ଏବଂ ଅନ୍ୟ ଗୃହଟି ପିତାମାତାଙ୍କ ଶୟନ ନିମିତ୍ତ ବ୍ୟବହାର କରାଯାଏ । ସମୟେ ସମୟେ ଗୃହପାଳିତ ପଶୁ ରଖିବା ନିମିତ୍ତ ଅଲଗା ଗୃହ ନିର୍ମାଣକରାଯାଏ ।

କନ୍ଧମାନେ ଭାତ, ସଜ ପନିପରିବା ଓ ତରକାରୀ ଖାଆନ୍ତି । ଟେକ୍ଲି ବୋଲଉଥିବା ଏକ ମାଟି ପାତ୍ରରେ ଅନ୍ନ ରନ୍ଧନ କରିବା ସାଧାରଣ ପ୍ରଣାଳୀ । କେତେକ କ୍ଷେତ୍ରରେ କନ୍ଧ ସ୍ତ୍ରୀଲୋକମାନେ ପତ୍ରରେ ରନ୍ଧନ କରନ୍ତି । ପତ୍ରରେ ଚତୁଃପାର୍ଶ୍ୱ ବନ୍ଦ କରିବା ନିମିତ୍ତ ମାଟି ଲେପନ କରନ୍ତି ଏବଂ ପତ୍ର ପାତ୍ରକୁ ଅଗ୍ନିରେ ସ୍ଥାପନ କରାଯାଏ । ଖାଦ୍ୟ ତଲେଣ୍ଡି ନାମକ ଥାଳିରେ ବଣ୍ଟନ କରାଯାଏ କିମ୍ବା ମଣ୍ଡି ବୋଲଉଥିବା ପାତ୍ରରେ ବଣ୍ଟନ କରାଯାଏ ।

## ପୋଷାକ ଓ ଅଳଙ୍କାର

କନ୍ଧ ସ୍ତ୍ରୀ ଲୋକମାନେ ଦୁଇଖଣ୍ଡ ବସ୍ତ୍ର ପରିଧାନ କରନ୍ତି । ଗୋଟିଏ କଟୀ ପ୍ରଦେଶ ଚତୁଃପାର୍ଶ୍ୱରୁ ଆଣ୍ଠୁ ପର୍ଯ୍ୟନ୍ତ ଏବଂ ଅନ୍ୟଟି ଶରୀରର ଉପରି ଭାଗ ନିମିତ୍ତ ଉଦ୍ଦିଷ୍ଟ । କିନ୍ତୁ ଯେଉଁମାନେ ଅଣ ଆଦିବାସୀ ଓ ଦେଶିଆ କନ୍ଧଙ୍କ ସଂସ୍ପର୍ଶରେ ଆସିଲେଣି ସେମାନେ ଶାଢ଼ୀ ପରିଧାନ କରୁଛନ୍ତି । ଶାଢ଼ି ଗୁଡ଼ିକ ମୋଟା, ଏବଂ ବିଭିନ୍ନ ରଙ୍ଗର; ଯଥା ଲାଲ କିମ୍ବା ହଳଦିଆ ଏବଂ ସୁନ୍ଦର ଧଡ଼ି ଯୁକ୍ତ ହୋଇଥିବା କନ୍ଧ ସ୍ତ୍ରୀଲୋକକୁ ତାର ପୋଷାକରୁ ଜାଣିହେବ ହୁଏତ ସେ ବିବାହିତା କି ଅବିବାହିତା । ବିବାହିତ ସ୍ତ୍ରୀଲୋକ କେବଳ କାନ ଫୁଲ ପରିଧାନ କରେ । କାନଫୁଲ ଗୁଡ଼ିକ ପିତଳରେ ତିଆରି । କନ୍ଧ ସ୍ତ୍ରୀଲୋକମାନେ ବିଭିନ୍ନ ରକମର ବାଲଙ୍କୀ (Bangles) ହସ୍ତରେ ପରିଧାନ କରନ୍ତି । ଖଗଲ (ହାର) ଓ ସିଲଭର କଡ଼ି ବେକରେ, ସୁନାଗଡ଼ାପୋଳି (ମଥାମଣି), ମୁଦୁଗୁଙ୍ଗେ (କାନମୁଦି) ଓ

ପାଦ ଅଳଙ୍କାର ମଧ୍ୟ ପରିଧାନ କରନ୍ତି । ଏହ ଅଳଙ୍କାରି ଗୁଡ଼ିକ ପିତଳ, ଆଲୁମିନିୟମ ବା ରସରେ ତିଆରି ହୋଇଥାଏ । ବାଦ୍ୟଯନ୍ତ୍ର ମଧ୍ୟରେ ଟୁଙ୍ଗା ହେଉଛି ଅତ୍ୟନ୍ତ ପ୍ରଧାନ । ବାଉଁଶ ଲମ୍ବ ଗୋଟିଏ ଗୋଲାକାର କାଷ୍ଠ ଖଣ୍ଡରେ ନିର୍ମିତ ଗୋଟିଏ ପାଖର ଶେଷରେ ଦୁଇଟି ଲଉତୁମ୍ବା ବନ୍ଧା ହୋଇଥାଏ ଏବଂ ଏଥିରେ ତିନୋଟି ଲୌହ ତାର ସଂଯୋଗ କରାଯାଇ ଲଉତୁମ୍ବା ନିକଟରେ ଶେଷରେ ବାନ୍ଧି ଦିଆଯାଏ । ଅନ୍ୟ ଅଂଶଟି ଲଉତୁମ୍ବାର ଉପରିଭାଗ ଦେଇ ବାଡ଼ିର ଅନ୍ୟପାଖରେ ଶେଷରେ ବାନ୍ଧି ଦିଆଯାଇଥାଏ । ଦୁଇ ପାଖରେ ଅଶ୍ୱକେଶ ସଂଯୁକ୍ତ ଗୋଟିଏ ଧନୁ ଆକାରର ବାଡ଼ି ବା ନଳ ଟୁଙ୍ଗାର ଲୌହ ତାର ଉପରେ ସଂଯୁକ୍ତ ସ୍ୱର ସୃଷ୍ଟିକରିବା ନିମିତ୍ତ ଚଳନ କରାଯାଏ । ଅନ୍ୟ ଗୋଟିଏ ବାଦ୍ୟଯନ୍ତ୍ର ଡ୍ରମ ବାଜା ନାମରେ ନାମିତ ଏବଂ ଏହା ଏକ ମୁହାଁ । ଏହା ପମ୍ପା କାଠ ବା କାଠ ଖୋଳ ଓ ଚମଡ଼ା ଦଉଡ଼ିରେ ନିର୍ମିତ । ଏହି କାଠ ଖୋଳଟି ଉଣା ଅଧିକ ଗୋଲକାର ପ୍ରାୟ । କନ୍ଧମାନେ ଅଣ ଆଦିବାସୀଙ୍କଠାରୁ ଗୃହବାସ ଶିକ୍ଷା କରିଛନ୍ତି । ସେମାନେ ଲଙ୍ଗଳ ଲୁହା, ଶାବଳ, କୋଦାଳ, ଦାଆ ଓ ଛୁରୀ ଧାନ କାଟିବା ଓ ଅନ୍ୟାନ୍ୟ କାର୍ଯ୍ୟରେ ବ୍ୟବହାର କରନ୍ତି । ଶୀକାରର ଅସ୍ତ୍ରଶସ୍ତ୍ରମାନ ଧନୁ ତୀର ଓ କୁରାଢ଼ୀ । ଏହା ସାହାଯ୍ୟରେ କନ୍ଧମାନେ ପ୍ରାଣୀ ଓ ପକ୍ଷୀ ଶୀକାର କରନ୍ତି ଏବଂ ବନ୍ୟଜନ୍ତୁଙ୍କଠାରୁ ନିଜକୁ ରକ୍ଷା କରନ୍ତି ।

## ଅର୍ଥନୀତି

କନ୍ଧମାନେ ଭାତ ଖାଆନ୍ତି । ସେମାନଙ୍କ ଦ୍ୱାରା ଉତ୍ପନ୍ନଧାନ ତାଙ୍କ ପାଇଁ ଯଥେଷ୍ଟ ନୁହେଁ । ବର୍ଷରେ ଦୁଇ, ତିନି ମାସ ସେମାନ ଭାତ ଖାଇବାକୁ ସକ୍ଷମ ହୁଅନ୍ତି । କେତେକ ଅଞ୍ଚଳରେ ମକାଚାଷ କରାଯାଏ । ବର୍ଷା ଋତୁରେ ସେମାନେ ଆମ୍ବକୋଇଲି ସହିତ ଅଳ୍ପ ପରିମାଣର ଭାତ ଓ ଚିନି ମିଶାଇ ଖାଦ୍ୟ ପ୍ରସ୍ତୁତ କରନ୍ତି । ମାଘ ମାସରେ ଫଳ ଏବଂ ଖାଦ୍ୟ ଯୋଗ୍ୟ ମୂଳ ବା କନ୍ଦା ସଂଗ୍ରହ କରିବା ଆରମ୍ଭ କରି ଦିଅନ୍ତି । ଶୀତ ଋତୁରେ ଗୋଟିଏ ରକମର ପାହାଡ଼ି ଧାନ ଅମଳ କରନ୍ତି । ସେମାନେ ଖୁବ କୃଚିତ ତରକାରୀ ରାନ୍ଧନ୍ତି । ଲୁଣ ଓ ସମୟେ ସମୟେ କ୍ରୟ ନ କରୁଥିବା ତେଲ ବ୍ୟବହାର କରନ୍ତି । ଏହି ତେଲ ମହୁଲ ଫଳରୁ ନିର୍ଗତ କରାଯାଏ । ବର୍ଷାଋତୁରେ ମାଛ ମିଳେ । ସେମାନେହରିଣ ଓ ଠେକୁଆ ମାଂସ ଖାଆନ୍ତି । ସମସ୍ତ ପ୍ରକାର ପକ୍ଷୀ, ଯଥା: ଶୁଆ, କୁକୁଡା, କପୋତ ଓ ମୟୂର ଖାଦ୍ୟରୂପେ ବ୍ୟବହାର କରାଯାଏ ।

ଭାତରୁ ପ୍ରସ୍ତୁତ ମଦ୍ୟ କନ୍ଧମାନଙ୍କର ସର୍ବସାଧାରଣ ମଦ୍ୟରୂପେ ବ୍ୟବହୃତ ହୁଏ । ଯେଉଁଠାରେ ଖାଦ୍ୟାଭାବ ପରିଦୃଷ୍ଟ ହୁଏ ସେଠାରେ କନ୍ଧମାନଙ୍କୁ ମଦ୍ୟ ଉପରେ ନିର୍ଭର କରି ବଞ୍ଚିବାକୁ ହୁଏ । ଶୀତଳ ଜଳବାୟୁରେ ଏହାର ଆବଶ୍ୟକତା ଅଛି । ତେଣୁ କନ୍ଧମାନଙ୍କୁ ଏହା ପାନ କରିବାକୁ ହୁଏ । ସେମାନେ ଏଥିରେ ଏଭଳି ଭାବରେ ଅଭ୍ୟସ୍ତ ଯେ ବିନା ଖାଦ୍ୟରେ ସେମାନେ ବଞ୍ଚିପାରନ୍ତି କିନ୍ତୁ ବିନା ମଦ୍ୟରେ ବଞ୍ଚିପାରିବେ ନାହିଁ । ମଦ ଯେ କୌଣସି ସାଧାରଣ ଦିବସରେ ତଥା ଉତ୍ସବ ଉପଲକ୍ଷେ ପ୍ରସ୍ତୁତ କରାଯାଏ । ଖାଦ୍ୟରୁ ପ୍ରସ୍ତୁ
ମଦ ବ୍ୟତୀତ ସେମାନେ ମହୁଲି ମଦ ପାନ କରନ୍ତି । ସ
ବୃକ୍ଷର ରସ ସହିତ ମୂଳ ଏବଂ କେନୁଆ ବୃକ୍ଷର ବକଳକୁ ମିଶ୍
ହୋଇ ଅନ୍ୟ ଏକ ପ୍ରକାର ମଦ ପ୍ରସ୍ତୁତ କରଯାଏ
କନ୍ଧମାନଙ୍କ ଦ୍ୱାରା ବ୍ୟବହୃତ ହେଉଥିବା ଲୁଗାପଟା ଡୋ
ମାନଙ୍କଠାରୁ କ୍ରୟ କରାଯାଏ । ଏମାନେ ବସ୍ତ୍ର ବୟନ କରନ୍ତି
ଅଳଙ୍କାରମାନ ଅଣ–ଆଦିବାସୀମାନଙ୍କଠାରୁ ମଧ୍ୟ କ୍ରୟ କରନ୍ତି

## କୃଷିଉତ୍ପାଦନ

କନ୍ଧମାନଙ୍କର ପ୍ରଧାନ ବ୍ୟବସାୟ କୃଷି । ପାହା
କନ୍ଧମାନେ ପୋଡୁଚାଷ କରନ୍ତି । ଦେଶୀଆ କନ୍ଧମା
ଅଣ ଆଦିବାସୀଙ୍କଠାରୁ ଗୃହବାସ ଶିକ୍ଷା କରିଛନ୍ତି
ସେମାନେ ପ୍ରକୃତି ଉପରେ ନିର୍ଭର କରନ୍ତି । ପର୍ବତ ଉପ
ଭାଗରେ ଚାଷ ଲାଭଜନକ ନୁହେଁ, କାରଣ ଏଠାରେ ଜ
ସେଚନର ଅଭାବ ଓ ବିରଳ ମୃତ୍ତିକା ପରିଦୃଷ୍ଟ ହୁଏ
ଗୋଟିଏ ଅପରିଶୋଧିତ ପ୍ରକାରର ଧାନ ଉତ୍ପନ୍ନ କରାଯାଏ
ସେମାନଙ୍କ ଦ୍ୱାରା ଉତ୍ପାଦିତ ପ୍ରଧାନ ଶସ୍ୟ ହେଉ
ହଳଦି । କିନ୍ତୁ ଉତ୍ପାଦନରେ ପୁରୁଣାକାଳିଆ ପଦ୍ଧ
ପ୍ରୟୋଗ ହେତୁ ହଳଦି କମ ଲାଭଜନକ ହୁଏ
ସେମାନେ ଏହି ଚାଷକୁ ମନମୁଖୀ ବା ଏକଗୁଡିଆ କରନ୍ତି
କାରଣ ଅଣ–ଆଦିବାସୀମାନେ ଏହି ଅଞ୍ଚଳରେ ଅନ୍ଧ ବିଶ୍ୱା
ନିମିତ୍ତ ହଳଦି ଉତ୍ପାଦନ କରନ୍ତି ନାହିଁ ଏବଂ ସେମାନଙ୍କ
ମତରେ ହଳଦି ଚାଷ ଦୁର୍ଭାଗ୍ୟ ଓ ମୃତ୍ୟୁ ଆନୟନ କରେ
କନ୍ଧମାନେ ପର୍ବତ ଉପରେ ପୋଡୁ ଚାଷରେ ଅଭ୍ୟସ୍ତ ଥାଆନ୍ତି
ଗ୍ରୀଷ୍ମ ଋତୁରେ ମୌସୁମୀ ବାୟୁ ପ୍ରବାହିତ ହେବା ପୂର୍ବରୁ ପର୍ବ
ଉପରେ ବାସ କରୁଥିବା କନ୍ଧମାନେ କାଷ୍ଠ କର୍ତ୍ତନ କରନ୍ତି
ଏବଂ ସେଗୁଡ଼ିକରେ ଅଗ୍ନି ସଂଯୋଗ କରନ୍ତି
ଯେତେବେଳେ କାଷ୍ଠଗୁଡ଼ିକ ଦଗ୍ଧ ହୋ
ଭସ୍ମରେ ପରିଣତ ହୁଏ, ବର୍ଷାର ଆଗମନ ହେଲେ ସେମାନେ
ସେହି ସ୍ଥାନରେ ତାହାକୁ ପରିତ୍ୟାଗ କରନ୍ତି । ସ୍ଥାନଟି ସ୍ୱ
କରାଯାଏ ଏବଂ ମକା ଓ ଧାନ ଚତୁର୍ଦ୍ଦିଗରେ ବପନ କରାଯାଏ
ତତ୍ପରେ ସେମାନେ ମକା ବା ଧାନ କାର୍ତ୍ତିକ ଓ ମାର୍ଗଶୀ
ମାସରେ ଅମଳ କରନ୍ତି । ସେମାନେ ଗୋଟିଏ ନିର୍ଦ୍ଦି
ସ୍ଥାନକୁ ବର୍ଷେ କିମ୍ବା ଦୁଇବର୍ଷ ନିମିତ୍ତ ଚାଷ କରନ୍ତି ।
ସେମାନେ ଖତ ବା ସାର ପ୍ରୟୋଗ କରୁନଥିବାରୁ ଉତ୍ପାଦ
କମ୍ ହୁଏ । ପୁନଶ୍ଚ ଏହି ଜମିକୁ କ୍ରମାନ୍ୱୟେ ପ୍ରତି ବର୍ଷ
ଚାଷ କରନ୍ତି । ତେଣୁ ବର୍ଷେ କିମ୍ବା ଦୁଇବର୍ଷରେ ସେ
ସ୍ଥାନ ପରିତ୍ୟାଗ କରନ୍ତି ଏବଂ ଅନ୍ୟସ୍ଥାନ ଚାଷ ନିମିତ୍ତ
ପରିଷ୍କାର କରନ୍ତି । ପୋଡୁଚାଷ ଅତ୍ୟନ୍ତ ପ୍ରାଚୀନ ଧରଣର
କୃଷି କାର୍ଯ୍ୟ । ଜଳ ସେଚିତ ଜମିରୁ ଉତ୍ପନ୍ନ ତୁଳନାରେ
ଏହା କମ ଏବଂ ଏଥିରେ ଅଧିକ ଶ୍ରମ ଆବଶ୍ୟକ ।
ଏହା ଗୋଟିଏ ଚାଷର ଧ୍ୱଂସାତ୍ମକ ପ୍ରଣାଳୀ.. । ପୋଡୁ
ଚାଷ ମୃତ୍ତିକା କ୍ଷୟ, ମୂଲ୍ୟବାନ ବୃକ୍ଷ ଓ ଜଙ୍ଗଲ ଜାତ ଦ୍ରବ୍ୟ
ନଷ୍ଟ ନିମିତ୍ତ ଦାୟୀ । ତେଣୁ ସରକାର ଏହାକୁ
ସଂପୂର୍ଣ୍ଣ ଭାବେ ବନ୍ଦ କରିବାକୁ ଚେଷ୍ଟା କରିଛନ୍ତି । ଯେଉଁଠାରେ

ଜଳସେଚିତ ଜମି ମିଳେ ତାହା ସେମାନଙ୍କୁ ଯୋଗାଇ ଦିଆଯାଏ ।

## ଋଣ ଏବଂ ଶୋଷଣ

କନ୍ଧ ମାନଙ୍କ ଜୀବନରେ ଦୁଃଖପ୍ରଦ କାହାଣୀ ଋଣ । ନିକଟରେ ବାସ କରୁଥିବା ପାଣମାନ ଅଗ୍ରୀମ ଋଣ ଦେଇ ଏବଂ ସେମାନଙ୍କଠାରୁ ଉଚ୍ଚ ହାରରେ ସୁଧ ନେଇ ସେମାନଙ୍କୁ ଶୋଷଣ କରନ୍ତି । କନ୍ଧମାନେ ନିରକ୍ଷର । ସେମାନେ ଗୋଟିଏ ସାଧା କାଗଜରେ ଦସ୍ତଖତ କରିଦିଅନ୍ତି ଏବଂ ଟଙ୍କା ନିଅନ୍ତି ଏବଂ ଏହି ଟଙ୍କା ଅଳ୍ପ ବର୍ଷ ଭିତରେ ଦ୍ୱିଗୁଣିତ ହୁଏ । ଏହା ପରିଶୋଧ ହୁଏ ନାହିଁ ଯଦିଓ ପ୍ରତିବର୍ଷ ସେମାନେ ଅମଳ ସମୟରେ ହଳଦି ଓ ଧାନ ଦେଇଥାନ୍ତି । ପିତୃପିତା ଋଣ କଲେ, ଏହି ଋଣ ପୁତ୍ର ପୌତ୍ରାଦି ଦ୍ୱାରା ପରିଶୋଧ କରାଯାଏ । କନ୍ୟାସୁନା ସେମାନଙ୍କୁ ଋଣ କରିବାକୁ ବାଧ୍ୟ କରେ । ସମୟେ ସମୟେ ସେମାନେ ଋଣ ଦାତାଙ୍କ ଜମିରେ ବିନା ମୂଲ୍ୟରେ କାମ କରନ୍ତି । ସେମାନଙ୍କୁ ଅଳଙ୍କାର, କୃଷି ଯନ୍ତ୍ରପାତି ଏବଂ ଉଚ୍ଚ ଦରରେ ଲୁଗା ବିକ୍ରୟ କରି ଅନ୍ୟ ପ୍ରକାର ଶୋଷଣ କରାଯାଏ । ଏହା ଅଣ-ଆଦିବାସୀ, ଯଥା! ପାଣ ଓ ଡୋମଙ୍କ ଦ୍ୱାରା ହୋଇଥାଏ । ସେମାନେ ଏମାନଙ୍କଠାରୁ କ୍ରୟ କରିବାକୁ ବାଧ୍ୟ ହୁଅନ୍ତି କାରଣ ସେମାନଙ୍କର ନିକଟବର୍ତ୍ତୀ ସହରର ହାଟକୁ ଆସିବାକୁ କୌଣସି ସୁବିଧା ନଥାଏ, । ତେଣୁ ହଳଦି ଓ ଧାନ ପ୍ରତି ବଦଳରେ ଅଳଙ୍କାର ଓ ଲୁଗାପଟା କ୍ରୟ କରିଥାନ୍ତି ।

କନ୍ଧମାନେ ଊନବିଂଶ ଶତାବ୍ଦୀଠାରୁ ସେମାନଙ୍କ ଦ୍ୱାରା ପ୍ରଚଳିତ ନରବଳି ପ୍ରଥା ଯୋଗୁଁ ସଭ୍ୟ ଲୋକଙ୍କର ଦୃଷ୍ଟିଗୋଚର ହେଲେ । ବ୍ରିଟିଶ ନିୟମ ସେମାନଙ୍କ ଉପରେ ଲାଗୁ ହେବାରୁ ସେମାନେ ଏହିପରି ନିଷ୍ଠୁର ଓ ବର୍ବରୋଚିତ କାର୍ଯ୍ୟରୁ ନିବୃତ୍ତ ହେଲେ । କିନ୍ତୁ ସଭ୍ୟ ଲୋକଙ୍କ ମନରେ ଏହି ଆଦିବାସୀଙ୍କ ସଂପର୍କରେ ଜାଣିବା ନିମିତ୍ତ କୌତୂହଳ ଜାତ ହେଲା ସେମାନେ ଲୋକ ଲୋଚନକୁ ଆସିଲେ ଅନେକ ପ୍ରଶାସକ, ଧର୍ମ ପ୍ରଚାରକ ଓ ନୃତତ୍ତ୍ୱ ବିଜ୍ଞାନୀମାନେ ସେମାନଙ୍କ ବିଷୟରେ ଅନୁଧ୍ୟାନ କଲେ ଓ ସେମାନଙ୍କ ସମସ୍ୟାଗୁଡ଼ିକୁ ଅନୁଧ୍ୟାନ କଲେ । ଧର୍ମପ୍ରଚାରକ ବିଦ୍ୟାଳୟମାନ ପ୍ରତିଷ୍ଠା କରି ପରିଚାଳନା କରୁଛନ୍ତି । ବିଗତ କେତେ ବର୍ଷ ମଧ୍ୟରେ ସରକାର ଆଦିବାସୀ ଓ ଗ୍ରାମ୍ୟ ପୁନର୍ଗଠନ ବିଭାଗ କରିଆରେ ଆଦିବାସୀ ଓ ହରିଜନମାନଙ୍କୁ ଅନେକ ସୁବିଧା ଯୋଗାଇ ଦେଇଛନ୍ତି । ସେମାନଙ୍କୁ ଅଣ-ଆଦିବାସୀଙ୍କ ଅପେକ୍ଷା ଅଧିକ ସୁବିଧା ଦିଆଯାଇଛି, ଯାହାଫଳରେ ସେମାନେ ଅଗ୍ରଗତି କରିବେ ଏବଂ ଅନ୍ୟମାନଙ୍କ ସହିତ ସମାନ ପଦମର୍ଯ୍ୟାଦା ପାଇବେ । ସରକାରଙ୍କ ଦ୍ୱାରା ପରିଚାଳିତ ଆଶ୍ରମ ସ୍କୁଲ ଗୁଡ଼ିକ କନ୍ଧ ଅଞ୍ଚଳରେ ସେମାନଙ୍କୁ ଶିକ୍ଷା ଦାନ କରୁଛି । ଆମ ସରକାର ସେମାନଙ୍କୁ ସବୁପ୍ରକାର ସୁବିଧା ଯୋଗାଇଛନ୍ତି, ଯାହାଫଳରେ ଅଳ୍ପ କେତେ ବର୍ଷପରେ ସେମାନେ ଉନ୍ନତମାନର ଜୀବନଯାପନ କରି ପାରିବେ ।

ଓଡ଼ିଶା ରାଜ୍ୟ ସଂଗ୍ରହାଳୟ
ଭୁବନେଶ୍ୱର



# ଲକ୍ଷପତି ହେବାର ସହଜ ଉପାୟ

ଶ୍ରୀ ଦିଲୀପ କୁମାର ପଣ୍ଡା

ବିଶିଷ୍ଟ ଅର୍ଥନୀତିଜ୍ଞ ଜେ. ଏମ୍. କେନ୍‌ସଙ୍କ ମତରେ ସଞ୍ଚୟ ଆୟ ଉପରେ ନିର୍ଭର କରେ । ଆୟରୁ ଉପଭୋଗ ଖର୍ଚ୍ଚ ବାଦ ଦେଲେ ଯାହା ବଳକା ରହେ ତାହାକୁ ସଞ୍ଚୟ କୁହାଯାଏ । ଯଦି ଆୟ ହେଲା Y ଉପଭୋଗ ଖର୍ଚ୍ଚ ହେଲା C ତେବେ Y—C=S (ସଞ୍ଚୟ) ।

ସଞ୍ଚୟର ଆବଶ୍ୟକତା ଯେ ଅପରିହାର୍ଯ୍ୟ ଏଥିରେ ଦ୍ୱିମତ ହେବାର ନାହିଁ । ସଞ୍ଚୟ ନିଜର ଭବିଷ୍ୟତ ପାଇଁ, ପରିବାର ପାଇଁ, ସମାଜ ପାଇଁ, ତଥା ଦେଶ ପାଇଁ ଏକାନ୍ତ ଆବଶ୍ୟକ । ସଞ୍ଚୟ ଦ୍ୱାରା ହାତରେ ଥିବା ଅର୍ଥ ଆସ୍ତେ ଆସ୍ତେ ବର୍ଦ୍ଧିତ ହୁଏ ଏହାଦ୍ୱାରା ଜଣେ ଅଧିକ ସୁଖ ଓ ସ୍ୱାଚ୍ଛନ୍ଦ୍ୟରେ ରହିବା ସହିତ ତାର ସାମାଜିକ ମର୍ଯ୍ୟାଦା ମଧ୍ୟ ବଢିଥାଏ । ନିଜର ଭବିଷ୍ୟତ ଜୀବନରେ ରୋଗ, ବ୍ୟାଧି, ଆକସ୍ମିକ ଦୁର୍ଘଟଣା ଦୁର୍ଦ୍ଦିନ ଏବଂ ବାର୍ଦ୍ଧକ୍ୟ ସମୟ ପାଇଁ ସଞ୍ଚୟ ଆବଶ୍ୟକ । ଏହାଛଡ଼ା ପରିବାରର ସୁଖ ସମୃଦ୍ଧି, ପିଲାମାନଙ୍କର ଶିକ୍ଷା ଦୀକ୍ଷା, ବିବାହ ଭୁତ ଏବଂ ଅନ୍ୟାନ୍ୟ ଉତ୍ସବ ପାଇଁ ମଧ୍ୟ ଦ୍ୟବକାର । ଆୟ ଏବଂ ବ୍ୟୟର ହିସାବ କରି ଯଦି ନିଜର ଭବିଷ୍ୟତ ପାଇଁ ସଞ୍ଚୟ କରା ନଯାଏ ତେବେ ଭବିଷ୍ୟତ ଅନ୍ଧକାରମୟ ହୋଇଯାଏ । କୌଣସି ଆକସ୍ମିକ ଦୁର୍ଘଟଣାରେ ବିଯୋଗ ଘଟିଲେ ତାର ପରିବାର ବର୍ଗ ଦୁଃଖର ସମ୍ମୁଖୀନ ହୋଇଥାଆନ୍ତି । ତେଣୁ ନିଜର ତଥା ପରିବାରର ସୁରକ୍ଷା ପାଇଁ ସଞ୍ଚୟ କରିବା ଉଚିତ । କାରଣ ଆମେ ଜାଣୁ ଯେ ସଞ୍ଚୟୀ ପରିବାର ସୁଖୀ ପରିବାର" ।

ସଞ୍ଚୟ ଦେଶର ବିକାଶରେ ସାହାଯ୍ୟ କରେ । ଯେଉଁ ଦେଶର ପାଣି ପବନରେ ଆମର ଶରୀର ପୁଷ୍ଟ, ଯାହାର ମାଟିରେ ପାଦ ଦେଇ ଆମେ ସକାଳର ପ୍ରଥମ ସୂର୍ଯ୍ୟ ଦେଖିଲୁ, ସେହି ଦେଶ, ଜନନୀ ଜନ୍ମଭୂମି ପ୍ରତି ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ ରହିଛି । ଅର୍ଥନୈତିକ ସମୃଦ୍ଧି ଦିଗରେ ଦୃଢ଼ ପଦକ୍ଷେପ ନେବା କାର୍ଯ୍ୟ ଦେଶ ଲାଗିଛି । ଦେଶର ଉନ୍ନୟନମୂଳକ କାର୍ଯ୍ୟ ଯୋଜନା ଭାବରେ କରାଯାଉଛି । ଏହି କାର୍ଯ୍ୟ ସମ୍ପାଦନରେ ଆ ସମସ୍ତଙ୍କର ସ୍ୱାର୍ଥ ନିହିତ ଅଛି । ଏ ଦିଗରେ ଯଥାଯୋ ଅବଦାନ ଯୋଗାଇବା ଦାୟିତ୍ୱ ଆମ ଉପରେ ପଡ଼ିଛି । ଅ ପତ୍ୟେକ ସଞ୍ଚୟ କରି ସରକାରଙ୍କୁ ଋଣ ଦେଉଥିବା ପ୍ରତ୍ୟେ ପଇସା ପ୍ରତିରକ୍ଷା ଓ ଉନ୍ନୟନ—ଉଭୟ କ୍ଷେତ୍ରରେ ସ୍ୱାବଲମ୍ବ ଶୀଳତା ହାସଲ ଦିଗରେ ଜାତୀୟ ଉଦ୍ୟମ ପ୍ରତି ଆମର ଯୋ ଉଲ୍ଲେଖ ଯୋଗ୍ୟ ଅବଦାନ । ଏହି ପରିପ୍ରେକ୍ଷୀରେ ରାମାୟଣ ରାମଚନ୍ଦ୍ରଙ୍କ ସେତୁବନ୍ଧ ବାନ୍ଧିବା ସମୟରେ କ୍ଷୁଦ୍ର ଗୁଣ୍ଡୁଚିର ଦାନ ଏହା କୌଣସି ଗୁଣରେ କମ୍ ନୁହେଁ । ପ୍ରତ୍ୟେକ ବ୍ୟକ୍ତି ଅଳ୍ପ ଲେଖାଏଁ ସଞ୍ଚୟ କରନ୍ତି ତଥାପି ସରକାର ଅସ୍ଥାୟୀ ଭା ବ୍ୟବହାର କରିବା ପାଇଁ ବିପୁଳ ପରିମାଣର ଅର୍ଥ ପାଇ ପାରିବେ । ଏହାଛଡ଼ା ଏହା ସେମାନଙ୍କୁ ଦେଶ ଗଠନର ଏକ ଅଂଶୀଦା ଭାବେ ଗର୍ବ ଓ ଗୌରବ ଅନୁଭବ କରିବାରେ ସାହାଯ୍ୟ କରେ । ଏହା ଦରଦାମ କମାଇବାରେ ମଧ୍ୟ ସାହାଯ୍ୟ କରେ । ଅର୍ଥନୈତିକ ଗତିରେ ସଞ୍ଚୟ ଏକ ପ୍ରଧାନ ଆୟୁଧ । ସ ବେଶୀ ହେଲେ ବିନିଯୋଗ ବେଶୀ ହୁଏ । ବିନିଯୋଗ ବେ ହେଲେ କର୍ମନିଯୁକ୍ତି ବଢ଼େ । ନିଯୁକ୍ତି ବଢିଲେ ଆୟ ବଢ଼େ । ଅଧିକ ଆୟ ଅଧିକ ସଞ୍ଚୟରେ ସାହାଯ୍ୟ କରେ । ସଞ୍ଚୟ— ବିନିଯୋଗ—ନିଯୁକ୍ତି—ଆୟ, କେବଳ ଅର୍ଥନୈତିକ ପ୍ରଗତି ତ୍ୱରାନ୍ୱିତ କରି ପାରନ୍ତି ।

ସଞ୍ଚୟ ଲାଗି ଆବଶ୍ୟକ ସଞ୍ଚୟ କରିବାର କ୍ଷମତା ଏ ସଞ୍ଚୟ କରିବାର ଇଚ୍ଛା । ସଞ୍ଚୟ ମଧ୍ୟ ଆୟ ଉପରେ ନି କରେ । ଆୟ ଅଧିକ ହେଲେ ଯେ ସଞ୍ଚୟ ଅଧିକ ହେବ ସେ କିଛି ନାହିଁ । କାରଣ ସଞ୍ଚୟ କରିବାର ଉଦ୍ଦେଶ୍ୟ ମଧ୍ୟ ଏ

ପରିମାଣ ଉପରେ ନିର୍ଭର କରେ । କେତେକ ଭାବନ୍ତି ଯେ ସ୍ୱଳ୍ପ ଆୟ ହେତୁ ସଞ୍ଚୟ କରିବା ସେମାନଙ୍କ ପକ୍ଷରେ ଆଦୌ ସମ୍ଭବ ନୁହେଁ । ମାତ୍ର ଦୁନିଆରେ ଅସମ୍ଭବ ବୋଲି କିଛି ନାହିଁ । ସଞ୍ଚୟ କରିବାର ଇଚ୍ଛା ଓ ସ୍ପୃହା ଦରକାର । ଥରେ ଏହା ଅଭ୍ୟାସରେ ପରିଣତ ହେଲେ ବଳେ ବଳେ ସଞ୍ଚୟ କରିବାର ପ୍ରବୃତ୍ତି ଜାଗି ଉଠେ । ତେଣୁ ପ୍ରତ୍ୟେକ ବ୍ୟକ୍ତି ସଞ୍ଚୟ କରିବା ପୂର୍ବରୁ ଏକ ଯୋଜନା କରିବା ଦରକାର । ଯୋଜନାବଦ୍ଧ ଭାବେ ସଞ୍ଚୟ କଲେ ଜଣେ ଲକ୍ଷପତି ହୋଇ ପାରିବ ଏଥିରେ ସନ୍ଦେହ ନାହିଁ । ମାତ୍ର ୫୦ ଟଙ୍କାର ପୋଷ୍ଟ ଅଫିସ୍ ରିକରିଂ ଡିପୋଜିଟ୍ ଆକାଉଣ୍ଟ ଖୋଲିଲେ ଏହି କାର୍ଯ୍ୟ ହୋଇ ପାରିବ ।

## କିପରି

ଜଣେ ସ୍ୱଳ୍ପ ଆୟକାରୀ ବ୍ୟକ୍ତି ଚାକିରୀ ଜୀବନରେ (୨୮ ବର୍ଷରୁ) ଯଦି ୫୦ ଟଙ୍କାର ପୋଷ୍ଟ ଅଫିସ ରିକରିଂ ଡିପୋଜିଟ୍ ଆକାଉଣ୍ଟ ଖୋଲନ୍ତି ଏବଂ ପାଞ୍ଚ ବର୍ଷ ପରେ ତାର ପରିପକ୍ୱ ମୂଲ୍ୟକୁ ଇନ୍ଦିରା ବିକାଶ ପତ୍ରରେ ବିନିଯୋଗ କରନ୍ତି ତେବେ ସେ ଏଥିରେ ସଫଳ ହେବେ । ଗୋଟିଏ ରିକରିଂ ଡିପୋଜିଟ୍‌ର ମିଆଦ ପୂରିଗଲେ ଆଉ ଗୋଟିଏ ଆକାଉଣ୍ଟ ଖୋଲୁଥିବେ ଏବଂ ତାର ପରିପକ୍ୱ ମୂଲ୍ୟକୁ ଇନ୍ଦିରା ବିକାଶ ପତ୍ରରେ ବିନିଯୋଗ କରିବେ । ଶେଷରେ ତାଙ୍କର ସ୍ୱଳ୍ପ ଜମା କିପରି ବଢ଼ିଯିବ ଦେଖନ୍ତୁ—

(୧) ପ୍ରଥମ ପୋଷ୍ଟ ଅଫିସ୍ ରିକରିଂ ଡିପୋଜିଟ୍ ଆକାଉଣ୍ଟ ୨୮ ବର୍ଷ ବୟସରେ ଖୋଲଗଲା । ଟ୫୦ଙ୍କାର ।

| | ଟଙ୍କା |
|---|---|
| (କ) ପରିପକ୍ୱ ମୂଲ୍ୟ ୫ବର୍ଷପରେ ଅର୍ଥାତ ୩୩ବର୍ଷ ବୟସରେ ପାଇବେ | ୪,୦୦୧·୫୦ |
| ଧରନ୍ତୁ ....... | ୪,୦୦୦·୦୦ |
| (ଖ) ଇନ୍ଦିରା ବିକାଶ ପତ୍ରରେ ବିନିଯୋଗ କରି ୩୮ ବର୍ଷ ବୟସରେ ପାଇବେ | ୮,୦୦୦·୦୦ |
| (ଗ) ପୁଣି ଏହାକୁ ବିକାଶ ପତ୍ରରେ ବିନିଯୋଗ କରି ୪୩ ବର୍ଷ ବୟସରେ ପାଇବେ | ୧୬,୦୦୦·୦୦ |
| (ଘ) ପୁଣି ଏହାକୁ ବିକାଶ ପତ୍ରରେ ବିନିଯୋଗ କରି ୪୮ ବର୍ଷ ବୟସରେ ପାଇବେ | ୩୨,୦୦୦·୦୦ |
| (ଙ) ପୁଣି ଏହାକୁ ବିକାଶ ପତ୍ରରେ ବିନିଯୋଗ କରି ୫୩ ବର୍ଷ ବୟସରେ ପାଇବେ | ୬୪,୦୦୦·୦୦ |
| (ଚ) ପୁଣି ଏହାକୁ ବିକାଶ ପତ୍ରରେ ବିନିଯୋଗ କରି ୫୮ ବର୍ଷ ବୟସରେ ପାଇବେ | ୧,୨୮,୦୦୦·୦୦ |

(୨) ଦ୍ୱିତୀୟ ପୋଷ୍ଟ ଅଫିସ୍ ରିକରିଂ ଡିପୋଜିଟ୍ ଆକାଉଣ୍ଟ ୫୦ ଟଙ୍କାର ବୟସ ୩୩ରେ ଆରମ୍ଭକଲେ ।

| | |
|---|---|
| (କ) ପରିପକ୍ୱ ମୂଲ୍ୟ ୫ବର୍ଷପରେ ଅର୍ଥାତ ୩୮ବର୍ଷ ବୟସରେ ପାଇବେ | ୪,୦୦୧·୫୦ |
| ଧରନ୍ତୁ ........ | ୪,୦୦୦·୦୦ |
| (ଖ) ଏହାକୁ ଇନ୍ଦିରା ବିକାଶ ପତ୍ରରେ ବିନିଯୋଗ କରି ୪୩ ବର୍ଷ ବୟସରେ ପାଇବେ | ୮,୦୦୦·୦୦ |
| (ଗ) ପୁଣି ଏହାକୁ ଇନ୍ଦିରା ବିକାଶ ପତ୍ରରେ ବିନିଯୋଗ କରି ୪୮ ବର୍ଷ ବୟସରେ ପାଇବେ | ୧୬,୦୦୦·୦୦ |
| (ଘ) ପୁଣି ଏହାକୁ ଇନ୍ଦିରା ବିକାଶ ପତ୍ରରେ ବିନିଯୋଗ କରି ୫୩ ବର୍ଷ ବୟସରେ ପାଇବେ | ୩୨,୦୦୦·୦୦ |
| (ଙ) ପୁଣି ଏହାକୁ ଇନ୍ଦିରା ବିକାଶ ପତ୍ରରେ ବିନିଯୋଗ କରି ୫୮ ବର୍ଷ ବୟସରେ ପାଇବେ | ୬୪,୦୦୦·୦୦ |

(୩) ତୃତୀୟ ପୋଷ୍ଟ ଅଫିସ୍ ରିକରିଂ ଡିପୋଜିଟ୍ ଆକାଉଣ୍ଟ ୫୦ଟଙ୍କାର ବୟସ ୩୮ରେ ଆରମ୍ଭ କଲେ ।

| | |
|---|---|
| (କ) ପରିପକ୍ୱ ମୂଲ୍ୟ ୫ବର୍ଷପରେ ଅର୍ଥାତ ୪୩ ବର୍ଷ ବୟସରେ ପାଇବେ ଧରନ୍ତୁ | ୪,୦୦୦·୦୦ |
| (ଖ) ଏହାକୁ ଇନ୍ଦିରା ବିକାଶ ପତ୍ରରେ ବିନିଯୋଗ କରି ୪୮ ବର୍ଷ ବୟସରେ ପାଇବେ | ୮,୦୦୦·୦୦ |
| (ଗ) ପୁଣି ଏହାକୁ ଇନ୍ଦିରା ବିକାଶ ପତ୍ରରେ ବିନିଯୋଗ କରି ୫୩ ବର୍ଷ ବୟସରେ ପାଇବେ | ୧୬,୦୦୦·୦୦ |
| (ଘ) ପୁଣି ଏହାକୁ ଇନ୍ଦିରା ବିକାଶ ପତ୍ରରେ ବିନିଯୋଗ କରି ୫୮ ବର୍ଷ ବୟସରେ ପାଇବେ | ୩୨,୦୦୦·୦୦ |

(୪) ଚତୁର୍ଥ ପୋଷ୍ଟ ଅଫିସ୍ ରିକରିଂ ଡିପୋଜିଟ୍ ଆକାଉଣ୍ଟ ୫୦ ଟଙ୍କାର ବୟସ ୪୩ରେ ଆରମ୍ଭ କଲେ ।

| | |
|---|---|
| (କ) ପରିପକ୍ୱ ମୂଲ୍ୟ ୫ବର୍ଷ ପରେ ଅର୍ଥାତ ୪୮ ବର୍ଷ ବୟସରେ ପାଇବେ | ୪,୦୦୦·୦୦ |
| (ଖ) ଏହାକୁ ଇନ୍ଦିରା ବିକାଶ ପତ୍ରରେ ବିନିଯୋଗ କରି ୫୩ ବର୍ଷ ବୟସରେ ପାଇବେ | ୮,୦୦୦·୦୦ |
| (ଗ) ପୁଣି ଏହାକୁ ଇନ୍ଦିରା ବିକାଶ ପତ୍ରରେ ବିନିଯୋଗ କରି ୫୮ ବର୍ଷ ବୟସରେ ପାଇବେ | ୧୬,୦୦୦·୦୦ |

(୫) ପଞ୍ଚମ ପୋଷ୍ଟ ଅଫିସ୍ ରିକରିଂ ଡ଼ିପୋଜିଟ୍ ଆକାଉଣ୍ଟ ୫୦ଟଙ୍କାର ବୟସ ୪୮ରେ ଆରମ୍ଭ କଲେ ।

(କ) ପରିପକ୍ ମୂଲ୍ୟ ୫ବର୍ଷ ପରେ ଅର୍ଥାତ ୫୩ ବର୍ଷ ବୟସରେ ପାଇବେ ୪,୦୦୦'୦୦

(ଖ) ଏହାକୁ ଇନ୍ଦିରା ବିକାଶ ପତ୍ରରେ ବିନିଯୋଗ କରି ୫୮ ବର୍ଷ ବୟସରେ ପାଇବେ ୮,୦୦୦'୦୦

(୬) ଷଷ୍ଠ ପୋଷ୍ଟ ଅଫିସ୍ ରିକରିଂ ଡ଼ିପୋଜିଟ୍ ଆକାଉଣ୍ଟ ୫୦ଟଙ୍କାର ବୟସ ୫୩ରେ ଆରମ୍ଭ କଲେ ।

(କ) ପରିପକ୍ ମୂଲ୍ୟ ୫ବର୍ଷ ପରେ ଅର୍ଥାତ ୫୮ ବର୍ଷ ବୟସରେ ପାଇବେ ୪,୦୦୦'୦୦

ମାତ୍ର ୫୦ଟଙ୍କାର ରିକରିଂ ଡ଼ିପୋଜିଟ୍ ଆକାଉଣ୍ଟ ୨୮ ବର୍ଷ ବୟସରୁ ଆରମ୍ଭ କରି ୫୮ ବର୍ଷ ବୟସ ପର୍ଯ୍ୟନ୍ତ ଚଲୁରଖିଲେ ଉପରୋକ୍ତ ହିସାବ ଅନୁଯାୟୀ ଜଣେ ୧,୨୮,୦୦୦+୬୪,୦୦୦+୩୨,୦୦୦+୧୬,୦୦୦+୮,୦୦୦+୪,୦୦୦=୨,୫୨,୦୦୦ଟଙ୍କା ପାଇ ପାରିବ । ସେ ବ୍ୟକ୍ତିକୁ ମାତ୍ର ତାଙ୍କର ଆୟରୁ ୧୮,୦୦୦ ଟଙ୍କା ବିନିଯୋଗ କରିବାକୁ ପଡୁଛି ଛଅଟି ରିକରିଂ ଡ଼ିପୋଜିଟ୍ ଆକାଉଣ୍ଟ ଖୋଲିବାରେ । କିନ୍ତୁ ସେ ସହଜରେ ୨,୫୨,୦୦୦ ଟଙ୍କା ପାଇ ପାରୁଛନ୍ତି ।

ଏଥିରୁ ଜଣାଯାଏ ଠିକ୍ ସମୟରେ ଯୋଜନା କରି ସଂଚୟ କଲେ ମଣିଷ ଆନନ୍ଦ ତଥା ସୁଖରେ ବଞ୍ଚି ପାରିବ ।

ତେଣୁ ମିତବ୍ୟୟିତା ଅବଲମ୍ବନକରି ଅଧିକରୁ ଅଧିକ ସଂଚୟ କରି ଲକ୍ଷପତି ହେବା ସଙ୍ଗେସଙ୍ଗେ ଦେଶର ପ୍ରଗତିରେ ସାହାଯ୍ୟ କରିବା ପ୍ରତ୍ୟେକ ନାଗରିକର ପ୍ରଧାନ କର୍ତ୍ତବ୍ୟ ହେବା ଉଚିତ ।

ଜିଲ୍ଲା ସଂଚୟ ଅଫିସର
ଜାତୀୟ ସଂଚୟ ସଙ୍ଗଠନ
(ଭାରତ ସରକାର)
ଛତ୍ରପୁର, ଗଞ୍ଜାମ




ସ୍ଥପତି ସହାୟକ ସଂଘ ଉଦଘାଟନ ଉତ୍ସବ

OGP—MP-VI (I. & P. R.) 1—10,000—1-5-1989



‘ଭଂଗାର’ ପତ୍ରିକାରେ



'ଜୈବାଜୀ ମହୋତ୍ସବ' ଉପଲକ୍ଷେ ବୃକ୍ଷରୋପଣ

PRINTED AT ORISSA GOVERNMENT PRESS, CUTTACK-10


ଉତ୍କଳ ପ୍ରସଙ୍ଗ